Split by PDF Splitter



## ସମାଲୋଚନା ।

### ଦାସ ପଟ୍ଟନାୟକଙ୍କ ପୁସ୍ତକ ଶ୍ରେଣୀ ।

ଏହି ଶ୍ରେଣୀ ମଧ୍ୟରୁ ଅମ୍ଭେମାନେ ୪ ଖଣ୍ଡ ପୁସ୍ତକ ପ୍ରାପ୍ତ ହୋଇଅଛୁଁ । କେଉଁ ପୁସ୍ତକରୁ ଶ୍ରେଣୀ ଆରମ୍ଭ ହୋଇ କି ଶୃଙ୍ଖଳାରେ ଗୁନ୍ଥା ଅଛି ଗ୍ରନ୍ଥକାର ସଂଖ୍ୟାଦ୍ୱାରା ନିର୍ଦ୍ଦେଶ କରି ନ ଥିବାରୁ ଅମ୍ଭେମାନେ ସ୍ୱେଚ୍ଛାକ୍ରମେ ପୁସ୍ତକମାନଙ୍କର ନାମ ଲେଖିବାକୁ ବାଧ୍ୟ ହୋଇଅଛୁଁ । ପୁସ୍ତକମାନଙ୍କର ନାମ ଯଥା,—ବାଳବୋଧିନୀ, ଜ୍ଞାନୋଦୟ, କାବ୍ୟକୁସୁମ ଓ ଭଜନମାଳା ପ୍ରଥମ ଲିଖିତ ପୁସ୍ତକର ଗ୍ରନ୍ଥକର୍ତ୍ତା ବାବୁ ଚତୁର୍ଭୁଜ ପଟ୍ଟନାୟକ ବି, ଏ. ଓ ବାବୁ ଦ୍ୱାରିକାନାଥ ଦାସ ଉଭୟ ଅଟନ୍ତି ଏବଂ ଅପରାପର ପୁସ୍ତକ ପ୍ରଥମୋକ୍ତ ବାବୁ ଦ୍ୱିତୀୟୋକ୍ତ ବାବୁଙ୍କ ସାହାଯ୍ୟରେ ରଚନା କରିଅଛନ୍ତି । ସୁତରାଂ ବାବୁ ଚତୁର୍ଭୁଜ ପଟ୍ଟନାୟକଙ୍କୁ ଏଥିର ମୂଳାଧାର ବୋଲିବାକୁ ହେବ । ଏ ମହାଶୟ ଓଡ଼ିଶାର ପ୍ରଥମ ବି, ଏ, ଉପାଧିଧାରୀ ହୋଇ ମାତୃଭାଷାର ପୁଷ୍ଟିସାଧନ ପକ୍ଷରେ ବ୍ରତୀ ହୋଇଅଛନ୍ତି ଏଥିରେ ଅମ୍ଭେମାନେ ଅପାର ଆନନ୍ଦିତ ହୋଇ ଅଛୁଁ ଏବଂ ଶିକ୍ଷାବିଭାଗରେ କାର୍ଯ୍ୟ କରୁଥିବାରୁ ବିଦ୍ୟାର୍ଥୀ ଅଭାବ ପ୍ରତ୍ୟକ୍ଷ କରିବାର ସେ ଯେଉଁ ବିଶେଷ ସୁବିଧା ପାଇ ଅଛନ୍ତି ଅମ୍ଭେମାନେ ଆଶା କରୁଁ ଯେ ତାହା ପୂର୍ତ୍ତି କରିବା ପକ୍ଷରେ ସେ ଅଧିକ ପରିମାଣରେ ସମର୍ଥ ହେବେ । ଅମ୍ଭେମାନେ ତାହାଙ୍କ ପ୍ରାର୍ଥନା କରୁଁ ଯେ ସେ ଦୃଢ଼ ସଂକଳ୍ପ ସହିତ ଏ କାର୍ଯ୍ୟରେ ପ୍ରବୃତ୍ତ ହେଉନ୍ତୁ । ଯେଉଁ ଚତୁଃଖଣ୍ଡ ପୁସ୍ତକ ସେ ବାହାର କରିଅଛନ୍ତି ତହିଁ ମଧ୍ୟରେ ଭଜନମାଳା ଗ୍ରନ୍ଥ ବ୍ରାହ୍ମମାନଙ୍କର ଉପାସନା ପ୍ରଣାଳୀ ଅଟଇ ଏବଂ ଏହା ଉତ୍ତମ ହୋଇଅଛି ବାଳବୋଧିନୀ ଓଡ଼ିଆ ବର୍ଣ୍ଣପରିଚୟର ନାମାନ୍ତର ଅଟଇ ମାତ୍ର ଏଥିରେ କେତେଗୁଡ଼ିଏ ହିତକର ଉପଦେଶ କୋମଳ କବିତାରେ ସନ୍ନିବେଶିତ ହୋଇଅଛି କି ତାହା ବାଳକମାନେ ଅନାୟାସରେ ଅଭ୍ୟାସ କରି ପାରିବେ ଏବଂ ତଦ୍ୱାରା ସେମାନଙ୍କର ଉପକାର ହେବ । କିନ୍ତୁ ଏଥିରେ ତିଥି ନକ୍ଷତ୍ର ଓ ମୁସଲମାନଙ୍କ ମାସ ପ୍ରଭୃତି ଅନେକ କଥା ଲେଖା ଅଛି କି ଯାହା ଶିଶୁମାନଙ୍କୁ ଶିଖାଇବା କିଛି ତରବରିଆ କାର୍ଯ୍ୟ ହୋଇଅଛି । ଏଥିର ମୂଲ୍ୟ ମଧ୍ୟ ଊଣା ହେବାର ଉଚିତ ଥିଲା ।—ଜ୍ଞାନୋଦୟରେ ନାମ ଯୋଗ୍ୟ ଅନେକ ଶିଖିବାର ବିଷୟ ଏକତ୍ରିତ ହୋଇଅଛି ଯେ ତଦ୍ୱାରା ବାଳକ ବାଳିକାଙ୍କର ଅବଶ୍ୟ ଜ୍ଞାନ ବିସ୍ତାର ହେବ । କିନ୍ତୁ ଏହାର ପ୍ରବନ୍ଧମାନ ଏପରି ସଜାଇବାର ଉଚିତ ଥିଲା କି ଯହିଁରେ ବାଳକମାନେ ଲଘୁଠାରୁ କ୍ରମଶଃ ଗୁରୁ ବିଷୟମାନ ବୁଝିବାକୁ ସହଜରେ ଅଗ୍ରସର ହୋଇ ପାରନ୍ତେ । କାବ୍ୟ କୁସୁମ ଉତ୍କୃଷ୍ଟ କବିତା ନ ହେଲେହେଁ ମନ୍ଦ ହୋଇ ନାହିଁ କିନ୍ତୁ ଏପରି କାର୍ଯ୍ୟରେ ସମୟ ନଷ୍ଟ କରିବାର ଅଭିପ୍ରାୟ ଅମ୍ଭେମାନେ ବୁଝି ପାରିଲୁଁ ନାହିଁ । ଏଥିରେ କୋମଳତା ଥିବାର ଗ୍ରନ୍ଥକାର ଯେତେ ଦାବି କରନ୍ତି ତାହାଙ୍କ ଟୀକାଦ୍ୱାରା ତେତେ ସମର୍ଥିତ ହୋଇ ନାହିଁ ଏବଂ କେତେଗୁଡ଼ିଏ ଅସଙ୍ଗତ ଶବ୍ଦ ଏଥିର ସୌନ୍ଦର୍ଯ୍ୟ ପ୍ରତି ବାଧା ଦେଇ ଅଛି ଯଥା— 'ଯାଅଇ' 'ନାହିଁଫିରେ' 'ପଥଦ୍ୱାର' ଇତ୍ୟାଦି ।

---

## ବିଜ୍ଞାନ ଦର୍ପଣ ।

ଏହି ନାମରେ ଖଣ୍ଡିଏ ମାସିକ ପତ୍ର ଅଳ୍ପଦିନ ହେଲା କଲିକତାରେ ବାହାରୁ ଅଛି ଏବଂ ଅମ୍ଭେମାନେ ତହିଁର ଚତୁର୍ଥ ଓ ପଞ୍ଚମ ସଂଖ୍ୟା ଉପହାର ପ୍ରାପ୍ତ ହେବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ବଙ୍ଗଳା ସାହିତ୍ୟର ପୁଷ୍ଟିବର୍ଦ୍ଧନ ଏବଂ ଆବଶ୍ୟକୀୟ ଜ୍ଞାତବ୍ୟବିଷୟ ଲୋକ ସମାଜରେ ବିସ୍ତାରିତ ରୂପେ ପ୍ରଚାର କରିବା ଉଦ୍ଦେଶ୍ୟରେ ବଙ୍ଗପ୍ରଦେଶରେ ଅନେକଗୁଡ଼ିଏ ମାସିକ ପତ୍ର କେତେକ ବର୍ଷ ହେଲା ବାହାରୁ ଅଛି ଏବଂ କ୍ରମଶଃ ସେମାନଙ୍କର ସଂଖ୍ୟା ବୃଦ୍ଧି ହେଉଅଛି । ସେ ସମସ୍ତ ପୁସ୍ତିକାରେ ବିଜ୍ଞାନ ବିଷୟକ ପ୍ରବନ୍ଧ କେବେ୨ ଦେଖାଯାଏ ମାତ୍ର ଶୁଦ୍ଧ ବିଜ୍ଞାନ ଚର୍ଚ୍ଚା ନିମିତ୍ତ କୌଣସି ପୁସ୍ତିକା ବାହାରିବାର ଅମ୍ଭେମାନେ ଦେଖି ନ ଥିଲୁଁ । ଏଥି ଯୋଗୁଁ ବିଜ୍ଞାନ ଦର୍ପଣ ଆମ୍ଭମାନଙ୍କର ଅଧିକ ଆଦରର ସାମଗ୍ରୀ ହୋଇଅଛି ପରନ୍ତୁ ଅତ୍ୟନ୍ତ ଆନନ୍ଦ ସହିତ କହୁଅଛୁଁ ଯେ ଉପରଲିଖିତ ଦୁଇ ସଂଖ୍ୟା ପାଠକରି ଅମ୍ଭେମାନେ ଅତ୍ୟନ୍ତ ପ୍ରୀତ ହୋଇଅଛୁଁ ଏବଂ ଆମ୍ଭମାନଙ୍କର ସମ୍ପୂର୍ଣ୍ଣ ବିଶ୍ୱାସ ହେଉଅଛି କି ଏହି ମାସିକ ପତ୍ର ଯେଉଁ ଉଦ୍ଦେଶ୍ୟରେ ଜନସମାଜରେ ଉପସ୍ଥିତ ହୋଇ ଅଛି ତାହା କୃତକାର୍ଯ୍ୟରୂପେ ସାଧନ କରିବ । ବର୍ତ୍ତମାନ ଯେପରି ଅବସ୍ଥା ଘଟିଅଛି ତହିଁରେ କେବଳ କାବ୍ୟ ପାଠଦ୍ୱାରା ଅବସରକାଳକୁ ନିଷ୍ଫଳ ରୂପେ କଟାଇଲେ ଚଳିବ ନାହିଁ ଜୀବିକା ନିର୍ବାହ ସକାଶେ ସଂସାରରେ ଦିବାନିଶି ଉପାୟ ଚିନ୍ତା କରିବାକୁ ପଡ଼ୁଅଛି ଏଥିକୁ ସଦୁପାୟ କହି ଦେବାକୁ ଏକମାତ୍ର ବିଜ୍ଞାନ ସମର୍ଥ । ବିଜ୍ଞାନ ସାହାଯ୍ୟରେ ସଭ୍ୟ ଦେଶର ଲୋକମାନେ କେତେ୨ ଅଭିନବ ଉପାୟମାନ ଆବିଷ୍କାର ପୂର୍ବକ ଯେମନ୍ତ ଆପଣାର ତେମନ୍ତ ଜନସମାଜର ଉନ୍ନତି ସାଧନ କରୁଅଛନ୍ତି । ଅସ୍ମଦ୍ଦେଶରେ ସେହି ବିଜ୍ଞାନର ଚର୍ଚ୍ଚା ଯେତେ ଅଧିକ ହେବ ଆମ୍ଭମାନଙ୍କର ଅବସ୍ଥା ତେତେ ଉନ୍ନତ କି ନ ହେବ ସନ୍ଦେହ ନାହିଁ । ଅମ୍ଭେମାନେ ଆଶା କରୁଁ କି ଏଣିକି ଶିକ୍ଷିତ ଲୋକମାନେ ଅଳସ ସ୍ୱଭାବରେ କାଳକ୍ଷେପ କରିବାର ଅଭ୍ୟାସ ପରିତ୍ୟାଗ କରି ବିଜ୍ଞାନର ସେବାରେ ଗାଢ଼ ଭକ୍ତିସହକାରେ ନିଯୁକ୍ତ ହେଉନ୍ତୁ ଏବଂ ସେହି ବ୍ରତର ଆନୁସଙ୍ଗିକ ଅନୁଷ୍ଠାନ ସହିତ ବିଜ୍ଞାନ ଦର୍ପଣ ନିୟମିତରୂପେ ପାଠ କରନ୍ତୁ । ବିଜ୍ଞାନ ଦର୍ପଣକୁ ଉତ୍ସାହ ଦେବା ଦେଶହିତୈଷି ଲୋକମାତ୍ରର କର୍ତ୍ତବ୍ୟ ଅଟଇ ଏବଂ ଏହାର ବାର୍ଷିକ ମୂଲ୍ୟ ଡାକମାସୁଲ ସହିତ କେବଳ ଟ ୨୷୵ ଧାର୍ଯ୍ୟ ହୋଇଥିବାରୁ ଲୋକଙ୍କ ପକ୍ଷରେ ଏହା କ୍ରୟ କରିବା ଅତି ସହଜ ହୋଇଅଛି ।

---

## ପ୍ରେରିତପତ୍ର ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ ।

ମହାଶୟ !

ଅମ୍ଭେ କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ ଯେ ଆମ୍ଭମାନଙ୍କ ସଭାକୁ ବାଲେଶ୍ୱର National society କର୍ତ୍ତୃକ ପ୍ରକାଶିତ ନବ ଅନୁଶାସନ ପ୍ରଣାଳୀରେ ଓଡ଼ିଶାବାସିର କର୍ତ୍ତବ୍ୟ ନାମକ ପୁସ୍ତକର ପାଞ୍ଚଖଣ୍ଡ ଏବଂ ପଣ୍ଡିତ ଗୋବିନ୍ଦରଥ ତାହାଙ୍କ ପ୍ରଣୀତ ବିଧବାବିବାହ ନାମକ ପୁସ୍ତକର ଏକଖଣ୍ଡ ପ୍ରାପ୍ତ ହୋଇ ଉକ୍ତ ପୁସ୍ତକ ପ୍ରଣେତା ମହାଶୟମାନଙ୍କଠାରେ ଚିରବାଧିତ ହେଲୁଁ ଆଶା କରୁଁ ଅନ୍ୟାନ୍ୟ ଗ୍ରନ୍ଥପ୍ରଣେତା ମହାଶୟମାନେ ଏହି ଦୃଷ୍ଟାନ୍ତ ଅନୁକରଣ କରିବେ । ଇତି ।

୫।୧୧।୮୨ } ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ
କଟକ } ଶିକ୍ଷାବିଧାୟିକା ସଭାର ସମ୍ପାଦକ

Digitized by srujanika@gmail.com

Split by PDF Splitter



ମହାଶୟ !

୨୯-୧୦-୮୨ ସନ୍ଧ୍ୟା

ଜନନାଥ ସଙ୍ଗେ କୋଠଦେଶ ଦୀନନାଥ ।
ଅହା ! ଆଜ ଏକାବେଳେ ହେଲେ ଅସ୍ତମିତ ॥
ଯାଙ୍କ ସ୍ୱଚ୍ଛ ଯଶୋରାଶି ଏ ମହୀମଣ୍ଡଳେ ।
ଯାଶୋର ନ ଯିବ ଜନ ମନୁ କାଳେ କାଳେ ॥
ବାଳ ବୃଦ୍ଧ ଯୁବା ମୂଢ଼ ଜ୍ଞାନୀ ଦୁଃଖୀ ଧନୀ ।
ଯେ ଯଥା ଆଳାପେ ତୋଷୁଥିଲେ ମନ ଜାଣି ॥
ଯାଙ୍କ ପାଶେ ପଶି ପାରୁ ନ ଥିଲା ବ୍ୟସନ ।
ଯେ ଯାବଜ୍ଜୀବନ ସୁଖେ କଟାଇଲେ ଦିନ ॥
ଯେ ନନ୍ଦନ-ଆନନକୁ କରଣ ଲୋଚନ ।
ଅବା ଶ୍ରୁତି ସୁଧାସମ ଯାହାଙ୍କ ବଚନ ॥
ହେଉଥିଲେ ସେହିକ୍ଷଣେ ସକଳେ ଅଧୀନ ।
ସେ ଆଜ ମାନବଲୀଳା କଲେ ବିସର୍ଜନ ॥
ଅତିଭକ୍ତିମୟୀ ନିଜ ଧର୍ମମହିଷୀଙ୍କୁ ।
ବୈଧବ୍ୟ ଦୁଃଖରେ ଫିଙ୍ଗି ଚଳିଲେ ସ୍ୱର୍ଗକୁ ॥
ଏ ଦୁଃଖ ରଜନୀମୁଖେ ସହସ୍ରୁ ବନ୍ଧୁତ ।
ସଜଳନୟନେ ମ୍ଳାନମୁଖେ ଉପସ୍ଥିତ ॥
ଅନ୍ତଃପୁର ମର୍ମଭେଦୀ ଶୋକ କୋଳାହଳେ ।
ଫାଟିବା ପରିବ ସବୁ ପ୍ରାସାଦ ବୁଝିଲେ ॥
ନ ସହି ଦୁଃସହ ଦୁଃଖ କେ ଭୂମି ଉପରେ ।
ମୂର୍ଚ୍ଛି କୋଡ଼ କାନ୍ଦୁଛନ୍ତି ଅତ୍ୟନ୍ତ ଆକୁଳେ ॥
କେହି ଗୁମୁରିର ଦୁଃଖେ ମାଟିରେ ଲୋଟନ୍ତି ।
କେ ନିଜ କରରେ ନିଜ ବକ୍ଷ ପ୍ରହାରନ୍ତି ॥
କା ନେତ୍ରୁ ଗଳୁଛି ଅବିରଳ ଅଶ୍ରୁଧାର ।
କେହି ବସିଛନ୍ତି ମୂକ ହୋଇ ଚିନ୍ତାତୁର ॥
କେ ବୋଲନ୍ତି ଆହା ନାଥ ଗଡ ଗଲ କାହିଁ ।
ଆଜଠାରୁ କେ ରଖିବ ଆମ୍ଭଙ୍କୁ ଗୋସାଇଁ ॥
କେ ବୋଲନ୍ତି ଯାହା କଥା ନାଥ ବାରମ୍ବାର ।
ବୃନ୍ଦିଥିଲ ଆଜି କର୍ଷା ଏପରି ନିଷ୍ଠୁର ॥
କେ ବୋଲନ୍ତି ନାଥ ଆଉ ନୟନଯୁଗଳ ।
ଦେଖିବ କି ତୁମ୍ଭ ପରି ପ୍ରଭୁ ଦୟାଶୀଳ ॥
କେହି ଅସମ୍ଭାଳ ହୋଇ ଧାଆନ୍ତି ସତ୍ୱର ।
ଦେଖିବାକୁ ମହାତ୍ମାଙ୍କ ମୃତକଳେବର ॥
ବୃଦ୍ଧ ଜନନୀଙ୍କ ମୂର୍ଚ୍ଛା ବୁଝି ବାରମ୍ବାର ।
ବେନି ପୁତ୍ରେ ସାଶ୍ରୁନେତ୍ରେ ଧାଇଁଲେ ଆତୁର ॥
ଏଣେ ସେବାକାରୀ ଅବା ଅନୁଗତ ଜନ ।
ସର୍ବେ ଦୁଃଖ ଜଳଧିରେ ହୋଇଣ ମଗନ ॥
କେ ବୋଲୁଛି ପ୍ରଭୁଠାରୁ ଭିନ୍ନ କଟୁଗିର ।
ଶୁଣିବାର ଅନୁଭବ ନ ଥିଲା ଆମ୍ଭର ॥
କେ ବୋଲୁଛି ସବୁ ଫେର ହାକର ହୋଇଲେ
ମିଷ୍ଟବାକ୍ୟ ପଶୁଥିବ କେ ଆଉ ସ୍ନେହରେ ॥
କେ ବୋଲନ୍ତି ଦୋଷୀ ହେଲେହେଁ ଭୃତ୍ୟବତ୍ସଳ
ନ ଦଣ୍ଡି କେ କ୍ଷମା ଦେବ ଆମ୍ଭଙ୍କୁ ଏଥର ॥
କେ ବୋଲନ୍ତି ଆଜଠାରୁ ସବୁ ଆଶା ସିନା ।
ସରଲା ହେ କୋଠଦେଶ ଈଶ ତୁମ୍ଭ ବିନା ॥
ଏହିପରି ଘୋର ଦୁଃଖ ବିଳାପ ଶବଦରେ ।
ବଧିର ହୋଇଲା କର୍ଣ୍ଣ ନ ଶୁଣେ ପାଖରେ ॥
ଅନନ୍ତର ସେହି ଭାଗ୍ୟବନ୍ତ ଶିରୋମଣି ।
ମହାପୁରୁଷଙ୍କ ମୃତଦେହ ନାଲେ ଘେନି ॥
ଶ୍ମଶାନକୁ ବାହାରିଲେ ବେଳେ ଶୋକଧ୍ୱନି ।
ଦ୍ୱିଗୁଣି ଉଚ୍ଚରେ ଉଠେ ଅସମ୍ଭାଳ ପୁଣି ॥
ପ୍ରବୋଧ ବଚନ ସବୁ ବୃଦ୍ଧିସରିତରେ ।
ବାଲିବନ୍ଧ ପ୍ରାୟେ ମାତ୍ର ବିଫଳ ହୋଇଲେ ॥
ବାହକ ବିବିଧ ବାଦ୍ୟ ପୁରୋହିତ ଆଦ ।
ଦ୍ୱିଜଗଣେ ସଙ୍ଗେ ଗଲେ ଯଥା ଶାସ୍ତ୍ରବିଧି ॥
କନିଷ୍ଠ ଆତ୍ମଜ ଗଲେ ମୁଖାଗ୍ନି ଦେବାକୁ ॥
ଜ୍ୟେଷ୍ଠ ରାଜବାଟୀଲୋକଙ୍କୁ ପ୍ରବୋଧ ଦେବାକୁ ॥
ଏବେ ଶବଦାହ ଶେଷ ସକଳେ ଫେରିଲେ ।
ସରଳ ବୋଲିଣ କହି ଗୃହେ ପହୁଞ୍ଚିଲେ ॥
ଗ୍ରାମ ପଟ୍ଟଣାର ମଧ୍ୟ ଦଶା ଏହିପରି ।
ସକଳ ନୟନ ଅଶ୍ରୁଜଳେ ଅଛି ପୂରି ॥
ଅଛି ଆମ୍ଭମାନଙ୍କର ଭରସା ଏତିକ ।
କେଶରୀଶାବକ ସିଂହ ଜନ୍ମଇ ନାହିଁକି ? ॥
ସୁରଭିକୁସୁମ ହାନ୍ତୁ ସୁଗନ୍ଧି ସୁମନ ॥
ଜାତ ହୋଇଁ ଫୁଟେ ନଷ୍ଟେ କେବେ ନୁହେ ଆନ
ନିତ୍ୟ ନିରଞ୍ଜନ ପ୍ରଭୁ ହେ କୃପାନିଧାନ ।
ରଖ ବେନି ଭାଇ ସୁଖେ ଆମ୍ଭ ସୁଖସ୍ଥାନ ॥
ପାଳନ୍ତୁ ପ୍ରଜାଙ୍କୁ ମିଳି ନ ରହୁ କଣ୍ଟକ ।
ଖ୍ୟାତ ହେଉ ପୂର୍ବ ପରି ଯଶ ଅକଳଙ୍କ ॥

୧-୧୧-୮୨ } ବଶମ୍ବଦ
ନିମାପଡ଼ା } ଶ୍ରୀ ———

ମହାଶୟ

ଦେବମନ୍ଦିରରେ ତ୍ରିଶୂଳ ଓ ଚକ୍ର ପ୍ରୋଥିତ କରିବାର କାରଣ ।

ଉପରଲିଖିତ ବିଷୟର କାରଣ ଜିଜ୍ଞାସୁ ହୋଇ ବଡ଼ମ୍ବା ସ୍କୁଲର ହେଡ଼ ପଣ୍ଡିତ ବାବୁ ଚିନ୍ତାମଣି ମିଶ୍ର ଶର୍ମ୍ମା, ଗତତ ଅକ୍ଟୋବର ମାସର ତା ୭ ରିଖର ପତ୍ରିକାରେ ଖଣ୍ଡିଏ ପତ୍ର ଲେଖି ଅଛନ୍ତି ବୈଜ୍ଞାନିକମାନେ, ଉକ୍ତ ପ୍ରଶ୍ନର ଯେଉଁ ପ୍ରକାର ମୀମାଂସା କରିଅଛନ୍ତି, ତାହା ନିମ୍ନରେ ପ୍ରକାଶ କରୁଅଛୁଁ, ମାନନୀୟ ସମ୍ପାଦକ ମହାଶୟ ପତ୍ରିକାର ଏକ ପାର୍ଶ୍ୱରେ ସ୍ଥାନ ଦେଇ ଅନୁଗୃହୀତ କରିବା ହେବେ । ଏହି ପ୍ରବନ୍ଧ ଅଗତ୍ୟା ଦୀର୍ଘ ହୋଇଅଛି ।

ତଲଲିଖିତ ତଡିତ୍ ବିଷୟକ କେତୋଟି ତତ୍ତ୍ୱ ପ୍ରତି ବିଶେଷ ମନଃସଂଯୋଗ କଲେ ଶାସ୍ତ୍ରକାରମାନଙ୍କର ଗୂଢ଼ ଅଭିପ୍ରାୟ ସହଜରେ ହୃଦୟଙ୍ଗମ ହେବ ।

୧ । ଯେଉଁ ଶକ୍ତି, ପ୍ରତ୍ୟେକ ଭୌତିକ ପଦାର୍ଥ ସଙ୍ଗରେ ଓତପ୍ରୋତଭାବରେ ଅବସ୍ଥାନ କରୁଅଛି ଏବଂ ଯେଉଁ ଶକ୍ତି କେବେ ସ୍ଥିର କେବେ ଚଞ୍ଚଳଭାବ ଧାରଣ କରି ଆକାଶରେ ବିଦ୍ୟୁତ୍ ଓ ତାରଦ୍ୱାରା ସମ୍ବାଦ ପ୍ରକାଶ କରୁଅଛି ତାହାର ନାମ ତଡିତ୍ ।

୨ । ତଡିତର ପ୍ରକୃତି, ସ୍ତ୍ରୀ ଓ ପୁରୁଷସ୍ୱଭାବପର ହେବାରୁ ବୈଜ୍ଞାନିକମାନେ ତାହାକୁ ଦୁଇ ଭାଗରେ ବିଭକ୍ତ କରି ସ୍ତ୍ରୀକାର ଓ ପୁରୁଷାକାର ନାମ ରଖିଅଛନ୍ତି ।

୩ । ପ୍ରକାଶର ଉପାୟ,—ଦୁଇ ଅବା ଅଧିକ ବିଜାତୀୟ ପଦାର୍ଥ ପରସ୍ପର ଘର୍ଷିତ ବା ରାସାୟନିକ ନିୟମରେ ସଂଯୋଜିତ ଅବା ବିଯୋଜିତ ହେଲେ ଦ୍ୱିବିଧ ତଡିତ୍ ପ୍ରକାଶମାନ ହୁଏ ।

୪ । ପରିଚାଳକ,—ଯାବତୀୟ ଭୌତିକ ପଦାର୍ଥ ତାଡିତ-ପରିଚାଳକ ଅଟଇ । ତହିଁ ମଧ୍ୟରୁ ସ୍ୱର୍ଣ୍ଣ ରୌପ୍ୟାଦି ଧାତୁ ଓ ଜଳ ଉତ୍କୃଷ୍ଟ ପରିଚାଳକ ଏବଂ କାଚ, ଗନ୍ଧକ, ଲାକ୍ଷା, ରେଶମ, ଲୋମ ଓ ଶୁଷ୍କ ମୃତ୍ତିକା ପ୍ରଭୃତି ଅଧମ ପରିଚାଳକ ।

୫ । ଗୋଟିଏ ଉତ୍ତମ ପରିଚାଳକ ପଦାର୍ଥ ଅଧମ ପରିଚାଳକ ପଦାର୍ଥ ସଙ୍ଗରେ ଘର୍ଷିତ ଅବା ରାସାୟନିକ ନିୟମରେ ବିଗଳିତ ହେଲେ, ଅଧମ ପରିଚାଳକ ପଦାର୍ଥରୁ ପୁରୁଷାକାର ଏବଂ ଉତ୍ତମ ପରିଚାଳକ ପଦାର୍ଥରୁ ସ୍ତ୍ରୀକାର ତଡିତ୍ ପ୍ରକାଶମାନ ହୁଏ ।

୬ । ଦୁଇ ପ୍ରକାର ତଡିତର ପରସ୍ପର ବ୍ୟବହାର,—ଯେଉଁ ବସ୍ତୁରେ ସମାନ ବର୍ଣ୍ଣ ତଡିତ୍, ମୁକ୍ତଭାବରେ ବିଦ୍ୟମାନ ଥାଏ ସେମାନେ ପରସ୍ପର ବିକର୍ଷଣବାନ୍ ବା ବିଯୁକ୍ତ ଏବଂ ଯେଉଁ ବସ୍ତୁରେ ଅସମାନ ବର୍ଣ୍ଣ ତଡିତ୍ ମୁକ୍ତଭାବରେ ବିଦ୍ୟମାନ ରହେ, ସେମାନେ ପରସ୍ପର ଆକର୍ଷଣବାନ୍ ବା ସଂଯୁକ୍ତ ହୁଅନ୍ତି ଅର୍ଥାତ୍ ପୁରୁଷାକାର ପୁରୁଷାକାରେ ବିରୋଧ, ସ୍ତ୍ରୀକାର ସ୍ତ୍ରୀକାରେ ବିରୋଧ, କିନ୍ତୁ ପୁରୁଷାକାର ଓ ସ୍ତ୍ରୀକାରେ ପ୍ରଣୟ ଲକ୍ଷିତ ହୁଅଇ ।

୭ । ମୁକ୍ତ ବା ପ୍ରକାଶମାନ ତଡିତ୍,—ସ୍ୱାଭାବିକ ଅବସ୍ଥାରେ ପ୍ରତି ବସ୍ତୁରେ ଦୁଇ ପ୍ରକାର ତଡିତ୍ ସାମ୍ୟାବସ୍ଥାରେ ଅବସ୍ଥିତି କରେ । କିନ୍ତୁ

Digitized by srujanika@gmail.com

Split by PDF Splitter



କୌଣସି ବସ୍ତୁରେ ପୁରୁଷାକାର ତଡ଼ିତର ପରିମାଣଠାରୁ ସ୍ତ୍ରୀକାର ତଡ଼ିତର ପରିମାଣ ଅଧିକ ଥିଲେ ଅତିରିକ୍ତ ତଡ଼ିତ୍ ସେହି ବସ୍ତୁରେ ମୁକ୍ତ ବା ପ୍ରକାଶମାନ ତଡ଼ିତର କାର୍ଯ୍ୟ କରେ । ଏହି ପରି କୌଣସି ବସ୍ତୁରେ ସ୍ତ୍ରୀକାର ତଡ଼ିତଠାରୁ ପୁରୁଷାକାର ତଡ଼ିତର ଭାଗ ଅଧିକ ହେଲେ ଅଧିକ ତଡ଼ିତ୍ ସେହି ବସ୍ତୁରେ ମୁକ୍ତଭାବରେ ଅବସ୍ଥାନ କରେ । ଏହି ମୁକ୍ତ ତଡ଼ିତ୍, ସମସ୍ତ କାର୍ଯ୍ୟ ସାଧନ କରେ, ଆକାଶରୁ ଆସି ଗୃହାଦି ଧ୍ୱଂସ କରେ, ତାରଦ୍ୱାରା ବାର୍ତ୍ତା ବହନ କରେ, ଶରୀର ପୋଷଣ କରେ ଏବଂ ଯାବତୀୟ ସଂଯୋଗ ବିୟୋଗ ସାଧନ କରେ ।

୮ । ପୃଥିବୀ ମୁକ୍ତାମୁକ୍ତ ସର୍ବପ୍ରକାର ତଡ଼ିତର ପ୍ରକାଣ୍ଡ ଆଧାର,—ଏହାର ଅଶେଷ ପରିଚାଳକତା ଶକ୍ତି ଅଛି । ଏଥିରୁ ଅଳ୍ପ ପରିମାଣରେ ତଡ଼ିତ୍ ଗ୍ରହଣ କଲେ ଏହାର କ୍ଷତି ହୁଅଇ ନାହିଁ ମଧ୍ୟ ପ୍ରଦାନ କଲେ ବୃଦ୍ଧି ହୁଅଇ ନାହିଁ । ପ୍ରୟୋଜନ ହେଲେ ଏଥିରୁ ପର୍ଯ୍ୟାପ୍ତ ପରିମାଣରେ ମୁକ୍ତ ତଡ଼ିତ୍ ମିଳଇ ।

୯ । ପରିଚାଳନ ପ୍ରକ୍ରିୟା,—ତଡ଼ିତ୍ ଦୁଇ-ପ୍ରକାରରେ ପରିଚାଳିତ ହୁଏ; ଯଥା;—ଅନ୍ତଃପରିଚାଳନ ଓ ବହିଃପରିଚାଳନ ଯେଉଁ ପରିଚାଳନ ବସ୍ତୁର ଅଭ୍ୟନ୍ତରସ୍ଥ ତଡ଼ିତ୍ଦ୍ୱୟ ସାମ୍ୟାବସ୍ଥାରେ ରହିଅଛି, ତାହା ନିକଟରେ ଯେବେ ମୁକ୍ତତଡ଼ିତ୍ ବିଶିଷ୍ଟ ଗୋଟିଏ ପଦାର୍ଥ ରଖା ଯାଏ ତାହା ହେଲେ ସେହି ତଡ଼ିତ୍ଦ୍ୱୟ ପରସ୍ପର ବିଯୁକ୍ତ ହୋଇ ସେହି ବସ୍ତୁର ପ୍ରାନ୍ତାଭିମୁଖକୁ ଗମନ କରେ ତହିଁ ମଧ୍ୟରୁ ଯେଉଁଟି ଉକ୍ତ ମୁକ୍ତ ତଡ଼ିତର ଅସମାନ ବର୍ଣ୍ଣ ଅଟେ ତାହା ତଦଭିମୁଖୀନ ପ୍ରାନ୍ତରେ ଏବଂ ଯେଉଁଟି ତାହାର ସମାନବର୍ଣ୍ଣ ତାହା ତଦ୍ବିପରୀତମୁଖୀନ ପ୍ରାନ୍ତରେ ଉପନୀତ ହୁଏ । ଏପ୍ରକାର ପରିଚାଳନକୁ ଅନ୍ତଃପରିଚାଳନ କହେ । ପରନ୍ତୁ ସେହି ବସ୍ତୁର ସାମ୍ୟାବସ୍ଥ ତଡ଼ିତ୍ଦ୍ୱୟ ଉପଯୁକ୍ତରୂପରେ ବିୟୋଜିତ ଓ ବିପରୀତ ଦିଗଭିମୁଖକୁ ଗମନ କଲେ ସେହି ମୁକ୍ତ ତଡ଼ିତ୍ ଓ ତଦାକୃଷ୍ଟ ଅସମାନବର୍ଣ୍ଣ ମଧ୍ୟରୁ ଗୋଟିଏ ଆପଣା ଅବସ୍ଥାନ-ପଦାର୍ଥରୁ ଅଗ୍ରସର ହୋଇ ଅପର ପଦାର୍ଥ ସଙ୍ଗରେ ମିଳିତ ହୁଏ ଏବଂ ସେଥିରେ ଉଭୟ ପଦାର୍ଥ ସାମ୍ୟାବସ୍ଥା ପ୍ରାପ୍ତ ହୁଅଇ । ଏପ୍ରକାର ପରିଚାଳନକୁ ବହିଃପରିଚାଳନ ବୋଲି ଯାଏ । ଏହି ବହିଃଚାଳନକୁ ଅନ୍ତଃପରିଚାଳନର ଚରମାବସ୍ଥା ବୋଲିବା ଉପଯୁକ୍ତ ଅଟେ । ନିମ୍ନଲିଖିତ ଚିତ୍ରପ୍ରତି ଦୃଷ୍ଟି କଲେ ବିଶଦରୂପରେ ଏହା ହୃଦୟଙ୍ଗମ ହେବ ।




କ

କ ଗୋଟିଏ ପରିଚାଳକ ପଦାର୍ଥ । ଏଥିରେ ଦୁଇପ୍ରକାର ତଡ଼ିତ୍ ସ୍ୱାଭାବିକ ସାମ୍ୟାବସ୍ଥାରେ ରହିଅଛି । ଯେବେ ଖ ନାମକ ଗୋଟିଏ ମୁକ୍ତ-ତଡ଼ିତ୍‌ବିଶିଷ୍ଟ ଗୋଲକକୁ କ ପଦାର୍ଥ ନିକଟରେ ରଖାଯାଏ, ତାହା ହେଲେ କ ପଦାର୍ଥର ତଡ଼ିତ୍ଦ୍ୱୟ ପରସ୍ପର ବିଯୁକ୍ତ ହୋଇ ଗ ଓ ଘ ପ୍ରାନ୍ତାଭିମୁଖକୁ ଧାବିତ ହୁଏ । ତହିଁ ମଧ୍ୟରୁ ଯଦି ଖ ବସ୍ତୁରେ ପୁରୁଷାକାର ତଡ଼ିତ୍ ମୁକ୍ତ ଭାବରେ ଥାଏ, ତାହା ହେଲେ ବିଯୁକ୍ତ ତଡ଼ିତ୍ଦ୍ୱୟର ସ୍ତ୍ରୀକାରଟି ଘ ପ୍ରାନ୍ତାଭିମୁଖକୁ ଏବଂ ପୁରୁଷାକାରଟି ଗ ପ୍ରାନ୍ତାଭିମୁଖକୁ ଅଗ୍ରସର ହୁଏ । ଅବସ୍ଥାନ ସୀମା ମଧ୍ୟରେ ଏହି ପ୍ରକାର ପରିଚାଳିତ ହେବାକୁ ଅନ୍ତଃପରିଚାଳନ ବୋଲାଯାଏ ଉକ୍ତ ତଡ଼ିତ୍ଦ୍ୱୟ ଗ ଓ ଘ ପ୍ରାନ୍ତ ଅଧିକାର କଲେ, ଖ ପଦାର୍ଥ ସ୍ଥିତ ମୁକ୍ତ ତଡ଼ିତ୍ ଓ ଗ ପ୍ରାନ୍ତ-ସ୍ଥିତ ସ୍ତ୍ରୀକାର ତଡ଼ିତ୍ ପରସ୍ପର ଆକୃଷ୍ଟ ହେବାରୁ ସେମାନଙ୍କ ମଧ୍ୟରେ ଯେ କୌଣସିଟି ହେଉ ଆପଣା ଅବସ୍ଥାନ ପଦାର୍ଥରୁ ଅଗ୍ରସର ହୋଇ ଅନ୍ୟ ପଦାର୍ଥ ସହିତରେ ମିଳିତ ହୁଏ ଏବଂ ତହିଁରେ ଉଭୟହିଁ ସାମ୍ୟାବସ୍ଥା ପ୍ରାପ୍ତ ହୁଅଇ । ଏହିପ୍ରକାରେ ମଧ୍ୟବର୍ତ୍ତୀ ବାୟୁ ଭେଦ କରି ଯିବାକୁ ବହିଃପରିଚାଳନ କୁହାଯାଏ । ଯେବେ କ ପଦାର୍ଥକୁ ଅନ୍ୟତ୍ରରୁ ତଡ଼ିତାଗମର ସମ୍ଭାବନା ଥାଏ, ତାହା ହେଲେ ଘ ପ୍ରାନ୍ତସ୍ଥିତ ତଡ଼ିତ୍ ଅଗ୍ରସର ହୋଇ ଖ ସ୍ଥିତ ତଡ଼ିତ୍ ସଙ୍ଗରେ ମିଶି ପାରଇ ନାହିଁ ।

୧୦ । ଅନ୍ତଃପରିଚାଳନରେ ତଡ଼ିତର ବୃଦ୍ଧି;—ଏକବସ୍ତୁସ୍ଥିତ ମୁକ୍ତ ତଡ଼ିତ୍‌ଦ୍ୱାରା ଅନ୍ୟବସ୍ତୁସ୍ଥିତ ସ୍ଥିରତଡ଼ିତ୍ଦ୍ୱୟ ବିଯୁକ୍ତ ହୋଇ ଅସମାନ ବର୍ଣ୍ଣଟି ତାହାର ଅଭିମୁଖୀନ ପ୍ରାନ୍ତକୁ ଆକୃଷ୍ଟ ଏବଂ ସମାନ ବର୍ଣ୍ଣଟି ତାହାର ବିପରୀତ ପ୍ରାନ୍ତକୁ ତାଡ଼ିତ ହୋଇ ସେହି ଆକୃଷ୍ଟ ତଡ଼ିତ୍ଦ୍ୱୟ କ୍ରମଶଃ ବୃଦ୍ଧି ପାଉଥାଏ କିନ୍ତୁ ଉକ୍ତ ଦୁଇ ବସ୍ତୁର ମଧ୍ୟସ୍ଥଳରେ କୌଣସି ପ୍ରକାର ଅପରିଚାଳକ ପଦାର୍ଥର ବ୍ୟବଧାନ ନ ଥିଲେ ଉକ୍ତ ପ୍ରକାର ବୃଦ୍ଧି ହୁଅଇ ନାହିଁ । ସେହି ଦୁଇବସ୍ତୁ ମଧ୍ୟସ୍ଥିତ ବ୍ୟବଧାନର ପରିଚାଳକତା ଗୁଣର ଉତ୍କର୍ଷାପକର୍ଷ ଏବଂ ମୁକ୍ତ ତଡ଼ିତର ପରିମାଣାନୁସାରେ ଉକ୍ତ ବୃଦ୍ଧିର ନ୍ୟୂନାଧିକ୍ୟ ହୁଅଇ । ପୂର୍ବ ପ୍ରଦର୍ଶିତ ପ୍ରକୃତିରେ କ ଓ ଖ ବସ୍ତୁଦ୍ୱୟର ମଧ୍ୟସ୍ଥଳରେ ରେଶମ, ଲୋମ ଅବା ଲାକ୍ଷା ପ୍ରଭୃତି କୌଣସି ଅପରିଚାଳକ ପଦାର୍ଥ ରଖିଲେ କ ସ୍ଥିତ ତଡ଼ିତ୍ଦ୍ୱୟର ଓ ଖ ସ୍ଥିତ ମୁକ୍ତ ତଡ଼ିତର ବୃଦ୍ଧି ହେଉଥାଏ । ସମସ୍ତ ଭୌତିକ ବୃଦ୍ଧିର ସୀମା ଅଛି, ସୁତରାଂ ଏ ବୃଦ୍ଧି ମଧ୍ୟ ସୀମାଶୂନ୍ୟ ନୁହେ ।

୧୧ । ତଡ଼ିତରୁ ତାପ, ଆଲୁଅ ଓ ଶବ୍ଦର ଉତ୍ପତ୍ତି,—କୌଣସି ଉତ୍ତମ ବା ଅଧମ ପରିଚାଳକ ପଦାର୍ଥ ମଧ୍ୟଦେଇ ଏକ ସମୟରେ ଅଧିକ ତଡ଼ିତ୍ ଗମନ କଲେ ତାପ ଉତ୍ପନ୍ନ ହୁଏ । କେବେ୨ ସେହି ତାପର ପରିମାଣ ଏତେ ଅଧିକ ହୁଅଇ ଯେ ତଦ୍ୱାରା ସେହି ବସ୍ତୁ ଦ୍ରବ ହୋଇ ଉତ୍ସାରିତ ହୋଇ ଉଠେ । ତଡ଼ିତ୍ କୌଣସି ପରିଚାଳକ ପଦାର୍ଥର ପ୍ରାନ୍ତରୁ ବାୟୁ ପ୍ରଭୃତି ଭେଦକରିତଃ ଅପର ପରିଚାଳକ ପଦାର୍ଥକୁ ଗମନ କଲେ ଆଲୁଅ ଓ ଶବ୍ଦ ଯୁଗପତ୍ ଉତ୍ପନ୍ନ ହୁଏ । ତହିଁ ମଧ୍ୟରୁ ଆଲୁଅ ଆଗେ ଓ ଶବ୍ଦ ପଶ୍ଚାତରେ ଆମ୍ଭମାନଙ୍କର ଜ୍ଞାନ ଗୋଚର ହୁଅଇ । ଆକାଶରେ ବିଦ୍ୟୁତ୍ ଗମନ ସମୟରେ ଏହି ବ୍ୟାପର ସଂଘଟିତ ହୁଏ ।

୧୨ । ସୂକ୍ଷ୍ମାଗ୍ର ଓ ସ୍ଥୂଳାଗ୍ର ପରିଚାଳକ,—ଯେବେ ଦୁଇ ପ୍ରକାର ତଡ଼ିତ୍ ଦୁଇ ଗୋଟା ବସ୍ତୁର ସମାନରୂପ ସ୍ଥଳର ପ୍ରାନ୍ତରେ ଥାଇ ପରସ୍ପର ଆକର୍ଷଣ କରେ ତାହାହେଲେ ପ୍ରବଳ ତଡ଼ିତ୍, ଆପଣା ଅବସ୍ଥାନ ପ୍ରାନ୍ତରୁ ଅଗ୍ରସର ହୋଇ ମଧ୍ୟବର୍ତ୍ତୀ ବାୟୁ ଭେଦକରିତଃ ଅପର ତଡ଼ିତ୍ ସଙ୍ଗରେ ମିଳିତ ହୁଅଇ । କିନ୍ତୁ ଯେବେ ଉକ୍ତ ଦୁଇ ପଦାର୍ଥ ମଧ୍ୟରୁ ଗୋଟିଏ ସ୍ଥୂଳତର ଆନଟି ସୂକ୍ଷ୍ମତର ହୁଏ, ଏବଂ ଯେବେ ଦୁଇବସ୍ତୁ ସମାନରୂପ ପରିଚାଳକ ହୁଏ, ତେବେ ସ୍ଥୂଳାଗ୍ରସ୍ଥିତ ତଡ଼ିତ୍ ପ୍ରବଳତର ହେଲେ ସୁଦ୍ଧା ସୂକ୍ଷ୍ମାଗ୍ରସ୍ଥିତ ତଡ଼ିତ୍ ଆପଣା ଅବସ୍ଥାନରୁ ଅଗ୍ରସର ହୋଇ ବାୟୁ ଭେଦ କରି ଅନ୍ୟ ସଙ୍ଗରେ ମିଳିତ ହୁଏ । ପିତ୍ତଳ ନିର୍ମିତ ଗୋଟିଏ ଗୋଲକ ଓ ଗୋଟିଏ ସୂଚି ମଧ୍ୟରୁ ଗୋଲାରେ ପ୍ରବଳତର ତଡ଼ିତ୍ ଥିଲେ ମଧ୍ୟ ସୂଚ୍ୟାଗ୍ରସ୍ଥିତ ତଡ଼ିତ୍ ଅଗ୍ରସର ହୋଇ ଗୋଲକସ୍ଥିତ ତଡ଼ିତ୍ ସଙ୍ଗରେ ମିଳିତ ହୁଅଇ ।

ବୈଜ୍ଞାନିକମାନେ ଉପରିଲିଖିତ ତତ୍ତ୍ୱମାନଙ୍କ ସାହାଯ୍ୟରେ ପୂର୍ବୋକ୍ତ ଶାସ୍ତ୍ରୀୟ ବିଧାନ

Digitized by srujanika@gmail.com

Split by PDF Splitter



(ଦେବ ମନ୍ଦିରରେ ତଡ଼ିତ୍ ପ୍ରୋଥିତ କରିବା)ର ମୀମାଂସା କରିଅଛନ୍ତି ।

ଇୟୁରୋପୀୟମାନେ ପ୍ରାସାଦ ପାର୍ଶ୍ୱରେ ଲୌହଦଣ୍ଡ ସ୍ଥାପନ କରି ଯେଉଁ ବଜ୍ରପାତ ନିବାରଣ କରନ୍ତି, ଆମ୍ଭମାନଙ୍କର ଶାସ୍ତ୍ରକାରମାନେ ମଧ୍ୟ ତାହା (ବିଦ୍ୟୁତ୍‌ପାତ ନିଷ୍କାରଣ) କରିବା ପାଇଁ ତାମ୍ର ଲୌହାଦି ଧାତୁ ନିର୍ମିତ ତ୍ରିଶୂଳ ଓ ଚକ୍ର ପ୍ରୋଥିତ କରିବାର ଆଦେଶ କରିଅଛନ୍ତି । ପ୍ରାକୃତିକ ତତ୍ତ୍ୱବିତ୍ ପଣ୍ଡିତମାନେ ପରୀକ୍ଷାଦ୍ୱାରା ସ୍ଥିର କରିଅଛନ୍ତି ଯେ ଆକାଶସ୍ଥିତ ମେଘରେ ହୁଏ ସ୍ତରୁଷାକାର ନହେଲେ ସ୍ୱାଭାବିକ ତଡ଼ିତ୍ ସର୍ବଦା ମୁକ୍ତଭାବରେ ଅବସ୍ଥିତ କରେ । ସେହି ମୁକ୍ତ ତଡ଼ିତ୍‌କୁ ସମସ୍ତେ ଇତସ୍ତତଃ ଗମନାଗମନ କରିବାର ଦେଖନ୍ତି । ବସନ୍ତ ଓ ଗ୍ରୀଷ୍ମ ଋତୁରେ ବାୟୁ ପ୍ରାୟ ଶୁଷ୍କାବସ୍ଥାରେ ଥାଏ, ଏହି ସମୟରେ କ୍ଷୁଦ୍ର କ୍ଷୁଦ୍ର ମେଘ ସବୁ ଏକତ୍ରିତ ହେଲେ ତହିଁରୁ ଯେଉଁ ମୁକ୍ତ ତଡ଼ିତର ସମଷ୍ଟି ହୁଏ, ତାହା ବେଗେ ଧାବିତ ହୋଇ ପ୍ରାୟ ନିକଟବର୍ତ୍ତୀ ମେଘାନ୍ତରରେ ପ୍ରବେଶ କରିତଃ ସାମ୍ୟାବସ୍ଥା ପ୍ରାପ୍ତ ହୁଏ । କିନ୍ତୁ ଯେବେ ସେହି ସମୟରେ ନିକଟରେ କୌଣସି ମେଘ ନ ଥାଏ, ଅବା ଯାହା ଥାଏ, ତାହା ଯେବେ ସ୍ୱଜାତୀୟ ମୁକ୍ତତଡ଼ିତ୍‌ବିଶିଷ୍ଟ ହୁଏ, ତାହା ହେଲେ ସେହି ତଡ଼ିତ୍ ପୃଥିବୀ ଉପରିଭାଗସ୍ଥ କୌଣସି ପଦାର୍ଥରେ ପତିତ ହୁଏ । ମେଘାନ୍ତର କି ପୃଥିବୀ ଯହିଁରେ ହେଉ ପତିତ ହେବା ପୂର୍ବରେ ସେହି ମେଘସ୍ଥ ମୁକ୍ତ ତଡ଼ିତ୍ (୯ ମ ନିୟମାନୁସାରେ) ସେହି ମେଘ ବା ପୃଥିବୀସ୍ଥ ପଦାର୍ଥର ଅନ୍ତର୍ଗତ ସାମ୍ୟାବସ୍ଥ ତଡ଼ିତ୍ ଦ୍ୱୟର ବିଯୋଗ କରି ଅସମାନ ବର୍ଣ୍ଣକୁ ଆପଣା ଅଭିମୁଖୀନ ପ୍ରାନ୍ତକୁ ଆକର୍ଷଣ ଓ ସମାନ ବର୍ଣ୍ଣକୁ ବିପରୀତ ପ୍ରାନ୍ତକୁ ପ୍ରକ୍ଷେପ କରେ । ଏହି ପ୍ରକାର ବିଯୋଗ ଉତ୍ତାରେ ଅପରିଚାଳକ ଶୁଷ୍କବାୟୁର ମଧ୍ୟବର୍ତ୍ତିତା ନିବନ୍ଧନ (୧୦ ମ ନିୟମାନୁସାରେ) ସେହି ମୁକ୍ତ ତଡ଼ିତ୍ ଓ ତଦାକୃଷ୍ଟ ଅସମାନ ବର୍ଣ୍ଣଟି କ୍ରମଶଃ ବୃଦ୍ଧି ପାଉଥାଏ ଏବଂ ପରସ୍ପର ମିଳିତ ହେବାପାଇଁ ଉଦ୍ୟତ ହୁଏ । ଏ ସମୟରେ ସମାନ ବର୍ଣ୍ଣ ତଡ଼ିତ୍ ମଧ୍ୟ ବୃଦ୍ଧି ପ୍ରାପ୍ତ ହୁଅଇ । ଏହି ସମୟରେ ଉକ୍ତ ମିଳନୋନ୍ମୁଖ ତଡ଼ିତ୍‌ଦ୍ୱୟ ମଧ୍ୟରୁ ଗୋଟିଏ ଅଗ୍ରସର ହୋଇ ଅନ୍ୟଟି ସଙ୍ଗରେ ମିଳିତ ହୋଇ ସାମ୍ୟାବସ୍ଥା ପ୍ରାପ୍ତ ହୁଏ । ଯେଉଁ ପ୍ରକାର ମେଘର କଥା ଉଲ୍ଲେଖ ହେଲା, ଯେବେ ସେହି ପ୍ରକାର କୌଣସି ମେଘ ମନ୍ଦିରାଦିର ଉପରିତନ ଆକାଶରେ ଉପସ୍ଥିତ ହୁଏ, ତାହା ହେଲେ ତଦନ୍ତର୍ଗତ ମୁକ୍ତ ତଡ଼ିତର ବିଯୋଜନା ଶକ୍ତି ପ୍ରଭାବ ଯୋଗୁଁ ମନ୍ଦିରର ସ୍ୱାଭାବିକ ସାମ୍ୟାବସ୍ଥ ତଡ଼ିତ୍‌ଦ୍ୱୟ ପରସ୍ପର ବିଯୁକ୍ତ ହେବାରୁ ଉକ୍ତ ମୁକ୍ତ ତଡ଼ିତର ଅସମାନ ବର୍ଣ୍ଣ, ଉପରିସ୍ଥିତ ତ୍ରିଶୂଳ ଅବା ଚକ୍ରର ଅଭିମୁଖଗୁଡ଼ିକୁ ଆକୃଷ୍ଟ ଓ ସମାନ ବର୍ଣ୍ଣ ନିମ୍ନସ୍ଥ ଭୂଭାଗର ଅଭ୍ୟନ୍ତରାଭିମୁଖକୁ ପ୍ରକ୍ଷିପ୍ତ ହୁଏ । ଏହି ପ୍ରକାର ବିଯୋଗ ଉତ୍ତାରେ ଶୁଷ୍କ ବାୟୁର ମଧ୍ୟବର୍ତ୍ତିତା ହେତୁରୁ ଆକାଶର ତଡ଼ିତ୍ ଓ ତ୍ରିଶୂଳାଗ୍ରସ୍ଥିତ ଆକୃଷ୍ଟ ତଡ଼ିତ୍ କ୍ରମଶଃ ବୃଦ୍ଧି ପାଉଥାଏ । ଏହି ସମୟରେ ତ୍ରିଶୂଳାଦିର ଅଗ୍ରଭାଗ, ମେଘର ନିମ୍ନଭାଗଠାରୁ ଅଧିକତର ପରିଚାଳକ ଓ ସୂକ୍ଷ୍ମତର ବୋଲି (୮ ଶ ନିୟମାନୁସାରେ) ମେଘସ୍ଥ ତଡ଼ିତ୍, ଆପଣା ଅବସ୍ଥାନ ପ୍ରାନ୍ତରୁ ଅଗ୍ରସର ହେବା ପୂର୍ବରେ ମନ୍ଦିରସ୍ଥ ତଡ଼ିତ୍ ସତ୍ୱରରେ ତ୍ରିଶୂଳାଦିର ଅଗ୍ରଭାଗର ଊର୍ଦ୍ଧ୍ୱଗାମୀ ହୋଇ ଉକ୍ତ ତଡ଼ିତ୍ ସଙ୍ଗରେ ମିଳିତ ହୁଏ । ମେଘ-ତଡ଼ିତ୍ ଏହି ପ୍ରକାରେ ସାମ୍ୟାବସ୍ଥା ପ୍ରାପ୍ତ ହେବାରୁ କୌଣସି ପ୍ରକାର ଅନିଷ୍ଟ ଘଟଣାର ସମ୍ଭାବନା ଥାଏ ନାହିଁ । ଯେବେ ତ୍ରିଶୂଳାଗ୍ରରୁ ନିଃସୃତ ତଡ଼ିତ୍ ଉଦ୍‌ଗମ ହୁଏ, ତେବେ ଏକ ମେଘରୁ ମେଘାନ୍ତରକୁ ତଡ଼ିତ୍ ଯିବା ସମୟରେ ଯେରୂପ ଆଲୋକ ଦୃଷ୍ଟିଗୋଚର ଓ ଶବ୍ଦ ଶ୍ରୁତିଗୋଚର ହୁଏ, ପ୍ରାଗୁକ୍ତ ସ୍ଥଳରେ ସେ ପ୍ରକାର ନ ହେବାର କାରଣ କି ? ଏହି ପ୍ରଶ୍ନର ଏହିପ୍ରକାର ମୀମାଂସା ହୋଇଅଛି । ମେଘର ପ୍ରାନ୍ତ ସବୁ ସ୍ଥୂଳ ଓ ଅପକୃଷ୍ଟ ପରିଚାଳକ ବୋଲି ତଡ଼ିତ୍ ବୃଦ୍ଧି ପାଇ ପରିମାଣର ଆଧିକ୍ୟ ହେଲେ ତାହା ଅଗ୍ରସର ହୋଇ ମେଘାନ୍ତରକୁ ଗମନ କରେ; ଏହି ପ୍ରକାରେ ଏକ ସମୟରେ ଅଧିକ ପରିମାଣରେ ତଡ଼ିତ୍ ବାୟୁ ଭେଦ କରି ଗମନ କରିବାରୁ (୧୧ ଶ ନିୟମାନୁସାରେ) ଆଲୋକ ଓ ଶବ୍ଦ ଯୁଗପତ୍ ଉତ୍ପନ୍ନ ହୋଇ ଆମ୍ଭମାନଙ୍କ ଇନ୍ଦ୍ରିୟ ଗୋଚର ହୁଅଇ । କିନ୍ତୁ ତ୍ରିଶୂଳାଗ୍ର ସୂକ୍ଷ୍ମ ଓ ଉତ୍କୃଷ୍ଟ ପରିଚାଳକ, ଏଣୁ ତହିଁରେ ସାମାନ୍ୟ ପରିମାଣ ତଡ଼ିତ୍ ସଞ୍ଚିତ ନ ହେଉଣୁ ତାହା ଊର୍ଦ୍ଧ୍ୱଗାମୀ ହୋଇ ଉପର ମେଘକୁ ଗମନ କରେ, ଏଥିପାଇଁ କୌଣସି ପ୍ରକାର ଆଲୋକ ଦୃଷ୍ଟିଗୋଚର ଅବା ଶବ୍ଦ ଶ୍ରୁତିଗୋଚର ହୁଅଇ ନାହିଁ ।

କ୍ରମଶଃ

## ବିଜ୍ଞାପନ ।

ଅଦ୍ୟଠାରୁ ଆମ୍ଭର ଉତ୍କଳହିତୈଷିଣୀ ସମ୍ବାଦପତ୍ରିକାରେ ୧ମଥର ୫ ॰ ୶ ଏବଂ ୨ୟଥର ୫ ॰ ।୶ ଅଙ୍କ ଉତ୍ତାରୁ ସମ୍ପୂର୍ଣ୍ଣ ଭାଗ୍ମ ୫ ୧୯ ଟା ମୂଲ୍ୟରେ ବିକ୍ରୟ ହେବ ।

୧୦।୯୦।୮୨

ଶ୍ରୀ ଜନାର୍ଦ୍ଦନ ଭଟ୍ଟାଚାର୍ଯ୍ୟ
ଉତ୍କଳହିତୈଷିଣୀ କର୍ତ୍ତା ଓ ସମ୍ପାଦକ ।

### ଷଡ଼ାଙ୍ଗକରଣ ରସ ।

ଏ ଚମତ୍କାର ବାତରୋଗ, ଜ୍ୱରାଂଶ ଅର୍ଥାତ୍ ଜରମୀ ଓ ପରିଣାମଶୂଳ ଅନେକ ହୁଅଇ । ମା ୭ ଖୋରାକ ୫ ୧୯ ଟା

### ବ୍ରହ୍ମାନନ୍ଦର ବଟିକା ।

ଏଥିରେ ଶ୍ରୀମାନଙ୍କର ପ୍ରଦର ଓ ରକ୍ତମେହ ନଷ୍ଟ ହୁଅଇ । ମା ୭ ଖୋରାକ ୫ ୧୦ ଟା ।

### ନୃପବଲ୍ଲଭ ବଟିକା ।

ଅଜୀର୍ଣ୍ଣ ରୋଗରେ ସେବନ କଲେ ଆଠ ପ୍ରକାର ଶୂଳ ଭଲ ହୁଅଇ । ୧୫ ମାତ୍ରାକୁ ୫ ୧୯ ଟା ।

### ମୀନକେତନ ବଟିକା ।

ଅତି ଉତ୍କୃଷ୍ଟ ଧାତୁବୃଦ୍ଧିକର ପୁଂସ୍ତ୍ୱ ଔଷଧ । ଅଜୀର୍ଣ୍ଣ ରୋଗରେ ବାୟୁବେଗ ଶାନ୍ତ ହୁଅଇ । ୪ ମାତ୍ରାକୁ ୫ ୧ ଟା

### କନ୍ଦର୍ପଚନ୍ଦ୍ରୋଦୟ ବଟିକା ।

ଏ ଚମତ୍କାର ଧାତୁରଙ୍ଗ ଅତି ଦଶ ବର୍ଷରୁ ନ୍ୟୂନ ପୁଂସ୍ତ୍ୱହୀନ ରୋଗ ଭଲ ହୁଅଇ । ୪ ମାତ୍ରାକୁ ୫ ୧୯ ଟା ।

ଏ ସବୁ ଅତି ମେହ ପ୍ରଭୃତି ରୋଗର ଉତ୍କୃଷ୍ଟ ଔଷଧମାନ ଆମ୍ଭ ନିକଟରେ ପ୍ରାପ୍ତବ୍ୟ । ଗ୍ରାହକମାନେ ଔଷଧ ଗ୍ରହଣ ସମୟରେ ସେବନ ବିଧିମାନ ବୁଝି ପାରିବେ ।

୧।୭।୮୨
କାଳକଜାର
କଟକ

ଶ୍ରୀ ବ୍ରଜଦାସ ବୈଦ୍ୟ ସାହାଯ୍ୟ ।

## ଓଡ଼ିଆ ନାଟକ ।

## କାଞ୍ଚି କାବେରୀ

ବା

ପ ଦ୍ମା ବ ତୀ ।

କଟକ ପ୍ରିଣ୍ଟିଂ କମ୍ପାନୀ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ୫ ॰ ୳ ଅଠଅଣା ମାତ୍ର । ମଫସଲର ଡାକମାସୁଲ ୫ ॰ ୵ ।

### ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫେଉଜ୍ ।

ଏହା କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ । କଲିକତାର ପ୍ରଧାନ ପ୍ରଧାନ ଇଉରୋପୀୟ ଓ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଅଇ । କଲିକତା ବୋଟାନିକ୍ ଗାର୍ଡେନର ସୁପରିଣ୍ଟେଣ୍ଡେଣ୍ଟ ନିକଟରେ ଡାକଦ୍ୱାରା ତଳଲେଖା ଦରରେ ମିଳେ ଯଥା;—

ଡାକମାସୁଲ ସହିତ ୪ ଅଉନ୍ସ ୫ ୨ ଟଙ୍କା । ୮ ଅଉନ୍ସ ୫ ୧୧ ଟା । ୧୬ ଅଉନ୍ସ ୫ ୨୦୷ ମୂଲ୍ୟ ନିଆଯିବ ।

ମୂଲ୍ୟ ନଗଦ ଦେୟ ।

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା


ଭା ୧୭ ଶ | ସଂ ୪୫ ସଂଖ୍ୟା

ତା ୧୮ ଇଙ୍ଗ ମାହେ ନବମ୍ବର ସନ ୧୮୮୨ ମସିହା । ମୁ । ମାର୍ଗଶିର ୭ ଅ ନ ସନ ୧୨୯୦ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବକେୟା |
|---|---|---|
| ବାର୍ଷିକ | ଟ ୨ ୯ | ଟ ୬ ୯ |
| ଡାକମାସୁଲ | ଟ ୦ ୬ | ଟ ୧ ୯ |


ଆଗାମୀ ଶନିବାର ଅର୍ଥାତ୍ ଚଳିତ ମାସ ତା ୨୫ ରିଖ କାର୍ତ୍ତିକ ପୂର୍ଣ୍ଣିମା ଦିନ ସମୁଦ୍ରରେ ରୋହିଣୀ ପ୍ରଭୃତି ସ୍ନାନଯୋଗ ପଡ଼ିବ ଏଥିର ବ୍ୟବସ୍ଥା ପ୍ରିଣ୍ଟିଂକମ୍ପାନିଙ୍କ ମୁଦ୍ରିତ ପଞ୍ଜିକାରେ ବାହୁଲ୍ୟରୂପେ ଲେଖା ଅଛି । ଏହି ଯୋଗ ହେତୁ ପୁରୁଷୋତ୍ତମକୁ ଚତୁର୍ଦ୍ଦିଗରୁ ବିସ୍ତର ଯାତ୍ରୀ ଆସୁଅଛନ୍ତି । ଆମ୍ଭେମାନେ ଅନୁମାନ କରୁଁ କି ପ୍ରାୟ ଗତ ଗୋବିନ୍ଦଦ୍ୱାଦଶୀପରି ଏ ସମୟରେ ସେଠାରେ ଭାରି ଭିଡ଼ ହେବ ଏବଂ କର୍ତ୍ତୃପକ୍ଷମାନେ ତହିଁପାଇଁ ପୂର୍ବରୁ ସତର୍କ ହେଉଅଛନ୍ତି ।

---

ମୟୂରଭଞ୍ଜର ମାନେଜର ନିଯୁକ୍ତ ବିଷୟରେ ଗବର୍ଣ୍ଣମେଣ୍ଟରୁ ଅଦ୍ୟାପି କୌଣସି ଆଜ୍ଞା ଆସି ନାହିଁ । ମୃତ ମହାରାଜାଙ୍କ ଭାଇ ବୃନ୍ଦାବନଭଞ୍ଜ ଷ୍ଟେଟସ୍ ବାବୁ ମାନେଜରୀ ନିମିତ୍ତ ଆବେଦନପତ୍ର ପଠାଇଅଛନ୍ତି ଏବଂ ଆମ୍ଭେମାନେ ତହିଁର ଏକଖଣ୍ଡ ପ୍ରତିଲିପି ପାଇଥିବାରୁ କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଷ୍ଟେଟସ୍ ବାବୁ ନିକଟରେ କଲିକତା ଯିବେ ଏବଂ ଶ୍ରୀଯୁକ୍ତ କମିଶ୍ନର ସାହେବ ମଧ୍ୟ ଏହି ମାସ ମଧ୍ୟରେ କଲିକତା ଯିବେ । ଉଚିତ ହୁଅଇ ଲେଫ୍ଟେ ଲାଟ ସାହେବ ଏମାନଙ୍କ ସାକ୍ଷାତରେ ଏ ବିଷୟ ନିଷ୍ପତ୍ତି କରିବେ । କୋର୍ଟ ଅବ୍‌ୱାର୍ଡସର ବାର୍ଷିକ ବିଜ୍ଞାପନୀ ଉପରେ ଲେଫ୍ଟେ ଲାଟ ସାହେବ ଯେଉଁ ମତ ପ୍ରକାଶ କରି ଅଛନ୍ତି ତାହା ଷ୍ଟେଟସ୍ ବାବୁଙ୍କ ପ୍ରାର୍ଥନାର ଅନୁକୂଳ ଅଟଇ ବିଶେଷତଃ ସେ ବ୍ରାହ୍ମଣଘାଟିରେ କେତେକାଳ ମାନେଜରୀ କାର୍ଯ୍ୟ ନିର୍ବାହ କରି ଅଛନ୍ତି । ଏହି କାର୍ଯ୍ୟ ଯେବେ ସେ ସୁଚାରୁରୂପେ ନିର୍ବାହ କରିଥିବାର ଦର୍ଶାଇ ପାରିବେ ତେବେ ତାହାଙ୍କ ନିଯୁକ୍ତ ବିଷୟରେ ଆଉ କିଛି ସନ୍ଦେହ ହେବ ନାହିଁ ।

---

କେନ୍ଦ୍ରାପଡ଼ାଠାରେ ଶ୍ରୀଯୁକ୍ତ କଲେକ୍ଟର ସାହେବଙ୍କର ଅଭ୍ୟର୍ଥନା ଅଧୁନାକ ଆଡ଼ମ୍ବର ଅନୁସାରେ ହୋଇଥିଲା । ସେଠାର ଜମିଦାର ଓ ଅମଲାମାନେ ଭେଦା ସଜ୍ଜିତ କରି ସେଠା କଚେରି ହତାରେ ଟେଲିଗ୍ରାଫୀ ଓ ଆଗ୍ନେୟ କ୍ରୀଡ଼ା କରିଥିଲେ ସାହେବ ମହୋଦୟ ଓ ସେଠା ଭଦ୍ର ବ୍ୟକ୍ତିମାନେ ସେଠାରେ ଉପସ୍ଥିତ ହୋଇ ଏ ସବୁ ଦେଖି ପ୍ରସ୍ଥାନ କଲେ । ନଗରରେ ମଧ୍ୟ ଲୋକେ ଆପଣା ବ୍ୟୟରେ କିଛି ରୋଷଣି କରିଥିଲେ ।

ଏଠାରେ ଶ୍ରୀଯୁକ୍ତ କଲେକ୍ଟର ସାହେବଙ୍କ ନିକଟରେ ଜଳକର ସମ୍ବନ୍ଧରେ ଅନେକ ଦରଖାସ୍ତ ପଡ଼ିଅଛି । ଯେଉଁ ଦରଖାସ୍ତ ସବୁରେ ଗତ ଓ ଚଳିତ ବର୍ଷର ଜଳକର ପକ୍ଷରେ ଆପତ୍ତି ଥିଲା ସେ ସବୁ ସାହେବ ମହୋଦୟ ଓ୍ୱାଲ ସାହେବଙ୍କ ନିକଟକୁ ତଦନ୍ତ ଓ ଉଚିତ ଆଦେଶ ନିମିତ୍ତ ପଠାଇଲେ ବାକି ଦରଖାସ୍ତମାନ ନାଲ ଜଳର ଇସ୍ତଫା ଥିଲା । ପ୍ରାୟ କୋଡ଼ିଏ ମଉଜାର ପ୍ରଜାମାନେ ଆଗାମୀ ବର୍ଷକୁ ଇସ୍ତଫା ଦେଉଅଛନ୍ତି ଏଥିରେ ସାହେବ ପ୍ରଶଂସିତ ଆଜ୍ଞା ଦେଲେ ଯେ ସେମାନଙ୍କର ନାଲଜଳ ଆବଶ୍ୟକ ନ ହେଲେ ସେମାନେ ଆଗାମୀ ବର୍ଷକୁ କବୁଲିୟତ ନ କରିପାରନ୍ତି । ଯଦ୍ୟପି ଅନ୍ୟାନ୍ୟ ଅଞ୍ଚଳର ପ୍ରଜାଏ ଏପରି ଇସ୍ତଫା ଦିଅନ୍ତି ତେବେ ନାଲର କି ଦଶା ହେବ ।

---

ନିମ୍ନଲେଖିତ ପତ୍ରଖଣ୍ଡିକ ଏଠାରେ ପ୍ରକାଶ କରି ଆମ୍ଭେମାନେ ପ୍ରାର୍ଥନା କରୁଅଛୁଁ କି ଶ୍ରୀଯୁକ୍ତ କଲେକ୍ଟର ସାହେବ ଏଥିପ୍ରତି କୃପାଦୃଷ୍ଟି ପ୍ରଦାନ କରିବେ ।

"କଟକ ଜିଲ୍ଲା ଅନ୍ତର୍ଗତ । ପ୍ର । ହୋମାଣ୍ଡା । ମୌ । ଗରଡ଼ିଆଁର ନିଭୟ ପାର୍ଶ୍ୱରେ ବନ୍ଧ ଅଛି କିନ୍ତୁ ମଧ୍ୟରେ ବନ୍ଧ ନ ଥିବାରେ ସେହି ବାଟେ ବନ୍ୟା ଜଳ ଆସି ଫସଲମାନ ନଷ୍ଟ କରୁଅଛି ଏଥିରେ ଗରିବ ପ୍ରଜାମାନେ ଅତ୍ୟନ୍ତ କ୍ଷତିଗ୍ରସ୍ତ ହେଉଅଛନ୍ତି ଏଠାରେ ବନ୍ଧ ନ ଥିବାର କାରଣ ଏହି ଯେ ପୂର୍ବେ ଏଠାରେ ଅନେକ ଘର ଥିଲା ସେ ଗୃହ ସବୁ ଏପରି ଲାଗିଥିଲା ଯେ ସେଠାରେ ଆଉ ବନ୍ଧର ଦରକାର ନ ଥିଲା ଅନେକୁ ଧାପ୍ ଭିନ୍ନବର୍ଷ ହେଲା ସେସବୁ ଘରକୁ ନଦୀ ଖାଇଯିବାରେ ସେହିବାଟେ ଧାଇଁ କରି ପାଣି ଆସୁଅଛି ଏଥିସଙ୍କାଶେ ସେଠାର କେତେକ ଲୋକ ସେଠାରେ ଗୋଟିଏ ବନ୍ଧ ହେବା କାରଣ କଲେକ୍ଟର ସାହେବଙ୍କ ନିକଟରେ ଏକ ଦରଖାସ୍ତ ଦେ-

Digitized by srujanika@gmail.com

ଇଥିଲେ ଉଦପରେ ଶୁଣିଲୁ ଯେ ଦୟାବାନ୍ କଲେକଟର ସାହେବ ଏଥିର ତଦନ୍ତ କାରଣ ମହାନଦୀ ଡିଭିଜନର ଏକ୍ଜିକ୍ୟୁଟିଭ୍ ଇଞ୍ଜିନୀଅରଙ୍କୁ ଲେଖିଥିବାରୁ ସେଠାରୁ ବାବୁ ସଦାନନ୍ଦ ମହାନ୍ତି ଓଭରସିଅର ସେଠାକୁ ଯାଇଥିଲେ ବୋଧହୁଏ ସେ ପ୍ରଜାମାନଙ୍କର ଦୁଃଖ ହୃଦୟଙ୍ଗମ କରିଅଛନ୍ତି ଏଥିସକାଶେ ଅମ୍ଭେମାନେ ବିନୀତ ଭାବରେ ମହ୍ନମାର୍ଣ୍ଣିବ କଲେକ୍ଟର ଶ୍ରୀଯୁକ୍ତ ଶ୍ରୀଶ୍ରୀ ଟମଃ ପସିସାହେବଙ୍କ ନିକଟରେ ପ୍ରାର୍ଥନା କରୁଁ ଯେ ସେ କୃପାଦୃଷ୍ଟି ପକାଇ ବନ୍ଧଖଣ୍ଡିଏ କରାଇଦେଇ ପ୍ରଜାମାନଙ୍କର କଷ୍ଟ ମୋଚନ କରନ୍ତୁ ।"

---

ବମ୍ବେଇ ଦେଶରେ ଦେଶୀୟ ମଦ ବସ୍ତୁର ପରିମାଣରେ [illegible] ହୁଅଇ । ମହୁଲ ସ୍ଥାନରେ ଯଥେଷ୍ଟ ପରିମାଣରେ ଜାତ ହୁଅଇ ଏବଂ ତଦ୍ଦ୍ୱାରା ଦେଶୀ ମଦ ପ୍ରସ୍ତୁତ କରିବାକୁ ଲୋକେ ବିଶେଷ ସୁବିଧା ପାଇବାରୁ ଅବକାରୀ ରାଜସ୍ୱର କ୍ଷତି ହୁଅଇ । ବମ୍ବେଇ ଗବର୍ଣ୍ଣମେଣ୍ଟ ଉକ୍ତ ରାଜସ୍ୱ ରକ୍ଷା ଉଦ୍ଦେଶରେ ସେଠା ପ୍ରଚଳିତ ଅବକାରୀ ଆଇନକୁ ସଂଶୋଧନ କରିବା ସ୍ଥଳରେ ମହୁଲ ସଂଗ୍ରହ ଏବଂ ବିକ୍ରୟ ଉପରେ ସରକାରଙ୍କ କର୍ତ୍ତୃତ୍ୱ ସ୍ଥାପନ କରିବାର ବ୍ୟବସ୍ଥା କଲେ । ଏଣେ ମହୁଲ ସେ ପ୍ରଦେଶର ଗୋଟିଏ ସାଧାରଣ ଖାଦ୍ୟଦ୍ରବ୍ୟ ଓ ଅଧିକାଂଶ ଦୁଃଖୀ ଲୋକ ତହିଁରେ ପ୍ରାଣଧାରଣ କରନ୍ତି । ମହୁଲ ଉପରେ ଲବଣ ପରି ପରମିଟ ବସିଲେ ଦୁଃଖୀ ଲୋକଙ୍କର ବିଶେଷ କଷ୍ଟ ହେବ ବୋଲି ବମ୍ବେଇବାସିମାନେ ଉକ୍ତ ବ୍ୟବସ୍ଥା ବିରୁଦ୍ଧରେ ଦୃଢ଼ତର ଆପତ୍ତି କଲେ ମାତ୍ର ବମ୍ବେଇ ଗବର୍ଣ୍ଣମେଣ୍ଟ ତାହା ଗ୍ରାହ୍ୟ ନ କରି ପ୍ରସ୍ତାବିତ ଆଇନ ବିଧିବଦ୍ଧ କଲେ ଏବଂ ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କ ମଞ୍ଜୁରି ନିମିତ୍ତ କାଗଜପତ୍ର ପଠାଇଲେ ମହାମାନ୍ୟ ଗବର୍ଣ୍ଣରଜେନେରଲ ଲର୍ଡ ରିପନ ବାହାଦୁର ପ୍ରଜାମାନଙ୍କ ଆପତ୍ତିକୁ ବଳବତ୍ତର ଜ୍ଞାନ କରି ଉକ୍ତ ଆଇନକୁ ନାମଞ୍ଜୁର କରିଅଛନ୍ତି ଏବଂ ଏଥିପାଇଁ ସର୍ବସାଧାରଣ ମହାତ୍ମା ଲର୍ଡ ରିପନଙ୍କୁ ଆନ୍ତରିକ ଧନ୍ୟବାଦ ଦେଉଅଛନ୍ତି । ବାସ୍ତବରେ ଏହାଙ୍କ ପରି ପ୍ରଜାବତ୍ସଲ ଶାସନକର୍ତ୍ତା ବର୍ତ୍ତମାନ ଭାରତବର୍ଷରେ ଦେଖା ଯାଉ ନାହିଁ । ଏହି କାର୍ଯ୍ୟଦ୍ୱାରା ସେ ସାଧାରଣ ମତକୁ ବିଶେଷରୂପେ ଆସ୍ଥା କରୁଥିବାର ଆଉ ଗୋଟିଏ ଉତ୍କୃଷ୍ଟ ପ୍ରମାଣ ଦେଇ ଅଛନ୍ତି ।

---

ଯେମନ୍ତ ବଙ୍ଗପ୍ରଦେଶରେ ଛୋଟ ଲାଟ ସାହେବ ସର ଆସଲି ଇଡନ ଆତ୍ମଶାସନ ପ୍ରଣାଳୀର ମହତ୍ ଉଦ୍ଦେଶ୍ୟ ବିଫଳ କରିବାର ଉଦ୍ୟମ କରିଥିଲେ ସେହିପରି ବମ୍ବେଇର ଗବର୍ଣ୍ଣର ସର୍ ଜେମସ୍ ଫର୍ଗୁସନ ସାହେବ ଉକ୍ତ ପ୍ରଦେଶରେ ଏ ପ୍ରଣାଳୀ ପ୍ରଚଳିତ ହୋଇ ପାରିବ ନାହିଁ ବୋଲି ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ରିପୋର୍ଟ କରିଥିଲେ ମାତ୍ର ମହାମାନ୍ୟ ଲର୍ଡ ରିପନ ବାହାଦୁର ଏକ ପାର୍ଶ୍ୱପତ୍ରରେ ବମ୍ବେଇ ଗବର୍ଣ୍ଣମେଣ୍ଟଙ୍କର ସଙ୍କୀର୍ଣ୍ଣ ଭାବ ଓ ଅସାର ଯୁକ୍ତିର ଯଥାଯୋଗ୍ୟ ପ୍ରତ୍ୟୁତ୍ତର ପ୍ରଦାନ କରିବାରୁ ଏତେବେଳେ ଉକ୍ତ ଗବର୍ଣ୍ଣମେଣ୍ଟ ଆପଣା ଭ୍ରମ ସ୍ୱୀକାର କରି ଆତ୍ମଶାସନ ପ୍ରଣାଳୀ ବିଶୁଦ୍ଧ ଭାବରେ ଚଳାଇବା କାରଣ ସମ୍ମତ ହୋଇ ଅଛନ୍ତି । ସର ଜେମସ୍ ଫର୍ଗୁସନ୍ ଅନୁଦାର ସମ୍ପ୍ରଦାୟର ଲୋକ ତେଣୁ ସେ ଲୋକସାଧାରଣଙ୍କୁ କୌଣସି ଅଧିକାର ଦେବାକୁ ଅନିଚ୍ଛୁକ ତାହାଙ୍କ ବିବେଚନାରେ ଲୋକମାନେ ମ୍ୟୁନିସିପାଲିଟି ଏବଂ ସ୍ଥାନୀୟ ବୋର୍ଡର ସଭ୍ୟପଦ ନ ହେଲେ ଶାସନକାର୍ଯ୍ୟର ଭୟାନକ ବିଶୃଙ୍ଖଳା ଘଟିବ । ସୁଖର ବିଷୟ ଯେ ଭାରତବର୍ଷର ଆଉ କେହି ସ୍ଥାନୀୟ ଶାସନକର୍ତ୍ତା ସେପରି ଧାତୁର ଲୋକ ନୁହନ୍ତି ନୋହିଲେ ମହାମାନ୍ୟ ବଡ଼ଲାଟ ସାହେବ ଏହି ବିଧି ସମ୍ବନ୍ଧରେ ପ୍ରଚାର କରିବାକୁ ବଡ଼ କଷ୍ଟ ଲଭନ୍ତେ । ବଙ୍ଗ, ଉତ୍ତରପଶ୍ଚିମ, ପଞ୍ଜାବ ମଧ୍ୟପ୍ରଦେଶ ଏବଂ ବ୍ରହ୍ମଦେଶର ଶାସନକର୍ତ୍ତାମାନେ ଆତ୍ମଶାସନ ପ୍ରଣାଳୀ ଆପଣା ୨ ରାଜ୍ୟରେ ଚଳାଇବା କାରଣ ଯଥୋଚିତ ଯତ୍ନ କରୁଅଛନ୍ତି ଏବଂ ମାନ୍ଦ୍ରାଜର ଗବର୍ଣ୍ଣର ସର୍ ଗ୍ରାଣ୍ଟ ଡଫସାହେବ ସମ୍ମତି ଏବଂ ନିର୍ଦ୍ଧାରଣ ପ୍ରକାଶ ପୂର୍ବକ ଏ ପ୍ରଣାଳୀକୁ ସମ୍ପୂର୍ଣ୍ଣରୂପେ ଅନୁମୋଦନ କରି କାର୍ଯ୍ୟରେ ପରିଣତ କରିବାକୁ ପ୍ରସ୍ତୁତ ଥିବାର ପରିଚୟ ଦେଇଅଛନ୍ତି । ଏ ମହାତ୍ମା ଜଣେ ଉଦାର ପ୍ରକୃତିର ଲୋକ । ସେ ମହାମାନ୍ୟ ଲର୍ଡ଼ ରିପନଙ୍କ ଅଭିପ୍ରାୟ ଜ୍ଞାତ ହେବା ମାତ୍ରକେ ଏକ କମିଟି ସଂଗଠିତ କରି କେତେକ ଜଣ ଦେଶୀୟ ଏବଂ ଇଉରୋପୀୟ ଭଦ୍ରଲୋକଙ୍କୁ ତହିଁର ସଭ୍ୟ ନିଯୁକ୍ତ କରିଅଛନ୍ତି ଏବଂ ସେହି କମିଟିର ମତରେ ସମ୍ମତ ହୋଇ ନିୟମ କରିଅଛନ୍ତି ଯେ ସମସ୍ତ ପ୍ରଧାନ ସହର ଏବଂ ଜିଲ୍ଲାରେ ନିର୍ବାଚନ ପ୍ରଣାଳୀ ପ୍ରବର୍ତ୍ତିତ ହେବ ଏବଂ ସର୍ବତ୍ରରେ ଏହି ନିୟମ ହେବ ଯେ ସରକାରୀ କର୍ମଚାରୀମାନେ ମିଉନିସିପଲ ଅଥବା ସ୍ଥାନୀୟ ବୋର୍ଡର ସଭ୍ୟପଦ ହୋଇପାରିବେ ନାହିଁ । କ ବନ୍ଦୋବସ୍ତରେ ଏହି ପ୍ରଣାଳୀ ଅନୁସାରେ କାର୍ଯ୍ୟ ଚଳିବ ତାହା ସ୍ଥିର କରି ଖଣ୍ଡିଏ ଆଇନର ପାଣ୍ଡୁଲିପି ପ୍ରସ୍ତୁତ କରିବା କାରଣ ଉକ୍ତ କମିଟିକୁ ଭାର ଦିଆଯାଇଅଛି । ଏହି ସମସ୍ତ ଉଦ୍ଯୋଗ ଦେଖି ନିଶ୍ଚୟ ବୋଧ ହେଉଅଛି ଯେ ଆଗାମୀ ଅପ୍ରେଲମାସରୁ ଭାରତବର୍ଷର ସର୍ବତ୍ର ଆତ୍ମ ଶାସନପ୍ରଣାଳୀ ଜାରି ହୋଇଯିବ ଏବଂ ଅଚିରେ ଏଥିର ଶୁଭଫଳ ସମସ୍ତେ ଭୋଗ କରିବାକୁ ସମର୍ଥ ହେବେ ।

---

ମଧ୍ୟପ୍ରଦେଶ ଭାରତର ଅନ୍ୟାନ୍ୟ ପ୍ରଦେଶଠାରୁ ଅନୁନ୍ନତ ହେଲେହେଁ ଏଠାରେ ଆତ୍ମଶାସନ ପ୍ରଣାଳୀ ପ୍ରଚଳନ କରିବାର ବ୍ୟବସ୍ଥାର ସୂତ୍ରପାତ ସର୍ବାଗ୍ରେ ହୋଇଅଛି । ଏଥି ମଧ୍ୟରେ ଏହି ବିଷୟର ଖଣ୍ଡିଏ ଆଇନର ପାଣ୍ଡୁଲିପି ଇଣ୍ଡିଆ ବ୍ୟବସ୍ଥାପକ ସଭାରେ ଉପସ୍ଥିତ ହୋଇଅଛି ସର୍ବାଗ୍ରେ ଏ ବିଷୟର ବ୍ୟବସ୍ଥା ଏଠାରେ ହେବାର କାରଣ ଏହି କି ଏଠାରେ ବହୁଦିନରୁ ନାନା କାର୍ଯ୍ୟସାଧନ କମିଟି ଭୂମି ଉପରେ ନେଲେସ୍ତକାର ଉପକର ବସି ଅଛି ସେ ସମସ୍ତକୁ ବିଧିବଦ୍ଧ କରିବା କାରଣ ଖଣ୍ଡିଏ କ୍ଷୁଦ୍ର ଆଇନର ପ୍ରୟୋଜନ ହେବାରୁ ଗତ ଡିସେମ୍ବର ମାସରେ ତହିଁର ପାଣ୍ଡୁଲିପି ବ୍ୟବସ୍ଥାପକ ସଭାରେ ଉପସ୍ଥିତ ହୋଇଥିଲା ଏଥି ମଧ୍ୟରେ ସ୍ଥାନୀୟ ଆତ୍ମଶାସନ ବିଷୟକ ଗବର୍ଣ୍ଣମେଣ୍ଟଙ୍କର ନିର୍ଦ୍ଧାରଣ ବାହାରିବାରୁ ସେହି ନିୟମମାନ ଉକ୍ତ ପାଣ୍ଡୁଲିପିରେ ସନ୍ନିବେଶ କରିବାର ଆବଶ୍ୟକ ହେଲା । ସୁତରାଂ ସର୍ବ ପ୍ରଥମେ ମଧ୍ୟପ୍ରଦେଶ ସକାଶେ ଆତ୍ମଶାସନ ପ୍ରଣାଳୀର ଆଇନ ବିଧିବଦ୍ଧ କରିବାର ଆବଶ୍ୟକ ହୋଇଅଛି । ଚଳିତ ମାସ ତା ୨ ରିଖରେ ବ୍ୟବସ୍ଥାପକ ସଭାର ଯେଉଁ ବୈଠକ ସିମଲାଠାରେ ହୋଇଥିଲା ତହିଁରେ ଏହି ପାଣ୍ଡୁଲିପି ସମ୍ପର୍କୀୟ ସିଲେକ୍ଟ କମିଟିଙ୍କ ରିପୋର୍ଟ ଆଗତ ହୋଇଥିଲା ଏବଂ ସେ ସମସ୍ତ ଶୀଘ୍ର ଗେଜେଟରେ ପ୍ରକାଶ ହେବ । ଏହି ସଭାରେ ଜଣେ ମେମ୍ବର ଶ୍ରୀଯୁକ୍ତ ପ୍ଲାଉଡନ ସାହେବ ଅନ୍ୟଦେଶୀୟଙ୍କୁ ସ୍ଥାନୀୟ ଆତ୍ମଶାସନ ଅଧିକାର ପ୍ରଦାନ ବିଷୟରେ ଯେଉଁ ବକ୍ତୃତା କରି ଥିଲେ ତାହା ପାଠକରି ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ । ସେ ଆତ୍ମଶାସନ ବିଧିର ଆବଶ୍ୟକତା ଏବଂ ଉପକାରିତା ବର୍ଣ୍ଣନା କରି କହିଲେ

Digitized by srujanika@gmail.com

Split by PDF Splitter



ନ ଯେଉଁମାନେ ବିଗ୍ଭର କରନ୍ତି ଯେ ଏହା ଦ୍ୱାରା ଏ ଦେଶର ସୁଖ ଶାନ୍ତି ପ୍ରତି ଭୟଙ୍କର ଆପଦ ଉପସ୍ଥିତ ହେବ ସେମାନଙ୍କ ସହିତ ତାହାଙ୍କର ଅବେଦୀ ସହାନୁଭୂତି ନାହିଁ । ବରଂ ତାହାଙ୍କର ଏପରି ଭୟ ହେଉଅଛି କି ହାଲେ ସଂଶଙ୍କିତ ଭାବରେ ଏ ନିୟମକୁ ପ୍ରବର୍ତ୍ତିତ କରିବା ଦ୍ୱାରା ଏହା ଉପରେ ଏମନ୍ତ ଅଘାତ ହେବ ଯେ ଭବିଷ୍ୟତରେ ମନ୍ଦଫଳ ଜାତ ହେବ । ଯେଉଁ ଲୋକଙ୍କୁ ଡେନ ବୋର୍ଡ ଗଢିବା ଏବଂ କାର୍ଯ୍ୟ କରିବାର ପ୍ରସ୍ତାବ ହେଉଅଛି ସେମାନଙ୍କୁ ଯଥାର୍ଥ କ୍ଷମତା ଦେବାର ଉଚିତ । ପ୍ରସ୍ତାବିତ ବିଲ ଅନୁସାରେ ସେମାନେ ଅଳ୍ପ ଆୟର ଏକ ସାମାନ୍ୟ ଅଂଶ ପାଇ ତଦ୍ୱାରା ଆପଣା ଘରପାଖର ରାସ୍ତା ସଡ଼କମାନଙ୍କ ପ୍ରତି ଦୃଷ୍ଟି ରଖିବେ ଅଥବା ନିକଟବର୍ତ୍ତୀ ବିଦ୍ୟାଳୟମାନଙ୍କ ପ୍ରତି କଥଞ୍ଚିତ ମନୋଯୋଗ ଦେବେ ମାତ୍ର ଏତଦ୍ଦ୍ୱାରେ ଉପଯୁକ୍ତ ଲୋକଙ୍କର ଅକୃତ୍ରିମ ଉତ୍ସାହ ଚରିତାର୍ଥ ହେବ ନାହିଁ ଅତଏବ ସେମାନଙ୍କୁ ସମାନ୍ୟ ଫଉଜଦାରୀ ଓ ଦେୱାନୀ କ୍ଷମତା ଦେବାର ଉଚିତ କୌଣସି ଏକ ବ୍ୟକ୍ତିକୁ ସେପରି କ୍ଷମତା ଦିଆଯିବ ନାହିଁ ମାତ୍ର ବେଞ୍ଚ ମାଜିଷ୍ଟ୍ରେଟଙ୍କପରି ତିନ ଚାରିଜଣ ଏକତ୍ରରେ ପାଞ୍ଚାଏତ ବସି ସାମାନ୍ୟ ମୋକଦମାମାନଙ୍କର ବିଗ୍ଭର କରିବେ ତାହା ହେଲେ ଜଜ୍ଜ ହାକିମମାନଙ୍କର ବିସ୍ତର ସାହାଯ୍ୟ ହେବ ଏବଂ ଲୋକମାନେ ମଧ୍ୟ ଶାସନ କାର୍ଯ୍ୟରେ ଦୀକ୍ଷିତ ହେବେ ।

---

## ରାଜସ୍ୱ କ୍ଷମା ଦେବାର ବିଧି ।

ଦୁର୍ଭିକ୍ଷ କମିଶ୍ନରମାନେ ପ୍ରସ୍ତାବ କରି ଅଛନ୍ତି କି ଅତ୍ୟନ୍ତ ପରିମାଣରେ ଫସଲ ନଷ୍ଟ ହେବା ସମୟରେ କୌଣସି ଲୋକକୁ ଋଣଦ୍ୱାରା ରାଜସ୍ୱ ଆଦାୟ କାରଣ ବାଧ୍ୟ କରିବା ଉଚିତ ନୁହଇ । ଏମନ୍ତ ଦୁଃସମୟରେ ପ୍ରଥମେ ଖଜଣା ଉସୁଲ ସ୍ଥଗିତ କରିବା ଏବଂ କଠିନ ଓ ଦୀର୍ଘକାଳ ସ୍ଥାୟୀ କ୍ଷତି ହେଲେ ପରିଶେଷରେ ଖଜଣା ମାଫ କରିବାର ଆବଶ୍ୟକ । ଗବର୍ଣ୍ଣମେଣ୍ଟ ଇଣ୍ଡିଆ କମିଶ୍ନରଙ୍କ ଏହି ଅନୁରୋଧ ପ୍ରତି ଦୃଷ୍ଟି କରି ଗଜେଟରେ ଏକ ନିର୍ଦ୍ଧାରଣ ପ୍ରକାଶ କରି ଅଛନ୍ତି । ତହିଁ ରେ ଲେଖା ଅଛି କି କମିଶ୍ନରମାନଙ୍କ ନିର୍ଦ୍ଧାରିତ ନିୟମକୁ ଗବର୍ଣ୍ଣମେଣ୍ଟ ମନୋନୀତ କରୁଥିଲେହେଁ ଭାରତବର୍ଷର କେତେକ ଅଂଶରେ କୃଷିର ଅନିଶ୍ଚୟତା ହେତୁରୁ ଯାହା නିତାନ୍ତ ଆବଶ୍ୟକ ତହିଁରୁ ଅଧିକ ପରିମାଣରେ ସ୍ଥିର ଜମାର ନିୟମରୁ ବାହାର ଯିବାକୁ ଇଚ୍ଛା କରନ୍ତି ନାହିଁ । ଗବର୍ଣ୍ଣମେଣ୍ଟଙ୍କର ବିଶ୍ୱାସ ଏହି କି ସହଜ ପରିମାଣର ସ୍ଥିର ଜମା ଯଥା ସମୟରେ ଆଦାୟ ହେଲେ ପରିଣାମରେ ପ୍ରଦାୟିତା କରଇ ଏବଂ ଏହା ଲୋକଙ୍କ ସୁଖସମୃଦ୍ଧିର ଉତ୍କୃଷ୍ଟ ଉପାୟ ଅଟଇ । କିନ୍ତୁ ପକ୍ଷାନ୍ତରେ ରାଜସ୍ୱ ଶାସନ କଳପରି ଏକରୂପ କଠିନଭାବରେ ଚଳିବା ବାଞ୍ଛନୀୟ ନୁହେ । ଅତଏବ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ବିବେଚନା କରନ୍ତି କି ରାଜସ୍ୱ ଆଦାୟ ସ୍ଥଗିତ ରଖିବା ଉଚିତ ପ୍ରତୀକାର ହେଉଅଛି ଏବଂ ଏହାକୁ ନିୟମ ସ୍ୱରୂପ ଧାରିବାକୁ ହେବ । କେବଳ ଯେଉଁ ସ୍ଥଳରେ ଦେଖା ଯିବ କି ଖଜଣା ଉସୁଲ ସ୍ଥଗିତ କରିବା ସୁବିଧା ପ୍ରଚୁର ନୁହଇ ଏବଂ ଅତି କୋହଳ କିସ୍ତିବନ୍ଦିରେ ଖଜଣା ଆଦାୟ କରିବାକୁ ହେଲେ ସୁଦ୍ଧା କୃଷିକାର୍ଯ୍ୟର ଚିରସ୍ଥାୟୀ ବ୍ୟାଘାତ ହେବାର ସମ୍ଭବ ସେ ସ୍ଥଳରେ ରାଜସ୍ୱ କ୍ଷମା ଦିଆଯିବ । ଏହି ନିୟମକୁ କାର୍ଯ୍ୟରେ ପରିଣତ କରିବା ସକାଶେ ଜମି ସମସ୍ତଙ୍କୁ ଭିନ୍ନ ଯଥା ନିରାପଦ ଜମି, ଆପଦପୂର୍ଣ୍ଣ ଜମି ଏବଂ ଅସ୍ଥିର ଜମି ଇତ୍ୟାଦି ଶ୍ରେଣୀରେ ବିଭାଗ କରିବାକୁ ହେବ । ଏ କାର୍ଯ୍ୟ ଦୀର୍ଘକାଳ ସାପେକ୍ଷ ମାତ୍ର ପ୍ରତିବର୍ଷ ଏଥିରେ ଲାଗି ଥିଲେ କିଛି କାଳରେ ଶେଷ ହୋଇ ଯିବ ଏବଂ ଯେଉଁ ଶ୍ରେଣୀର ଜମି ପ୍ରତି ଯେ ପରିମାଣ ଖଜଣା ଉସୁଲ ସ୍ଥଗିତ କରିବା ଆବଶ୍ୟକ ତହିଁର ନିରିଖ ବନ୍ଧା ହେବ । ଗବର୍ଣ୍ଣମେଣ୍ଟ ଗୋଟିଏ ନିରିଖ ବନ୍ଧା ଏଥି ସଙ୍ଗେ ପ୍ରଗ୍ଭର କରି ତାହା ଜାରି କରିବାରେ କିଛି କଷ୍ଟ ହୋଇ ପାରେ କି ନାହିଁ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କୁ ପଗ୍ଭରି ଅଛନ୍ତି ଖଜଣା ସ୍ଥଗିତ କଲା ଉତ୍ତାରୁ ପରିଶେଷରେ ତାହା କ୍ଷମା ଦିଆଯିବ କି ନାହିଁ ପଶ୍ଚାତ୍ ଆଗାମୀ ଫସଲର ଅବସ୍ଥା ଉପରେ ଏଥିରେ ମୀମାଂସା ନିର୍ଭର କରଇ । କୌଣସି ଏକ ବିଭାଗର ମୋଟ ମାଫି ଟଙ୍କା ରାଜସ୍ୱର ଶତକଡ଼ା ଟ ୧୦ ଟଙ୍କା ହେଲେ ମାଫ ଦେବା ପୂର୍ବରୁ ଗବର୍ଣ୍ଣମେଣ୍ଟ ଅନୁମତି ନେବା ପ୍ରୟୋଜନ ।

ରାଜସ୍ୱ କ୍ଷମା ଦେବାର ବିଗ୍ଭର ସମ୍ପର୍କରେ ଗବର୍ଣ୍ଣମେଣ୍ଟ ଯେମନ୍ତ ଜମିଦାରଙ୍କର ତେମନ୍ତ ପ୍ରଜାଙ୍କର ସ୍ୱାର୍ଥ ହୃଦୟଙ୍ଗମ କରୁଅଛନ୍ତି ଏବଂ ସରକାରୀ ରାଜସ୍ୱ ସ୍ଥଗିତ ବା କ୍ଷମା ଅବଶ୍ୟ ପ୍ରଜାଙ୍କର ଖଜଣା ସ୍ଥଗିତ ବା କ୍ଷମାର ଫଳ ସ୍ୱରୂପ ହେବ । ଅର୍ଥାତ୍ ଗବର୍ଣ୍ଣମେଣ୍ଟରୁ ସ୍ଥଗିତ ରହିବା କିମ୍ବା କ୍ଷମା ଦିଆଯିବା ରାଜସ୍ୱ ଯେବେ କୌଣସି ଜମିଦାର ପ୍ରଜାଙ୍କଠାରୁ ଉସୁଲ କରିବାକୁ ଚେଷ୍ଟା କରିବ ଗବର୍ଣ୍ଣମେଣ୍ଟ ତାହାଠାରୁ ସମସ୍ତ ରାଜସ୍ୱ ତତ୍କ୍ଷଣାତ୍ ଉସୁଲ କରିବେ । ଏହି ବିଧି ଅନୁସାରେ କାର୍ଯ୍ୟ କରିବା କାରଣ ଜିଲ୍ଲା ଦଫତରଙ୍କୁ ଫସଲର ଭାବୀ ଅବସ୍ଥା ଯଥା ସମୟରେ ଜାଣିବା ନିତାନ୍ତ ପ୍ରୟୋଜନ ଏବଂ ଏଥିର ବନ୍ଦୋବସ୍ତ କରି ଦିଆଯିବ । ବାକି ପଡ଼ିବା ରାଜସ୍ୱ ଉପରେ ସୁଧ ନେବା ଗବର୍ଣ୍ଣମେଣ୍ଟ ଉଚିତ ବିବେଚନା କରନ୍ତି ଏବଂ ସେହି ସୁଧର ପରିମାଣ ବାର୍ଷିକ ଶତକଡ଼ା ଟ ୬ । ଲେଖାଏ ହେଲେ ସରକାର ସମସ୍ତ କ୍ଷତିରୁ ରକ୍ଷା ପାଇବେ । ଏହି ସମସ୍ତ ନିୟମରେ କୌଣସି ପରିବର୍ତ୍ତନ ଆବଶ୍ୟକ ଅଟଇ କି ନାହିଁ ସ୍ଥାନୀୟ ଗବର୍ଣ୍ଣମେଣ୍ଟମାନେ ଜଣାଇଲେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ସନ୍ତୁଷ୍ଟ ହେବେ ।

ଉପର ଲିଖିତ ନିୟମମାନଙ୍କରୁ ଜଣାଯାଏ ଯେ କେବଳ ଯେ ସମସ୍ତ ଜମିଦାରୀରେ ଯୋଗ ବା ମରୁଡି ହେତୁ ବିସ୍ତର କ୍ଷତି ହୁଅଇ ସେହିଠାରେ ଦୁଃସମୟରେ ରାଜସ୍ୱ ସ୍ଥଗିତ ରହିବ ଏବଂ ଉପର୍ଯ୍ୟୁପରି ଦୁଇ ଏକ ଫସଲ ନଷ୍ଟ ହେଲେ ରାଜସ୍ୱ କ୍ଷମା ଦିଆ ଯିବ । ଏହି ନିୟମ ମନ୍ଦ ନୁହଇ ମାତ୍ର ଜମିଦାରୀ ସବୁକୁ ସେପରି ଶ୍ରେଣୀବଦ୍ଧ କରିବା ବଡ଼ ସହଜ ବ୍ୟାପାର ନୁହଇ । ଯେବେ ଏ କାର୍ଯ୍ୟର ଭାରପ୍ରାପ୍ତ ହାକିମମାନେ ଗବର୍ଣ୍ଣମେଣ୍ଟଙ୍କ ମହତ୍ ଉଦ୍ଦେଶ୍ୟ ପ୍ରତି ଯଥାର୍ଥ ଦୃଷ୍ଟି ରଖି କାର୍ଯ୍ୟ କରିବେ ତେବେ ମଙ୍ଗଳ ନୋହିଲେ ବଡ଼ ବିରବିରର କଥା । ମୂଳକଥା ଏହି କି ଖଜଣା ବନ୍ଦୋବସ୍ତ କୋହଳ ହେଲେ ଜମିଦାର ଓ ପ୍ରଜା ଉଭୟଙ୍କର ମଙ୍ଗଳ ଏବଂ ଗବର୍ଣ୍ଣମେଣ୍ଟଙ୍କୁ ରାଜସ୍ୱ କ୍ଷମା ଦେବାକୁ ଅଧିକ ଆବଶ୍ୟକ ହେବ ନାହିଁ । ଓଡ଼ିଶାରେ ୯ ଅଙ୍କପରି ଭୟାନକ ଦୁର୍ଭିକ୍ଷ କଦାଚ ଘଟଇ ଏବଂ ସେ କାଳର ବ୍ୟବସ୍ଥା ସ୍ୱତନ୍ତ୍ର ମାତ୍ର ଅନ୍ୟାନ୍ୟ ପ୍ରଦେଶରେ ଅଳ୍ପ ପରିମାଣ ଫସଲର କ୍ଷତିରେ ଯେ ପ୍ରଜା ଓ ଜମିଦାରମାନେ ମୁଣ୍ଡ ଟେକି ପାରନ୍ତି ନାହିଁ ତହିଁର ଏକମାତ୍ର କାରଣ କ-

Digitized by srujanika@gmail.com

Split by PDF Splitter



ନୋବସ୍ତର ଦୋଷ ଅଟଇ। ସଦତ ଜମାରେ ଚିରସ୍ଥାୟୀ ଅଥବା ଦୀର୍ଘକାଳ ସ୍ଥାୟୀ ବନ୍ଦୋବସ୍ତ ହେଲେ ରାଜସ୍ୱ କ୍ଷମା ଦେବାର ପ୍ରାୟ ଆବଶ୍ୟକ ହେବ ନାହିଁ ଏବଂ କୌଣସି ସମୟରେ ଖଜଣା ସ୍ଥଗିତ ରହିଲେ ସୁଧ ସହିତ ତାହା ଅଳ୍ପକାଳରେ ଆଦାୟ କରି ପାରିବେ। ବଙ୍ଗଳାର ଚିରସ୍ଥାୟୀ ବନ୍ଦୋବସ୍ତ ଏଥିର ପ୍ରତ୍ୟକ୍ଷ ପ୍ରମାଣ ଅଟଇ।

---

## ଖାସମହାଲର କାର୍ଯ୍ୟ ବିବରଣ।

ଗତବର୍ଷ ରାଜସ୍ୱ ବିଭାଗର କାର୍ଯ୍ୟ ଫଳାଫଳ ରେବନ୍ୟୁ ବୋର୍ଡଙ୍କ ଜ୍ଞାପନୀ ଉପରେ ମାନ୍ୟବର ଲେଫ୍‌ଟେନେଣ୍ଟ ଗବର୍ଣ୍ଣରଙ୍କ ନିର୍ଦ୍ଧାରଣ କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି। ତହିଁ ଲିଖିତ ଅନ୍ୟାନ୍ୟ ବିଷୟ ମଧ୍ୟରେ ଖାସମହାଲର କାର୍ଯ୍ୟ ସମ୍ପର୍କରେ କେତେ କଥା ଲେଖାଅଛି ତାହା ପାଠକରି ଆମ୍ଭେମାନେ ବଡ଼ ଆନନ୍ଦିତ ହୋଇଅଛୁଁ। ରେବନ୍ୟୁ ବୋର୍ଡ ଖାସମହାଲର କାର୍ଯ୍ୟକୁ ବଡ଼ ପ୍ରଶଂସା କରି ଆପଣା ଜ୍ଞାପନୀରେ ଏହିପ୍ରକାର ଲେଖିଅଛନ୍ତି ଯେ ଖାସମହାଲ ବ୍ୟବସ୍ଥା ସମ୍ପର୍କରେ ଗବର୍ଣ୍ଣମେଣ୍ଟ ଅତ୍ୟନ୍ତ ନ୍ୟାୟ ବିଚାର ସହିତ କାର୍ଯ୍ୟ କରନ୍ତି। ଯଦ୍ୟପି ଖଜଣା ଉସୁଲ କାର୍ଯ୍ୟ ଭଲ ହୋଇ ନାହିଁ ଏବଂ ଅନେକ ଟଙ୍କା ବାକି ପଡ଼ିଅଛି ଏବଂ ଖଜଣା ବୃଦ୍ଧି ପ୍ରତି କଠିନ ଆପତ୍ତି ହୋଇଅଛି ମାତ୍ର ଏଥିରୁ ଗବର୍ଣ୍ଣମେଣ୍ଟ ଯେଉଁ ନିୟମରେ କାର୍ଯ୍ୟ କରନ୍ତି ତହିଁର ଅସାରତା ଅଥବା ଯେଉଁମାନେ କାର୍ଯ୍ୟ ଚଳାଉଅଛନ୍ତି ତାହାଙ୍କର ଅଯୋଗ୍ୟତା ପ୍ରକାଶ ହୋଇ ନ ପାରେ। କେବଳ ଖଜଣା ଆଦାୟ କରିବା ଗବର୍ଣ୍ଣମେଣ୍ଟଙ୍କର ଏକମାତ୍ର ଉଦ୍ଦେଶ୍ୟ ହୋଇଥିଲେ ବୋଧ ହୁଅଇ ଇଜାରା ଲଗାଇଦେଲେ ଅଳ୍ପ ପରିଶ୍ରମ ଏବଂ ଯଥା ସମୟରେ ପୂର୍ଣ୍ଣ ଜମା ଆଦାୟ ହୋଇ ପାରନ୍ତା। ମାତ୍ର ଭୂମିର ବନ୍ଦୋବସ୍ତରେ ଗବର୍ଣ୍ଣମେଣ୍ଟ ଯେମନ୍ତ ଖଜଣା ବସାଇବା ସେମନ୍ତ ସମସ୍ତ ଶ୍ରେଣୀର ପ୍ରଜାଙ୍କ ସ୍ୱତ୍ୱ ନିର୍ଣ୍ଣୟ ଓ ରକ୍ଷା କରିବା ପ୍ରଧାନ କର୍ମ ବୋଲି ଜ୍ଞାନ କରନ୍ତି। ସରକାରୀ ପ୍ରଜାମାନେ ଖଜଣା ଦେଇ ପାରିଲେ ଆପଣା ସ୍ୱତ୍ୱ ନିଶ୍ଚୟରୂପେ ଭୋଗ କରନ୍ତି ଏବଂ ଜମିଦାରୀ ପ୍ରଜାଙ୍କପରି ସେମାନଙ୍କୁ ଅନ୍ୟାୟ ଉପସ୍ୱ ଦେବାକୁ ପଡ଼ଇ ନାହିଁ। ଅତଏବ ବୋର୍ଡଙ୍କ ବିବେଚନାରେ ଖାସମହାଲର ନିୟମ ଉତ୍ତମ ଅଟଇ କେବଳ ଯୋଗ୍ୟ ଅଧସ୍ତ କର୍ମଚାରୀଙ୍କ ଅଭାବରୁ ଉସୁଲ କାର୍ଯ୍ୟ ଭଲ ହେଉନାହିଁ। ମାନ୍ୟବର ଲେଫ୍‌ଟନାଣ୍ଟ ଗବର୍ଣ୍ଣର ରେବନ୍ୟୁ ବୋର୍ଡଙ୍କ ଏହି କଥାରେ ଉତ୍ତର ଦେଇଅଛନ୍ତି କି ବୋର୍ଡ ଯେଉଁ ନିୟମମାନଙ୍କର ବ୍ୟାଖ୍ୟା କରିଅଛନ୍ତି ଅବଶ୍ୟ ତହିଁରେ ସେ ଐକ୍ୟ ଅଟନ୍ତି ମାତ୍ର କାର୍ଯ୍ୟତଃ ତାହା ଦେଖାଯାଉ ନାହିଁ। ଅନେକ ସ୍ଥଳରେ ଖଜଣା ରୀତିମତ ଆଦାୟ ହୁଅଇ ନାହିଁ ଜମା ବୃଦ୍ଧି ପ୍ରତି ଶକ୍ତ ଆପତ୍ତି ହେଉଅଛି ଏବଂ ଦୀର୍ଘକାଳ ବ୍ୟାପୀ ମୋକଦ୍ଦମାଦ୍ୱାରା ଗବର୍ଣ୍ଣମେଣ୍ଟ ଏବଂ ପ୍ରଜାଙ୍କ ସମ୍ବନ୍ଧ ଶତ୍ରୁଭାବ ଧାରଣ କରୁଅଛି। ଏପ୍ରକାର ଅସନ୍ତୋଷ ଜନକ ଫଳ ଦେଖି ଗବର୍ଣ୍ଣମେଣ୍ଟ ଖାସମହାଲ କାର୍ଯ୍ୟ ଉତ୍ତମରୂପେ ନିର୍ବାହ କରୁଅଛନ୍ତି ବୋଲି ସ୍ଥିର କରିବା ସହଜ ନୁହଇ। ଲେଫ୍‌ଟନାଣ୍ଟ ଗବର୍ଣ୍ଣର ଏମନ୍ତ କହୁ ନାହାନ୍ତି ଯେ ରାଜସ୍ୱ ବିଭାଗର କର୍ମଚାରୀମାନେ ଏକା ଏଥି ସକାଶେ ଦାୟୀ ଅଟନ୍ତି। ତାହାଙ୍କ ବିବେଚନାରେ ଉଭୟ ଆଇନର ଦୋଷ ଏବଂ ଶାସନକର୍ତ୍ତାଙ୍କ ଦୋଷରୁ ଏପରି ଫଳ ଘଟଣା ହୋଇଅଛି। ଫଳତଃ କାରଣ ଯାହାହେଉ ଏଥିରୁ ସ୍ପଷ୍ଟ ପ୍ରକାଶ ହେଉଅଛି ଯେ ଗବର୍ଣ୍ଣମେଣ୍ଟ ଏବଂ ପ୍ରଜାଙ୍କ ମଧ୍ୟରେ କିଛି ଓଟ୍ଟଗଓଟ୍ଟର ପଡ଼ିଅଛି ଏବଂ ରେବନ୍ୟୁ ବୋର୍ଡଙ୍କର କର୍ତ୍ତବ୍ୟ ଯେ ଏ ବିଷୟ ପ୍ରତି ଶୀଘ୍ର ମନୋଯୋଗୀ ହୋଇ ବିହିତ ପ୍ରତୀକାର ଅବଲମ୍ବନ କରିବେ। କେବଳ ଜମା ଓ ୱାସିଲ ବାକି କାର୍ଯ୍ୟ ଦେଖାଇବା ଖାସମହାଲ ସମ୍ବନ୍ଧରେ ଯଥେଷ୍ଟ ନୁହଇ। ପ୍ରତ୍ୟେକ ଜିଲ୍ଲାରେ ଦେଶୀୟ ଅଥବା ଇଉରୋପୀୟ ମାନେଜରଙ୍କଦ୍ୱାରା ଖାସମହାଲର କାର୍ଯ୍ୟ କିପରି ଚଳୁଅଛି କି ପରିମାଣରେ କୃଷି ବିସ୍ତାର ଏବଂ ନୂତନ ଫସଲର ଚାଷ ପ୍ରବେଶ ହୋଇଅଛି କୃଷିର ଉନ୍ନତି ସକାଶେ କି ନୂତନ ପ୍ରଣାଳୀ ଏବଂ ଯନ୍ତ୍ରାଦିର ଅନୁଷ୍ଠାନ ହୋଇଅଛି ଏ ସମସ୍ତ ବିଶେଷକରି ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବାର ଆବଶ୍ୟକ।

ଛୋଟ ଲାଟ ସାହେବଙ୍କର ଉପରଲିଖିତ କଥାମାନଙ୍କରୁ ବିଲକ୍ଷଣରୂପେ ଜଣାଯାଉଅଛି ଯେ ସେ ଖାସମହାଲର କାର୍ଯ୍ୟପ୍ରଣାଳୀରେ ଅତ୍ୟନ୍ତ ଅସନ୍ତୁଷ୍ଟ ହୋଇଅଛନ୍ତି "ଏବଂ" ବୋର୍ଡ ରେବନ୍ୟୁକୁ ସେ ଯେଉଁ ଉପଦେଶ ଦେଇଅଛନ୍ତି ତାହା ଅତ୍ୟନ୍ତ ପ୍ରଶଂସନୀୟ ଅଟଇ। ରାଜସ୍ୱ ବିଭାଗର ହାକିମମାନେ କେବଳ ଜମା ବୃଦ୍ଧି ଦେଖାଇ ଅନ୍ୟାନ୍ୟ ଛୋଟ ଲାଟମାନଙ୍କୁ ବାହାଦୁରି ଦେଖାଉଥିଲେ। ବର୍ତ୍ତମାନ ଛୋଟ ଲାଟ ସାହେବଙ୍କୁ ସେ ଭୁଲାଇକରି ଭୁଲାଇ ପାରିବେ ନାହିଁ। ଏ ମହାତ୍ମା ପ୍ରକୃତରେ ପ୍ରଜାବନ୍ଧୁ ଅଟନ୍ତି ଯେ ସ୍ଥଳେ ସେ ଜ୍ଞାପନୀ ପାଠଦ୍ୱାରା ଦେଖୁଅଛନ୍ତି କି ମେଦିନୀପୁର ଓ ଖୋରଧା ଖାସମହାଲରେ ବହୁତ ଖଜଣା ବାକି ପଡ଼ିଅଛି ଓ ପ୍ରଜାମାନେ ନାନା ଓଜର କରୁଅଛନ୍ତି ସେ ସ୍ଥଳେ ସେ କେମନ୍ତ କରି ଖାସମହାଲର କାର୍ଯ୍ୟକୁ ଭଲ ବୋଲିବେ। ବାସ୍ତବରେ ସେ ଖୋରଧାବାସୀଙ୍କ ଦରଖାସ୍ତ ଦେଖି ବ୍ୟସ୍ତ ହୋଇଅଛନ୍ତି ଏବଂ ଏହି ନିର୍ଦ୍ଧାରଣର ଏକ ସ୍ଥାନରେ କହିଅଛନ୍ତି କି ଉକ୍ତ ଦରଖାସ୍ତ ତାହାଙ୍କର ବିବେଚନାଧୀନରେ ଅଛି ଶୀଘ୍ର ଏ ବିଷୟରେ ବୋର୍ଡକୁ ପତ୍ର ଲେଖିବେ। ସତେକ ଖୋରଧା ପ୍ରଜାଙ୍କର ଭାଗ୍ୟ ଉଦୟ ହେବ ଏବଂ ସେମାନେ କଠୋର କରଭାରରୁ ମୁକ୍ତି ପାଇବେ। ଆମ୍ଭେମାନେ ଏହି ଖୋରଧା ଏବଂ କଟକ ଖାସମହାଲ ବନ୍ଦୋବସ୍ତ କରିବାରେ ଅନେକ କଥା କହି ଏତେଦିନେ ଛୋଟ ଲାଟ ସାହେବଙ୍କଠାରୁ ଏପ୍ରକାର ସହାନୁଭୂତି ପାଇବାରୁ ସମଧିକ ଉତ୍ସାହିତ ହୋଇ ତାହାଙ୍କୁ ଶତ ଧନ୍ୟବାଦ ଦେଉଅଛୁଁ ଏବଂ ବିନୀତଭାବରେ ପ୍ରାର୍ଥନା କରୁଅଛୁଁ କି ଏଥି ସଙ୍ଗେ ଥରେ କଟକ ଖାସମହାଲର ଅବସ୍ଥା ପ୍ରତି ତାହାଙ୍କର ଦୃଷ୍ଟି ପଡ଼ୁ। କଟକ ଖାସମହାଲର ପ୍ରଜାଙ୍କର କର୍ତ୍ତବ୍ୟ ଯେ ଏହି ସୁଯୋଗରେ ଆପଣା ଦୁଃଖ ଛୋଟ ଲାଟ ସାହେବଙ୍କ ସମକ୍ଷରେ ଉପସ୍ଥିତ କରନ୍ତୁ କାରଣ ଏପରି ପ୍ରଜା ବତ୍ସଳ ଶାସନ କର୍ତ୍ତାଙ୍କଠାରେ ସେମାନଙ୍କ ଉଚିତ ପ୍ରାର୍ଥନା କଦାପି ବିଫଳ ହେବ ନାହିଁ।

---

☞ ଏହି ଉତ୍କଳଦୀପିକା ପତ୍ର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା।

Digitized by srujanika@gmail.com

ଉତ୍କଳଦୀପିକା ତା ୧୮ ରିଖ ମାହେ ନବମ୍ବର ସନ ୧୮୮୨ ମସିହା ।

ବର୍ତ୍ତମାନ ଆକାଶରେ ଯେଉଁ ଧୂମକେତୁ ଉଦୟ ହେଉଅଛି ଏବଂ ଯାହା ଦୁଇମାସ ପୂର୍ବେ ବଡ଼ ଉଜ୍ଜ୍ୱଳ ଥିଲା ବର୍ତ୍ତମାନ ପୃଥିବୀରୁ ବହୁତ ଦୂରକୁ ବାହାରି ଯିବାରୁ ବସ୍ତୁର ମଳିନ ପଡ଼ି ଗଲାଣି ଏବଂ ସମ୍ଭବତଃ ଅଳ୍ପଦିନରେ ଅଦୃଶ୍ୟ ହେବ ତାହାକୁ ଅନେକ ଦେଶୀୟ ବସ୍ତୁର ଲୋକ ଅମଙ୍ଗଳର ସଙ୍କେତ ବୋଲି କଳ୍ପନା କରି ଭୀତ ଚିନ୍ତିତ ହେଉଅଛନ୍ତି ମାତ୍ର ପୁରୁଷୋତ୍ତମର ଜଣେ ପଣ୍ଡିତ ଶ୍ରୀ ଦୟାଧର ଦାସ ବୋଲନ୍ତି ଯେ ଏହି କେତୁର ନାମ ବରୁଣକେତୁ ଏହା ବର୍ଷାକାଳରେ ଉଦୟ ହୁଅଇ ଏବଂ ଏ ଅଶୁଭର ନ ଆଇ ଶୁଭର ପୂର୍ବଲକ୍ଷଣ ଅଟଇ କାରଣ ଯେଉଁ ବର୍ଷ ଏହା ଉଦୟ ହୁଅଇ ସେ ବର୍ଷ ବସ୍ତୁର ବୃଷ୍ଟି ନଦୀବଢ଼ି ଓ ଶସ୍ୟ ଉତ୍ପନ୍ନ ଓ ଶସ୍ତାକାଳ ହୁଅଇ । ଫଳତଃ ଏ ଲକ୍ଷଣମାନ ଏ ବର୍ଷ ଘଟିଅଛି । ସୁତରାଂ କୌଣସି ଭୟର କାରଣ ନାହିଁ । ପାଠମାନଙ୍କ ଜାଣିବା କାରଣ ପଣ୍ଡିତ ମହାଶୟଙ୍କ ବ୍ୟବସ୍ଥା ନିମ୍ନେ ପ୍ରକାଶିତ ହେଲା । ଏଥିରେ ଆଉ କାହାର କିଛି ବୋଲିବାର ଥିଲେ ସାଦର ପୂର୍ବକ ପ୍ରସ୍ତୁତ କରିବୁଁ ।

"ଶାନ୍ତି ଶାରଦାନ୍ତର୍ଗତ କେତ୍ୱଦ୍ଭବାବର୍ତ୍ତେ ପ୍ରମାଣଂ ।

ଯଥା—ଭୃଗୁବଚନଂ ।

କୁବେର ବାୟୁ ବରୁଣ ମୂର୍ଦ୍ଧାଗ୍ନି ଯମସ୍ୱକଦାଃ
କସନ୍ତାଦଶ୍ଚ ଜାୟନ୍ତେ ଷଡ୍‌ବର୍ଷାଃ ଶତ୍ରୁ କେତବଃ ।

ବର୍ତ୍ତମାନ୍ ଉଦିତ କେତୁ ଭାଦ୍ରମାସରେ ପ୍ରଥମେ ଉଦୟ ହୋଇଥିବା ହେତୁ ବରୁଣ କେତୁ ଅଟଇ । ତାହାର ଲକ୍ଷଣ ଉକ୍ତ ଗ୍ରନ୍ଥରେ ।

ଶ୍ରାବଣ ପ୍ରୌଷ୍ଠପଦଯୋ ବାରୁଣାଂସ୍ତୁ ଦର୍ଶନେତ୍ ।
ତେଷାଂ ଚୈବ ତ ବର୍ମିଣି ଲକ୍ଷଣେ ଶୃଣୁ ସାଦୃଣୈଃ ॥
ଅବାହସ୍ୟନ୍ତି ମେଘୋଘାନ୍ ବୃଷ୍ଟିଂ କୁର୍ଯ୍ୟାଦ୍ବୃହଦ୍‌ଗ୍ରଂ ।
ନଦ୍ୟସ୍ତ ସଦତୋ ଯାନ୍ତି ଜଳବେଗ ସମାହତାଃ ॥
ଧାନ୍ୟଂ ସମର୍ଘତାଂ ଯାତି ଇତଯୋ ନ ଭବନ୍ତିହ ।
ଇତଯେ ବାରୁଣାନାନ୍ତୁ ଏତତ୍କେତ ଲକ୍ଷଣଂ ॥

ପୁନଶ୍ଚ କୌଣସିମାନେ ଏ ଅଶୁଭସୂଚକ କେତୁ ବୋଲି ଆଶଙ୍କା କରନ୍ତି କିନ୍ତୁ ଏ ତାହା ନୁହେ । ବସିଷ୍ଠ ସଂହିତାୟାଂ ପ୍ରମାଣଂ ଯଥା—

ହ୍ରସ୍ୱତନୁଃ ପ୍ରସନ୍ନଃ ସ୍ନିଗ୍ଧ ଋଜୁରୁଚଲଃ ସଂସ୍ଥିତଃ ଶୁକ୍ଳଃ ।
ଉଦିତୋ ବାପ୍ୟଦିଷ୍ଟଃ ସୁଭିକ୍ଷ ସୌଖ୍ୟାବହା କେତୁଃ ॥

ଏ ଧୂମକେତୁ ନୁହେ । ଧୂମକେତୁ ଲକ୍ଷଣଂ ।

ଧୂକଧ୍ୱଜୋ ଧୂମଶିଖୋ ଧୂମାର୍ଚ୍ଚିର୍ମଣ୍ଡଳକଃ ।
ଏବଂ ତାବନ୍ମୁକେତୋ ର୍ଲକ୍ଷଣଂ ସମୁଦାହୃତଂ ॥"

---

# ସାପ୍ତାହିକ ସଂବାଦ ।

ଆଜ ଅଭଲସ୍ୱାମୀତମ ଅଛଠାରୁ ପାଞ୍ଚଦିନ ମୋହରମ ପର୍ବ ଆରମ୍ଭ ହେଲ ଗତବର୍ଷ ପଲଟନସ୍ୱାମୀନେ ଯେମନ୍ତ ସୁସଜ୍ଜିତ ମଜଲିସ ରଚନା କରିଥିଲେ ଏ ବର୍ଷ ମଧ୍ୟ ସେହିପରି କରି ନଗରବାସୀ ଭଦ୍ରଲୋକଙ୍କୁ ଆମନ୍ତ୍ରଣ କରିଅଛନ୍ତି । ପଲଟନସ୍ୱାଙ୍କର ଏ ବିଷୟରେ ବଡ଼ ଉତ୍ସାହ ଦେଖାଯାଏ ।

ଗତ ଶନିବାର ଏଠା ପଲଟନ ବଜାରରେ ଦିନ ଦୁଇପ୍ରହର ସମୟରେ ଅକସ୍ମାତ ଏକ ବଣିକ ପକ୍କା କୋଠା ଦୋକାନ କ ଚହଟରେ ଅଗ୍ନ୍ୟାଗ୍ନି ଦ୍ରବ୍ୟ ସହିତ ବାରୁଦ ବିକ୍ରୟ ହେଉଥିଲ ଏକ ଭୟଙ୍କର ଶବ୍ଦ ସହିତ ଧୂଆଁରେ ବୁଡିଗଲା ଏବଂ କ୍ଷଣ ମାନଙ୍କେ ସମୁଦାୟ ଛାତ କଡ଼ି ସହିତ ଲେଉଟିଯାଇ ସଡ଼କ ରାସ୍ତାରେ ଛନ୍ନଭିନ୍ନ ହୋଇ ପଡ଼ିଲ ଏକପାଖର କାନ୍ଥ ମଧ୍ୟ ଭାଙ୍ଗି ଯାଇଅଛି । କୋଠା ଦେହରେ ପୋଡ଼ାଦାଗ କିଛିମାତ୍ର ଦିଶୁ ନାହିଁ ଏବଂ କପଡ଼ା ବାରୁଦରେ ଅଗ୍ନି ଲାଗି ଏମନ୍ତ କାଣ୍ଡ ଘଟିଲା କିଛି ସ୍ଥିର ହେଉନାହିଁ । ଦୋକାନରେ ସେ ସମୟରେ ଗୋଟିଏ ପିଲା ଥିଲା ତାହାର ସର୍ବାଙ୍ଗ ପୋଡ଼ିଯାଇଥିଲ । ଘଟଣା ଅନନ୍ତର ସେ ମରିଗଲ । ଆଉ ଦୁଇଜଣ ଅଳ୍ପ ଆଘାତ ପାଇଥିଲେ । ଦୋକାନରେ ଥିବା ପ୍ରାୟ ୫୦୦ ଟଙ୍କାର ଦ୍ରବ୍ୟ ନୋକସାନ ହୋଇଅଛି ଅଥଚ ଏ ଦୋକାନରେ ଥିବା ଏକ ପିପା ଡାଙ୍ଗରି ବାରୁଦ ଘଟଣା ଉତ୍ତାରୁ ମିଳିପଡ଼ି ପାଇଲା । ଅନୁମାନ ହୁଅଇ ଫଟକା ତିଆରି ନିମନ୍ତେ ଅଲଗା ଯେଉଁ ବାରୁଦ ଥିଲ ତହିଁରେ ଅଗ୍ନି ଲାଗି ଦୁର୍ଘଟଣାଟି ଘଟିଅଛି ।

ଏଥର ବିଶ୍ୱବିଦ୍ୟାଳୟର ପରୀକ୍ଷା ଦେବା କାରଣ ଏଠା କଲେଜରୁ ନ ୧୨ ଣ ଏବଂ ବାଲେଶ୍ୱର ସ୍କୁଲରୁ ନ ୧୦ ଣ ଛାତ୍ର ପ୍ରାର୍ଥୀ ହୋଇଅଛନ୍ତି । ବାଲେଶ୍ୱରର ସଂଖ୍ୟା କ୍ରମଶଃ ବୃଦ୍ଧି ହେବା ବଡ଼ ସୁଖର ବିଷୟ ଅଟଇ ।

ଆମ୍ଭେମାନେ ଗତ ସପ୍ତାହରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଯେଉଁ ପିଙ୍ଗଣ ଚୋରି ଯିବା ବିଷୟ ଲେଖିଥିଲୁଁ ଏଥିରୁ ଉକ୍ତ ଚୋର ବର୍ତ୍ତମାନ ଧରା ପଡ଼ିଅଛି । ତଳଚ୍ଛ ସମ୍ପ୍ରତି ମହାପାତ୍ର ନାମରେ ଜଣେ ମହାପ୍ରଭୁଙ୍କ ପ୍ରଧାନ ସେବକ ଉକ୍ତ ପିଙ୍ଗଣକୁ ସେଦିନ ରାତ୍ରରେ ଚୋରି ନେଇ ତାହାର ଗୁଣ୍ଡିକ ଭାଗରୁ ଆପଣା ଗୃହରେ ରଙ୍ଗ କରିଥାଇଁ ଦୋକାନକୁ ବିକ୍ରି କରିବାକୁ ଆଣିଥିବାରୁ ବଜାରରେ ଧରା ପଡ଼ିଲ । ମକଦମା ବିଚାରାଧୀନରେ ଅଛି । ପୁ, ପତ୍ରିକା ।

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କ କେନ୍ଦ୍ରାପଡ଼ାର ଜମିଦାର ଶ୍ରୀଯୁକ୍ତ ଜଗନ୍ନାଥ ଭ୍ରମରବର ରାୟଙ୍କ ଶ୍ରୀ କୋଦଣ୍ଡ ଜଉଙ୍କ ମଣ୍ଡଳରେ ପର୍ବ୍ବମଳୁ ପ୍ରାୟ ପଞ୍ଚଶତ ବୈଷ୍ଣବ ଗଭୁର୍ମିଷ୍ୟ ବ୍ରତପାଳନ କରିଆସନ୍ତି ରାଧାଷ୍ଟମୀ ଓ ଜନ୍ମାଷ୍ଟମୀ ସମୟରେ ତାଙ୍କର ବହୁତଭଣ୍ଡାର ଟଙ୍କା ଖର୍ଚ୍ଚ ହୁଏ; ବୈଷ୍ଣବମାନେ କହନ୍ତି ଭାରତବର୍ଷରେ କୌଣସି ସ୍ଥାନରେ ଏପରି ଅପୂର୍ବ ସତ୍‌କାର ନାହିଁ ମଧ୍ୟ ଶ୍ରୀ କୋଦଣ୍ଡ ଜଉଙ୍କର ଯେଉଁ କୁଞ୍ଜ ଓ କାଠ ମଣ୍ଡପ ପ୍ରସ୍ତୁତ କରିଅଛନ୍ତି ତାହା ଶ୍ରୀ ବୃନ୍ଦାବନ ଧାମର ଅନୁରୂପ ଅଟେ; ମାତ୍ର ଆମ୍ଭେ ଦୁଃଖିତ ହେଲୁଁ ତାଙ୍କର ଗୋଟିଏ ସ୍ୱତନ୍ତ୍ର ପୁସ୍ତକାଳୟ ନାହିଁ ।

କେନ୍ଦ୍ରାପଡ଼ାର ଅତି ଅଳ୍ପ ଦୂରରେ ବବକତପୁର ନାମକ ସ୍ଥାନରେ ମହାକବି କାଳିଦାସଙ୍କର ପ୍ରତିମୂର୍ତ୍ତି ସହିତ ଗୋଟିଏ ମନ୍ଦିର ଅଛି; ଏହାର ସବିଶେଷ ବୃତ୍ତାନ୍ତ ଅଟେ ପଶ୍ଚାତ୍ ଜଣାଇବୁଁ ।

---

ଏକ ସମ୍ବାଦପତ୍ରରେ ଲେଖାଅଛି ଯେ ଜଣେ ପାଗଳ ଆପଣାକୁ ମୃତାବସ୍ଥାରେ ଥିବାର ମନେକରି ଆପଣା କୋଠରୀରେ ଲୁଚି ହୋଇ ପଡ଼ି ରହିଲା ଏବଂ କିଛିହିଁ ଖାଇଲା ନାହିଁ । ତାହାର ଏହିକଥା ହୃଦୟଙ୍ଗମ ହୋଇଥିଲା ଯେ ମଲା ମଣିଷ ଖାଏ ନାହିଁ । ଏରୂପ ଅବସ୍ଥାରେ ରହିବାରୁ ସମସ୍ତଙ୍କ ମନରେ ତାହାର ପ୍ରାଣ ସଂଶୟ ଉପସ୍ଥିତ ହେଲା । ଜଣେ ଦୟାଳୁ ଡାକ୍ତର ଚତୁର କରି ମୃତଶରୀରକୁ ଯେପରି ଢଙ୍ଗରେ ଲୁଗା ପିନ୍ଧାଇ ଦିଆଯାଏ ତିନିଜଣ ଲୋକ ମୁଖରେ ଖଡ଼ି ବୋଳି ଦେଇ ସେହିପରି ଲୁଗା ପିନ୍ଧାଇ ସେ ପାଗଳର ଘର ନିକଟବର୍ତ୍ତୀ ଏକ ଘରେ ବସାଇ ଖାଇବାକୁ ଦେଲେ । ସେମାନଙ୍କୁ ଠିକ ମୃତଲୋକ ପ୍ରାୟ ଦେଖା ଯାଉଥିଲା । ସେ ଘରର ଦ୍ୱାର ଖୋଲା ଥିଲା ଯେ ସେମାନେ ଏପରି ଆନନ୍ଦରେ ଭୋଜନ କରିବାର ପାଗଳ ଦେଖି ଆପଣା ପରିଚାରକକୁ ପଚାରିଲା 'ଏମାନେ କିଏ ?' ପରିଚାରକ ଉତ୍ତର ଦେଲା 'ମୃତ ମନୁଷ୍ୟ' । ପାଗଳ କହିଲା 'କଣ ? ମଲା ଲୋକେ ଭୋଜନ କରନ୍ତି !' ପରିଚାରକ କହିଲା 'ଆଉ କଣ, ଦେଖନା !' ତହୁଁ ପାଗଳ କହିଲା 'ତେବେ ଆଉ କଣ, ମୋର ଭୋକରେ ପ୍ରାଣ ଯାଉଛି, ମୁଁ ବି ଯାଇଁ ତାଙ୍କ ସଙ୍ଗେ ଖାଇବି ।'—ଏହା କହି ସୁନ୍ଦର ସେହି ଦିନଠାରୁ ଖାଇବାର ଆରମ୍ଭ କଲା ।—ପାଗଳଙ୍କ କୌଶଳ ଔଷଧ ।

ମାନ୍ଦ୍ରାଜର ଧୋବା କାରଖାନାର କାର୍ଯ୍ୟାରମ୍ଭ ହୋଇଅଛି । ଗୁଡ଼ିକଣ ଇଉରୋପୀୟ ଓ ଛଅଜଣ ଫିରଙ୍ଗି ସ୍ତ୍ରୀଲୋକ ଏବଂ ଗୁଡ଼ିକଣ ଫିରଙ୍ଗି ପୁରୁଷ କାରଖାନାରେ ନିଯୁକ୍ତ କରା ହୋଇଅଛି । ଦଶଜଣ ଦେଶୀୟ ଧୋବା ଏବଂ ଆଠଜଣ ଲୋକ ଲୁଗା ଇସ୍ତ୍ରି କରିବାପାଇଁ ନିଯୁକ୍ତ ହୋଇଅଛନ୍ତି । ଏହା ବ୍ୟତୀତ ଦୁଇଜଣ ମେଟ୍ରନ୍, ଜଣେ କିରାଣି ନିଯୁକ୍ତ କରା ହୋଇଅଛି, ଆଉ ଜଣେ ମାନେଜର ଅଛନ୍ତି । କିସ୍ତାଦ ବେଶ ଭଲହୋଇ କରା ହୁଏ ଏବଂ ପ୍ରତିସପ୍ତାହରେ ଖରିଦଦାରଙ୍କ ଘରଠାକୁ ପଠାଯାଏ । କୌଣସି ଗୋଳମାଳ ନାହିଁ । କାରଖାନାର କାର୍ଯ୍ୟ ବେଶ ସୁଛନ୍ଦରେ ଚଳୁଅଛି । ଏହିପରି ଗୋଟିଏ ଧୋବାର କାରଖାନା ବାଙ୍ଗାଲୋରରେ ମଧ୍ୟ ଅଛି । ଅସ୍ମାନଙ୍କର କଲିକତାରେ କ ଗୋଟାଏ ହେବ ନାହିଁ ? କଲିମାନ ଏମନ୍ତ କ କେହି ନାହାନ୍ତି ଯେ ଏପରି ଗୋଟିଏ କାରଖାନା କରି ଲୋକଙ୍କ ଧୋବାର କ୍ଲେଶ ଦୂର କରିବେ ଏବଂ ନିଜେ ମଧ୍ୟ ଲାଭବାନ୍ ହେବେ ? ପ୍ର.

ଫିନ୍‌ଲଣ୍ଡ ନାମକ ସ୍ଥାନରେ ଗୋଟିଏ ନୂତନ ଧର୍ମସମ୍ପ୍ରଦାୟ ହୋଇଅଛି, ସ୍ତ୍ରୀଲୋକମାନଙ୍କ ପୁରୁଷମାନଙ୍କ ଉପରେ ସମ୍ପୂର୍ଣ୍ଣ ଆଧିପତ୍ୟ କରିବାକୁ ଦେବା ଏହାର ପ୍ରଧାନ ଲକ୍ଷଣ । ଏହି ସମ୍ପ୍ରଦାୟସ୍ଥ ଲୋକମାନଙ୍କୁ ଶପଥ ପୂର୍ବକ ଏପରି ପ୍ରତିଜ୍ଞା କରିବାକୁ ହୁଏ ଯେ ସେମାନେ ସେମାନଙ୍କ ପତ୍ନୀର ସମ୍ପୂର୍ଣ୍ଣ ଅଧୀନ ହୋଇ ରହିବେ ଏବଂ ସପ୍ତାହ ମଧ୍ୟରେ ଏକଦିନ ତାହାଙ୍କ ନିକଟରେ ପାପ ସ୍ୱୀକାର କରିବେ । ପୁରୁଷମାନେ ଦୋଷୀ ହେଲେ ସ୍ତ୍ରୀଲୋକମାନେ ସେମାନଙ୍କୁ ଶାସ୍ତି ଦେବେ ।

ମିଶରଦେଶରୁ ଯେ ସମସ୍ତ ଦେଶୀୟ ସେନା ଫେରି ଆସିଅଛନ୍ତି ସେମାନଙ୍କୁ ଅଭ୍ୟର୍ଥନା କରିବା ନିମିତ୍ତ ବମ୍ବାଇରେ ସେଦିନ ଅତ୍ୟନ୍ତ ଧୂମଧାମ ହୋଇ ଯାଇଅଛି । ଆତସବାଜି, ଆଲୋକ ଓ ପତାକାମାନଙ୍କରେ ସହରକୁ ଏମନ୍ତ ସଜାଇବା ହୋଇଥିଲା ଯେ, ପ୍ରିନ୍ସ ଅବ୍ ଓ୍ୱେଲ୍‌ସଙ୍କର ଏ ଦେଶକୁ ଶୁଭାଗମନ ଉତ୍ତାରୁ ସେପରି କେହି କେବେ ଦେଖି ନାହିଁ । ବୋଧ ହୁଏ ବମ୍ବାଇର ଲୋକମାନେ ବଙ୍ଗାଳୀମାନଙ୍କ ଅପେକ୍ଷା ଅତ୍ୟନ୍ତ ଯୁଦ୍ଧପ୍ରିୟ ଏହିସେନ ଏପରି ହୋଇଥିଲା ।

Digitized by srujanika@gmail.com

Split by PDF Splitter

ଆକାଶରେ ମେଘ ମଧ୍ୟ କମ୍ପାନ ହୋଇଥିଲା ପୁଣି—ଜୀବନ ଧରିଥିବା ଲୋକେ ଈଶ୍ୱରଙ୍କ ବଡ଼ନ୍ତ ସର୍ଜନା ଗୋଟିଏ ଦେଖିଥିବେ ଶୁଣିଥିବେ—ଇତି ।

ବଶମ୍ବଦ

ଛାଙ୍କରଖଳକମ୍ବର } ଶ୍ରୀ ନାରାୟଣ ବଡ଼ଜେନା
ସାମନ୍ତ ମନ୍ତ୍ରୀସାର ହେ-
୧୮୮୨ ମସିହା } ଡ଼ଂ ଦର୍ଓ୍ୟାନ ।

## ସ୍ତ୍ରୀ ଶିକ୍ଷା ।

ମହାଶୟ !

ସ୍ତ୍ରୀ ଶିକ୍ଷା ଉପରେ ସମାଜର ଉନ୍ନତି ଓ ଅବନତିର ସମ୍ପୂର୍ଣ୍ଣ ନିର୍ଭର କରେ । ସ୍ତ୍ରୀଶିକ୍ଷାଦ୍ୱାରା ସନ୍ତାନସନ୍ତତିଙ୍କ ଚରିତ୍ର ଗଠିତ ହୁଏ, ବାଳକ ବାଳିକାଗଣ ସମାଜରେ ପ୍ରବିଷ୍ଟ ହୋଇ ଯେ ସମସ୍ତ କାର୍ଯ୍ୟ କରନ୍ତି ସେ ସମସ୍ତର ମୂଳତତ୍ତ୍ୱ ସେମାନେ ବାଲ୍ୟକାଳରେ ଆପଣା ମାତାଠାରୁ ଶିକ୍ଷା ପାଇଥାନ୍ତି । ଯେ ପରିମାଣେ ସେମାନେ ଶୈଶବାବସ୍ଥାରେ ସୁଶିକ୍ଷିତ ବା କୁଶିକ୍ଷିତ ସେହି ପରିମାଣେ ସେମାନେ କାର୍ଯ୍ୟକ୍ଷେତ୍ରରେ ପ୍ରବେଶ ହୋଇ ଉନ୍ନତ ବା ଅବନତ ହୁଅନ୍ତି ।

ଶିଶୁର ହୃଦୟକୁ ପ୍ରକୃତରୂପେ ଶିକ୍ଷିତ କରିବାର ଭାର ମାତା ହସ୍ତରେ ନ୍ୟସ୍ତ ଅଛି । ପିତା ଆପଣାର ଉପଦେଶ ଓ ଦୃଷ୍ଟାନ୍ତଦ୍ୱାରା ସନ୍ତାନର ବୁଦ୍ଧିବୃତ୍ତିକୁ ଉତ୍ତେଜିତ କରି ଚିନ୍ତାଶକ୍ତିକୁ ବୃଦ୍ଧି କରିପାରେ ସତ୍ୟ କିନ୍ତୁ ହୃଦୟକୁ ସମ୍ପୂର୍ଣ୍ଣରୂପେ ସୁନ୍ଦର ଓ ବିକଶିତ କରି କେବଳ ଏକ ମାତା ଭିନ୍ନ ଅନ୍ୟ କେହି ନ ପାରେ ସୁତରାଂ ମାତା କେବଳ ମନୁଷ୍ୟ ଚରିତ୍ରର ସର୍ବ ପ୍ରଧାନ ଉତ୍ପତ୍ତିଭୂମି ।

ଅସ୍ମମାନଙ୍କ ସମାଜପ୍ରତି ଦୃଷ୍ଟିପାତ କଲେ ଏ ବିଷୟରେ ଏହାବେଳେ କି ନୈରାଶ୍ୟ ହେବାକୁ ହୁଏ, ଅସ୍ମଦେଶୀୟ ମହିଳାଗଣ ଘୋର ଅଜ୍ଞାନତା ଓ କୁସଂସ୍କାରପନ୍ନ ଏମାନଙ୍କଠାରେ ସ୍ତ୍ରୀ-ଜାତିର ପ୍ରକୃତ ସୌନ୍ଦର୍ଯ୍ୟ ନ ଦେଖି କୌଣସି ସଭ୍ୟ ଜାତିର ସ୍ତ୍ରୀ ଲୋକମାନଙ୍କଠାରେ ଦୃଷ୍ଟ ହୁଏ ନାହିଁ ସୁତରାଂ ଯେ ପର୍ଯ୍ୟନ୍ତ ଏମାନଙ୍କର ଅବସ୍ଥା ପରିବର୍ତ୍ତନ ହୋଇ ନାହିଁ ସେପର୍ଯ୍ୟନ୍ତ ସମାଜର ଉନ୍ନତିର ଆଶା କରାଯାଇ ନ ପାରେ ।

ବାଲ୍ୟକାଳରେ ଅସ୍ମେମାନେ ଯାହା କିଛି ଶିକ୍ଷା କରୁଁ ସେ ସମସ୍ତ କୁଶିକ୍ଷା; ମାତାମାନଙ୍କର ସଙ୍କୀର୍ଣ୍ଣ ମତ ଓ ଆଚରଣରେ ଅସ୍ମମାନଙ୍କର ହୃଦୟ ସଙ୍କୀର୍ଣ୍ଣ ହୋଇ ପଡ଼େ, ମାନସିକ ଶିକ୍ଷା ବାଲ୍ୟକାଳରେ ଅସ୍ମମାନଙ୍କର ଅର୍ଦ୍ଧେ ହୁଏ ନାହିଁ ବୋଇଲେ ଅତ୍ୟୁକ୍ତି ହେବ ନାହିଁ । ମାତାମାନେ ନିଜେ ଯେ ହେତୁ ଅଶିକ୍ଷିତ ସେହେତୁବଲେ ସନ୍ତାନମାନେ କିରୂପେ ସେମାନଙ୍କଠାରୁ ସତ୍ ଶିକ୍ଷା ପାଇ ପାରିବେ । ସୁଶିକ୍ଷା ପରିବର୍ତ୍ତେ ସେମାନେ ଯେ ସମସ୍ତ କୁସଂସ୍କାର ମନ ମଧ୍ୟରେ ପ୍ରବିଷ୍ଟ କରାଇ ଦିଅନ୍ତି ସେଥିରୁ ରକ୍ଷା ପାଇବା କଠିନ ହୋଇ ଉଠେ । ସ୍ୱାର୍ଥପରତା ଅସ୍ମମାନଙ୍କର ଅସ୍ଥି, ମଜ୍ଜା ଓ ରକ୍ତ ସଙ୍ଗେ ସଂଲଗ୍ନ ହୋଇ ଯାଇଥାଏ, ସେହି କ୍ଷୁଦ୍ର ପରିବାର କେବଳ ପୃଥିବୀ ମଧ୍ୟରେ ଅସ୍ମମାନଙ୍କର ସ୍ୱାର୍ଥର ପଦାର୍ଥ ହୁଏ ଅସ୍ମମାନଙ୍କର ପୂର୍ବପୁରୁଷମାନେ ଯେଉଁମାନେ କି ସମସ୍ତ ପୃଥିବୀ ଓ ସମସ୍ତ ଜାତିକୁ ସହାନୁଭୂତ ଦେଇ ପୃଥିବୀର ଅଗ୍ରଗଣ୍ୟ ଜାତି ବୋଲି ଗଣ୍ୟ ହୋଇ ଅଛନ୍ତି ଅସ୍ମେମାନେ ଯେ ସେହି ଶ୍ରେଷ୍ଠବଂଶ ସମ୍ଭୂତ ସେ ସମସ୍ତ କଥା ବିସ୍ମରଣ ହୋଇ ଅସ୍ମମାନଙ୍କର ସହ ନୁଭୂତ ଓ ମମତା ଯେ କେବଳ ଆପଣା ପରିବାର ମଧ୍ୟରେ ଆବଦ୍ଧ ରଖିଅଛୁଁ ଏହା ଅପେକ୍ଷା ଦୁଃଖର ବିଷୟ ଆଉ କଅଣ ହୋଇ ପାରେ ଅତଏବ ଯଦ୍ୟପି ଦେଶକୁ ଉନ୍ନତ ଦେଖିବାର ଅଭିଳାଷ ଥାଏ ସନ୍ତାନଙ୍କୁ ଶିକ୍ଷିତ କରାଇବାର ଅଭିଳାଷ ଥାଏ ତେବେ ସର୍ବପ୍ରଥମେ ଦେଶର ସ୍ତ୍ରୀଲୋକମାନଙ୍କର ଉନ୍ନତି ଓ ଶିକ୍ଷା ନିମନ୍ତେ ଯତ୍ନକରି ନିତାନ୍ତ କର୍ତ୍ତବ୍ୟ । ଅଗ୍ରେ ସ୍ତ୍ରୀ ଲୋକମାନଙ୍କର ଉନ୍ନତି ନ ହେଲେ ଦେଶର ଉନ୍ନତି ସମ୍ପୂର୍ଣ୍ଣ ଅସମ୍ଭବ । ଆଶାକରୁଁ ଶିକ୍ଷିତ ଓଡ଼ିଆ ଯୁବକମାନେ ନିଜ ନିଜ କନ୍ୟା, ଭଗିନୀ, ସ୍ତ୍ରୀ ପ୍ରଭୃତିଙ୍କୁ ଶିକ୍ଷା ଦେବା ନିମନ୍ତେ ସାଧ୍ୟାନୁସାରେ ଯତ୍ନ କରିବେ ।

୧୬।୧୧।୮୨ } ବଶମ୍ବଦ
କଟକ } ଶ୍ରୀ ——

ମହାଶୟ !

ଅସ୍ମମାନଙ୍କର ଭୂତପୂର୍ବ ମାନେଜର ମାନ୍ୟବର ବାବୁ ଶ୍ରୀ ବନମାଳି ସିଂହ ଏକବର୍ଷ ନିମିତ୍ତ ଯାହା ପୀଡ଼ିତ ଛୁଟି ଗ୍ରହଣ କରିଥିଲେ, ଅଦ୍ୟ ତାହା ପୂର୍ଣ୍ଣ ହେବାରୁ, ଏକଟିଂ ମାନେଜର ବାବୁ ଶ୍ରୀ ରାସବିହାରୀ ନାୟକଙ୍କଠାରୁ ଆପଣା ଭାରର ଚାର୍ଯ ଗ୍ରହଣ କଲେ, ଆଜ ଆସ୍ମ ଢେଙ୍କାନାଳ ପ୍ରଜାମାନଙ୍କର ବଡ଼ ସୁଖ ଓ ଆନନ୍ଦର ଦିନ ଅଟେ । ଏଥିନିମିତ୍ତ ଅସ୍ମେମାନେ ଈଶ୍ୱରଙ୍କୁ ଧନ୍ୟବାଦ ଦେଉଅଛୁଁ । ଯଥାର୍ଥରେ ଏବଂ ମୁକ୍ତକଣ୍ଠରେ କହିବାକୁ ଗଲେ; ବନମାଳୀ ବାବୁଙ୍କ ପ୍ରାୟ ହାକିମ ପାଇବା ବଡ଼ ସହଜ ବ୍ୟାପାର ନୁହେ । ଏପରି ହାକିମ ପାଇବାକୁ ଢେଙ୍କାନାଳ ପ୍ରଜାମାନେ ପୂର୍ବଜନ୍ମରେ ଅବଶ୍ୟ ତପସ୍ୟା କରିଥିଲେ ବୋଲି କହିବାକୁ ହେବ । ଏ ମହାତ୍ମାଙ୍କ ଯୋଗେ ଏ କଛାର ମହତ୍ତ୍ୱ ଓ ମର୍ଯ୍ୟାଦା ଯଥେଷ୍ଟରୂପେ ରକ୍ଷା ପାଇଅଛି । ଏହା ଅବଶ୍ୟ କୃତଜ୍ଞତାର ସହିତ ସ୍ୱୀକାର କରିବାକୁ ହେବ ।

ଏଥିସଙ୍ଗେ ଆସ୍ମର ରାସବିହାରୀ ବାବୁଙ୍କ ବିଷୟରେ କିଛି କହିବାକୁ ଅଛି । ଏ ମହାଶୟ ପରିଶ୍ରମୀ, କାର୍ଯ୍ୟଦକ୍ଷ, ଓ ନିଷ୍ପକ୍ଷପାତୀ ଅଟନ୍ତି । ଏ ମହାଶୟ ଆପଣା ଅଧିକୃତ ସମୟ ମଧ୍ୟରେ ଯାହା କିଛି କାର୍ଯ୍ୟ ନିର୍ବାହ କରିଅଛନ୍ତି, ତାହା ଅବଶ୍ୟ ନ୍ୟାୟାନୁଗତ ଓ ପ୍ରୀତିକର ଅଟେ, କେବଳ ଏତିକି ମାତ୍ର କ୍ଷମା ପ୍ରାର୍ଥନାର ସହିତ କହିପାରୁଁ ଯେ ବାବୁ ମହାଶୟଙ୍କର ଯାହା କିଛି ହୁକୁମ ହାକିମ ତାହା ଅଧିକାଂଶ ଆଇନ ଉପରେ ନିର୍ଭର । ଏଥିକି ଆଇନାନୁଯାୟୀ କାର୍ଯ୍ୟ କରିବା ଓ ଦଣ୍ଡ ଭୋଗ କରିବା ଗଡ଼ଜାତି ଲୋକମାନଙ୍କ ପକ୍ଷରେ ଯେତେଦୂର ସୁବିଧା ତାହା ସମସ୍ତଙ୍କୁ ବିଦିତ ଅଛି । ଏମାନେ ଯେପରି ନିତାନ୍ତ ଅଜ୍ଞ ଓ ନିରୀହ ଏମାନଙ୍କ ଅବସ୍ଥାପ୍ରତି ଦୃଷ୍ଟିରଖି ଚଳିଥିଲେ ପ୍ରଜାଙ୍କର ଏତେଦୂର କଷ୍ଟ ହୋଇ ନ ଥାନ୍ତା, ଆହୁରି ମଧ୍ୟ ବିଶେଷ ପ୍ରଶଂସା ଏବଂ ଧନ୍ୟବାଦର ପାତ୍ର ହୋଇଥାଆନ୍ତେ । ଏଥିମଧ୍ୟରେ ସୁପରିଣ୍ଟେଣ୍ଡେଣ୍ଟ ସାହେବ ମଫସଲ ଢେଙ୍କାନାଳରେ ଆଇନ ଚଳାଇବାକୁ ଗବର୍ଣ୍ଣମେଣ୍ଟକୁ ଆବେଦନ କରି ପଠାଇ ଥିଲେ କିନ୍ତୁ ଆସ୍ମମାନଙ୍କର ମହାମାନ୍ୟ ଗବର୍ଣ୍ଣର ଜେନରଲ ଶ୍ରୀଯୁତ ମାନ୍ୟବର ଲର୍ଡ଼ ରିପନ ବାହାଦୁର ଏ କଛାର ଦୁରବସ୍ଥା ଜାଣିପାରି ଉକ୍ତ ପ୍ରସ୍ତାବଟିକୁ ଅଗ୍ରାହ୍ୟ କରିବାଦ୍ୱାରା ଆସ୍ମ ଦୁଃଖୀ ପ୍ରାଣିଙ୍କର ମାନରକ୍ଷା କଲେ । ଏଥିନିମନ୍ତେ ବାହାଦୁର ମହୋଦୟଙ୍କୁ ଯେ କପର୍ଯ୍ୟନ୍ତ ସରଳ ହୃଦୟରେ ଓ ପବିତ୍ର ମନରେ ଧନ୍ୟବାଦ ଦେଉଅଛୁଁ ତାହା ଏ ସାମାନ୍ୟ ଲିପିଦ୍ୱାରା ପ୍ରକାଶ କରି ନ ପାରୁଁ । ଗଡ଼ଜାତ ଲୋକମାନଙ୍କ ପକ୍ଷରେ ଆଇନ ନିତାନ୍ତ କଷ୍ଟକର, ଏମାନେ ଏତେଦୂର କଷ୍ଟ ସହ୍ୟ କରିବାର କୌଣସି ପ୍ରକାରେ ପାତ୍ର ନୁହନ୍ତି । ଏବର୍ଷ ଏ କଛାର ଅର୍ଥଦଣ୍ଡ ଦେଢ଼ହଜାର ଏବଂ କାଞ୍ଜିହାଉସରୁ ଛଅଶତଟଙ୍କା ଅସୁଲ ହୋଇଅଛି । ଅନ୍ୟାନ୍ୟ ବର୍ଷାପେକ୍ଷା ଏବର୍ଷ ଦ୍ୱୋପଟ୍ଟ ଅସୁଲ ହେବାର ଦେଖା ଯାଏ । କହିବାକୁ ଗଲେ ବାବୁ ମହାଶୟ କୌଣସି ଗଡ଼ଜାତରେ କାର୍ଯ୍ୟ କରି ନ ଥିଲେ ମଧ୍ୟ ଗଡ଼ଜାତର ସ୍ଥିତଗତ ଅବେଦୀ

Digitized by srujanika@gmail.com

Split by PDF Splitter



ଜଣା ନ ଥିଲା, ତଥାପି ବାବୁ ମହାଶୟ ଅନେକ ଜାଗରୂକ ହୋଇ କାର୍ଯ୍ୟ ନିର୍ବାହ କରୁଅଛନ୍ତି। ସ୍କୁଲରେ ବାବୁ ମହାଶୟଙ୍କ କାର୍ଯ୍ୟାବଳୀ ଗୁଡିକ ଅବଶ୍ୟ ପ୍ରୀତିକର ଓ ନ୍ୟାୟଯୁକ୍ତ। ଅଧିକାଂଶରେ ଏ କଷ୍ଟପ୍ରତି ବାବୁଙ୍କର ମମତା ଓ ସହାନୁଭୂତି ଥିବାରୁ ସର୍ବସାଧାରଣଙ୍କର ପ୍ରଶଂସ୍ୟ ଏବଂ ଆଦରଣୀୟ ହୋଇ ସମାଜଦ୍ୱାରା ପ୍ରଶଂସା ପତ୍ର ଲାଭ କରୁଅଛନ୍ତି। ଆଶା କରୁଁ ଢେଙ୍କାନାଳକୁ ଅନ୍ତଃକରଣରୁ ବିସ୍ମରଣ ହେବେ ନାହିଁ। ଇତି।

୧୬—୧୧—୮୬ } ନି। ଆପଣଙ୍କର
ଢେଙ୍କାନାଳ } ଅଧୀନ

☞ ଅସ୍ମାନଙ୍କ ଉବେଚନାରେ ଶୋକଧା ଗଡ଼ଜାତର ବାହାର ସ୍କୁଲ ଏବଂ ଉଲତଶୀଳ ଢେଙ୍କାନାଳର ଏପରି ଅବସ୍ଥା ହୋଇଅଛି ଯେ ଅପରକୁ ଆଦର କରିବାକୁ ଶିକ୍ଷା କରି ପାରେ।—ଉ, ସ, ସମ୍ପାଦକ,

## ଦେବ ମନ୍ଦିରରେ ତ୍ରିଶୂଳ ଓ ଚକ୍ର ପ୍ରୋଥିତ କରିବାର କାରଣ।

(ଗତ ପ୍ରକାଶିତ ଉତ୍ତାରୁ)

ଲଯୁତେଗ୍ରାପୀୟ ଲୌହଶଲାକାପର ତ୍ରିଶୂଳସଂଯୁକ୍ତ ମନ୍ଦିର ମଧ୍ୟ ଗୋଟିଏ ଭୂମି ସଂଲଗ୍ନ-ପରିଚାଳକ ଦଣ୍ଡସ୍ୱରୂପ *। ଏଣୁ ଉଭୟ ମଧ୍ୟରେ ପୃଥିବୀର ତଡ଼ିତ୍ ସମାନ ବେଗରେ ଗମନାଗମନ କରିବାରୁ ତୁଲ୍ୟରୂପ କାର୍ଯ୍ୟ ସାଧନ କରେ।

ଏଠାରେ ଏପ୍ରକାର ପ୍ରଶ୍ନ ମଧ୍ୟ ଉପସ୍ଥିତ ହୋଇ ପାରେ ଯେ, ବଜ୍ରପାତ ନିବାରଣ କରିବା ପାଇଁ ଯେବେ ଶାସ୍ତ୍ରକାରମାନେ, ଧାତୁନିର୍ମିତ ତ୍ରିଶୂଳାଦ ମସ୍ତକରେ ବାନ୍ଧିବା ର ଅଛନ୍ତି, ତେବେ କାଷ୍ଠ ଉପରେ ସେପ୍ରକାର ଚକ୍ର ସ୍ଥାପନ କରିବାର କୌଣସି କଥା ଶାସ୍ତ୍ରରେ ଦୃଷ୍ଟ ନ ହେବାର ହେତୁ କଣ? ଏହି ତର୍କର ଏପ୍ରକାର ନିଷ୍ପତ୍ତି ହୋଇଅଛି। ପୂର୍ବରେ ଶାସ୍ତ୍ରାନୁସାରେ ବାସଗୃହ ତୃଣନିର୍ମିତ ହେଉ ଅବା ଇଷ୍ଟକନିର୍ମିତ ହେଉ, ଦେବ ମନ୍ଦିରଠାରୁ ଅଧିକ ଉଚ୍ଚ କରିବାର ରୀତି ନ ଥିଲା, ସୁତରାଂ ସେହି ସକଳ ଉପରେ ବିଦ୍ୟୁତ୍ପାତର ସମ୍ଭାବନା ଅଛି ପୁଣି ବାସଗୃହାଦିର ଚତୁର୍ଦିଗରେ ଯେ ଉଚ୍ଚ ବୃକ୍ଷାଦି ଥାଏ ସେମାନେ ତଡ଼ିତର ଉତ୍କୃଷ୍ଟ ପରିଚାଳକ ହୋଇ ତଦ୍ୱାରା ନିଶୂଳର କାର୍ଯ୍ୟ ସାଧିତ ହୁଏ। କେବଳ ବଜ୍ରପାତର ଅନିବାର୍ଯ୍ୟ ସମ୍ଭାବନା ଘଟିଲେ ଚତୁର୍ଦିଗସ୍ଥ ବୃକ୍ଷାଦି ମଧ୍ୟରୁ ଯେଉଁ ବୃକ୍ଷ ଗୃହର ତୁଲ୍ୟ ଉଚ୍ଚ ଅବା ତହିଁରୁ ଉଚ୍ଚତର, ତାହା ଉପରେ ପତିତ ହୋଇ ଆପଣା ସ୍ୱାଭାବିକ ସ୍ୱଭାବ ପ୍ରକାଶ କରେ କାରଣ ଗୃହ କାଷ୍ଠାଦି ନିର୍ମିତ ହେଉ ଅବା ଇଷ୍ଟକ ନିର୍ମିତ ହେଉ ତଦପେକ୍ଷା ସକଳଜାତୀୟ ସଜୀବ ବୃକ୍ଷ ଶ୍ରେଷ୍ଠତର ତଡ଼ିତ୍ ପରିଚାଳକ ଅଟେ। ଦେବମନ୍ଦିର ସମ୍ବନ୍ଧରେ ବୃକ୍ଷାଦି ରକ୍ଷକ ହୋଇ ନ ପାରେ, କାରଣ ଶାସ୍ତ୍ରାନୁସାରେ ଗଠନ କରିବାକୁ ହେଲେ ତାହାର ଉଚ୍ଚତା ଏତେ ଅଧିକ ହେବାର ଉଚିତ ଯେ ପ୍ରାୟ କୌଣସି ସମାନ୍ୟ ବୃକ୍ଷ ତହିଁରୁ ଉଚ୍ଚତର ହୋଇ ନ ପାରେ ସୁତରାଂ ଲୌହାଦିଦ୍ୱାରା ତାହା ରକ୍ଷା କରିବା ଆବଶ୍ୟକ ଅଟେ। ଅପରନ୍ତୁ ପୂର୍ବରେ ପ୍ରତି ଗୃହସ୍ଥ ଘରେ ଏକ ଅବା ତଦଧିକ ଦେବମନ୍ଦିର ପ୍ରତିଷ୍ଠିତ ଥିଲା ତତ୍ସମ୍ପ୍ରଦାୟର ଉଚ୍ଚଶିଖର ଦେଶରେ ଯେଉଁ ତ୍ରିଶୂଳାଦି ସ୍ଥାପିତ ହୁଏ ତଦ୍ୱାରା ଗୃହସ୍ଥର ଅପରାପର ଗୃହ ସକଳ ବଜ୍ରାଘାତରୁ ରକ୍ଷିତ ହୁଏ। ଉପରିଲିଖିତ ମୀମାଂସାକୁ ବିଶଦ କରିବା ପାଇଁ ମନ୍ଦିର ଓ ମେଘାଦିର ଚିତ୍ର ଦେବାର ମାନସ ଥିଲେହେଁ ପ୍ରବନ୍ଧ ଅତ୍ୟନ୍ତ ଦୀର୍ଘ ହେବ ବିବେଚନା କରି ତହିଁରୁ କ୍ଷାନ୍ତ ହେଲୁଁ। ମାତ୍ର ୯ ମ ନିୟମର ଚିତ୍ର ଅନନ୍ୟାନ୍ୟ ଚିତ୍ର ପ୍ରତି ମନଃସଂଯୋଗ କଲେ ତ୍ରିଶୂଳାଦିଦ୍ୱାରା ବଜ୍ରପାତ ନିବାରଣର ଉକ୍ତ ମୀମାଂସା ଅତି ସହଜରେ ହୃଦୟଙ୍ଗମ ହେବ। ଇତ୍ୟାଦି।

୨୧।୧୦।୮୬ } ଭଗମ୍ବଦ
ହିନ୍ଦୋଲଗଡ଼ } ଶ୍ରୀ ଗୋବର୍ଦ୍ଧନ ଘୋଷାଲ
ଜଃ କଟକ }

*ମନ୍ଦିରଠାରୁ ଲୌହଦଣ୍ଡ ଶ୍ରେଷ୍ଠତର ପରିଚାଳକ ସତ୍ୟ, ମାତ୍ର କାର୍ଯ୍ୟ ସମୟରେ ଦୁଇ ପଦାର୍ଥ ତୁଲ୍ୟ ଫଳପ୍ରଦ ଅଟେ। କାରଣ ତଡ଼ିତ୍ ସକଳବସ୍ତୁର ଉପରିଭାଗ ଦେଇ ଯିବାର ସୁବିଧା ପାଇଲେ, ଆଉ ଅଭ୍ୟନ୍ତର ଦେଇ ଗମନ କରିବ ନାହିଁ। ଲୌହଦଣ୍ଡ ପ୍ରୋଥିତ ହେଲେହେଁ ଅଲ୍ପଦିନ ମଧ୍ୟରେ ତହିଁର ଦେହ ହିମର ବୃଷ୍ଟି ଓ ରୌଦ୍ରଦ୍ୱାରା ମଳିଆ ହୋଇ ଯାଏ, ଏଣୁ ତହିଁର ପରିଚାଳକତା ଶକ୍ତି ମଧ୍ୟ ଅନେକାଂଶରେ ନ୍ୟୁନ ହୁଏ ମନ୍ଦିରର ଦେହ ନିୟତ ଆର୍ଦ୍ର ଥାଏ ହୋଇ ତାହା ପରିଚାଳକ ହୁଏ। ଏହି ହେତୁରୁ ଲୌହଦଣ୍ଡ ଓ ମନ୍ଦିରକୁ ତୁଲ୍ୟ ପରିଚାଳକ କୁହାଗଲା ଏଠାରେ ଏପ୍ରକାର ପ୍ରଶ୍ନ ମଧ୍ୟ ହୋଇ ପାରେ, ଯେବେ ଲୌହଶଲାକା ଓ ମନ୍ଦିର ତୁଲ୍ୟ ପରିଚାଳକ ହେଲା ତେବେ ତ୍ରିଶୂଳାଦି ସ୍ଥାପନ ନ କରି, ଉଚ୍ଚଚୂଡ଼ା ଗଠନ କଲେ କାର୍ଯ୍ୟ ସିଦ୍ଧି ହୋଇ ପାରେ?

ଏହାର ଉତ୍ତରରେ ଏତିକିମାତ୍ର କହିଲେ ପର୍ଯ୍ୟାପ୍ତ ହେବ ଯେ, ଲୌହାଦି ଧାତୁଦ୍ୱାରା ମନ୍ଦିରର ଶୀର୍ଷ ଯେରୂପ ସୂକ୍ଷ୍ମ କରି ନିର୍ମାଣ କରାଯାଏ ପ୍ରସ୍ତରାଦିଦ୍ୱାରା ସେରୂପ ହେବାର ଅସମ୍ଭବ ବୋଲି ବୋଧ ହୁଏ ଅତଏବ ସର୍ବ ତ୍ରିଶୂଳ ଅବା ଚକ୍ର ସ୍ଥାପିତ ହେବାର ବ୍ୟବସ୍ଥା ପ୍ରଚଳିତ ହୋଇଅଛି।


# ବିଜ୍ଞାପନ।

ଅଦ୍ୟଠାରୁ ଅନ୍ୟୂନ ହଜାରକଷାର ସର୍ବମାନ୍ୟ ନିମ୍ନଲିଖିତ ୧ମ ଭାଗ ୫ ୦ ୧୧ ଏବଂ ୨ୟ ଭାଗ ୫ ୦ ।୮ ଥର ଉଲ୍ଲିଖିତ ସ୍ୱଳ୍ପ ମୂଲ୍ୟ ୫ ୧୯ ଙ୍କା ମୂଲ୍ୟରେ ବିକ୍ରୟ ହେବ।

୧୦।୧୧।୮୬ ଶ୍ରୀ ଜନାର୍ଦ୍ଦନ ଭଣ୍ଡାରୀ
ସର୍ବସାଧାରଣ କର୍ତ୍ତା ଓ
ସଂଶୋଧନକାର।

## ପଞ୍ଚାଙ୍କକରଣ ରସ।

ଏ ବଟିକାଦ୍ୱାରା ବାତଦୋଷ, ଉପଦଂଶ ଅର୍ଥାତ୍ ଗରମୀ ଓ ପରିଣାମଶୂଳ ଆରୋଗ୍ୟ ହୁଅଇ। ମା ୭ ଖାନ୍ଦୁ ୫ ୧୯ ଙ୍କା

## କ୍ଷୁଦ୍ରାଦିକର ବଟିକା।

ଏଥିରେ ସ୍ତ୍ରୀମାନଙ୍କର ପ୍ରଦର ଓ ରକ୍ତମେହ ନଷ୍ଟ ହୁଅଇ। ମା ୭ ଖାନ୍ଦୁ ୫ ୧୯ ଙ୍କା।

## ନୃପତିବଲ୍ଲଭ ବଟିକା।

ଅନୁପାନ ବିଶେଷରେ ସେବନ କଲେ ଅଠ ପ୍ରକାର ଶୂଳ ଭଲ ହୁଅଇ। ୧୫ ମାତ୍ରାକୁ ୫ ୧୯ ଙ୍କା।

## ମୀନକେତନ ବଟିକା।

ଅତି ଉତ୍କୃଷ୍ଟ ଧାତୁବୃଦ୍ଧିକର ପୁଂସ୍ତ୍ୱ ଔଷଧ। ଅନୁପାନ ବିଶେଷରେ ବାୟୁରୋଗ ଶାନ୍ତ ହୁଅଇ। ୫ ମାତ୍ରାକୁ ୫ ୧ ଙ୍କା।

## କନ୍ଦର୍ପଚନ୍ଦ୍ରୋଦୟ ବଟିକା।

ଏ ବଟିକାଦ୍ୱାରା ଧ୍ୱଜଭଙ୍ଗ ଅର୍ଥ ବଶ କର୍ମରୁ ନଷ୍ଟ ପୁଂସ୍ତ୍ୱହୀନ ରୋଗ ଭଲ ହୁଅଇ। ୪ ମାତ୍ରାକୁ ୫ ୧୯ ଙ୍କା।

ଏ ସବୁ ଅନ୍ୟ ନେତ୍ର ପ୍ରଭୃତି ରୋଗର ଉତ୍କୃଷ୍ଟ ଔଷଧମାନ ଆମ୍ଭ ନିକଟରେ ପ୍ରାପ୍ତବ୍ୟ। ଗ୍ରାହକମାନେ ଔଷଧ ଗ୍ରହଣ ସମୟରେ ସେବନ ବ୍ୟବସ୍ଥା ଜାଣି ପାରିବେ।

୧।୭।୮୬ }
ଚାନ୍ଦନିଚୌକ } ଶ୍ରୀ ରାମଚନ୍ଦ୍ର ବେବର୍ତ୍ତ ଆୟୁର୍ବେଦୀ।
କଟକ }

# ଓଡ଼ିଆ ନାଟକ।

# କାଥ୍ଁକା ବେଗଂ

ବା

ପ ଦ୍ମି ନୀ।

☞ କଟକ ପ୍ରିଣ୍ଟିଂ କମ୍ପାନୀ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି। ମୂଲ୍ୟ ୫ ୦ ୳ ଅଠଅଣା ମାତ୍ର। ମଫସଲକୁ ଡାକମାସୁଲ ୫ ୦।୬।

## ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ। କଲିକତାର ପ୍ରଧାନ ପ୍ରଧାନ ଇଉରୋପୀୟ ଓ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଅଇ। କଲିକତା ବୋଟାନିକଲ୍ ଗାର୍ଡେନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଡାକଯୋଗ ଦ୍ୱାରା ମିଳିପାରେ ଯଥା;—

ଡାକମାସୁଲ ସହିତ ୪ଆଉନ୍ସକୁ ୫ଟଙ୍କା। ୮ ଆଉନ୍ସକୁ ୫ ୧୧ ଙ୍କା। ୧୬ ଆଉନ୍ସକୁ ୫ ୨୦ ମୂଲ୍ୟ ନଗଦ।

☞ ମୂଲ୍ୟପତ୍ର ଦେଖ।


Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭା ୧୭ ଶ | ସଂ ୪୬ ଖ୍ୟା

ତା ୨୫ ଦଶ ମାହେ ନବମ୍ବର ସନ ୧୮୮୨ ମସିହା । ମୁ । ମାର୍ଗଶିର ଦ ୧୨ ନ ସନ ୧୨୯୦ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବକେୟା |
|---|---|---|
| ବାର୍ଷିକ | ଟ ୫ ୯ | ଟ ୭ ୯ |
| ଡାକମାସୁଲ | ଟ ୦ ୬ | ଟ ୧ ୯ |

ଅଦ୍ୟକାର ଅଭିଗକ୍ତ ପତ୍ରିକାରେ ଏହି ନଗରର ମିଉନିସିପାଲିଟୀରେ ନିର୍ବାଚନ ପ୍ରଣାଳୀ ଜାରି କରିବା ଉଦ୍ୟମ ସମ୍ବନ୍ଧରେ ଦୁଇଖଣ୍ଡି ବିଜ୍ଞାପନ ପ୍ରକାଶିତ ହେଲା । ଏହିଖଣ୍ଡ ଉକ୍ତ ସଭାରୁ ଗତ ସେପ୍ଟେମ୍ବର ମାସରେ ପ୍ରଚାରିତ ହୋଇଥିଲା । ମିଉନିସିପାଲିଟିର ସହକାରୀ ସଭାପତି ଶ୍ରୀଯୁକ୍ତ ମ.ନିଡ୍ଡି ସାହେବ ଏହାକୁ ମିଉନିସିପାଲ କମିଟୀର ଏକ ସଭାରେ ଆଗତ କରି କହିଥିଲେ କି ଏ ବିଜ୍ଞାପନ ନିର୍ଦ୍ଦୋଷ ଥିଲେହେଁ କେହି୨ ବ୍ୟକ୍ତି ଟାକ୍ସ ମାଫ ହେବାର ମିଥ୍ୟା ଆଶା ଟାକ୍ସଦାତାଙ୍କୁ ଦେଖାଇ ସେମାନଙ୍କର ସ୍ୱାକ୍ଷର ସଂଗ୍ରହ କରୁଅଛନ୍ତି ଅତଏବ ଟାକ୍ସ ମାଫ ନ ହେବାର କଥା ଏହି ବିଜ୍ଞାପନ ପିଠିରେ ଲେଖିଦେଇ ସର୍ବସାଧାରଣଙ୍କୁ ଜଣାଇ ଦେବାର ପ୍ରସ୍ତାବ କଲେ ମାତ୍ର କମିଟୀ ତହିଁରେ ସମ୍ମତ ନ ହୋଇ ସ୍ଥିର କଲେ କି ଜଷ୍ଟାର ମାଜିଷ୍ଟ୍ରେଟ ନିର୍ବାଚନ ପ୍ରଣାଳୀର ମର୍ମ ଲୋକଙ୍କୁ ବୁଝାଇ ଦିଅନ୍ତୁ ଯେ ଆଉ ସେପରି ଭ୍ରମର ଆଶଙ୍କା ରହିବ ନାହିଁ । ତଦନୁସାରେ ଶ୍ରୀଯୁକ୍ତ ପସି ସାହେବଙ୍କ ସ୍ୱାକ୍ଷରିତ ଅନ୍ୟ ବିଜ୍ଞାପନଟି ବାହାର ଅଛି । ଏଥିର ରଚୟିତା ସ୍ୱୟଂ ମାଜିଷ୍ଟ୍ରେଟ ତଥା ପ୍ରସ୍ତାବକାରୀ ମ.ନିଡ୍ଡି ସାହେବ ଏହା ଜାଣିବାକୁ ବଡ଼ ଇଚ୍ଛା ରହିଲା । ଫଳତଃ ଲେଖକ ଯେ ହେଉନ୍ତୁ ଲେଖାର ଭାବ ଆମ୍ଭମାନଙ୍କ ବିବେଚନାରେ ଟାକ୍ସଦାତାଙ୍କ ନିର୍ବାଚନ ପ୍ରଣାଳୀର ପ୍ରାର୍ଥନାରୁ ବିରତ ହେବା ଭିନ୍ନ ଆଉ କିଛି ଦେଖା ଯାଉ ନାହିଁ । ନିର୍ବାଚନ ପ୍ରଣାଳୀରେ ଟାକ୍ସଦାତାଙ୍କର ଉପକାର ଅଛି କି ନାହିଁ ତହିଁର ଉଲ୍ଲେଖ ବିଜ୍ଞାପନରେ କିଛି ନାହିଁ ଅଥଚ ଟାକ୍ସ ବୃଦ୍ଧିର କଥା ବିଶେଷରୂପେ ଲେଖା ଯାଇଅଛି । ଆମ୍ଭେମାନେ ଭରସା କରୁଁ ସର୍ବସାଧାରଣ ଏହି ବିଜ୍ଞାପନର ପ୍ରକୃତ ମର୍ମ ବୁଝିବାକୁ ସମର୍ଥ ହେବେ ।

---

ମୁସଲମାନଙ୍କର ମୋହରମ ପର୍ବ ଗତ ବୁଧବାର ଶେଷ ହେଲା । ଏ ନଗରରେ ଏ ପର୍ବର ଧୂମଧାମ ଅଧିକ ହିନ୍ଦୁ ମୁସଲମାନ ସମସ୍ତେ ମିଶି ଏ ପର୍ବରେ ମାତନ୍ତି କିନ୍ତୁ ପୂର୍ବପରି ଏହାର ପ୍ରଭା ନାହିଁ ବର୍ଷକୁବର୍ଷ ଏଥିର ଆଡମ୍ବର ଊଣା ପଡୁଅଛି । ଏଥିର କାରଣ ଏହିପରି ଆମ୍ଭେମାନେ ଅନୁମାନ କରୁଁ କି ନଗରର ତାଜିଆମାନଙ୍କର ଏକା ଭିକ୍ଷା ଉପରେ ନିର୍ଭର ପୂର୍ବଠାରୁ ବର୍ତ୍ତମାନକୁ ଲୋକେ ଅଧିକ ପଇସା ଦେଖିଲେହେଁ ସାଂସାରିକ ବ୍ୟୟ ଏମନ୍ତ ବୃଦ୍ଧି ହୋଇଅଛି ଯେ ସାଧାରଣ ଆମୋଦ କାର୍ଯ୍ୟରେ ବେଦା ହେବାକୁ ବସ୍ତିର ଲୋକର ସାହସ ହେଉ ନାହିଁ ସୁତରାଂ ଅର୍ଥାଭାବରୁ କି ତାଜିଆ କି ଆଖଡ଼ା କାହିଁର କାର୍ଯ୍ୟ ସଫଳରୂପେ ଚାଲୁ ନାହିଁ ଉଦ୍ୟମକାରୀମାନେ ଅତି କଷ୍ଟରେ କେବଳ କୌଳିକ କାର୍ଯ୍ୟ ରକ୍ଷା କରିବା ଦାୟରେ ପଡି ଅଛନ୍ତି ଟୋଣାଟୋଣିରୂପେ ସକାଳ କାର୍ଯ୍ୟ ସନ୍ଧ୍ୟାସମୟରେ କୌଣସି ପ୍ରକାରେ ନିର୍ବାହ କରୁଅଛନ୍ତି । ଅଭିଲୟା ଓ ଦୁଇପହରୟାମାତମ ଦିନମାନଙ୍କରେ ଆଖଡ଼ାମାନ ପ୍ରାୟ ଅଦୃଶ୍ୟ ଥିଲେ ଏବଂ କତଲରାତ୍ରର କେବଳ ପ୍ରଭାତରେ ଦୁଇଘଣ୍ଟା ଯାତ୍ରାପରି ଜଣା ଯାଇଥିଲା । ଅଲବିଦା ଦିନ ସନ୍ଧ୍ୟାସମୟରେ ତାଜିଆମାନ ବାହାରିଲା ଓ ରାତ୍ର ପ ୯ ଘଣ୍ଟା ସମୟରେ ସମସ୍ତ ଶେଷ ହେଲା । ଏହି ଦୁଇଦିନ ଏକପ୍ରକାର ଭଲ ହୋଇଥିଲା ଏବଂ ପୁଲିସ କର୍ମଚାରୀମାନେ ଶାନ୍ତିରକ୍ଷାଠାରୁ ଶାନ୍ତିଭଙ୍ଗରେ ଅଧିକ ବ୍ୟୁତ୍ପତ୍ତି ଦେଖାଇ ଥିଲେ । ଏକପଲ କନଷ୍ଟବଲ ବେଢି ଯାଇ ଦୁଇଜଣ ଆଖଡ଼ାବାଲାକୁ କୌଣସି ଅପରାଧ ଛଳରେ ଧରି ନିଷ୍ଠୁରରୂପେ ପ୍ରହାର କରୁ୨ ଫାଣ୍ଡିକୁ ନେଇ ଯିବାର ଆମ୍ଭେମାନେ ବସ୍ତିର ଯାତ୍ରିଙ୍କ ସହିତ ଦେଖି ଆଶ୍ଚର୍ଯ୍ୟ ହେଲୁଁ ଓ ପୁଲିସର କ୍ଷମତାକୁ ଧନ୍ୟ୨ କହିଲୁଁ ବକସିବଜାରର ତାଜିଆ ଯଥାସମୟରେ ପାଣିକୁ ନ ଯାଇ ରାତ୍ର ଶେଷ ପର୍ଯ୍ୟନ୍ତ ବଜାରରେ ପଡି ରହିଲା ଏବଂ କଥିତ ହୁଏ ପୁଲିସର ଅନର୍ଥକ ହସ୍ତକ୍ଷେପ ବା କ୍ଷମତା ପ୍ରଦର୍ଶନ ଏଥିର କାରଣ ଅଟଇ । ବାସ୍ତବରେ ଏଠା ପୁଲିସ ଭୟଙ୍କର ଜଞ୍ଜାଳ ହୋଇଅଛି ଓ ଦୁଃଖର ବିଷୟ ଯେ ଉପରସ୍ଥ ହାକିମମାନେ ଏହା ଦେଖି ନାହାନ୍ତି ।

ଏବର୍ଷ ତାଜିଆ ସଂଖ୍ୟା ଊଣା ପଡିଅଛି । ପଲଟନ ଛଡା ନଗର ମଧ୍ୟରେ ଖ ୧୧ ଣ୍ଡ ତାଜିଆ ହୋଇଥିଲା । ସୁଖର ବିଷୟ ଏଥର ଯେ ତାଜି-

Digitized by srujanika@gmail.com

Split by PDF Splitter



ଯ୍ୟମାନ ଶ୍ରେଷ୍ଠ ହୋଇ ଥିଲେହେଁ ଦେଖିବାକୁ ସୁନ୍ଦର ହୋଇଥିଲା ଏବଂ ନୂତନ କାରିଗିରି ତହିଁ ସବୁଥିରେ ଉତ୍ତମ ପ୍ରକାଶ ପାଇ ଥିଲା । ଓଡ଼ିଆବଜାର ଚାଉଳ ସବୁଠାରୁ ଅଧିକ ଶୋଭା ପାଇଥିଲା କାଳିବଜାର ଓ ବକସିବଜାର ଚାଉଳମାନ ମଧ୍ୟ ସୁନ୍ଦର ହୋଇଥିଲା କରମଖାନ ନାନା କାରିଗିରି ଦେଖାଇ ଥିଲେହେଁ ଦର୍ଶକଙ୍କୁ ଲଭିଲେଣି ! ସୁଦ୍ଧା ତାଳଚେରର କାଳିକର୍ମ ଉତ୍ତମ ହୋଇ ଥିଲା । ପଲଟନର ତାଜିଆ ମଜଲିସ ଓ ସ୍ୱାଙ୍ଗ ପ୍ରଭୃତି ଗତବର୍ଷ ପରି ହୋଇଥିଲା କେବଳ ଆତସବାଜିରେ ଊଣା ଥିଲା । ସବୁ ପଇସାର ଖେଳ ଏବଂ ଯେବେ ଉପଯୁକ୍ତ ବ୍ୟୟ ଅଭାବରୁ ନଗରର ଗୋଟିଏ ପ୍ରଧାନ ଉତ୍ସବ ତାଦୃଶ ସୁନ୍ଦରାବସ୍ଥାକୁ ଲଭିଲା ତେବେ ଏହା ଲୋକଙ୍କର ସୌଭାଗ୍ୟ ବା ଦୁର୍ଭାଗ୍ୟର ପରିଚାୟକ ତାହା ପାଠକମାନେ ବିବେଚନା କରନ୍ତୁ ।

—※—

ବଡ଼ ଲାଟସାହେବ ଲାହୋରରେ ଥିବାକାଳୀନ୍ ସେଠା ମିଉନିସିପାଲିଟିରୁ ଗୋଟିଏ ଅଭିନନ୍ଦନପତ୍ର ପ୍ରଦତ୍ତ ହୋଇଥିଲା । ମାନ୍ୟବର ସାହେବମହୋଦୟ ତହିଁ ଉତ୍ତରରେ କହିଲେ "ଆମ୍ଭେ ଯେଉଁ ଅଭିପ୍ରାୟରେ ଭାରତବର୍ଷର ଶାସନକାର୍ଯ୍ୟରେ ବ୍ରତୀ ହେଉଅଛୁଁ ତହିଁର ଯେପରି ବୋଧ ଲାଭ କରିଥିବାର ଅଭିନନ୍ଦନପତ୍ରରୁ ବିଦିତ ହେଲା ଆମ୍ଭର ମନ ତଦ୍ଦ୍ୱାରା ଆକୃଷ୍ଟ ହୋଇଅଛି । ତୁମ୍ଭେମାନେ ଏ ଦେଶୀୟ ଲୋକଙ୍କ ପ୍ରତି ଆମ୍ଭର ଆନ୍ତରିକ ଏବଂ ଆତ୍ୟନ୍ତିକ ସହାନୁଭୂତି ଥିବା ଓ ଏ ଦେଶର କେବଳ ଶାସନକର୍ତ୍ତା ସ୍ୱରୂପ ନ ହୋଇ ବନ୍ଧୁଭାବରେ ମଧ୍ୟ କାର୍ଯ୍ୟ କରୁଥିବାର ଯାହା ଉଲ୍ଲେଖ କରିଅଛ ତାହା ଯଥାର୍ଥ ଅଟେ । ଯେଉଁ ଉକ୍ତିମାନ ତୁମ୍ଭେମାନେ ପ୍ରକାଶ କରିଅଛ ସେହି କଥା ଓ ସେହି ଭାବ ଆମ୍ଭେ ଭାରତବର୍ଷ ପରିତ୍ୟାଗ କରିବା କାଳରେ ଲୋକମାନଙ୍କ ମନରେ ଜାଗରୂକ ଥିଲେ ଆମ୍ଭର ତାବତୀୟ କାର୍ଯ୍ୟ ନିମିତ୍ତ ଆମ୍ଭେ ଯଥେଷ୍ଟ ପୁରସ୍କୃତ ହୋଇ ଥିବାର ଜ୍ଞାନ କରିବୁଁ କାରଣ ତାହା ହେଲେ ଆମ୍ଭେ ଆମ୍ଭର ଗୋଟିଏ ପ୍ରଧାନ ଉଦ୍ଦେଶ୍ୟ ସଫଳ ହୋଇ ଥିବାର ଜ୍ଞାନ କରିବୁଁ । ସେହି ପ୍ରଧାନ ଉଦ୍ଦେଶ୍ୟ ଏହି ଭାରତୀୟ ଲୋକ ଓ ଇଂରାଜଶାସନକୁ ଅଧିକତର ଏକତ୍ରିତ ବନ୍ଧନ କରିବା ।" ଏହିରୂପ ଆରମ୍ଭକରି ସେ ଗୋଟିଏ ସ୍ପଷ୍ଟ ଏବଂ ମହତ ବକ୍ତୃତା ପ୍ରଦାନ କଲେ ଆତ୍ମଶାସନ ସମ୍ବନ୍ଧରେ କହିଲେ ଯେ ଲୋକରେ ରାଜନୈତିକ ଏବଂ ସାଧାରଣ ଶିକ୍ଷାର ବିସ୍ତାର ଏବଂ ଉନ୍ନତି କରଣାର୍ଥ ଆତ୍ମଶାସନ ପ୍ରଣାଳୀ ପ୍ରଚଳିତ କରିବା ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ପ୍ରଧାନ ଉଦ୍ଦେଶ୍ୟ ଅଟେ ଏଥିରେ ଶିକ୍ଷିତ ଲୋକମାନେ ଆପଣା ସ୍ଥାନୀୟ କେତେକ କାର୍ଯ୍ୟ ନିର୍ବାହର ଭାର ଗ୍ରହଣ କରିବାକୁ ପ୍ରବୃତ୍ତ ହେବେ ଏବଂ ପ୍ରବୃତ୍ତ ହେବାକାରଣ ଶିକ୍ଷା ଲାଭ କରିବେ । ସେ କହିଲେ ଯେ କେବଳ ଗୋଟାଏ ବିଧି ପ୍ରବଳ କରିବାକାରଣ ଆତ୍ମଶାସନପ୍ରଣାଳୀର ସୃଷ୍ଟି ହୋଇ ନାହିଁ ମାତ୍ର ଲୋକଙ୍କର ବର୍ତ୍ତମାନ ଅବସ୍ଥାରେ ବାଧ ହୋଇ ଯେପରି ବିଧି ପ୍ରବଳ କରିବାକୁ ହେଲା । ଏଥି ସମ୍ପର୍କରେ ପଞ୍ଜାବର ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ମାନ୍ୟବର ଏଚସନ ସାହେବଙ୍କର ସେ ବହୁତ ପ୍ରଶଂସା କରି କହିଲେ ଯେ ଭାରତବର୍ଷର ସମୁଦାୟ ଅଂଶରେ ଏ ବିଧିମାନ ପ୍ରଚଳିତ କରିବା ଗବର୍ଣ୍ଣମେଣ୍ଟଙ୍କର ଅଭିପ୍ରାୟ ନୁହେ ମାତ୍ର ଯେତେଦୂର ସମ୍ଭବ ପ୍ରତ୍ୟେକ ସ୍ଥାନର ଲୋକମାନଙ୍କର ଆଗ୍ରହ ବ୍ୟବହାର ଦେଖି ଏ ବିଧି ଚଳାଇବା ଉଚିତ ଅଟେ । ଦେଶରେ ଏପରି ସ୍ଥାନମାନ ଅଛି ଯେ ଯହିଁର ଲୋକେ ଅବଧି ଅସଭ୍ୟାବସ୍ଥାରୁ ମୁକ୍ତ ହୋଇ ନାହାନ୍ତି ଯଥା— ସାନ୍ତାଲ, ଭିଲ, କନ୍ଧ । ଏମାନଙ୍କ ନିମନ୍ତେ କୌଣସିପ୍ରକାର ବିଧି ବନ୍ଧନ କରିବା ଅସମ୍ଭବ ହେଉଅଛି । ଏ ବିଧି ଚଳାଇବାରେ ଆହୁରି ମଧ୍ୟ ଲୋକଙ୍କର ଶିକ୍ଷା ଏବଂ ଦୀକ୍ଷାପ୍ରତି ଦୃଷ୍ଟି ଅଛି, ଏଣୁ ପ୍ରକୃତ ଶାସନକାର୍ଯ୍ୟର କୌଣସି ତ୍ରୁଟି ଦେଖିଲେ ମଧ୍ୟ ପ୍ରଥମରେ ସନ୍ତୋଷ ଭାବ ଧାରଣ କରିବା କର୍ତ୍ତବ୍ୟ ହେଉଅଛି । ଶାସନକାର୍ଯ୍ୟ ଚଳାଇବାକାରଣ ଗବର୍ଣ୍ଣମେଣ୍ଟ ଭଲ ବସ୍ତୁର କର ଏକ ପାଣ୍ଠି ପାଉଅଛନ୍ତି, ତହିଁ କି ଦେଶୀୟ ଧନୀ ଏବଂ କ୍ଷମତାପନ୍ନ ଲୋକମାନେ ସେ ପାଣ୍ଠି ଫଳପ୍ରଦ ହେବା ନ ହେବାପ୍ରତି ଦୃଷ୍ଟି ଦେବା କର୍ତ୍ତବ୍ୟ ଅଟେ । ଅନେକେ ମନେ କରିଅଛନ୍ତି ଯେ ବର୍ତ୍ତମାନ ଶାସନକାର୍ଯ୍ୟର କୌଣସି ତ୍ରୁଟି ଦେଖାଯିବାରୁ ଏପ୍ରକାର ଏକ ସ୍ୱତନ୍ତ୍ର ନିୟମର ସୃଷ୍ଟି ହୋଇଅଛି ମାତ୍ର ତାହା ନିତାନ୍ତ ଅଯଥାର୍ଥ ଅଟେ । ବର୍ତ୍ତମାନ ଶାସନପ୍ରଣାଳୀ ଅତ୍ୟନ୍ତ ସନ୍ତୋଷଜନକରୂପେ ଚାଲୁଅଛି ଏବଂ ତାହାକୁ ଆହୁରି ଉନ୍ନତ କରିବା ଗବର୍ଣ୍ଣମେଣ୍ଟଙ୍କର ବାସନା । ମାତ୍ର ଆତ୍ମଶାସନରୂପ ଯେଉଁ ଗଛଟିଏ ନୂତନ ହୋଇ ରୋପିତ ହେଉଅଛି ତାହା ଦୃଢରୂପେ ଲାଗିଲା କି ନାହିଁ ଏହା ଦେଖିବାପାଇଁ ପ୍ରଥମରୁ ସେହି ଗଛକୁ ଓଟସର୍ଟର କଲେ ତାହା କଦାଚ ବଞ୍ଚିବ ନାହିଁ ଇତ୍ୟାଦ । ଏଥିଁ ବଳ ଅତ୍ର ମହାତ୍ମା ରିପନଙ୍କର ଉଦାର ଚରିତ୍ରର ଉତ୍କୃଷ୍ଟ ପରିଚାୟକ ଅତ୍ର ତ ଅଛି ! ତାଙ୍କର ପ୍ରତ୍ୟେକ କଥା ଆମ୍ଭମାନଙ୍କ ମନକୁ କିଣି ନେଇଅଛି ।

---

## ମାଇନର ଓ ବର୍ଣ୍ଣାକ୍ୟୁଲର ଛାତ୍ରବୃତ୍ତି ପରୀକ୍ଷାର ଫଳ ।

ଏହି ପରୀକ୍ଷାମାନଙ୍କରେ ଯେଉଁମାନେ କୃତକାର୍ଯ୍ୟତା ଲାଭ କରିଅଛନ୍ତି ସେମାନଙ୍କ ନାମ ଅତିରିକ୍ତରେ ପ୍ରକାଶିତ ହେଲା । ଉଭୟ ପରୀକ୍ଷାର ଫଳ ଏ ବର୍ଷ ନିତାନ୍ତ ଊଣା ହୋଇଅଛି । ମାଇନରରେ ଜ ୪୧ ଣ ପ୍ରାର୍ଥୀ ମଧ୍ୟରୁ କେବଳ ଜ ୧୭ ଣ ଏବଂ ବର୍ଣ୍ଣାକ୍ୟୁଲରରେ ଜ ୧୯ ଣ ପ୍ରାର୍ଥୀ ମଧ୍ୟରୁ ଜ ୭୯ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ସୁତରାଂ ପ୍ରାର୍ଥୀଙ୍କର ଏକଚତୁର୍ଥାଂଶ ମାତ୍ର ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଏପରି ଫଳ ନିତାନ୍ତ ଅସନ୍ତୋଷଜନକ ଅଟଇ ଏବଂ ଗତ ଦୁଇବର୍ଷର ଫଳ ସହିତ ତୁଳନା କରିବାରେ ଆହୁରି ମନ୍ଦ ଜଣାଯାଏ । ସନ ୧୮୮୦ ସାଲର ମାଇନର ପରୀକ୍ଷାରେ ଉପସ୍ଥିତ ହୋଇ ଥିବା ଜ ୫୦ ଣ ମଧ୍ୟରୁ ଜ ୪୨ ଣ ଏବଂ ସନ୧୮୮୧ ସାଲର ପରୀକ୍ଷାରେ ଜ ୬୪ ଣ ମଧ୍ୟରୁ ଜ ୫୬ ଣ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ସେହି ବର୍ଷମାନଙ୍କରେ ବର୍ଣ୍ଣାକ୍ୟୁଲର ପରୀକ୍ଷାରେ ଉପସ୍ଥିତ ହୋଇଥିବା ଯଥାକ୍ରମେ ଜ ୧୬୨ ଣ ଓ ଜ ୧୮୦ ଣମଧ୍ୟରୁ ଜ ୫୨ ଣ ଏବଂ ଜ ୧୪୮ ଣ ପାସ କରିଥିଲେ । ଏଥର ପ୍ରାର୍ଥୀଙ୍କ ସଂଖ୍ୟା ଯେମନ୍ତ ଊଣା ପଡ଼ିଅଛି ଫଳ ତତୋଧିକ ମନ୍ଦ ହୋଇଅଛି । କଥିତ ହୁଅଇ ଯେ ପରୀକ୍ଷାର ନିୟମ ପରିବର୍ତ୍ତନ ଏତେ ଊଣା ପଡ଼ିବାର କାରଣ ଅଟଇ । ପୂର୍ବେ ସକଳ ବିଷୟର ମୋଟ ନମ୍ବର ଦୃଷ୍ଟିରେ ଛାତ୍ରମାନେ ପାସ କରୁଥିଲେ କିନ୍ତୁ ନୂତନ ନିୟମରେ ଭାଷା ଏବଂ ଅଙ୍କରେ ନିର୍ଦ୍ଦିଷ୍ଟ ନମ୍ବର ରଖିବା ନିତାନ୍ତ ଅବଶ୍ୟକ । ଆମ୍ଭମାନଙ୍କ ବିବେଚନାରେ ଏହି ନୂତନ ନିୟମ ଅବଶ୍ୟ ଉତ୍କୃଷ୍ଟ ଅଟଇ କାରଣ ଯାହାର ଭାଷା ଓ ଅଙ୍କରେ ପାରଦର୍ଶିତା ନ ହେଲା ତାହାକୁ ପାସ କରିବା ଏକପ୍ରକାର ଭଣ୍ଡାଇବା ଅଟଇ । ପରୀକ୍ଷାର ନିୟମ ସହିତ ପରୀକ୍ଷା ଗ୍ରହଣ କରିବାର ପ୍ରଣାଳୀ ସୁଦ୍ଧା ଏ ବର୍ଷ ବଦଳି ଯାଇଅଛି ।

Digitized by srujanika@gmail.com

Split by PDF Splitter



ପରୀକ୍ଷାର ପ୍ରଶ୍ନମାନ ପୂର୍ବ ପ୍ରାୟ ଓଡ଼ିଶା ନିମିତ୍ତ ସ୍ୱତନ୍ତ୍ର ନ ହୋଇ ସମସ୍ତ ଦକ୍ଷିଣ ପଶ୍ଚିମବିଭାଗ ସକାଶେ ଏକାପ୍ରକାର ହୋଇଅଛି ଏବଂ ଉକ୍ତ ପ୍ରଶ୍ନମାନ ପୂର୍ବଠାରୁ କଠିନ ନ ଥିବାର କଥିତ ହୋଇ ଥିଲେହେଁ ଛାତ୍ରମାନେ ତହିଁର ଫଳଲାଭ କରିବାକୁ ସମର୍ଥ ହୋଇ ନାହାନ୍ତି । ଏଥିରୁ କେବଳ ଏହି ଅନୁମାନ ହୋଇ ପାରେ ଯେ ପରୀକ୍ଷାର ପୂର୍ବ ନିୟମମାନଙ୍କରେ ପାସ କରିବାର ବିଶେଷ ସୁବିଧାମାନ ଥିବାରୁ ଅଧିକ ଛାତ୍ର ଅନାୟାସରେ କୃତକାର୍ଯ୍ୟ ହେଉଥିଲେ ଏବଂ ବାସ୍ତବରେ ତାହାଙ୍କର ଭଲ ଶିକ୍ଷା ହେଉ ନ ଥିଲା ।

ଉକ୍ତଜିଲା ମଧ୍ୟରେ ଏ ବର୍ଷ ମାଇନର ପରୀକ୍ଷାରେ କଟକ ସର୍ବୋଚ୍ଚ ସ୍ଥାନ ପାଇଥିଲେହେଁ ପୁରୀ ସର୍ବଶ୍ରେଷ୍ଠ ଏବଂ ବାଲେଶ୍ୱର ନିତାନ୍ତ ଅଧମ ହୋଇଅଛି । କେନ୍ଦ୍ରାପଡ଼ା ସ୍କୁଲ ସମସ୍ତଙ୍କ ମସ୍ତକରେ ଅଛି ମାତ୍ର ଏ ବିଦ୍ୟାଳୟରୁ କେବଳ ଜ ୨ ଣ ପାସ କରିଅଛନ୍ତି । ପୁରୀ ଜିଲାରେ ଏକା ଖୋରଧା ସ୍କୁଲରୁ ଜ ୭ ଣ ଏବଂ ତହିଁ ମଧ୍ୟରେ ପ୍ରଥମଶ୍ରେଣୀରେ ଜ ୨ ଣ ପାସ କରିଅଛନ୍ତି ଅବଶ୍ୟ ପ୍ରଶଂସାର ବିଷୟ ଅଟଇ । କଟକ ସଙ୍ଗତ ସ୍କୁଲର ଜଣେ ଛାତ୍ର ପାସ ହେବାର ଦେଖି ଅମ୍ଭେମାନେ ଆନନ୍ଦିତ ହେଲୁଁ । ଗଡ଼ଜାତ ନାମରେ ଅଦ୍ୟୋ ଖଡି ପଡି ନାହିଁ ।

ବର୍ଣ୍ଣାକ୍ୟୁଲର ପରୀକ୍ଷାରେ ବାଲେଶ୍ୱର ସର୍ବୋଚ୍ଚ ସ୍ଥାନ ପାଇ ପୂର୍ବ ଟେକକୁ ସ୍ଥିର ରଖିଅଛି ଏବଂ ଏହା ସେଠା ମିସନ ସ୍କୁଲର ପ୍ରସାଦରୁ ହୋଇଅଛି । ରେମୁଣା ସ୍କୁଲ ୨ ୟ ସ୍ଥାନ ପାଇ ଅଛି । କଟକରେ ମଡେଲ ସ୍କୁଲ ଆପଣାର ସ୍ଥାନୀୟ ମହତ୍ତ୍ୱ ରକ୍ଷା କରି ସାଧାରଣ ଲିଷ୍ଟରେ ତୃତୀୟ ସ୍ଥାନ ପାଇଅଛି । ସେହିପରି ଢେଙ୍କାନାଳ ଗଡଜାତ ମଧ୍ୟରେ ଆପଣା ଶ୍ରେଷ୍ଠତା ପ୍ରମାଣ କରି ସାଧାରଣ ଲିଷ୍ଟରେ ଚତୁର୍ଥ ସ୍ଥାନ ପାଇଅଛି । ବାସ୍ତବରେ ଏଥର ମଗଲବନ୍ଦୀ ତୁଳନାରେ ପରୀକ୍ଷାର ଫଳ ଗଡଜାତ ପକ୍ଷରେ ଅତ୍ୟନ୍ତ ପ୍ରୀତିକର ହୋଇଅଛି । କେଉଁ ଜିଲ୍ଲାରୁ କେତେ ପ୍ରାର୍ଥୀ ହୋଇଥିଲେ ଏବଂ ସେମାନଙ୍କ ମଧ୍ୟରେ କି ପରିମାଣରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଏ ସମ୍ବାଦ ଅମ୍ଭେମାନେ ପାଇ ନ ଥିବାରୁ ସେଥି ପକ୍ଷରେ କିଛି କହି ନ ପାରୁଁ । ମୋଟରେ ଏବର୍ଷର ଫଳ ମନ୍ଦ ହୋଇଅଛି ଏବଂ ସେଥିପାଇଁ ସ୍ଥାନୀୟ ଶିକ୍ଷା ବିଭାଗର ପ୍ରଧାନ କର୍ମଚାରୀଙ୍କର ମଙ୍ଗଳବାଦ କରିବାକୁ ଅକ୍ଷମ ହେଲୁଁ । ଭରସା ହୁଅଇ ନୂତନ ନିୟମର ପ୍ରୟୋଜନମାନ ଛାତ୍ରମାନେ ଭଲ କରି ବୁଝିଲେ ଆଗାମୀ ବର୍ଷ ଅଧିକ କୃତକାର୍ଯ୍ୟ ଲାଭ କରି ସାଧାରଣଙ୍କର ପ୍ରଶଂସାର ପାତ୍ର ହେବେ ।

---

### ଓଡ଼ିଶା ଜମିଦାରଙ୍କ କର୍ତ୍ତବ୍ୟ ।

ଗତ ଆଶ୍ୱିନ କାର୍ତ୍ତିକ ମାସର ଭାରତୀ ନାମକ ମାସିକ ସମାଲୋଚନୀ ପତ୍ରିକାରେ ସ୍ୱାଧୀନ ଜୀବିକା ବିଷୟରେ ଗୋଟିଏ ଉତ୍ତମ ଓ ଚିନ୍ତାଶୀଳ ପ୍ରବନ୍ଧ ପ୍ରକାଶିତ ହୋଇଅଛି ଏବଂ ଲେଖକ ଅନେକ ଅନୁସନ୍ଧାନ ପୂର୍ବକ ବଙ୍ଗଳାର ପ୍ରାଚୀନ କାଳ ଏବଂ ବର୍ତ୍ତମାନର କୃଷି ବାଣିଜ୍ୟର ଅବସ୍ଥାକୁ ବିବୃତ କରିଅଛନ୍ତି ଏବଂ କୃଷିଜାତ ଦ୍ରବ୍ୟ ମଧ୍ୟରେ ଚାଉଳ, ଇକ୍ଷୁ, ନୀଳ, ଗୁଡ ପ୍ରଭୃତି କି ପରିମାଣରେ ଉତ୍ପନ୍ନ ଓ ଆମଦାନି ଓ ରପ୍ତାନି ହୁଅଇ ତାଲିକାମାନ ସଂଗ୍ରହ କରିଅଛନ୍ତି । ଏହା ପାଠ କଲେ ଜଣାଯିବ ଯେ ଏକା କୃଷିଦ୍ୱାରା ବହୁତର ଲୋକ ସ୍ୱାଧୀନରୂପେ ଜୀବିକା ନିର୍ବାହ କରିପାରନ୍ତି ଏବଂ ଶିକ୍ଷିତ ଲୋକମାନେ ଏ ଜୀବିକାକୁ ଅବଲମ୍ବନ କଲେ ଆପଣାର ଅବସ୍ଥା ଉନ୍ନତି ସଙ୍ଗେ ସଙ୍ଗେ ଦେଶର ପ୍ରକୃତ ମଙ୍ଗଳ ସାଧନ କରିପାରିବେ ।

ଏହି ପ୍ରବନ୍ଧରେ ଓଡ଼ିଶା ଜମିଦାରଙ୍କ ସମ୍ପର୍କରେ ଲେଖାଅଛି । ଯଥା;—

"ଓଡ଼ିଶା ଦେଶରେ ଯଦିବା ପ୍ରଚୁର ପରିମାଣରେ ଧାନ୍ୟ ଜନ୍ମଇ । ମାତ୍ର ବଙ୍ଗଳା ଅପେକ୍ଷା ଓଡ଼ିୟା ପ୍ରଜାଙ୍କ ଅବସ୍ଥା ନିତାନ୍ତ ଶୋଚନୀୟ । ଏଠାରେ ଚିରସ୍ଥାୟୀ ବନ୍ଦୋବସ୍ତ ପ୍ରଚଳିତ ହୋଇନାହିଁ ସୁତରାଂ ଯେମନ୍ତ ଗବର୍ଣ୍ଣମେଣ୍ଟ ବାରମ୍ବାର ରାଜସ୍ୱ ବୃଦ୍ଧି କରନ୍ତି ଜମିଦାରବର୍ଗମାନେ ମଧ୍ୟ ବାଧ୍ୟ ହୋଇ ସେହିରୂପ ନିର୍ଦ୍ଦୟ ଭାବରେ ଜମିର ଖଜଣା ବୃଦ୍ଧି କରନ୍ତି । କାରଣ ଗବର୍ଣ୍ଣମେଣ୍ଟ ଜମିଦାରଙ୍କୁ ଯେଉଁ ଦରରେ ମାଲକାନା ଦେଉଅଛନ୍ତି ତହିଁରେ ଜମିଦାର ରକ୍ଷା କରିବା ମାନବର ଅସାଧ୍ୟ ଅଟଇ । ଅମ୍ଭେମାନେ ନିଶ୍ଚୟ କହିପାରୁଁ ଅନେକ ଜମିଦାରଙ୍କୁ ଦ୍ୱିତୀୟ ବନ୍ଦୋବସ୍ତ ସମୟରେ ଜମିଦାରୀ ଛାଡିଦେବାକୁ ପଡିବ ।

ଭୂମିର ଖଜଣା ପଥକର ଓ ପ୍ରଦେଶୀୟ କର ଛଡ଼ା ପୁଣି ଜଳକର । ଗବର୍ଣ୍ଣମେଣ୍ଟ କେନାଲ ଖରଚ ପୋଷାଇବା କାରଣ କୃଷକମାନଙ୍କ କ୍ଷେତ୍ରରେ ଜଳ ଦେଇ ଏହି କର ଆଦାୟ କରୁଅଛନ୍ତି କିନ୍ତୁ କେନାଲ ସଂକ୍ରାନ୍ତ କର୍ମଚାରୀଙ୍କ ଦୋଷରୁ ଦୁର୍ବଳ କୃଷକମାନେ ମରିପଡୁଅଛନ୍ତି । ଅନେକ ପ୍ରଜା ଜଳ ନ ନେଇ କର ଦେଉଅଛନ୍ତି । କେତେଠାରେ ବର୍ଷା ଜଳରେ କ୍ଷେତ ବୁଡିଯାଏ ସେମାନଙ୍କର ଆଦୌ ଜଳର ପ୍ରୟୋଜନ ହୁଅଇ ନାହିଁ ତଥାଚ ସେମାନଙ୍କଠାରୁ ଜଳକର ନିଆଯାଏ । ଏହା ଛଡ଼ା କେନାଲ ସଂକ୍ରାନ୍ତ କର୍ମଚାରୀଙ୍କର ଆହୁରି ଅନେକ ଅତ୍ୟାଚାର ଦେଖାଯାଏ । କିନ୍ତୁ ପ୍ରଜାଙ୍କର ରୋଦନ ଗବର୍ଣ୍ଣମେଣ୍ଟଙ୍କ ସାମାନ୍ୟ କର୍ମଚାରୀଙ୍କ ପାଷାଣ ହୃଦୟରେ କରୁଣା ଜନ୍ମାଇ ପାରଇ ନାହିଁ । ଅମ୍ଭେମାନେ ମହାମାନ୍ୟ ଲର୍ଡ଼ ରିପନ ମହୋଦୟଙ୍କୁ ଅନୁରୋଧ କରୁଅଛୁଁ କି ସେ କିଞ୍ଚିତ ଅନୁଗ୍ରହ କରି ଦୁର୍ଭାଗା ଓଡ଼ିଆ କୃଷକମାନଙ୍କୁ କେନେଲ ସଂକ୍ରାନ୍ତ ଅତ୍ୟାଚାରରୁ ରକ୍ଷା କରନ୍ତୁ । ଜମିଦାରର କର୍ମଚାରୀମାନେ ନିର୍ଦ୍ଦୟ, କେନାଲ କର୍ମଚାରୀମାନେ ମହା ନିର୍ଦ୍ଦୟ ।

ଓଡ଼ିଶାରେ ଚିରସ୍ଥାୟୀ ବନ୍ଦୋବସ୍ତ ପ୍ରବର୍ତ୍ତିତ ନ ହେଲେ ଏଠାରେ ମଙ୍ଗଳ ହେବ ନାହିଁ । ଅମ୍ଭେମାନେ ଓଡ଼ିଶା ଜମିଦାରଙ୍କୁ ଅନୁରୋଧ କରୁଅଛୁଁ କି ସେମାନେ ଟିକିଏ ସିଧା ବାଟରେ ଚାଲନ୍ତୁ ତାହା ହେଲେ ଗବର୍ଣ୍ଣମେଣ୍ଟ ଅବଶ୍ୟ ଚିରସ୍ଥାୟୀ ବନ୍ଦୋବସ୍ତ କରିବେ ନୋହିଲେ ସେମାନେ ଯେପରି ନିର୍ଦ୍ଦୟଭାବରେ ଜମିର ଖଜଣା ବୃଦ୍ଧି କରୁଅଛନ୍ତି ଗବର୍ଣ୍ଣମେଣ୍ଟ ସୁଦ୍ଧା ମିଆଦ ଗତେ ଥରକୁଥର ସେହିପରି କରିବେ । ମଝିରେ ଗରିବମାନେ ମରିପଡିବେ । ନିୟମାନୁସାରେ ଖଜଣା ଆଦାୟ ହେବ ନାହିଁ ସୁତରାଂ ଜମିଦାରମାନଙ୍କୁ ଅଶେଷ ଯନ୍ତ୍ରଣା ଭୋଗ କରିବାକୁ ହେବ ।"

ଅମ୍ଭେମାନେ ଆଶା କରୁଁ ଜମିଦାରମାନେ ଉପର ଲିଖିତ କଥାମାନ ଅତି ସାବଧାନ ପୂର୍ବକ ବିଚାର କରିବେ । ଆଉ କାଳ ବିଳମ୍ବର ସମୟ ନାହିଁ । ଅନ୍ତତଃ ଦଶବର୍ଷ ଉତ୍ତାରୁ ନୂତନ ବନ୍ଦୋବସ୍ତର ଚର୍ଚ୍ଚା ଲାଗିବ ଓ ସେତେବେଳେ ଗବର୍ଣ୍ଣମେଣ୍ଟ କିପରି କାର୍ଯ୍ୟ କରିବେ ତାହା ଖୋର୍ଦ୍ଧା ବନ୍ଦୋବସ୍ତରୁ ଜମିଦାରମାନେ ପ୍ରତ୍ୟକ୍ଷ କରୁଅଛନ୍ତି । ଗବର୍ଣ୍ଣମେଣ୍ଟ ଯେ ସ୍ଥଳେ ପ୍ରଜାଙ୍କଠାରୁ ଯେତେ ଅଧିକ ପାରନ୍ତି କର ଆଦାୟ କରିବାରେ ତ୍ରୁଟି କରୁନାହାନ୍ତି ସେ ସ୍ଥଳେ ଜମିଦାରଙ୍କ ପ୍ରତି ଦୟାଶୀଳ ହେବେ ଏପରି ଆଶା କରିବା ଅସମ୍ଭବ । ଲୋକେ ପ୍ରଜାଙ୍କ ପ୍ରତି ଯେତେ ଅନୁଗ୍ରହ ପ୍ରକାଶ କରିଥିବେ ସେତେ ଭବିଷ୍ୟତରେ କାର୍ଯ୍ୟରେ ଆସିପାରେ ।

Digitized by srujanika@gmail.com

Split by PDF Splitter



ଫଳତଃ ଆଗାମୀ ବନ୍ଦୋବସ୍ତର ତଥା ଜମିଦାରଙ୍କ ଏହି ସମୟରୁ ଭାବିବାର ଉଚିତ କିନ୍ତୁ ଆମ୍ଭେମାନେ ଦେଖୁଅଛୁଁ ଯେ ସେ ଚିନ୍ତା ଅଦ୍ୟାପି ତାହାଙ୍କ ମନରେ ସ୍ଥାନ ପାଇନାହିଁ । ଅଧିକ ଜମିଦାରମାନେ ପୂର୍ବପ୍ରଥାନୁଯାୟୀ ଜଳ ଦରରେ ବିକ୍ରୟ ହେଉଅଛନ୍ତି ଯେମନ୍ତ କି ଏହି ବନ୍ଦୋବସ୍ତ ଚିରସ୍ଥାୟୀ ଅଟଇ । ଜମିଦାରମାନେ ଏହି ସମୟରୁ ସତର୍କ ହୁଅ ଏବଂ ଐକ୍ୟଭାବରେ ବହୁତ ପ୍ରକାରର ଆଲୋଚନା କର । ଯେବେ ଚିରସ୍ଥାୟୀ ବନ୍ଦୋବସ୍ତ କୌଣସିରୂପେ ଏଠାରେ ହୋଇପାରେ ତହିଁର ଉପାୟ ଖୋଜି ତାହାର କରିବା ଅବଶ୍ୟ ଏହି ସମୟରୁ କର୍ତ୍ତବ୍ୟ ଅଟଇ ।

---

### ଓଡ଼ିଶାର ବାର୍ଷିକ ବିଜ୍ଞାପନୀ ।

ସନ ୧୮୮୬ ମସିହା ବାବତ ଓଡ଼ିଶାର ବାର୍ଷିକ ବିଜ୍ଞାପନୀ ଏବଂ ତହିଁ ଉପରେ ମାନ୍ୟବର ଛୋଟ ଲାଟସାହେବଙ୍କ ନିର୍ଦ୍ଧାରଣ କେତେଦିନ ହେଲା କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି । ଉକ୍ତ ନିର୍ଦ୍ଧାରଣର ଓଡ଼ିଆ ଅନୁବାଦ ମଧ୍ୟ ଓଡ଼ିଆ ଗେଜେଟରେ ପ୍ରକାଶ ହୋଇଅଛି । ଆମ୍ଭେ ମାନେ ଉକ୍ତ ନିର୍ଦ୍ଧାରଣ ପାଠକରି ଜାଣିଲୁଁ ଯେ ଲେପ୍ଟେନାଣ୍ଟ ଗବର୍ଣ୍ଣର ସେହି ବିଜ୍ଞାପନୀ ପାଠକରି ଅତ୍ୟନ୍ତ ପ୍ରୀତ ହୋଇଅଛନ୍ତି ଏବଂ ଏହାକୁ ଏକଖଣ୍ଡ ଆଦର୍ଶ ବିଜ୍ଞାପନୀ ସ୍ଥିରକରି ସମ୍ପୂର୍ଣ୍ଣରୂପେ ଗେଜେଟରେ ପ୍ରକାଶ କରାଇଅଛନ୍ତି । ଅନ୍ୟାନ୍ୟ ବିଭାଗର ବିଜ୍ଞାପନୀ ଗେଜେଟରେ ଛପା ନ ହୋଇ କେବଳ ତହିଁ ସମ୍ବଳିତ ଗବର୍ଣ୍ଣମେଣ୍ଟଙ୍କ ନିର୍ଦ୍ଧାରଣ ଛାପା ହେଉଥିବା ସ୍ଥଳେ ଓଡ଼ିଶା ବିଜ୍ଞାପନୀଟି ଅବିକଳ ପ୍ରଚାରିତ ହେବା ଅବଶ୍ୟ ଗୌରବର ବିଷୟ ଅଟଇ ଏବଂ ଏଥିପାଇଁ ଆମ୍ଭମାନଙ୍କ କମିଶ୍ନର ଶ୍ରୀଯୁକ୍ତ ସ୍ମିଥସାହେବ ଏବଂ ତାହାଙ୍କ ସୁଯୋଗ୍ୟ ଅସିଷ୍ଟାଣ୍ଟ ବାବୁ ଜଗନ୍ମୋହନ ରାୟ ବିଶେଷ ପ୍ରଶଂସା ଭାଜନ ହୋଇଅଛନ୍ତି । ଶ୍ରୀଯୁକ୍ତ କମିଶ୍ନର ସାହେବଙ୍କୁ ମାନ୍ୟବର ଲେପ୍ଟେନାଣ୍ଟ ଗବର୍ଣ୍ଣର ବିଶେଷ ଧନ୍ୟବାଦ ଦେଇ ସମ୍ମାନ କରିଅଛନ୍ତି ଜଗମୋହନ ବାବୁଙ୍କ ନାମରେ ଖତ ପଡ଼ିନାହିଁ । ଶ୍ରୀଯୁକ୍ତ କମିଶ୍ନର ସାହେବ କେବଳ ଭଲ ରିପୋର୍ଟ ଲେଖିବାରେ ସୁଖ୍ୟାତି ପାଇଅଛନ୍ତି ଏମନ୍ତ ନୁହେ ସେ ଆପଣା ଇଲାକାରେ ଦୀର୍ଘକାଳ ଭ୍ରମଣ ଏବଂ ସରକାରୀ ମହକୁମାମାନ ସନ୍ଦର୍ଶନ ଛଡ଼ା ମୋଫସଲର ଅନେକ କାର୍ଯ୍ୟ, ଯଥା—ଢେଙ୍କାନାଳ ସଡ଼କ ମୟୂରଭଞ୍ଜ ରାଜା ଓ ପ୍ରଜାମାନଙ୍କ ବିବାଦ କଟେଣ ପରର ସ୍ଥାନ ନିର୍ଣ୍ଣୟ ନରସିଂହପୁରର ବନ୍ଦୋବସ୍ତ ଏବଂ ବଡ଼ମ୍ବାର କାର୍ଯ୍ୟଶୃଙ୍ଖଳା ସ୍ଥିର କରିବା ଇତ୍ୟାଦି — ସ୍ୱୟଂ ସରଜମିନରେ ନିଷ୍ପତ୍ତି କରିଅଛନ୍ତି । ସେ ସର୍ବସୁଦ୍ଧା ଦ ୧୬୦ ନ ଗସ୍ତରେ ଥିଲେ । ଓଡ଼ିଶାର ଅନ୍ୟାନ୍ୟ ହାକିମମାନେ ମଧ୍ୟ ଗସ୍ତକାର୍ଯ୍ୟରେ ସୁଖ୍ୟାତି ପାଇଅଛନ୍ତି କେବଳ କଟକର କଲେକ୍ଟର ଏବଂ ଯାଜପୁରର ସବଡିଭିଜନ ହାକିମ ତାହା ଲଭି ପାରି ନାହାନ୍ତି । ଲେପ୍ଟେନାଣ୍ଟ ଗବର୍ଣ୍ଣର ଯଥାର୍ଥ ବୋଲି ଅଛନ୍ତି କି ହାକିମମାନେ ନିୟମିତ ଓ ସୁନିର୍ବାହିତ ଗସ୍ତଦ୍ୱାରା ଦେଶର ଏବଂ ଲୋକଙ୍କ ଅବସ୍ଥା ଯେପରି ଜାଣିବାକୁ ସମର୍ଥ ହେବେ ଅଧସ୍ତନ କର୍ମଚାରୀଙ୍କଠାରୁ ପ୍ରାପ୍ତ ରାଶୀକୃତ ରିପୋର୍ଟଦ୍ୱାରା ସେପରି ସମର୍ଥ ହେବେ ନାହିଁ । କିନ୍ତୁ ଆମ୍ଭେମାନେ କହୁଁ କି ସେପରି ସୁନିର୍ବାହିତ ଗସ୍ତ ଯେ ହାକିମମାନେ କରନ୍ତି ଆମ୍ଭମାନଙ୍କ ମନକୁ ହେଉନାହିଁ । ଏମାନେ ଲୋକଙ୍କ ବାହ୍ୟଅବସ୍ଥା ଦେଖି ସନ୍ତୁଷ୍ଟ ହୁଅନ୍ତି କିନ୍ତୁ ମନମଧ୍ୟରେ ପ୍ରବେଶ କରିବାକୁ ଆଦୌ ଆସ୍ଥା କରନ୍ତି ନାହିଁ ତହିଁର ପ୍ରମାଣ ଲୋକମାନଙ୍କ ଅବସ୍ଥା ଓ ମାନସିକ ଭାବ ବିଷୟରେ ବିଜ୍ଞାପନୀରେ ଯାହା ପ୍ରକାଶିତ ହୋଇଅଛି ତହିଁରୁ ସ୍ପଷ୍ଟରୂପେ ମିଳୁଅଛି । ତିନି ଜିଲ୍ଲାର କଲେକ୍ଟରମାନେ ଏକବାକ୍ୟ ହୋଇ କହୁଅଛନ୍ତି କି ଦିନପାତର ନିୟମରେ ଉନ୍ନତି ଦେଖାଯାଏ ଏବଂ ବାସ୍ତବରେ ଏକଥା ସତ୍ୟ ଅଟଇ । କୃଷି ଏଠାର ପ୍ରଧାନ ଜୀବିକା ପୂର୍ବେ ତାହା ଅପର୍ଯ୍ୟାପ୍ତରୂପେ ଉତ୍ପନ୍ନ ହେଉଥିଲେ ହେଁ ବଜାରରେ ତହିଁର ମୂଲ୍ୟ ନ ଥିଲା । ବର୍ତ୍ତମାନ କାଳରେ ଗମନାଗମନର ସୁଯୋଗ ଏବଂ ବାଣିଜ୍ୟର ସମୃଦ୍ଧି ହେତୁ ଦେଶକୁ ଧନାଗମ ହେଲା ସମସ୍ତ ଦ୍ରବ୍ୟର ଦର ବଢ଼ିଲା ଏବଂ ସର୍ବସାଧାରଣ ତହିଁର ଯଥା ଭାଗ ଲାଭକରି ଭଲ ଖାଇବା ପିନ୍ଧିବାକୁ ଏବଂ ଦୁଇ ଏକଖଣ୍ଡ କଂସା ପିତ୍ତଳ ବାସନ ବା ରୂପା ସୁନା ଅଳଙ୍କାର ନାହିବାକୁ ସମର୍ଥ ହେଲେ । କିନ୍ତୁ ଏହା ବୋଲି ଯେ ଲୋକମାନେ ଅଧିକ ସୁଖୀ ଅଛନ୍ତି ଏମନ୍ତ ବୋଲି ଯାଇ ନ ପାରେ । ଆମ୍ଭେମାନେ ବିଶ୍ୱସ୍ତ ସୂତ୍ରେ ଅବଗତ ହୋଇଅଛୁଁ ଯେ ଫସଲର ଦର ଶସ୍ତା ହେବାରୁ ଅନେକ ପ୍ରଜା ଖଜଣା ଆଦାୟ କରିବାକୁ କଷ୍ଟ ଭୋଗ କଲେ ଏବଂ ବାକି ଖଜଣା ବାବତ ନାଲିଶ ବୃଦ୍ଧି ହେବା ତହିଁର ଅନ୍ୟତର ପରିଚୟ ହେଉଅଛି । ଖୋର୍ଦ୍ଧା ପ୍ରଜାମାନଙ୍କ ଏକଆଡ଼େ ଖଜଣା ବୃଦ୍ଧି ଏବଂ ଅନ୍ୟଆଡ଼େ ଫସଲ ଶସ୍ତା ମଧ୍ୟରେ ପଡ଼ି ଖଜଣା ଦେବାକୁ ଛଟପଟ ହେଲେ ଓ ହାକିମମାନେ ସାର୍ଟିଫିକେଟ ଆଇନକୁ ବସ୍ତ୍ରର ପରିମାଣରେ ଜାରି କରି ସୁଦ୍ଧା କୃତକାର୍ଯ୍ୟ ହୋଇ ପାରିଲେ ନାହିଁ ତଥାପି ପୁରୀ କଲେକ୍ଟର ଘରେ ବସି ଅନାୟାସରେ କହିଦେଲେ ଯେ ଖୋର୍ଦ୍ଧା ପ୍ରଜାମାନଙ୍କର ଏକମାତ୍ର ଉନ୍ନତିର କାରଣ ନୂତନ ବନ୍ଦୋବସ୍ତର ଖଜଣା ବୃଦ୍ଧି ଅଟଇ । ଖଜଣା ବୃଦ୍ଧି ସେମାନଙ୍କୁ ନୂତନ ଓ ଲାଭକର ଫସଲମାନ ଉତ୍ପନ୍ନ କରିବାକୁ ଉତ୍ତେଜିତ କରିବ ଏବଂ ତାହାଙ୍କର ଚିରନ୍ତନ ଉଦାସିନତା ଭାଙ୍ଗିଦେବ ଏବଂ ସେମାନେ ଏ ସମସ୍ତ ଉପାୟରେ ଆପଣା ଅବସ୍ଥା ଉନ୍ନତ କଲେ ପ୍ରତିବାସୀ ଜମିଦାରର ପ୍ରଜାମାନେ ତାହାଙ୍କୁ ଅନୁକରଣ କରି ଉଦ୍ୟତ ହେବେ । ଶ୍ରୀଯୁକ୍ତ ସ୍ମିଥ ସାହେବ ଖଜଣା ବୃଦ୍ଧିରୂପ ସୁଫଳର ମୁଷ୍ଟିଯୋଗର ବର୍ଣ୍ଣନାରେ ଭଲ କରିବା ପ୍ରକାଶ କରିଅଛନ୍ତି ସନ୍ଦେହ ନାହିଁ ମାତ୍ର ଧର୍ମକୁ ଶ୍ରୀଯୁକ୍ତ କମିଶ୍ନର ସାହେବ ତାହାଙ୍କର ନିନ୍ଦା ଭାଙ୍ଗିଦେଇ କହିଅଛନ୍ତି କି ଖଜଣା ବୃଦ୍ଧିରେ ଲୋକଙ୍କ ଅବସ୍ଥା ଉନ୍ନତ ହେବା ଉପାୟରୂପ ଯୁକ୍ତିମୂଳକ ନୁହଇ ଏବଂ ଓଡ଼ିଶା ପ୍ରଜାମାନେ ଚିର ପ୍ରଥାର ଦାସ ହୋଇ ଉନ୍ନତି ପ୍ରତି ଅମନୋଯୋଗୀ ହେଲେହେଁ ସେମାନେ ଏମନ୍ତ ଉଦାସୀନ ନୁହନ୍ତି ଯେ କୌଣସି ଫସଲ ଲାଭକର ହେବାର ଦେଖିଲେ ତାହାକୁ ଆଦର ସହିତ ଗ୍ରହଣ କରିବେ ନାହିଁ । ଛୋଟଲାଟ ସାହେବ ମଧ୍ୟ ଏହି ମତର ପୋଷକତା କରି କହିଅଛନ୍ତି କି ଜିଲ୍ଲା ହାକିମଙ୍କର ଉଚିତ ଯେ ପ୍ରଜାମାନଙ୍କୁ ଉନ୍ନତ କୃଷି ପ୍ରଣାଳୀ ଓ ନୂତନ ନୂତନ ଫସଲର ଲାଭକାରିତା କାର୍ଯ୍ୟତଃ ଦେଖାଇବାର ସୁଯୋଗ କରିବେ । ଓଡ଼ିଶା ଲୋକଙ୍କର ହୀନାବସ୍ଥାର ଆଉ ଏକ ପ୍ରମାଣ ଏହିକି କଲିକତା ଓ ବଙ୍ଗଳାର ଅନ୍ୟାନ୍ୟସ୍ଥାନ ଏବଂ ଉତ୍ତରପଶ୍ଚିମକୁ ଅନେକ ଓଡ଼ିଆ ସାମାନ୍ୟ ଡାକହରକରା ଏବଂ ପାଲ୍କୀ ବୋହିବା କର୍ମ କରି ପେଟ ପାଳିବା ନିମିତ୍ତ ପ୍ରତିବର୍ଷ ଗମନାଗମନ କରନ୍ତି ଘରେ ଭାତ ନମିଳିବାରୁ ସିନା ଏପରି କଥା ନୋହିଲେ ବିଜ୍ଞାପନୀରେ ଏଥିର ଅନ୍ୟ କିଛି କାରଣ ପ୍ରଦର୍ଶିତ ହୋଇ ନାହିଁ ।

କ୍ରମଶଃ ।

---

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

ଉତ୍କଳଦୀପିକା ତା ୨୫ ରିଖ ମାହେ ନବମ୍ବର ସନ ୧୮୮୨ ମସିହା ।

# ସାପ୍ତାହିକ ସମ୍ବାଦ ।

ଆମ୍ଭମାନଙ୍କ କମିଶନର ସାହେବ ଗତ ରବିବାର ମଧ୍ୟାହ୍ନ କାଳରେ ବାଲେଶ୍ୱରରେ ପହୁଞ୍ଚି ତହିଁ ଅପରଦିନ କଲିକତାକୁ ଯାତ୍ରା କଲେ । କଲିକତାକୁ ଯିବା ସମୟରେ ମୟୂରଭଞ୍ଜ ମୃତ ମହାରାଜାଙ୍କର ଦୁଇଭାଇଙ୍କୁ ସଙ୍ଗରେ ଘେନି ଯିବାର ଚେଷ୍ଟା କରିଥିଲେ ମାତ୍ର ସେମାନେ ପ୍ରସ୍ତୁତ ନ ଥିବାରୁ ପଶ୍ଚାତ ଶୀଘ୍ର ଯିବାକୁ ଆଦେଶ ଦେଇ ବାହାର ଗଲେ । ଏହି ମାସ ତା ୨୯ ରିଖରେ ସାହେବ କଲିକତାରୁ ଫେରି ଆସିବେ ଏବଂ ଏକସପ୍ତାହ ବାଲେଶ୍ୱରରେ କଚେରି କରି ଗଡ଼ଜାତ ଗସ୍ତକୁ ବିଜେ କରିବେ । ମୟୂରଭଞ୍ଜର ବନ୍ଦୋବସ୍ତ ସଙ୍ଗେ ସଙ୍ଗେ ଖୋରଧା ବନ୍ଦୋବସ୍ତ ରେଲବେ କୋଷ୍ଟକେନାଲ ଇତ୍ୟାଦି ଓଡ଼ିଶାର ଗୁରୁତର ବିଷୟମାନଙ୍କ ସମ୍ପର୍କରେ ଏହି ସୁଯୋଗରେ କମିଶ୍ନର ସାହେବଙ୍କ ସହିତ ଛୋଟଲାଟସାହେବ ପରାମର୍ଶ କରି ଯଥାକର୍ତ୍ତବ୍ୟ ସ୍ଥିର କରିବେ ଏମନ୍ତ ଜଣା ଯାଉଅଛି ।

ଆଗାମୀ ସୋମବାର କଟକ କେନ୍ଦ୍ରର ବିଶ୍ୱବିଦ୍ୟାଳୟର ପ୍ରବେଶିକା ଏବଂ ଫାର୍ଷ୍ଟଆର୍ଟସ ପରୀକ୍ଷା ରେଭେନସା କଲେଜରେ ଆରମ୍ଭ ହେବ ଏଠାରେ ଯେଉଁ ବିଦ୍ୟାଳୟର ଯେତେ ଛାତ୍ର ପରୀକ୍ଷା ଦେବା ସକାଶେ ଉପସ୍ଥିତ ହେବେ ସେମାନଙ୍କର ତାଲିକା ନିମ୍ନେ ପ୍ରଦର୍ଶିତ ହେଲା ଯଥା;—

ପ୍ରବେଶିକା ପରୀକ୍ଷା ନିମିତ୍ତ ।

| | |
|---|---|
| କଟକ ଇଉରୋପୀୟ ସ୍କୁଲରୁ | ଜ ୧ |
| " ଏକାଡେମୀରୁ | ଜ ୩ |
| " କଲେଜିଏଟ ସ୍କୁଲରୁ | ଜ ୧୨ |
| ପୁରୀ ଜିଲ୍ଲା ସ୍କୁଲରୁ | ଜ ୫ |
| ବାହାର ଛାତ୍ର | ଜ ୩ |
| ମୋଟ | ଜ ୨୪ |

ଫାର୍ଷ୍ଟଆର୍ଟସ ପରୀକ୍ଷା ।

| | |
|---|---|
| ରେଭେନସା କଲେଜରୁ | ଜ ୧୨ |
| ମୋଟ | ଜ ୩୬ |

ବାଲେଶ୍ୱରେ ମିଉନିସିପାଲିଟି ସ୍ଥାପିତ ହେବାରୁ ସେଠାରେ ବଡ ଆନନ୍ଦ ଉତ୍ସବ ହୋଇଥିଲା । ଯାନ, ଅଶ୍ୱବାଜି, ଅଲୁଅ, ନୌକା ପ୍ରଭୃତିର ଟିକସମାନ ଅଧିକ ହୋଇ ନାହିଁ । ବାହାର ଅଧିବାସିମାନେ ଗୋଟିଏ ଚିକିତ୍ସାଳୟ ଓ ପବ୍ଲିକ ହଲ ନିମିତ୍ତ ଦଶହଜାର ଟଙ୍କା ଚାନ୍ଦା ଉଠାଇଅଛନ୍ତି । ଉଦ୍ୟମ ଅତ୍ୟନ୍ତ ପ୍ରଶଂସନୀୟ ।

କଲିକତାର ଜୁଅଲଜିକଲ୍ ଗାର୍ଡେନର ଅଧ୍ୟକ୍ଷମାନେ ସନ ୧୮୮୩ ମସିହା ଜାନୁଆରୀ ମାସ ତା ୧ ଓ ୨ ରିଖରେ କୁକୁର ଓ ବଗଡ଼ି ଏବଂ ଗୀତଗାୟୀ ଓ କଥା କହୁଥିବା ପକ୍ଷୀ ଓ ପାଳିତର ପ୍ରଦର୍ଶନ କରିବାର ପ୍ରସ୍ତାବ କରୁଅଛନ୍ତି । ମାନ୍ୟବର ଛୋଟଲାଟ ସାହେବ ଏଥିର ପୃଷ୍ଠପୋଷକତା ଗ୍ରହଣ କରିଅଛନ୍ତି । ଯେଉଁମାନେ ଭଲ ପଶୁ ପକ୍ଷୀ ଦେଖାଇବେ ସେମାନଙ୍କୁ ପୁରସ୍କାର ଦିଆଯିବାର ମଧ୍ୟ ବନ୍ଦୋବସ୍ତ ହୋଇଅଛି ।

ବ୍ରହ୍ମଦେଶକୁ ପଠା ଯାଇଥିବା ୮୦୦ ଖଚର ସେଠି ସରକାରୀ ହାତୀଙ୍କ ପରିବର୍ତ୍ତରେ କାର୍ଯ୍ୟ କରିବା କାରଣ ସ୍ଥିରୀକୃତ ହୋଇଅଛି ।—ହାତୀଙ୍କ ପରିବର୍ତ୍ତରେ ଏଣିକି ଗବର୍ଣ୍ଣମେଣ୍ଟ ଖଚରର ବ୍ୟବହାର କରୁଅଛନ୍ତି ।

ମଣ୍ଡାବଲେଟ ନାମକ ଜଣେ ଫରାସୀ ମନ୍ତ୍ରୀର ପୁତ୍ର ବର୍ତ୍ତମାନ ଛୋଟଲାଟ ସାହେବଙ୍କର ଆତିଥ୍ୟାଧୀନରେ ଥାଇ ବଙ୍ଗାଳ ପ୍ରଦେଶରେ ଭ୍ରମଣ କରୁଅଛନ୍ତି । ଭାରତବର୍ଷ ଓ ତହିଁର ଶାସନ କାର୍ଯ୍ୟ ଯଥାସମ୍ଭବ ଦେଖିବା ତାଙ୍କର ବାସନା ।—ଇଉରୋପର କଥା ଅଲଗା, ଜ୍ଞାନାର୍ଜନ ହେତୁ ସେମାନେ ଯେଉଁଠାକୁ ଇଚ୍ଛା ସେଠାକୁ ନିଶ୍ଚୟ ଯିବେ ।

ତୁଷାର ବୃଷ୍ଟି ସବିଶେଷ ଆରମ୍ଭ ହେବା କାରଣ ଫରାସୀ ଦେଶୀୟ ଜେଟେକ ଘେଉ ଜାପାନ ଦ୍ୱୀପକୁ ନିକଟରେ ଆସିବାର ସମ୍ବାଦ ମିଳେ । ଜାପାନରେ ଉତ୍କଟ ଦ୍ରାକ୍ଷାଗ୍ରସ୍ତ ହେଉଥିବ ।

ଜର୍ଦ୍ଦିଭ ସମାଜ ନାମକ ଦଳରେ ଭାରତବର୍ଷୀୟ ଲୋକଙ୍କ ସୁବିଧା ନିମିତ୍ତ ଯେଉଁ ଘର ହେବାର ପ୍ରସ୍ତାବ ହୋଇଥିଲା ତହିଁର ଆବଶ୍ୟକ ଥିବା ୧୦୦୦୦ ପାଉଣ୍ଡ ପୂରଣ କରିବା କାରଣ ବରଦା ନଗରର ମହାରାଣୀ ୨୩୪୦ ପାଉଣ୍ଡ ଦାନ କରିଅଛନ୍ତି ।—ଦାନଟି ବୃହତ ଏବଂ ମହତ ଅଟେ ।

ମେଦିନୀର ସମ୍ପାଦକ ମେଦିନୀପୁରର ଜଏଣ୍ଟ ମାଜିଷ୍ଟ୍ରେଟଙ୍କ କର୍ତ୍ତୃକ ଦଣ୍ଡିତ ହୋଇଥିବାର ଇତିପୂର୍ବେ ଲେଖା ଯାଇଥିଲା ବର୍ତ୍ତମାନ ଆନନ୍ଦର ସହିତ ଲେଖୁଅଛୁଁ ଯେ ଅପୀଲରେ ସେ ନିସ୍ତାର ପାଇଅଛନ୍ତି । ଅପୀଲ ବିଷୟ ଦେଖିବାକୁ ଅବଶେଷ ରହିଲା ।

ଭାରତବର୍ଷୀୟ ଯେଉଁ ସୈନିକ କର୍ମଚାରୀମାନେ ଭାରତେଶ୍ୱରୀଙ୍କ ଆଜ୍ଞାକ୍ରମେ ମିଶର ଯୁଦ୍ଧରୁ ବିଲାତ ଯାଇଥିଲେ ସେମାନେ ସେଠାରେ ଅତ୍ୟନ୍ତ ସମାଦର ସହିତ ସ୍ୱାଗତ ହୋଇଅଛନ୍ତି । ନାନାପ୍ରକାର ଆମୋଦ ଓ ଭୋଜରେ ସେମାନେ ବ୍ୟସ୍ତ ଅଛନ୍ତି । ଇତିମଧ୍ୟରେ ସେମାନେ ପାର୍ଲିମେଣ୍ଟ ମହାସଭା ଦର୍ଶନ ଓ ମନ୍ତ୍ରୀବର ଗ୍ଲାଡ୍‌ଷ୍ଟୋନଙ୍କର ସାକ୍ଷାତ ଲାଭ କରିଥିଲେ ।

ଡେନମାର୍କରେ ଏକ ନୂତନ ପ୍ରକାର ଆଇନ ଜାରି ହୋଇଥିବାର ସମ୍ବାଦପତ୍ରମାନଙ୍କରେ ପାଠକଲୁଁ । କୌଣସି ଲୋକ ମଦୁଆଲ ହୋଇ ରାସ୍ତାରେ ପଡ଼ିଲେ ଯେଉଁ ଦୋକାନଦାର ସର୍ବଶେଷରେ ତାହାକୁ ମଦ ଯୋଗାଇଥିବ ତାହାର ଖର୍ଚ୍ଚରେ ସେ ମଦୁଆଲକୁ ଗାଡ଼ିଦ୍ୱାରା ଆପଣାର ଘରକୁ ନିଆଯିବ ।—ଅପରିମିତ ମାଦକ ସେବନ ନିବାରଣର ଏହି ଏକ ପ୍ରକାର ଉପାୟ, ମନ୍ଦ ନୁହେ ।

କଲିକତା ବିଶ୍ୱବିଦ୍ୟାଳୟର ବି, ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଛାତ୍ରକୁ ବାର୍ଷିକ ଗୋଟିଏ ରୌପ୍ୟପଦକ ପ୍ରଦାନ କରିବା ଓ ତାହା ପାଇଁ ଗୋଟିଏ ବୃତ୍ତି ସ୍ଥାପନ କରିବା କାରଣ ନଡ଼ାଇଲର ଜମିଦାର ସୁରେନ୍ଦ୍ରନାଥପାଲ ଚୌଧୁରୀ ମନସ୍ଥ କରିଥିବାର କଥିତ ହୁଏ ।

ପଣ୍ଡିତଗଣ କହୁଅଛନ୍ତି ଯେ, ବର୍ତ୍ତମାନ ଯେ ଧୂମକେତୁଟି ଆକାଶରେ ଉଦୟ ହେଉଅଛି ତାହା ୧୮୪୩ ସାଲରେ ଉଦୟ ହୋଇଥିଲା ଏବଂ ୧୮୮୦ ସାଲରେ ପୁଣି ଫେରି ଆସିଥିଲା, ଏହାର ବୁଲିଆସିବାର ସମୟ କ୍ରମେ ଊଣା ହୋଇ ଆସୁଅଛି । ପଣ୍ଡିତବର ପ୍ରକ୍ଟର ସାହେବ କହନ୍ତି ଯେ, ଏ ପୁଣି ଛ ମାସରେ ଫେରି ଆସିବ; ସେ ସମୟରେ ଧୂମକେତୁଟି ସୂର୍ଯ୍ୟଙ୍କର ଏତେ ନିକଟକୁ ଯିବ ଯେ, ସୂର୍ଯ୍ୟ ତାହାକୁ ଗ୍ରାସ କରି ପକାଇବେ । ଏରୂପ ହେଲେ ଧୂମକେତୁଟି ସୂର୍ଯ୍ୟଙ୍କ ମଧ୍ୟରେ ବିଲୁପ୍ତ ହୋଇ ଯିବ, ତହିଁରେ ପୃଥିବୀର ଜଳ ବାୟୁ ସମ୍ବନ୍ଧରେ କଣ ଅତ୍ୟନ୍ତ ପରିବର୍ତ୍ତନ ହେବ । ସେହିପରି କୁରୁକ୍ଷେତ୍ର ଯୋଗର ସମୟରେ ବିପଦ ହେବାର କଥା ହୋଇଥିଲା ଏବଂ ଅନେକଥର ପୃଥିବୀ ଧ୍ୱଂସ ହେବାର କଥା ହୋଇଥାଏ, କିନ୍ତୁ ଆମ୍ଭେମାନେ ଏତେବେଳ ପର୍ଯ୍ୟନ୍ତ ମରି ନ ଥାଉଁ ଦେଖାଯାଉ ଆଉ ଛମାସ ପରେ ମରିବା କି ନାହିଁ !

ବରଦାଠାରେ ଏକ ନୂତନ ବାଙ୍କ ସ୍ଥାପିତ ହେଉଥିବାର ପୁନା ଅବଜରବର ଲେଖିଅଛନ୍ତି । ଏଥିର ମୂଳଧନ ଛ ଲକ୍ଷ ଟଙ୍କା ଅଟେ ଯେ ତହିଁମଧ୍ୟରୁ ଅର୍ଦ୍ଧେ ଗାଇକୱାଡ଼ ଦେଇଅଛନ୍ତି ଏବଂ ଅନ୍ୟ ଅର୍ଦ୍ଧେକ ଅଂଶିମାନଙ୍କଦ୍ୱାରା ପୂରଣ ହେବାର ପ୍ରସ୍ତାବ ହେଉଅଛି । ପ୍ରତି ଅଂଶ ଟ ୫୦୦ ଙ୍କା ନିର୍ଦ୍ଧାର୍ଯ୍ୟ ହୋଇଅଛି ।—

କଲିକତାରେ ଗୋଟିଏ ମୁସଲମାନ ଜାତୀୟା ସ୍ତ୍ରୀ ମାଇପିଟ କରିଥିବା ଅପରାଧରେ ଆପଣା ସ୍ୱାମୀ ନାମରେ ନାଲିଶ କରିଅଛି । ସ୍ତ୍ରୀଟିର ବୟସ ପ୍ରାୟ ୧୪ ବର୍ଷ । ତାହାର ସ୍ୱାମୀ ତାହାକୁ ଅଙ୍କ ଗଣିବା କହିଥିଲେ ସେ ୨୦ ପର୍ଯ୍ୟନ୍ତ ଅଙ୍କ ଗଣି ଦେଇ ଆଉ ନ ଆସିବାରୁ ସ୍ୱାମୀ କ୍ରୋଧାନ୍ୱିତ ହୋଇ କଠିନ ଭାବରେ ବେତ ଏବଂ ଯେତେରେ ଶୀଘ୍ର ପ୍ରହାର କରିଥିବାର ଫରିୟାଦି ପକ୍ଷ ଇଜହାର କରିଥିଲେ । ମାତ୍ର ବୈବାହିକ ସମ୍ବନ୍ଧରେ ସ୍ତ୍ରୀ ଅସନ୍ତୁଷ୍ଟ ପ୍ରକାଶ କରିଥିବା ପ୍ରହାରର କାରଣ ବୋଲି ମୁଦାଇ ଜବାବ ଦେଲା । ଯାହାହେଉ ମୁଦାଇର ଜବାବ ଯଥେଷ୍ଟ ନ ଥିବାରୁ ବିଚାରକ ତାହାକୁ ଟ ୩୦ ଙ୍କା ଜରିମାନା ଓ ନ ଦେଲେ ଏକମାସ ସାମାନ୍ୟ କାରାବାସ ଏବଂ ମା ୬ ସ ଶାନ୍ତି ସ୍ୱଭାବରେ ରହିବା କାରଣ ଟ ୨୦୦ ଙ୍କାର ଜାମିନ ମୁଚଲିକା ଦେବାର ଆଦେଶ ହେଲା ।—ସ୍ୱାମୀଙ୍କି ଏହା ଉପଯୁକ୍ତ ଅଟେ ।

ବର୍ତ୍ତମାନ ଏ ଦେଶରୁ ଯେଉଁମାନେ ବିଲାତକୁ ଯାଇ ସାଇରେନସେଷ୍ଟର ବିଦ୍ୟାଳୟରେ କୃଷିବିଦ୍ୟା ଅଧ୍ୟୟନ କରୁଅଛନ୍ତି ସେମାନଙ୍କ ସମ୍ବନ୍ଧୀୟ ନିୟମାବଳୀ ପରିବର୍ତ୍ତନ କରି ପ୍ରତିବର୍ଷ ଜ ୨ ଣ ଛାତ୍ର ପରିବର୍ତ୍ତରେ ଏଣିକି ଏକଜଣ ମାସିକ ଅଥବା ଖର୍ଚ୍ଚାରେ ବିଲାତ ପଠାଇବା କାରଣ ଷ୍ଟେଟ ସେକ୍ରେଟରୀ ବଡ଼ଲାଟ ସାହେବଙ୍କୁ ଲେଖିଅଛନ୍ତି ।—ଏଥିର କାରଣ ବୁଝାଗଲା ନାହିଁ ।

ପ୍ରଜାପୀଡ଼ନ ଓ ଅଧିକା ଜମା ବସାଇବା ହେତୁ ଅଯୋଧ୍ୟା ପ୍ରଦେଶର ଯେଉଁ ତାଲୁକଦାରଙ୍କୁ ଆପଣା ତାଲୁକରୁ ରହିତ କରି ଯାଇଥିଲା ସେ ପୁଣି ସଂଯମତ ନ୍ୟାୟପରରେ ପ୍ରଜା ପାଳନ କରିବାକୁ ପ୍ରାର୍ଥନା କଲାରୁ ତାହାକୁ ତାହାର ତାଲୁକ ଫେରି ଦିଆ ଯାଇଥିବାର ପାୟୋନିୟର ଲେଖିଅଛନ୍ତି ।—ଏ ଉଦାର ସଜ୍ଜନତାର କାର୍ଯ୍ୟ ।

ପ୍ରତିନିଧି ଲର୍ଡ ରିପନ ଲାହୋରରେ ଉପସ୍ଥିତ ହେବା ସମୟରେ କାଶ୍ମୀରର ରାଜା ତାହାଙ୍କୁ ଗୋଟିଏ ଘଉ ଉପହାର ଦେଇଅଛନ୍ତି । ଘଉଟିର ଦୈର୍ଘ୍ୟ ୭ ଫିଟ ୭ ଇଞ୍ଚ, ବ୍ୟାସ ୩ ଫିଟ, ଓଜନରେ ଏକମହଣ ଅଧସେରେ ।

### ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ

ଏହିମାସ ତା ୧୦ ରିଖ ଦିନ ପ୍ରାତଃକାଳେ ଉଦାରମତି କଲେକ୍ଟର ଶ୍ରୀଯୁକ୍ତ ପଗ୍ନି ସାହେବ ମହୋଦୟ କେନ୍ଦ୍ରାପଡ଼ା ନଗରରେ ପ୍ରବେଶ କଲେ, ସେଦିନ ରାତ୍ରିରେ ସହରେ ଦୀପାନ୍ୱିତା ଅମାବାସ୍ୟା ଥିଲା ତହିଁରେ ସାହେବ ମହୋଦୟ ଆସିବାରେ ତାହା ବିଶେଷରୂପେ ସଜିତ ହୋଇ ଥିଲା ପ୍ରକାଶ୍ୟ ସ୍ଥାନମାନ ଦୀପାବଳୀରେ ଏପରି ସୁସଜ୍ଜିତ ହୋଇ ଥିଲା ଯେ ଦୂରରୁ କେବଳ ଗୋଟିଏ ଆଲୋକର ରେଖା ଉଜ୍ଜ୍ୱଳରୂପେ ବୋଧ ହେଉ ଥିଲା ।

ଅନେକ ଲୋକ କହନ୍ତି ଯେ ସଃ ଡିବିଜନ ହେଲା ତାରିଖରୁ ଏପରି ରୋଷନାଇ କେବେହେଁ ହୋଇ ନାହିଁ ସାହେବଙ୍କର ତାମ୍ବୁ କଚେରୀ ବଗିଚାରେ ପଡ଼ି ଥିଲା ସେଠାରେ ସନ୍ଧ୍ୟା ସମୟରୁ ରାତ୍ରି ଘ ୯ ଟିକା ପର୍ଯ୍ୟନ୍ତେ ବାବୁ ଜଗନ୍ନାଥ ଭ୍ରମରବର ରାୟ ଅନେକ ପ୍ରକାର ବମ୍ବାଜୀ ଓ ଆତସବାଜୀ କରାଇ ଥିଲେ ତଦ୍ବାଦ ଯଥାମତେ ସଲାମ ଇତ୍ୟାଦି ହୋଇ ଯେ ଯାହା ନିବାସକୁ ଗଲେ ।

ଗତ କଲ୍ୟ ତା ୧୩ ରିଖ ଅପରାହ୍ଣ ସମୟରେ କେନ୍ଦ୍ରାପଡ଼ା ନୂତନ ସ୍କୁଲ ଗୃହରେ ସନ ୧୮୮୧ ମସିହାର କେନ୍ଦ୍ରାପଡ଼ା ସ୍କୁଲର ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନଙ୍କର ପାରିତୋଷିକ ଦାନ କାର୍ଯ୍ୟ ଅତି ସମାରୋହ ସହିତ ହୋଇ ଥିଲା ସେଠାରେ ସଃ ଡିବିଜନସ୍ଥ ଯାବତୀୟ ଭଦ୍ରଲୋକ ଓ କଟକରୁ ଆଗତ କଟକ ଜିଲ୍ଲାସ୍କୁଲ ସମୂହର ଡେପୁଟୀ ଇନ୍‌ସ୍ପେକ୍ଟର ମହାଶୟ ଏବଂ କଲେକ୍ଟର ସାହେବ ମହୋଦୟଙ୍କ ସହିତ ଆସିଥିବା ଅମଲାମାନେ ଉପସ୍ଥିତ ଥିଲେ ସଭାପତିର ଆସନ ଅମ୍ଭମାନଙ୍କ କଲେକ୍ଟର ଉଦାରମତି ପଗ୍ନି ସାହେବ ମହୋଦୟ ଗ୍ରହଣ କରିଥିଲେ, ହେଡ୍‌ମାଷ୍ଟର ସ୍କୁଲର ବାର୍ଷିକ ରିପୋର୍ଟ ପାଠ କଲା ଉତ୍ତାରୁ ବାବୁ ଚନ୍ଦ୍ରଶେଖର ବନ୍ଦ୍ୟୋପାଧ୍ୟାୟ ମହୋଦୟଙ୍କ କୃତ ନୂତନ ସ୍କୁଲ ଗୃହ ବିଷୟରେ ଗୋଟିଏ ବଙ୍ଗଳା କବିତା ସ୍କୁଲର ଜଣେ ବାଳକ ପାଠ କଲେ, ତଦ୍ବାଦ କଲେକ୍ଟର ସାହେବ ସ୍ୱହସ୍ତରେ ବାଳକମାନଙ୍କୁ ଆନନ୍ଦ ସହିତ ପାରିତୋଷିକ ବଣ୍ଟନ କଲେ, ତଦ୍ବାଦ କେତେକ ଛାତ୍ର ଇଂରେଜୀ ବଙ୍ଗଳା ଓ ଓଡ଼ିଆରେ ଗୀତ ପାଠ କରି ଥିଲେ, ତଦ୍ବାଦ କଲେକ୍ଟର ସାହେବ ମହୋଦୟ କେନ୍ଦ୍ରାପଡ଼ାରେ ଗୋଟିଏ ହାଇସ୍କୁଲ କରିବା ନିମନ୍ତେ ଜଣେ ପ୍ରସ୍ତାବ କରି ଗବର୍ଣ୍ଣମେଣ୍ଟରୁ ଟ ୧୦୦୦୯ ଙ୍କା ସ୍କୁଲ ଜିନସପତ୍ର ଖରିଦ ହେବା ନିମନ୍ତେ ମଞ୍ଜୁରି କରାଇବାପାଇଁ ପ୍ରତିଶ୍ରୁତ ହେଲେ ସ୍କୁଲ ସମ୍ପାଦକ ବାବୁ ଚନ୍ଦ୍ରଶେଖର ବନ୍ଦ୍ୟୋପାଧ୍ୟାୟ ସ୍କୁଲର ଗୃହଦାତାମାନଙ୍କୁ ଲକ୍ଷକରି ଅନେକ ଧନ୍ୟବାଦ କଲେ ଏବଂ ସ୍କୁଲର ପାରିତୋଷିକ ବିଷୟରେ ଗୋଟିଏ ସୁଦୀର୍ଘ ବକ୍ତୃତା କରି ଥିଲେ ଏବଂ ଅବଶେଷରେ ମାନ୍ୟବର ବାବୁ ମଧୁସୂଦନ ରାଓ କଲେକ୍ଟର ସାହେବ ଓ ବାବୁ ଡେପୋଟୀ ମାଜିଷ୍ଟ୍ରେଟ ମହାଶୟଙ୍କ ଇଂରେଜୀ ବକ୍ତୃତାର ଭାବ ଓଡ଼ିଆରେ ସମସ୍ତଙ୍କୁ ବୁଝାଇ ଦେଇ ବିଦ୍ୟାଶିକ୍ଷା ବିଷୟରେ ଗବର୍ଣ୍ଣମେଣ୍ଟଙ୍କ ରାଜନୀତି ସୁସ୍ପଷ୍ଟରୂପେ ସମସ୍ତଙ୍କୁ ବୁଝାଇ ଦେଲେ ଏବଂ ଯହିଁରେ ଦେଶୀୟ ଲୋକମାନେ ବିଦ୍ୟାଶିକ୍ଷା ବିଷୟରେ ଆପଣା ଉପରେ ଅନେକ ନିର୍ଭର କରନ୍ତି ଏ ବିଷୟରେ ସୁନ୍ଦର ବକ୍ତୃତା କରିଥିଲେ ଏବଂ ପଗ୍ନି ସାହେବ ଅତ୍ୟନ୍ତ ଆନନ୍ଦର ସହିତ ହାଇସ୍କୁଲ ହେବା ବିଷୟରେ ଅନେକ ଯତ୍ନ କରୁଅଛନ୍ତି ବୋଲି ଏ ସ୍କୁଲକୁ କେନ୍ଦ୍ରାପଡ଼ା ପଗ୍ନି ହାଇସ୍କୁଲ ବୋଲି ପ୍ରସ୍ତାବ କଲେ ।

୧୪।୧୧।୮୨ } ବଶମ୍ବଦ
BHOGOBATHY CHARN DAS

---

ସନ ୧୮୮୨ ମସିହା ମାଇନର ଓ
ବର୍ଣ୍ଣାକ୍ୟୁଲର ବୃତ୍ତି ପରୀକ୍ଷାର ଫଳ
ପାରଦର୍ଶିତାନୁସାରେ ।

#### ମାଇନର ।

##### ୧ ମ ଶ୍ରେଣୀ ।

| ନାମ | ସ୍କୁଲ |
|---|---|
| ୧ ରାଧାକୃଷ୍ଣ ଦାସ | କେନ୍ଦ୍ରାପଡ଼ା ସ୍କୁଲ |
| ୨ ବନମାଳୀ ପଟ୍ଟନାୟକ | ଖୋର୍ଦ୍ଧା „ |
| ୩ ଅଦ୍ୱୈତଚରଣ ବୋଷ | „ „ |
| ୪ ଶଶିନାଥ ବୋଷ | କେନ୍ଦ୍ରାପଡ଼ା „ |
| ୫ ଭଗବତପ୍ରସାଦ ବୋଷ | କଟକ ସଙ୍ଗତ „ |
| ୬ ରାବଣାମ୍ବି ବିଶାଲ | ଯାଜପୁର „ |

##### ୨ ୟ ଶ୍ରେଣୀ ।

| | |
|---|---|
| ୭ କ୍ଷେତ୍ରମୋହନ ମହାପାତ୍ର | ଖୋର୍ଦ୍ଧା „ |
| ୮ ରମାନାଥ ଦତ୍ତ | ବାରବାଟୀ „ |
| ୯ କ୍ଷେତ୍ରମୋହନ ପଟ୍ଟନାୟକ | ଖୋର୍ଦ୍ଧା „ |
| ୧୦ ସୁଦର୍ଶନ ମହାପାତ୍ର | ଅରୁଅ „ |
| ୧୧ ଗୁରୁଚରଣ ଦାସ | ଯାଜପୁରସ୍କୁଲ |
| ୧୨ ନୀଳମଣି ଲାଲ | ଖୋର୍ଦ୍ଧା „ |
| ୧୩ ରଘୁନାଥ ମହାନ୍ତି | ଜମପଡ଼ା „ |
| ୧୪ ମାୟାଧର ରାୟ | ଖୋର୍ଦ୍ଧା „ |
| ୧୫ ରଘୁନାଥ ଦାସ | ଜମାପଡ଼ା „ |
| ୧୬ ମଧୁସୂଦନ ଦାସ | ଜମାପଡ଼ା „ |

##### ୩ ୟ ଶ୍ରେଣୀ ।

| | |
|---|---|
| ୧୭ ନଗେନ୍ଦ୍ରନାଥ ଘୋଷ | ହାହାରଷଣ୍ଡ „ |

---

#### ଵର୍ଣ୍ଣାକ୍ୟୁଲର ।

##### ୧ ମ ଶ୍ରେଣୀ ।

| | |
|---|---|
| ୧ ଗୁର୍ଲିସ୍ ସିଂହ | ବାଲେଶ୍ୱର ମିଶନ୍ ସ୍କୁଲ |
| ୨ ଗୁରୁଚରଣ ବନ୍ଦ୍ୟୋପାଧ୍ୟାୟ | ରେମୁଣା „ |
| ୩ ଦୁର୍ଗାଚରଣ ଦାସ | କଟକ ମଡ଼େଲ „ |
| ୪ ଚକ୍ରପାଣି ପଟ୍ଟନାୟକ | ଢେଙ୍କାନାଳ „ |
| ୫ ନୀଳକଣ୍ଠ ନନ୍ଦ | ଭୁବନେଶ୍ୱର „ |
| ୬ ସିଦ୍ଧେଶ୍ୱର କର | ଉଦ୍‌ପୁର „ |
| ୭ ସୁଦର୍ଶନ ମହାନ୍ତି | ବେରବୋଇ „ |
| ୮ ସୁଦର୍ଶନ ଦାସ | ସୁବର୍ଣ୍ଣପୁର „ |
| ୯ ଗୁରୁପ୍ରସାଦକାନୁନଗୋ, | ବାଲେଶ୍ୱରମିଷନ୍ „ |
| ୧୦ ବଳଦେବଚରଣ ଦାସ | ବେଣ୍ଟକାର „ |
| ୧୧ ସନ୍ଥଚରଣ ମହାନ୍ତି | ଶ୍ରୀରାମଚନ୍ଦ୍ରପୁର „ |
| ୧୨ ସୂର୍ଯ୍ୟମଣି ମହାନ୍ତି | ବେଣ୍ଟକାର „ |
| ୧୩ ମହେନ୍ଦ୍ରଚନ୍ଦ୍ର ବୋଷ | ଦେନ୍ତୁଡ଼ା „ |
| ୧୪ ବାଳକୃଷ୍ଣ ପାଢ଼ୀ | ବଢ଼ିପଡ଼ା „ |
| ୧୫ କୃଷ୍ଣଚନ୍ଦ୍ର ମହାନ୍ତି | ବାଘୁରାଇ „ |
| ୧୬ ମାଗୁଣି ସିଂହ | ପଟ୍ଟାମୁଣ୍ଡେଇ „ |
| ୧୭ ମଥୁରମୋହନ ମିଶ୍ର | ବାଗୁରାଇ „ |
| ୧୮ ନରେନ୍ଦ୍ରନାଥ ମହାପାତ୍ର | ଅଳିଲପୁର „ |

##### ୨ ୟ ଶ୍ରେଣୀ ।

| | |
|---|---|
| ୧୯ ଜନାର୍ଦ୍ଦନ ଚକ୍ରବର୍ତ୍ତୀ | ଗୃହୋଲ „ |
| ୨୦ ଦୀନନାଥ ସିଂହ | „ „ |
| ୨୧ ମଧୁର ସାମଲ | ପୁରୁଣାଗଡ଼ „ |
| ୨୨ କୃତ୍ତିବାସ ଘୋଷ | ଦେନ୍ତୁଡ଼ା „ |
| ୨୩ ପଦ୍ମନାଭ ତ୍ରିପାଠୀ | ସୁବର୍ଣ୍ଣପୁର „ |
| ୨୪ ଜୟକୃଷ୍ଣ ମହାନ୍ତି | ଶିକ୍ଷକ ପାଇଅ „ |
| ୨୫ ରାଧାକୃଷ୍ଣ ଦାସ | ବାଲେଶ୍ୱର ମିଷନ୍ „ |
| ୨୬ ଛନ୍ଦେଜୟ ଦାସ | ବେରବୋଇ „ |
| ୨୭ ହରିହରଚରଣ ସାହୁ | ପ୍ରଳଙ୍ଗ „ |
| ୨୮ ମହେନ୍ଦ୍ରନାରାୟଣ ଦାସ | ହାହାରଷଣ୍ଡ |
| ୨୯ ଅକ୍ଷୟନାରାୟଣ ଗିରି | ପ୍ରତାପପୁର ସ୍କୁଲ |
| ୩୦ ସେଖ୍ ହାକିମ ମହମ୍ମଦ | ମହାସିଂପୁର „ |

Digitized by srujanika@gmail.com

୩୧ ଦାଶରଥୀ ମହାପାତ୍ର, ଶିକ୍ଷକ ବାଲେଶ୍ୱର ମଡ଼େଲ ପାଠଶାଳ
୩୨ ହରେକୃଷ୍ଣ ମିଶ୍ର — ସିଦ୍ଧେଶ୍ୱରପୁର ସ୍କୁଲ
୩୩ ନୀଳକଣ୍ଠ ଦାସ — ଢେଙ୍କାନାଳ „
୩୪ ହରବନ୍ଧୁ ତ୍ରିପାଠୀ — ପ୍ରତାପଶାସନ „
୩୫ ଦୁର୍ଗାଚରଣ ସାମନ୍ତ — ସମନ୍ତପୁର „
୩୬ ଈଶାନଚନ୍ଦ୍ର ଦାସ — ରେମୁଣା „
୩୭ କ୍ଷେତ୍ରମୋହନ ବାନୁର୍ଯ୍ୟା, ଶିକ୍ଷକ ଭଦ୍ରଖ ବାଳିକାବିଦ୍ୟାଳୟ
୩୮ ଗଙ୍ଗାଧର ମହାପାତ୍ର — ତାଳଚେର ସ୍କୁଲ
୩୯ ଲୋକନାଥ ବ୍ରହ୍ମା — ଜାଁଅଳା „
୪୦ ରାମଚନ୍ଦ୍ର ଦାସ — ସୁନରଗାଁ „
୪୧ ସନାତନ ପଟ୍ଟନାୟକ — ପୁରୁଣାଗଡ଼ „
୪୨ ଫକୀର ଖାଁ — ସାମନ୍ତପୁର „
୪୩ ନୀଳମଣି ମହାନ୍ତି — ବେଣ୍ଟକାର „
୪୪ ସେଖ୍ ଅଲ୍ଲାବକ୍ସ — କୃଷ୍ଣାନନ୍ଦପୁର „
୪୫ ବିଶ୍ୱନାଥ ମିଶ୍ର — ଖାରନରସିଂହପୁର „
୪୬ ଫକୀରଚରଣ ମହାନ୍ତି — ଭୁବନେଶ୍ୱର „
୪୭ ପୀତବାସ ମହାନ୍ତି — ପ୍ରତାପଶାସନ „
୪୮ ଲୋକନାଥ ଗୋସ୍ୱାମୀ — ଅସ୍ତରେଶ୍ୱର „
୪୯ ଜାଣାରାମ ବସୁ — ଦେହୁଡ଼ା „
୫୦ ଭୁବନ ନାୟକ — କାଉପୁର „
୫୧ ବୃନ୍ଦାବନ ଦାସ — ଢେଙ୍କାନାଳ „
୫୨ ସୀତାନାଥ ସେନ୍ — ରେମୁଣା „
୫୩ ସତ୍ୟବାଦୀ ପଟ୍ଟନାୟକ — ପୁରୁଣାଗଡ଼ „
୫୪ ଦୟାନିଧି କର — ଶିକ୍ଷକ ଚନ୍ଦନନଗର „
୫୫ ରତ୍ନାକର ମିଶ୍ର — ବସିପଡ଼ା „
୫୬ ଜଗନ୍ନାଥ ମର୍ଦ୍ଦରାଜ ସିଂହ ସାମନ୍ତ — ତାଳଚେର „
୫୭ ସାଧୁଚରଣ ସାହୁ — ପୁନଙ୍ଗ „
୫୮ ନୀଳକଣ୍ଠ ମିଶ୍ର — ନୂଆଗଡ଼ „
୫୯ ନୀଳମଣି ମିଶ୍ର — ଚର୍ଚ୍ଚିକା „
୬୦ ଜୟକୃଷ୍ଣ ମିଶ୍ର — ସୁନରଗାଁ „
୬୧ ଜନାର୍ଦ୍ଦନ ସିଂହ — ମହାସିଂହପୁର „
୬୨ ମୋହନ ନାୟକ — ଭୁବନେଶ୍ୱର „
୬୩ ଶ୍ରୀନିବାସ ପଟ୍ଟନାୟକ — ତାଳଚେର „
୬୪ ଅବଦୁଲ ମଜିଦ୍ ଖାଁ — କୃଷ୍ଣାନନ୍ଦପୁର „
୬୫ ବଳରାମ ବିଶାଳ — ପୁନଙ୍ଗ „
୬୬ ଚନ୍ଦ୍ରମଣି ମହାନ୍ତି — ବେରବୋଇ „
୬୭ ଦୁର୍ଗାଚରଣ ସିଂହ — ବାରଦା „
୬୮ ସେଖ୍ ମହେବୁବ୍ ଅଲ୍ଲୀ — ବାରବାଟୀ „
୬୯ ଗୋପୀନାଥ ଛଟନଳ ସାମନ୍ତ, — ତାଳଚେର „
୭୦ ସଦାନନ୍ଦ ସାହୁ — ପୁନଙ୍ଗ „
୭୧ ଜଗନ୍ନାଥ କର — ବାରବାଟୀ „

୩ୟ ଶ୍ରେଣୀ ।

୭୨ ଗୋପାଳ ମିଶ୍ର — ଅନ୍ୟାସୀପୁର „
୭୩ ବୃନ୍ଦମଣି ଦାସ — ଯାଜପୁର „
୭୪ ଘନଶ୍ୟାମ ରଥ — ପ୍ରତାପଶାସନ „
୭୫ ମଦନମୋହନ ଦାସ, ଶିକ୍ଷକ ରେମୁଣା „
୭୬ ଚନ୍ଦ୍ରମଣି ତ୍ରିପାଠୀ — ପୁରୀ ଟାଉନ୍ „
୭୭ ପୁରୁଷୋତ୍ତମ ନନ୍ଦ — ଶିକ୍ଷକ ରଢଙ୍ଗ ସ୍କୁଲ କନ୍ଧମାଳ
୭୮ ଚନ୍ଦ୍ରମଣି ପଟ୍ଟନାୟକ, ବ୍ୟାପ୍ଟିଷ୍ଟଜେନେରଲ ସ୍କୁଲ
୭୯ ବୈରାଗୀଚରଣ ଶତପଥୀ, ମହାସିଂହପୁର „

By order
Bhuvaneswar Datta
Hd. Clerk
Jt. Inspector of schools
Orissa.

Cuttack
17-11-82.

---

## ବିଜ୍ଞାପନ ।

### ଏହି କଟକ ସହରର ସମସ୍ତ ଚୌକିଦାରୀ ଟେକ୍ସଦାୟକମାନଙ୍କ ପ୍ରତି ।

ମହାମାନ୍ୟ ସରକାର ବାହାଦୁରଙ୍କର ଇଚ୍ଛା ଏହି ଯେ ସମସ୍ତ ଲୋକେ ବର୍ତ୍ତମାନ ଅପେକ୍ଷା ସମସ୍ତ ସାଧାରଣ କାର୍ଯ୍ୟ ଚଳିବା ପକ୍ଷରେ ବିଶେଷ ଯତ୍ନ ଓ ପ୍ରବେଶ ରଖିବେ ଏହି ହେତୁ ସମସ୍ତ ଲୋକଙ୍କର ଉପକାର ନିମନ୍ତେ ମିଉନିସିପାଲିଟିର ସକଳ କାର୍ଯ୍ୟ ସମ୍ବନ୍ଧେ ତଳଲିଖିତ ବିଷୟମାନ ସମସ୍ତଙ୍କୁ ଜଣାଇ ଦିଆଯାଉଅଛି ।

ଆଜିକାଲି କେତେକ ସରକାରୀ କର୍ମଚାରୀ ଯେଉଁମାନେ କି ଆଇନାନୁଯାୟୀ ସର୍ବଦା ସରକାରୀ କମିଶନର ସେମାନଙ୍କ ଛଡ଼ା ବାକୀ ସମସ୍ତ ମିଉନିସିପଲ କମିଶନରମାନେ ମିଉନିସିପଲ ସଭାର ସଭାପତିଙ୍କଦ୍ୱାରା ମନୋନୀତ ହୋଇ ଗବର୍ଣ୍ଣମେଣ୍ଟଙ୍କଦ୍ୱାରା ମୁକରର ହୁଅନ୍ତି । ଆଇନାନୁଯାୟୀ ଏହି କମିଶନରମାନଙ୍କ ସଂଖ୍ୟା ତିନିଶରୁ ଅଧିକ ହୋଇ ନ ପାରେ, ମିଉନିସିପଲ ଆଇନର ୧୬ ଧାରାନୁଯାୟୀ ଯଦି ଟେକ୍ସଦାୟକମାନଙ୍କ ମଧ୍ୟରୁ ଅତି କମରେ ତିନି ଭାଗରୁ ଏକ ଭାଗ ଟେକ୍ସଦାୟକ ଏହା ଇଚ୍ଛା କରନ୍ତି ଓ ଏକ ଦରଖାସ୍ତରେ ଦସ୍ତଖତ କରନ୍ତି ତେବେ ଏହି ସରକାରୀ କମିଶନରମାନଙ୍କ ଛଡ଼ା ବାକୀ କମିଶନରମାନେ ବର୍ଷକୁ କେତେକ ନିର୍ଦ୍ଦିଷ୍ଟ ପରିମାଣରେ ଚୌକିଦାରୀ ଟେକ୍ସ ଦେଉଥିବା ଲୋକମାନଙ୍କଦ୍ୱାରା ମନୋନୀତ ହେବେ । ଏହି ମନୋନୀତ କାର୍ଯ୍ୟ ନିମ୍ନଲିଖିତରୂପେ ହେବ । ଯଥା, ପ୍ରତ୍ୟେକ ମନୋନୀତକାରୀ ମତ ଗ୍ରହଣ କାଗଜରେ ଦସ୍ତଖତ କରିବେ ଓ ତହିଁରେ ଲେଖିବେ ଯେ ସେ କାହାକୁ କମିଶନର ପଦରେ ନିଯୁକ୍ତ କରିବାକୁ ଇଚ୍ଛା କରନ୍ତି । ପ୍ରଥମେ ମନୋନୀତକାରୀମାନଙ୍କର ଏହି କର୍ମ କରିବା ସକାଶେ କମିଶନର ପଦପ୍ରାପ୍ତ ହେବାକୁ ଯେଉଁମାନେ ଇଚ୍ଛା କରନ୍ତି ସେମାନଙ୍କର ଏକ ତାଲିକା ସର୍ବସାଧାରଣଙ୍କୁ ଜ୍ଞାତ କରାଯିବ । ଯାହାଙ୍କ ସକାଶେ ଅଧିକ ମନୋନୀତକାରୀ ମତ ଦେବେ ସେହି ବ୍ୟକ୍ତି କମିଟୀରେ ମୁକରର ହେବେ । ବର୍ତ୍ତମାନ କମିଶନରମାନଙ୍କ ପର ଉପରୋକ୍ତମତେ ନିଯୁକ୍ତ ହୋଇଥିବା କମିଶନରମାନେ କ୍ଷମତା ପାଇବେ, ଓ କାର୍ଯ୍ୟର ଦାୟୀ ହେବେ ଅର୍ଥାତ୍ ସେମାନେ ଅବଶ୍ୟ ରାସ୍ତାର ବନ୍ଦୋବସ୍ତ କରିବେ, ସହରରେ ଜଳ ଯୋଗାଇବେ, ବିଦ୍ୟାଳୟ ଓ ଡାକ୍ତରଖାନା ବସାଇବେ, ଓ ଗଳିମାନଙ୍କରେ ପାଣି ଛୁଟାଇବେ ଓ ଆଲୁଅ ଦେବେ, ଇତ୍ୟାଦି । ବର୍ତ୍ତମାନ ସେମାନେ ଯେ କୌଣସି ପ୍ରକାରେ ଟେକ୍ସ ମାଫ କରି ପାରିବେ ଏହା ସମ୍ଭବ କରିବାର କୌଣସି ହେତୁ ନାହିଁ । କାରଣ ଏହି ସହର ଯେତେଦୂର ହୋଇ ପାରିବ ଓ ହେବାର ଉଚିତ ତେତେଦୂର ଏହାକୁ ସ୍ୱାସ୍ଥ୍ୟଜନକ କରିବା ପାଇଁ ଅନେକ କାର୍ଯ୍ୟ ବାକୀ ଅଛି । ଯଥା, ପ୍ରଧାନ ନାଳ ସହିତରେ ବଡ଼ ନାଳମାନ ଯୋଗ କରିବା ନିମନ୍ତେ ଗଳିମାନଙ୍କରୁ ପାଣି ବାହାର ହେବା କାରଣ ସଡ଼କ ଧାରରେ ଛୋଟ ଛୋଟ ନାଳ ବେଶି ପକାଇବା ଅଧିକ ବିଦ୍ୟାଳୟ, ଇତ୍ୟାଦି । ଏହା ସ୍ପଷ୍ଟ ବୁଝା ଯାଉଅଛି, ଯେ ସରକାର ବାହାଦୁର ଟେକ୍ସ ମାଫ କରିବାକୁ ଚାହୁଁ ନାହାନ୍ତି, କାରଣ ସେ ଯେତେବେଳେ ମିଉନିସିପାଲିଟିମାନଙ୍କୁ ପୋଲିସ ଖର୍ଚ୍ଚାରୁ ମାଫ ଦେଇଅଛନ୍ତି, ସେତେବେଳେ ସେ ଏହା ଏହି ସର୍ତ୍ତରେ କରୁଅଛନ୍ତି ଯେ ପୂର୍ବରେ ପୋଲିସ ବାବତରେ ଯେ ଟଙ୍କା ଖର୍ଚ୍ଚ ହେଉଥିଲା ( କଟକରେ ବର୍ଷକୁ ପ୍ରାୟ ଟ ୬୦୦୦ ) ଭବିଷ୍ୟତକୁ ସେ ସମସ୍ତ ଟଙ୍କା ଅନ୍ୟ ୨ ବିଷୟରେ ଖର୍ଚ୍ଚ ହେବ । ଯଥା, ଜଳ ଯୋଗାଇବା, ଗଳିରେ ଆଲୁଅ ଦେବା ଓ ବିଦ୍ୟାଳୟ ଇତ୍ୟାଦି ।

ଯଦି ଏକ ପକ୍ଷରେ କୌଣସି ଭବିଷ୍ୟତ ସମୟରେ ଟେକ୍ସ କିଛି ମାଫ ହୋଇ ପାରେ ତେବେ ଅପର ପକ୍ଷରେ ଏହା ସମ୍ପୂର୍ଣ୍ଣ ଅସମ୍ଭବ ନୁହେଁ ଯେ ବିଦ୍ୟାଳୟ, ଡାକ୍ତରଖାନା, ଜଳ

Split by PDF Splitter
Digitized by srujanika@gmail.com

Split by PDF Splitter



ଯୋଗାଇବା ଇତ୍ୟାଦି ବିଷୟ୍ରୁ ଜମଲେ ଯେ ସବୁ ବେଶି ଖର୍ଚ୍ଚ ପ୍ରୟୋଜନ ହେବ ତହିଁପାଇଁ ବର୍ତ୍ତମାନ ଅପେକ୍ଷା ମଧ୍ୟ ବେଶି ଟଙ୍କା ଆବଶ୍ୟକ ହେବ ।

Cuttack 7th Novr. 1382. } R. H. Pawsey, *Magistrate.*

✓ ବିଜ୍ଞାପନ ।

ଏ କଥା ପ୍ରାୟ ସମସ୍ତେ ଜାଣନ୍ତି ଯେ ଏହି କଟକ ସହରରେ ଘର ଓ ଗାଡି ଘୋଡ଼ା ଇତ୍ୟାଦି ଉପରେ ଟାକ୍ସ ବସି ଯେଉଁ ଟଙ୍କା ଉସୁଲ ହୁଏ ସେ ଟଙ୍କା ଖର୍ଚ୍ଚ ହୋଇ ସହର ସଫା ରାସ୍ତାମରାମତି ଇତ୍ୟାଦି ସାଧାରଣ ଉପକାରଜନକ କାର୍ଯ୍ୟମାନ କରାଯାଏ । ସେ ଟାକ୍ସକୁ ମିଉନିସିପାଲ ଟାକ୍ସ କୁହାଯାଏ ।

ଉକ୍ତ ଟଙ୍କା ଉସୁଲ କରି ଉପରଲେଖାମତେ ଖର୍ଚ୍ଚ କରିବାପାଇଁ ଏହି କଟକ ସହର ମଧ୍ୟରେ ଗୋଟିଏ ସଭା ଅଛି ସେ ସଭାର ନାମ ମିଉନିସିପାଲ କମିଟୀ ଓ ଯେଉଁମାନେ ସେ ସଭାରେ ବସନ୍ତି ତାହାଙ୍କୁ ମିଉନିସିପଲ କମିଶନର କୁହାଯାଏ ।

ବର୍ତ୍ତମାନର ନିୟମ ଅନୁସାରେ ଯେଉଁ ବ୍ୟକ୍ତି ଯେତେବେଳେ ଜିଲାର ମାଜିଷ୍ଟ୍ରେଟ ଥାନ୍ତି ସେ ସେତେବେଳେ ଉକ୍ତ କମିଟୀର ସଭାପତି ହୁଅନ୍ତି ଏବଂ ସେ ଯାହାଙ୍କୁ ପସନ୍ଦ କରି ରିପୋର୍ଟ କରନ୍ତି ସେହିମାନେ ମିଉନିସିପଲ କମିଶନର ପଦରେ ସରକାରରୁ ମୁକରର ହୁଅନ୍ତି । ଏହି କମିଟୀଦ୍ୱାରା ବର୍ତ୍ତମାନ ମିଉନିସିପାଲଟୀର ସମସ୍ତ କାର୍ଯ୍ୟ ଚଳୁଅଛି । ଏହି ସଭା ସମୟେ୨ ଆଇନ ମୁତାବକ ଟାକ୍ସ ବନ୍ଦୋବସ୍ତ କରନ୍ତି ଏବଂ ଉକ୍ତ ଟାକ୍ସ ଟଙ୍କା ଯେଉଁ୨ କର୍ମରେ ଖରଚ କରିବାର ଭଲ ବୁଝନ୍ତି ତହିଁରେ ଖର୍ଚ୍ଚ କରନ୍ତି ।

ଏଣିକି ପ୍ରସ୍ତାବ ହେଉଅଛି କି ଉପରଲେଖାମତେ ମିଉନିସିପାଲ କମିଟୀ ମୁକରର ନ ହୋଇ ନର୍ବାଚନ ପ୍ରଣାଳୀ ଅନୁସାରେ ହେବ । ନର୍ବାଚନପ୍ରଣାଳୀର ମର୍ମ୍ମ ଏହି ଯେ ଏବେ ଯେପରି ସରକାରରୁ ସଭାର ସଭ୍ୟମାନେ ମୁକରର ହେଉ ଅଛନ୍ତି ତାହା ନ ହୋଇ ସହରର ଯେଉଁମାନେ ଟାକ୍ସ ଦଅନ୍ତି ସେହିମାନେ ତାଙ୍କ ଇଚ୍ଛାନୁସାରେ ଯାହାକୁ ପସନ୍ଦ କରିବେ ତାହାକୁ ମୁକରର କରିବେ । ସହରର ପ୍ରତ୍ୟେକ ବିଭାଗର ଲୋକଙ୍କୁ ଜଣେ ବା ତହିଁରୁ ଅଧିକ ସଭ୍ୟ ମନୋନୀତ କରିବାକୁ ହେବ । ଟାକ୍ସଦାତାମାନେ ଆପଣା୨ ମନରେ ବିବେଚନା କରି ତାଙ୍କ ଜାଣିବାରେ ଯେଉଁ ଲୋକ ତାଙ୍କ ବିଭାଗ ସକାଶେ ସଭ୍ୟ ହେଲେ ଭଲ ହେବ ତାଙ୍କୁ ମୁକରର କରିବା ସକାଶେ ଆପଣା ରାୟ ଦେବେ । ପ୍ରତ୍ୟେକ ବିଭାଗର ବେଶୀ ଲୋକ ଯେଉଁମାନଙ୍କୁ ମନୋନୀତ କରିବେ ସେହି ଲୋକ ସେ ବିଭାଗ ସକାଶେ ସଭ୍ୟ ଅର୍ଥାତ କମିଶନର ହେବେ । ଏହିପରି ପ୍ରତ୍ୟେକ ଭାଗ ସକାଶେ ସଭ୍ୟ ମୁକରର ହେଲାରୁ ସେହିମାନେ ମିଉନିସିପାଲ କମିଟୀର କମିଶନର ହେବେ ଓ ସେହି କମିଶନରମାନେ ଯାହାଙ୍କୁ ମନୋନୀତ କରିବେ ସେ ଉକ୍ତ କମିଟୀର ସଭାପତି ହେବେ । ଏପରି ହେଲେ ଟାକ୍ସଦାତାମାନେ ଆପଣା ଅବସ୍ଥାକୁ ଚାହିଁ ଟାକ୍ସ ବସାଇ ସେ ଟଙ୍କା ଆପଣାହାତରେ ରଖି ଖର୍ଚ୍ଚ କରି ପାରିବେ କାରଣ ସେମାନଙ୍କର ଯାହାଙ୍କ ଉପରେ ବିଶ୍ୱାସ ଓ ଯେଉଁମାନେ ତାଙ୍କ ପାଖରେ ଥାଇ ତାଙ୍କ ଅବସ୍ଥା ସବୁ ଜାଣନ୍ତି ସେହିମାନେ ଟାକ୍ସ ବସାଇବେ ଓ ସେ ଟଙ୍କା ଉତ୍ତମ କର୍ମରେ ଖର୍ଚ୍ଚ କରିବେ । ସରକାର ତରଫ ଲୋକେ ତାହା କଷ୍ଟ କରିବେ ନାହିଁ ।

ନର୍ବାଚନପ୍ରଣାଳୀରେ ମିଉନିସିପାଲ କମିଟୀ ମୁକରର କରିବାକୁ ହେଲେ ମିଉନିସିପଲ ଆଇନ ଅନୁସାରେ ଟାକ୍ସଦାତାମାନଙ୍କ ମଧ୍ୟରୁ ଅଧିକମ ତିନଭାଗରୁ ଏକଭାଗ ଲୋକ ସେଥିପାଇଁ ସରକାରରେ ଦରଖାସ୍ତ କରିବାର ଆବଶ୍ୟକ ଏବଂ ଗବର୍ଣ୍ଣମେଣ୍ଟ ଆହୁରି ଆଜ୍ଞା କରିଅଛନ୍ତି କି ନର୍ବାଚନ ପ୍ରଣାଳୀ ଅନୁସାରେ ସଭାପତି ମୁକରର ହେବାପାଇଁ ସେହିପରି ଦରଖାସ୍ତ ହେଲେ ତଦନୁସାରେ ସଭାପତି ନିଯୁକ୍ତ କରିବାର ଅନୁମତି ଦେବା ବିଷୟ ବିଚାର କରିବେ । ଏଥିକି ଯଦି ଟାକ୍ସଦାତାମାନଙ୍କର ଉକ୍ତ ନର୍ବାଚନପ୍ରଣାଳୀ ଅନୁସାରେ ଏହି କଟକ ସହରରେ ମିଉନିସିପାଲ କମିଟୀ କରାଇବାର ଓ ସେହି ପ୍ରଣାଳୀ ଅନୁସାରେ ସଭାପତି ନିଯୁକ୍ତ କରାଇବାର ଇଚ୍ଛା ଥାଏ ତେବେ ସେମାନେ ଉଲ୍ଲିଖିତ ଉପଯୋଗୀ ଯେଉଁ ଦରଖାସ୍ତ ପ୍ରସ୍ତୁତ କରି ଅଛନ୍ତି ତହିଁରେ ଦସ୍ତଖତ କରିବେ । ଟାକ୍ସଦାତାମାନଙ୍କ ମଧ୍ୟରେ ଅଧିକମ ତିନଭାଗରୁ ଏକଭାଗ ଦସ୍ତଖତ କରିବାର ଦେଖାଗଲେ ସେ ଦରଖାସ୍ତ ସରକାରକୁ ପଠାଯିବ ଓ ତାହା ହେଲେ ନର୍ବାଚନପ୍ରଣାଳୀ ଏଠାରେ ଶୀଘ୍ର ଚଳିବାର ବିଶେଷ ସମ୍ଭାବନା ଅଛି ।

କଟକ ତା ୮ରିଖ ସେପ୍ଟେମ୍ବର ସନ ୧୮୮୨ } ଶ୍ରୀ ଗୌରୀଶଙ୍କର ରାୟ ଉତ୍କଳସଭାର ସେକ୍ରେଟରୀ ।

## ବିଜ୍ଞାପନ ।

ଅଜଠାରୁ ଅମ୍ଭର ଉତ୍କଳଦର୍ପଣର ସମ୍ବାଦବାହିକାର ୧ମଭାଗ ଟ ୦ ।୵ ଏବ ୨ୟଭାଗ ଟ ୦ ।୵ ଅର ଉଭୟଭାଗ ସମ୍ବଳିତ ବହି ଟ ୧୲ କା ମୂଲ୍ୟରେ ବିକ୍ରୟ ହେବ ।

୧୦।୧୦।୮୨ ଶ୍ରୀ ଜନାର୍ଦ୍ଦନ ଭଟ୍ଟାଚାର୍ଯ୍ୟ ସମ୍ବାଦବାହିକାର କର୍ତ୍ତା ଓ ସଂଶୋଧନକାରୀ ।

### ଶଶାଙ୍କକିରଣ ରସ ।

ଏ ବଟିକାଦ୍ୱାରା ବାତଦୋଷ, ଉପଦଂଶ ଅର୍ଥାତ ଗରମୀ ଓ ପରିଣାମଶୂଳ ଆରୋଗ୍ୟ ହୁଏ । ମା ୭ ଖାକୁ ଟ ୧୲ କା

### ଭୃଙ୍ଗଦ୍ରାବକ ବଟିକା ।

ଏଥିରେ ସ୍ତ୍ରୀମାନଙ୍କର ପ୍ରଦର ଓ ରକ୍ତମେହ ନିଶ୍ଚୟ ଭଲ ହୁଏ । ମା ୭ ଖାକୁ ଟ ୧୲ କା ।

### ନୃପବଲ୍ଲଭ ବଟିକା ।

ଅନୁପାନ ବିଶେଷରେ ସେବନ କଲେ ଅଠ ପ୍ରକାର ଶୂଳ ଭଲ ହୁଏ । ୧୫ ମାତ୍ରାକୁ ଟ ୧୲ କା ।

### ମୀନକେତନ ବଟିକା ।

ଅତ୍ୟନ୍ତ ଧାତୁବୃଦ୍ଧିକର ପୁଂସକ ଔଷଧ । ଅନୁପାନବିଶେଷରେ ବାୟୁରୋଗ ଶାନ୍ତ ହୁଏ । ୫ ମାତ୍ରାକୁ ଟ ୧ କା

### କନ୍ଦର୍ପଚନ୍ଦ୍ରୋଦୟ ବଟିକା ।

ଏ ବଟିକାଦ୍ୱାରା ଧ୍ୱଜଭଙ୍ଗ ଅର ଦଶ ବର୍ଷରୁ ନ୍ୟୂନ ପୁଂସତ୍ୱହୀନ ରୋଗ ଭଲ ହୁଏ । ୫ ମାତ୍ରାକୁ ଟ ୧୲ କା ।

ଏ ସବୁ ଅର ମେହ ପ୍ରଭୃତି ରୋଗର ଉତ୍କୃଷ୍ଟ ଔଷଧମାନ ଅମ୍ଭ ନିକଟରେ ପ୍ରାପ୍ତବ୍ୟ । ଗ୍ରାହକମାନେ ଔଷଧ ଗ୍ରହଣ ସମୟରେ ସେବନ ବିଧିମାନ ଜାଣି ପାରିବେ ।

୨।୭।୮୨ ଚାକବଜାର କଟକ } ଶ୍ରୀ ରାମଚନ୍ଦ୍ର ବେବର୍ତ୍ତ ପ୍ରସ୍ତୁତକାରକ ।

## ଓଡ଼ିଆ ନାଟକ ।

## କା ଞ୍ଚି କା ବେ ରୀ

ବା

## ପ ଦ୍ମା ବ ତୀ ।

☞ କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ଟ ୦ ୵ ଅଠଅଣା ମାତ୍ର । ମଫସଲକୁ ଡାକମାସୁଲ ଟ ୦।୵ ।

### ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ । କଲିକତାର ପ୍ରଧାନ ପ୍ରଧାନ ଇଉରୋପୀୟ ଓ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଏ । କଲିକତା ବୋଟାନିକଲ ଗାର୍ଡେନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ନିମ୍ନଲିଖିତ ଦରରେ ମିଳିପାରେ ଯଥା,—

ଡାକମାସୁଲ ସହିତ ୪ ଅଉନ୍ସକୁ ଟଙ୍କା । ୮ ଅଉନ୍ସକୁ ଟ ୧୲ କା । ୧୬ ଅଉନ୍ସକୁ ଟ ୨୦ ମୂଲ୍ୟ ଲାଗେ ।

☞ ମୂଲପତ୍ର ଦେଖ ।

Digitized by srujanika@gmail.com

Split by PDF Splitter

REGISTERED NO. 1

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା


ଭାଗ ୧୨ ଶ
ସଂଖ୍ୟା ୪୭

ତା ୨ ରଶ ମାହେ ଡିସେମ୍ବର ସନ ୧୮୮୨ ମସିହା। ମୂ। ମାର୍ଗଶିର ଦି ୧୯ ଶ ସନ ୧୨୯୦ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବକାୟା |
|---|---|---|
| ବାର୍ଷିକ | ଟ ୨॥୦ | ଟ ୨୮ |
| ଡାକମାସୁଲ | ଟ ୦ ୶ | ଟ ୧୮ |


ଏ ନଗରର ଗଙ୍ଗାମନ୍ଦିର ଓ ଅଦାଲତ ପୁଷ୍କରଣୀମାନ ପୁନର୍ବାର ପ୍ରାୟ ଏକମାସ ହେଲା ଦୁର୍ଗନ୍ଧ ବିସ୍ତାର କରୁଅଛି। ଗତ ବର୍ଷ ଏହି ସମୟରେ ଏମନ୍ତ ଦୁର୍ଗନ୍ଧ ହୋଇଥିଲା ଯେ ଅଦାଲତ କଚେରୀ କେତେଦିନ ସକାଶେ କମିଶ୍ନର କଚେରୀଘରକୁ ଉଠି ଯାଇଥିଲା। ଏ ବର୍ଷ ଗଙ୍ଗାମନ୍ଦିର ପୁଷ୍କରଣୀର ପଚା ପଦାର୍ଥମାନ ସରକାରୀ ଲୋକେ ପ୍ରଥମରୁ ସାବଧାନ ହୋଇ ଛାଣି ନେଇ ପୋତିପକାଇବାରୁ ସେପରି ଅସହ୍ୟ ହୋଇ ନାହିଁ। ମାତ୍ର ଯେଉଁ ଦୁର୍ଗନ୍ଧ ବାହାରୁଅଛି ତାହା ପଥିକ ଓ ପ୍ରତିବାସିଙ୍କ ପକ୍ଷରେ କଷ୍ଟକର ଅଟେ ଏଥିରେ ସନ୍ଦେହ ନାହିଁ ଏବଂ ଏପ୍ରକାର ଦୂଷିତ ବାୟୁଦ୍ୱାରା ପୀଡ଼ା ବୃଦ୍ଧି ନ ହେବ ଏମନ୍ତ କିଏ କହିପାରେ? ଜିଲ୍ଲା ହାକିମ ଓ ମିଉନିସିପାଲିଟିର କର୍ତ୍ତୃପକ୍ଷମାନେ ଅପର ଲୋକଙ୍କୁ ଶିକ୍ଷା ଦେବା କାରଣ ଉଲମାନ୍ଦ କଲମ୍ କରୁ ନାହାନ୍ତି କିନ୍ତୁ ଅପଣା ଘରପ୍ରତି ତାହାଙ୍କର ଦୃଷ୍ଟି ପଡ଼ୁ ନାହିଁ। ପର ଉପରେ ସମସ୍ତେ ଟାଣ।

---

ଗତମାସ ତା ୨୯ ଖଣରେ ଶ୍ରୀଯୁକ୍ତ କମିଶ୍ନର ସାହେବ କଲିକତାରୁ ବାଲେଶ୍ୱରକୁ ଫେରି ଆସିବାର ଥିଲା। ବୋଧ ହୁଅଇ ସେ ଫେରି ଆସିଥିବେ ଏବଂ ଏଥିମଧ୍ୟରେ ମୟୂରଭଞ୍ଜର ମାନେଜରୀ ବିଷୟ ନିଷ୍ପତ୍ତି ହୋଇଥିବ। ଉତ୍କଳ ଦର୍ପଣରୁ ଅବଗତ ହେଲୁଁ ଯେ ଷ୍ଟେଟଗ୍ୟୁ ବାବୁଙ୍କ ପକ୍ଷରୁ ଏ କାର୍ଯ୍ୟ ଲଭିବା କାରଣ ଯଥୋଚିତ ଚେଷ୍ଟା ହେଉଅଛି। ଯେତେବେଳେ ଶ୍ରୀଯୁକ୍ତ କମିଶ୍ନର ସାହେବ ବାଲେଶ୍ୱରରେ ପ୍ରବେଶ ହେଲେ ସେତେବେଳେ ସହସ୍ର ୨ ଲୋକ ତାହାଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ଷ୍ଟେଟଗ୍ୟୁ ବାବୁଙ୍କୁ ମାନେଜର ନିଯୋଗ କରିବା କାରଣ ପ୍ରାର୍ଥନା କଲେ। ପୁଣି ଅନେକ ଲୋକ ଷ୍ଟେଟଗ୍ୟୁ ବାବୁଙ୍କ ସଙ୍ଗେ ଅଥବା ପଛେ ୨ କଲିକତାକୁ ଯାଉଅଛନ୍ତି। ସେଠାରେ ଲେଫ୍ଟେନାଣ୍ଟ ସାହେବଙ୍କ ସାକ୍ଷାତରେ ଏହି ବିଷୟରେ ଦରଖାସ୍ତ କରିବେ। ଏପ୍ରକାର ଚେଷ୍ଟା ଏ ଦେଶରେ ଏହି ପ୍ରଥମ ଅଟଇ ଏବଂ ଏ ପ୍ରକାର ଚେଷ୍ଟା ଦେଖି ଏଥିର ଫଳ ଜାଣିବାକୁ ଅଧିକ ଇଚ୍ଛା ହେଉଅଛି। ଏଥର ଷ୍ଟେଟଗ୍ୟୁ ବାବୁ କମ୍ପା କମିଶ୍ନର ସାହେବଙ୍କର ଜିତ ହେବ ଦେଖାଯିବ।

---

ଭାରତବର୍ଷୀୟ ବ୍ୟବସ୍ଥାପକ ସଭାର କର୍ତ୍ତୃ-ପ୍ରାର୍ଥୀନରେ ଥିବା କାର୍ଯ୍ୟାବଳୀ ସର୍ବସାଧାରଣଙ୍କୁ ଜଣାଇବାର ଅଧିକତର ସୁବିଧା ପ୍ରଦାନ ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟ ଇଣ୍ଡିଅଙ୍କର ଯେଉଁ ପତ୍ରର ପ୍ରସଙ୍ଗ ଆମ୍ଭେମାନେ ଏଥି ପୂର୍ବେ ପ୍ରକାଶ କରିଥିଲୁଁ ସମ୍ପ୍ରତି ସେହି ପତ୍ରର ଖଣ୍ଡିଏ ଉତ୍କଳ ଅନୁବାଦ ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କଠାରୁ ପାଇଥିବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ। ଏ ପ୍ରସଙ୍ଗରେ ଆମ୍ଭମାନଙ୍କ ମତାମତ ଏଥି ପୂର୍ବେ ପ୍ରକାଶ କରିଅଛୁଁ ଆଉ ଅଧିକ କହିବାର ଆବଶ୍ୟକ ନାହିଁ। ଗବର୍ଣ୍ଣମେଣ୍ଟ ଅପଣା ପ୍ରସ୍ତାବକୁ ଏତେ ଶୀଘ୍ର କାର୍ଯ୍ୟରେ ପରିଣତ କରିବାର ଦେଖି ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ। ବାସ୍ତବରେ ବର୍ତ୍ତମାନ ଗବର୍ଣ୍ଣମେଣ୍ଟଙ୍କର ହିତ ଚେଷ୍ଟାର ଅବଧି ବିଶ୍ରାମ ନାହିଁ ଏହା ବଡ଼ ଶୁଭଲକ୍ଷଣ ଅଟଇ। ଏଥର ସର୍ବସାଧାରଣଙ୍କୁ ଏହି ଅନୁରୋଧ ଯେ ସେମାନେ ଆଲସ୍ୟ ତ୍ୟାଗ କରି ସର୍ବତୋଭାବରେ ଗବର୍ଣ୍ଣମେଣ୍ଟଙ୍କର ଶୁଭ ଚେଷ୍ଟାମାନ ସଫଳ କରିବାକୁ ଯତ୍ନଶୀଳ ହେଉନ୍ତୁ। ପୂର୍ବେ ରାଜକର୍ମଚାରୀମାନେ ସାଧାରଣ ମତକୁ ସେତେ ଆସ୍ଥା କରୁ ନ ଥିଲେ ବୋଲି ସେମାନଙ୍କର ଉଦାସୀନ ରହିବାର ବାହାନା ଥିଲା। ଏତେବେଳେ ସେ କଥା ନାହିଁ ସୁତରାଂ ସମସ୍ତଙ୍କୁ ତତ୍ପର ହେବାର ଆବଶ୍ୟକ।

---

ରାଜସାହି ଓ କୁଚବେହାର ବିଭାଗର ବାର୍ଷିକ ରିପୋର୍ଟ ଉପରେ ମାନ୍ୟବର ଲେଫ୍ଟେନାଣ୍ଟ-ଗବର୍ଣ୍ଣରଙ୍କର ଯେଉଁ ନିର୍ଦ୍ଧାରଣ ଗବର୍ଣ୍ଣମେଣ୍ଟ ଗେଜେଟରେ ପ୍ରକାଶିତ ହୋଇଅଛି ତହିଁରେ ଜେଲମର୍ଦ୍ଦ ମେଳା ବା ଯାତ୍ରାର ବିବରଣ ଏହିପରି ଲେଖାଅଛି କି ଏହି ମେଳାରେ ପ୍ରାୟ ଏକଲକ୍ଷ ଷାଠିଏହଜାର ଯାତ୍ରୀ ହୋଇଥିଲେ। ସ୍ୱାସ୍ଥ୍ୟରକ୍ଷାର ବନ୍ଦୋବସ୍ତ ଉତ୍ତମ ହୋଇଥିଲା ଏବଂ

Digitized by srujanika@gmail.com

Split by PDF Splitter



କେବଳ ଏକଜଣର ଶ୍ରେଷ୍ଠର ସମ୍ବାଦ ଅସିଥିବା ଏବଂ ତହିଁରେ ଆସାମୀ ଯଥାପତ ସମସ୍ତ ମାଲ ପୁନଃ ପ୍ରାପ୍ତ ହୋଇଥିବାରୁ ପୁଲିସ ତଦାରକ କାର୍ଯ୍ୟ ପ୍ରଶଂସାର ଯୋଗ୍ୟ ହୋଇଥିଲା ।

ଏ ମେଳାରେ ସ୍ଥାନୀୟ ହାକମଙ୍କ ପ୍ରଦତ୍ତ ତାଲିକା ଅନୁସାରେ ନିମ୍ନଲିଖିତରୂପେ ପଶୁ ବିକ୍ରୟ ହୋଇଥିଲା ଯଥା;—

| | | |
|---|---|---|
| ୧୬୦ ହାତୀ | ଟ | ୧,୬୦,୦୦୦ |
| ୨୪୩ ଓଟ | ଟ | ୧୨୧୫୦ |
| ୪୦ ଘୋଡ଼ା | ଟ | ୩୦୦୦ |
| ୧୫୦ ଶ୍ରେଷ୍ଠଘୋଡ଼ା ଉତ୍ତମ | ଟ | ୪୦୦୦ |
| ୨୦୦୦ ଦେଶୀ ଟଟ୍ଟୁଘୋଡ଼ା | ଟ | ୪୦୦୦୦ |
| ୪୫୦ ମହିଷ | ଟ | ୮୨୫୦ |
| ୨,୩୭,୦୦୦ ଗୋରୁ ବଳଦ | ଟ | ୪,୦୦,୦୦୦ |

ଦ୍ରବ୍ୟାଦି ମଧ୍ୟରେ ଆଳୁଲୁଗା ପ୍ରାୟ ଟ୨୨୦୦୦ ଙ୍କାର ଏବଂ ଅନ୍ୟାନ୍ୟ ଦ୍ରବ୍ୟ ଟ ୧,୯୦,୦୦୦ଙ୍କାର ବିକ୍ରୟ ହୋଇ ଥିଲା । ଏପରି ଯାତ୍ରା ବା ହାଟମାନ ଅମ୍ଭ ପ୍ରଦେଶରେ ଦେଖା ନାହିଁ କିନ୍ତୁ ବଙ୍ଗଳା ଏବଂ ପଶ୍ଚିମର ବହୁତ ସ୍ଥଳରେ ଅଛି ଗତବର୍ଷ ହରିହରଛତ୍ର ମେଳାର ବିବରଣ ଲେଖିଥିଲୁଁ ତାହା ଏହିପ୍ରାୟ ହାଟ ଅଟଇ ।

ଗତ ଶନିବାର କାର୍ତ୍ତିକ ପୂର୍ଣ୍ଣିମା ଥିଲା । ଏ ନଗରର ବାଲିଯାତ୍ରା ସାଧାରଣରୂପେ ନିର୍ବାହ ହୋଇଗଲା । କୌଣସି ନୂଆ ତମାସିଆ ବ୍ୟାପାର କିଛି ଦେଖାଗଲା ନାହିଁ ବରଂ ଅନ୍ୟାନ୍ୟ ବର୍ଷାପେକ୍ଷା ଯାତ୍ରି କିଛି ଘାଟିଥିଲେ । ଏକ ସ୍ଥାନରେ କେତେକ ଜଣ ଖ୍ରୀଷ୍ଟିୟାନ ଅପଣା ଧର୍ମ ପ୍ରଚାର କରୁଥିଲେ ଓ ତାହାଙ୍କ ନିକଟରେ କେତେକ ହିନ୍ଦୁଯୁବା ହିନ୍ଦୁଧର୍ମ ପ୍ରଚାର କରୁଥିଲେ । ପୂର୍ବବର୍ଷମାନଙ୍କରେ ବ୍ରାହ୍ମଧର୍ମ ପ୍ରଚାର କାର୍ଯ୍ୟ ଅମ୍ଭେମାନେ ଦେଖିଥିଲୁଁ ମାତ୍ର ହିନ୍ଦୁଧର୍ମ ପ୍ରଚାରଟା ନୂଆ କଥା ପରି ଜଣାଗଲା ।

ଏ ବର୍ଷ ଏଥି ଦିନ ପୁରୀରେ ବଡ଼ ସମାରୋହ ହୋଇଥିଲା । ସମୁଦ୍ରରେ ସ୍ନାନଯୋଗ ପଡ଼ିଥିବାରୁ ବହୁତ ଯାତ୍ରି ଆସିଥିଲେ ପୁରୁଷୋତ୍ତମ ପତ୍ରିକାଙ୍କ ମତେ ଯାତ୍ରିଙ୍କ ସଂଖ୍ୟା ୩୦୦୦୦ ଥିଲା ମାତ୍ର କେହି୨ ବୋଲନ୍ତି ଏ ସଂଖ୍ୟା ଅଳ୍ପ ଅଟଇ ପ୍ରାୟ ୫୦୦୦୦ ଯାତ୍ରୀ ହୋଇଥିଲେ । ଯାତ୍ରିଙ୍କ ମଧ୍ୟରେ ଓଡ଼ିଆ ଏବଂ ଦକ୍ଷିଣୀ ପ୍ରଧାନ, ବଙ୍ଗାଳୀ ଏବଂ ପଶ୍ଚିମାଙ୍କ ସଂଖ୍ୟା ଅଧିକ ନୁହଇ । ଅନ୍ୟାନ୍ୟ ଦକ୍ଷିଣୀଙ୍କ ମଧ୍ୟରେ ଜୟପୁରର ମହାରାଜା ସପରିବାରେ ଦର୍ଶନକୁ ଆସିଥିଲେ । ତାହାଙ୍କ ତୀର୍ଥ ଦର୍ଶନ ସମ୍ବନ୍ଧରେ ବିଶେଷ ସମ୍ବାଦ ଅମ୍ଭେମାନେ କିଛି ପାଇ ନାହୁଁ । ସ୍ଥାନୀୟ ହାକମ ଓ ପୁଲିସ ଶାନ୍ତିରକ୍ଷା ଓ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ବିଷୟରେ ପୂର୍ବରୁ ସତର୍କ ହୋଇ ବିଶେଷ ବନ୍ଦୋବସ୍ତ କରିଥିଲେ ଏବଂ ସୁଖର ବିଷୟ ଯେ ତାହା ସଫଳ ହୋଇଅଛି କାରଣ କୌଣସି ଦୁର୍ଘଟଣା ଘଟି ନାହିଁ । ବର୍ତ୍ତମାନ ପ୍ରାୟ ସମସ୍ତ ଯାତ୍ରୀ ଫେରି ଗଲେଣି ଏବଂ ଜଗତ ଇତ୍ୟାଦି କେତେକ ସ୍ଥାନରେ ଏମାନଙ୍କ ଫେରିବା ସଙ୍ଗେ୨ ଓଲାଉଠା ରୋଗ ଦେଖା ଦେଇଅଛି ମାତ୍ର ଭୟଙ୍କରରୂପ ଧାରଣ କରି ନାହିଁ ।

ଏଠାରୁ ପୁରୀ ପର୍ଯ୍ୟନ୍ତ ଯେଉଁ ରେଲବାଟ ହେବା କାରଣ କମିଶ୍ନରସାହେବ ଗବର୍ଣ୍ଣମେଣ୍ଟକୁ ଲେଖିଥିଲେ ତହିଁ ସମ୍ପର୍କରେ ଏଠାରୁ ସିଧା ପୁରୀକି ଏବଂ ଏଠାରୁ ଖୋରଧା ହୋଇ ପୁରୀକି ଯିବାର ବାଟ ସର୍ଭେ କରି ଏଷ୍ଟିମେଟ ତିଆର କରିବା କାରଣ ଇଣ୍ଡିଆ ଗବର୍ଣ୍ଣମେଣ୍ଟରୁ ଆଦେଶ ହେବାରୁ ଦୁଇଜଣ ସରଭେଅର ସାହେବ ଆସିଅଛନ୍ତି ଏବଂ ବୋଧ ହୁଏ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ । ମାପ ଓ ଏଷ୍ଟିମେଟ ପ୍ରସ୍ତୁତ ହେଲାରୁ କେଉଁବାଟେ ରେଲ ଯିବ ତାହା ପଛେ ସ୍ଥିର ହେବ । ମାତ୍ର ବର୍ତ୍ତମାନ ନାଗପୁରଠାରୁ ବିଲାସପୁରକୁ ଯେଉଁ ରେଲ ହେଉଅଛି ତହିଁ ସଙ୍ଗେ ଏହାକୁ ମିଶାଇବାକୁ ଗବର୍ଣ୍ଣମେଣ୍ଟ ଇଚ୍ଛା ରଖି ଅଛନ୍ତି । ସମ୍ବଲପୁରଠାରୁ ମହାନଦୀର ଦକ୍ଷିଣପାରି ସଡ଼କ ରେଲବାଟ ନିର୍ମିତ ହେଲେ ତହିଁର ଦେଶର ନଦୀପ୍ରବାହ କି ଅବସ୍ଥା ଘଟିପାରେ ତାହା ନିର୍ଣ୍ଣୟ କରିବା କାରଣ ଗବର୍ଣ୍ଣମେଣ୍ଟ ପତ୍ରିକାର ଅଛନ୍ତି ଯେ ତତ୍ସମ୍ପର୍କରେ ବଙ୍ଗାଳ ଗବର୍ଣ୍ଣମେଣ୍ଟରୁ କମିଶ୍ନରସାହେବଙ୍କ ନିକଟକୁ ଆଦେଶ ଆସିଥିବାର ଶୁଣାଯାଏ । ଶୀଘ୍ର ସମ୍ବାଦ ଜଣା ପଡ଼ିବ । ଗବର୍ଣ୍ଣମେଣ୍ଟ ଅନ୍ତୁର ମଧ୍ୟ ପୁରୀକୁ ରଥଯାତ୍ରାଦି ସମୟରେ କେତେ ଯାତ୍ରୀ ଯାତାୟାତ କରନ୍ତି ତହିଁର ତାଲିକା ମାଗି ଅଛନ୍ତି ଏବଂ ପୁରୀର କଲେକ୍ଟର ସାହେବ ତାହା ପ୍ରସ୍ତୁତ କରୁଅଛନ୍ତି ଏପରି ବଡ଼ନଦୀବାଟେ କେତେ ଯାତ୍ରୀ ଓ ଦ୍ରବ୍ୟର ଗତାୟାତ ହୁଏ ସେ ସମୁଦାୟର ବିବରଣ ତଲବ କରି ଅଛନ୍ତି । ଏଥିଁ ଓଡ଼ିଶାରେ ରେଲବାଟ ତିଆର କରିବା କାରଣ ଗବର୍ଣ୍ଣମେଣ୍ଟଙ୍କର ଇଚ୍ଛା ବଳବତୀ ହୋଇ ଥିବାର ଦେଖି ଅମ୍ଭେମାନେ ଯଥୋଚିତାନନ୍ଦ ପ୍ରୀତିଲାଭ କରି ଅଛୁଁ । ପୁରୀର କଲେକ୍ଟର ସାହେବ କାହିଁକି ଏତେଦିନ ବିଳମ୍ବ କରୁଅଛନ୍ତି ବୁଝାଯାଉ ନାହିଁ ଏତେବଡ଼ କାର୍ଯ୍ୟରେ ସମଧିକ ବ୍ୟସ୍ତ ନ ହେବା ଅନୁଚିତ ।

ପାଠକମାନେ ଦେଖିଅଛନ୍ତି ଯେ ପ୍ରାୟ ଏକବର୍ଷ ହେବ ବିଲାତରୁ କେତେପ୍ରକାର ଛିଟର ରୁମାଲ ଏ ଦେଶକୁ ଆମଦାନି ହେଉଅଛି ଯେ ତହିଁରେ ଗବର୍ଣ୍ଣମେଣ୍ଟଙ୍କ କରେନସି ନୋଟ ପ୍ରମିସରି ନୋଟ ଛପା ହୋଇଅଛି । ଇଂରାଜ କାରିଗରମାନେ ଯେଉଁ ପାଇଁ କରନ୍ତି ତାହାକୁ ସର୍ବାଙ୍ଗ ସୁନ୍ଦର କରିବାକୁ ତ୍ରୁଟି କରନ୍ତି ନାହିଁ । ରୁମାଲ ଉପରେ ଏସବୁ ନୋଟ ଏମନ୍ତ ସୁନ୍ଦର ଛପା ହୋଇ ଥାଏ ଯେ ଅସଲ ସଙ୍ଗେ ମିଶି ଯାଏ । ଅଥଚ ଜାଣିବା ଲୋକ ପାଖରେ ଲୁଗା ଓ କାଗଜର ଭେଦ ଅପ୍ରକାଶ ରହି ନ ପାରେ ମାତ୍ର ଅଜ୍ଞବ୍ୟକ୍ତିଙ୍କୁ ଠକାଇବା ଚତୁର ଲୋକ ପକ୍ଷରେ ବଡ଼ ବିଚିତ୍ର ନୁହଇ । ବାସ୍ତବରେ ଗତ ମଇ ମାସରେ ବଙ୍ଗଳା ପୁଲିସର ଇନସ୍ପେକ୍ଟର ଏପ୍ରକାର ପ୍ରତାରଣା ଦୁଇଜଣଙ୍କର ଘଟିଥିବା କଥା ଗବର୍ଣ୍ଣମେଣ୍ଟଙ୍କୁ ଜଣାଇଥିଲେ ଏବଂ ବମ୍ବେଇ ଓ ଭାରତବର୍ଷର ଅନ୍ୟାନ୍ୟ ସ୍ଥାନରେ ଏ ପ୍ରକାର ଠକପଣିଆ ଘଟିବାର ସମ୍ବାଦ ଗବର୍ଣ୍ଣମେଣ୍ଟ ପାଇଅଛନ୍ତି । ଠକମାନେ ରୁମାଲରୁ ଉକ୍ତ ନୋଟର ଚିତ୍ର କାଟି ନେଇ ତାହାକୁ କାଗଜରେ ଯୋଡ଼ି ପ୍ରକୃତ ନୋଟ ବୋଲି ଅଜ୍ଞ ଲୋକଙ୍କୁ ବିକ୍ରୟ କରି ଦେଇଅଛନ୍ତି । ମହାମାନ୍ୟ ଗବର୍ଣ୍ଣର ଜେନରଲ ଇଣ୍ଡିଆ ଗଜେଟରେ ବିଜ୍ଞାପନ ପ୍ରଚାର କରିଅଛନ୍ତି ଯେ ଏପ୍ରକାର ଛାପଯୁକ୍ତ ରୁମାଲ ପ୍ରସ୍ତୁତ ବା ବିକ୍ରୟ କରିବା ଦୋଷଯୁକ୍ତ ନ ହେଲେହେଁ ଯେ ସ୍ଥଳେ ଏହାଦ୍ୱାରା ଭାରତବର୍ଷୀୟ ଅଜ୍ଞ ଲୋକଙ୍କୁ ଠକାଇବାର ଗୋଟିଏ ବାଟ ବାହାରି ଅଛି ସେ ସ୍ଥଳେ ସେପ୍ରକାର ଲୁଗାର ଆମଦାନି ସ୍ଥଗିତ କରିବା ଉଚିତ ଅତଏବ ଗବର୍ଣ୍ଣମେଣ୍ଟଙ୍କର ଏହି ଆଦେଶ ହୋଇଅଛି ଯେ କରେନସି ନୋଟ ପ୍ରମିସରି ନୋଟ ଅଥବା ଷ୍ଟାମ୍ପ ନୋଟ ଛପା ଯୁକ୍ତ ରୁମାଲ ପ୍ରଭୃତି ଲୁଗା

Digitized by srujanika@gmail.com

ଆଗାମୀ ମାର୍ଚ୍ଚ ମାସ ତା ୧ ରଖ ଠାରୁ ଏ ଦେଶକୁ କେହି ଆମଦାନୀ କରି ପାରିବେ ନାହିଁ । ଯେଉଁମାନେ ଏ ଆଜ୍ଞା ବାହାରିବା ପୂର୍ବରୁ ଉକ୍ତ ପ୍ରକାର ଲୁଣ, ପ୍ରସ୍ତୁତ ବା ଆମଦାନୀ କରିଥିବେ ସେମାନଙ୍କୁ ଅଜନ୍ତୁଁ ଆଜ୍ଞା ଜଣାଇ ଦିଆଗଲା ଯେ ସେମାନେ ଏଥି ମଧ୍ୟରେ ସେ ସମସ୍ତ ଶେଷ କରି ଦେଅନ୍ତୁ ନୋହିଲେ ଭବିଷ୍ୟତକୁ କ୍ଷତିଗ୍ରସ୍ତ ହେବେ ।

---

## ପୁଣି ଏକ ଓଡ଼ିଶାର ରେଲବାଟ !

ଓଡ଼ିଶାର ଗୁଡ଼ିଏ ରେଲବାଟର ପ୍ରସ୍ତାବ ଲାଗିଥିବାର ଦେଖି ଆମ୍ଭେମାନେ ଅତିଶୟ ଆନନ୍ଦିତ ହୋଇଅଛୁଁ ଏବଂ ଆଶା ହେଉଅଛି ଯେ ଅବିଳମ୍ବେ ଓଡ଼ିଶାରେ ରେଲବାଟ ହେବାଦ୍ୱାରା ଏ ପ୍ରଦେଶର ଭାଗ୍ୟ ଉଦୟ ହେବ । ସ୍ଥାନାନ୍ତରରେ ପୁରୀ ଓ ଗଡ଼ଜାତ ରେଲ ପ୍ରସ୍ତାବମାନ ଯେତେଦୂର ଅଗ୍ରସର ହୋଇଅଛି ତହିଁର ଉଲ୍ଲେଖ କରିଅଛୁଁ । ବର୍ତ୍ତମାନ ଆଉ ଗୋଟିଏ ରେଲର କଥା କହୁଅଛୁଁ । ଏହାର ନାମ ବିଶାଖପଟ୍ଟନ ରେଲବାଟ । ବିଜୟନଗର ମହାରାଜା ଦୁଇବର୍ଷ ତଳେ ଏହି ରେଲ ବାଟର ପ୍ରସ୍ତାବ କରିଥିଲେ । ସମ୍ପ୍ରତି ଏହି ପ୍ରସ୍ତାବ ସମ୍ପର୍କରେ ଇଣ୍ଡିଆ ଗେଜେଟରେ କେତେକ କାଗଜପତ୍ର ପ୍ରକାଶିତ ହୋଇଅଛି । ତହିଁରୁ ଜଣାଯାଏ ଯେ ଏହି ରେଲ ବାଟର ମାପ ଓ ସ୍ଥୂଳ ଏଷ୍ଟିମେଟ ପ୍ରସ୍ତୁତ ହୋଇ ବିଶେଷ ଅନୁସନ୍ଧାନ କାର୍ଯ୍ୟ ଲାଗିଅଛି । ଏହି ରେଲଦ୍ୱାରା ମଧ୍ୟପ୍ରଦେଶର ସମ୍ବଲପୁର ଅଥବା ରାଏପୁରଠାରୁ ବିଶାଖପଟ୍ଟନ ଉପକୂଳ ଯୋଗ କରିବାର ପ୍ରସ୍ତାବ ହୋଇ ଯଥାର୍ଥ ବାଟ ସ୍ଥିର ଓ ମାପ କରିବା ସକାଶେ ଜଣେ ଉପଯୁକ୍ତ ସରଭେଅର ନିଯୁକ୍ତ ହୋଇଥିଲେ । ସେ ସମସ୍ତ ତଦନ୍ତ କରି ଲେଖିଅଛନ୍ତି କି ବିଶାଖପଟ୍ଟନଠାରୁ ରାୟପୁରକୁ ଦୁଇଗୋଟି ବାଟଅଛି ଅର୍ଥାତ୍ ଗୋଟିଏ ନୂଆଗଡ଼ ପର୍ବତର ପୂର୍ବଦିଗରେ ଅବସ୍ଥିତ ଏବଂ ଅପରଟି ପଶ୍ଚିମଦିଗରେ । ଏଥିରୁ ପୂର୍ବ ବାଟଟି ପାର୍ବତୀପୁର, ଓମ୍ବାଦଳ, ଅସୁରଗଡ଼, ଖଡ଼ିଆର, ନାୱା ଏବଂ ଓରାଙ୍ଗବାଟେ ଏବଂ ପଶ୍ଚିମବାଟଟି ସାଲୁର, ମେରିଯାଲପାଲି, ଜରଙ୍ଗପୁର, ଓମରକୋଟ, ରାଏଗଡ଼, ଉସଗ୍ରାମ ଦୁର୍ଗୀ ଏବଂ ରାଜିମବାଟେ ରାୟପୁର ସଙ୍ଗରେ ମିଶିବ । ପଶ୍ଚିମ ବାଟରେ ଉଚ୍ଚ ନୀଚ ଅଧିକ ପଡ଼ିବ ବୋଲି ଗବର୍ଣ୍ଣମେଣ୍ଟ ତାହାକୁ ତ୍ୟାଗ କରି ପୂର୍ବ ବାଟଟିକି ସ୍ଥିର କରିଅଛନ୍ତି ଏବଂ ସମସ୍ତ ବାଟର ଅନୁସନ୍ଧାନ ଓ ଏଷ୍ଟିମେଣ୍ଟ କାର୍ଯ୍ୟ ଶେଷ ହେବାକୁ ବିଳମ୍ବ ଅଛି ବୋଲି ତହିଁର ମଞ୍ଜୁରି ପଶ୍ଚାତକୁ ରଖି ଆପାତତଃ ବିଶାଖପଟ୍ଟନଠାରୁ ପାର୍ବତୀପୁର ପର୍ଯ୍ୟନ୍ତ ବାଟ ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା କାରଣ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କୁ ଆଜ୍ଞା ଦେଇଅଛନ୍ତି । ଏଥିରୁ ପାଠକମାନେ ବୁଝିବେ ଯେ ଏବାଟ ଶୀଘ୍ର ନିର୍ମାଣ କରିବା ବିଷୟରେ ଗବର୍ଣ୍ଣମେଣ୍ଟ କେମନ୍ତ ମନୋଯୋଗୀ ଅଛନ୍ତି । ଏ ବାଟ ଗଞ୍ଜାମ ଓ ମଧ୍ୟପ୍ରଦେଶରେ ପଡ଼ିଥିବାରୁ ଓଡ଼ିଶାର ଏଥିରେ ସମ୍ପର୍କ ନାହିଁ ବୋଲି କେହି କେହି ଅନୁମାନ କରିପାରନ୍ତି ମାତ୍ର ଆମ୍ଭେମାନେ ଏହାକୁ ସୁଦ୍ଧା ଓଡ଼ିଶାର ରେଲବାଟ କହୁଅଛୁଁ ଏବଂ ତହିଁର କାରଣ ଏହି କି ରାଜକୀୟ ବିଭାଗଦ୍ୱାରା ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶର ଏହି ଅଂଶ ଓଡ଼ିଶାରୁ ପୃଥକ୍ ହୋଇ ଥିଲେହେଁ ପ୍ରକୃତରେ ଏଠାରେ ଓଡ଼ିଆ ଲୋକଙ୍କ ସଂଖ୍ୟା ଅଧିକ ଏବଂ ଓଡ଼ିଆ ଭାଷା ବିଶେଷରୂପେ ପ୍ରଚଳିତ । ଏହି ରେଲବାଟଦ୍ୱାରା ଦକ୍ଷିଣ ଓ ମଧ୍ୟପ୍ରଦେଶର ଅନେକ ଗଡ଼ଜାତ ଉନ୍ନତି ଲଭିବ ସନ୍ଦେହ ନାହିଁ ।

---

## ଓଡ଼ିଶାର ବାର୍ଷିକ ବିଜ୍ଞାପନୀ ।

(ଗତ ପ୍ରକାଶିତ ଉତ୍ତାରୁ । )

ଲୋକଙ୍କ ମାନସିକ ଭାବ ସମ୍ବନ୍ଧରେ ବିଜ୍ଞାପନୀରେ ଲେଖା ଅଛି କି କେବଳ ଲବଣ ମାସୁଲ ଊଣା ହେବା ପ୍ରସଙ୍ଗ ସର୍ବ ସାଧାରଣଙ୍କ ମନକୁ ଆକର୍ଷଣ କରିଥିଲା ଏବଂ ଦୁଃଖୀ ଲୋକମାନେ ଏଥିରେ ବିଶେଷ ଆନନ୍ଦ ପ୍ରକାଶ କରିଥିଲେ । ଆତ୍ମଶାସନ ପ୍ରଣାଳୀ କେବଳ ଶିକ୍ଷିତ ଲୋକଙ୍କ ଯେଉଁମାନେ କଲିକତାର ସମ୍ବାଦ ପତ୍ରମାନଙ୍କରୁ ଏ ଜ୍ଞାନ ପାଇଥିଲେ ତାହାଙ୍କ ମନରେ ସ୍ଥାନ ପାଇଥିଲା । ଏପରି ବାଲେଶ୍ୱର କଲେକ୍ଟରଙ୍କ କହିବାରୁ ଜଣା ଯାଏ ଯେ ଓଡ଼ିଶାର ଅତ୍ୟାବଶ୍ୟକ ଅଭାବ ଗୋଟିଏ ରେଲବାଟ ପ୍ରତି ଲୋକଙ୍କର ଅଧିକ ଶ୍ରଦ୍ଧା ଜନ୍ମି ଥିଲା । ଏଥିରୁ ଆମ୍ଭେମାନେ ବାଧ୍ୟ ହୋଇ କହୁଅଛୁଁ ଯେ ସ୍ଥାନୀୟ ହାକିମମାନେ ଆଦୌ ଲୋକଙ୍କ ମନୋଭାବ ଜାଣିପାରି ନାହାନ୍ତି । ଲବଣ କର ଊଣାହେବା କଥା ଦିନେ କେହି ଚିନ୍ତା କରିବାର ଆମ୍ଭମାନଙ୍କ ଜ୍ଞାନସାରରେ ଆସି ନାହିଁ ବାସ୍ତବରେ ଯାହା ଊଣା ହୋଇଅଛି ତାହା ଓଡ଼ିଶା ପକ୍ଷରେ ନିତାନ୍ତ ସାମାନ୍ୟ ଏବଂ ତହିଁର ଫଳ ଦୁଃଖୀଲୋକେ ଆଦୌ ଜାଣି ପାରି ନାହାନ୍ତି । ଗବର୍ଣ୍ଣମେଣ୍ଟ ତହିଁରେ ଅନର୍ଥକରୂପେ ରାଜସ୍ୱ କ୍ଷତି କରିଅଛନ୍ତି କିନ୍ତୁ ଲୋକଙ୍କର କଷ୍ଟମାତ୍ର ଊଣା ଅଧିକ ହୋଇ ନାହିଁ । କଟକ ମିଉନିସିପାଲିଟିର ଅତ୍ୟାଚାର ଏବଂ ଏହି ସହର ଓ ଖୋର୍ଦ୍ଧାରେ ଖାସମହାଲର ଅନ୍ୟାୟ କର ବୃଦ୍ଧି ଓ ଜଙ୍ଗଲରକ୍ଷା ସମ୍ପର୍କୀୟ ବିଧି ଏବଂ ସର୍ବତ୍ରରେ ଜଳକରର ଦୁଃଖ ଦାଖଲଖାରଜ ହଟହଟା ଓ ଲାଇସେନ୍ସ ଟାକ୍ସର ଅତ୍ୟାଚାର ଏହିମାନ ଗବର୍ଣ୍ଣମେଣ୍ଟଙ୍କ ରାଜନୀତି ମଧ୍ୟରେ ଲୋକଙ୍କ ଭଜନମାଳା ହୋଇଅଛି । ମୋଫସଲର ଯେ କୌଣସି ସ୍ଥାନର ଲୋକଙ୍କ ସହିତ କଥାବାର୍ତ୍ତା କରିବ ଏହି ଗୁହାରିମାନ ଶୁଣିବ ମାତ୍ର ବିଜ୍ଞାପନୀରେ ଏଥିର କୌଣସି ଉଲ୍ଲେଖ ନାହିଁ । ଉଲ୍ଲେଖ ହେବ ଅବା କପରି, ହାକିମମାନେ ଯେବେ ପ୍ରଜାଙ୍କ ମନ ଘେନି ସେମାନଙ୍କ ସଙ୍ଗେ କଥାବାର୍ତ୍ତା କରୁଥାନ୍ତେ ଏବଂ ତାହାଙ୍କ ମାନସିକ ଭାବ ପ୍ରତି ଆସ୍ଥା ପ୍ରକାଶ କରି ସେମାନଙ୍କ ଗୁହାରି ଶୁଣନ୍ତେ ତେବେ ସେମାନେ ଅବଶ୍ୟ ଆପଣା ମନ ଫେଡ଼ି କହନ୍ତେ ମାତ୍ର ସେପ୍ରକାର ଆଗ୍ରହ ହାକିମମାନେ ପ୍ରକାଶ କରନ୍ତି ନାହିଁ ତେଣୁ ଘରେ ବସି ମାମଲା ବୁଝିଲେ ନୋହିଲେ କୌଣସି ତଦାରକ ଉପଲକ୍ଷରେ ଏଣେତେଣେ ବାହାରି ଗଲେ ଏଥିରେ କିପରି ଲୋକଙ୍କ ମନ କଥା ବୁଝିପାରିବେ ? ଭଲା ଅନ୍ୟ ଜିଲ୍ଲାର କଥା ଯାହା ହେଉ କଟକ ଓ ପୁରୀରେ ଜଳକର ଏବଂ ଖାସମହାଲ ବନ୍ଦୋବସ୍ତ ସମ୍ପର୍କରେ ରାଶି ରାଶି ଦରଖାସ୍ତ କଲେକ୍ଟରଙ୍କଠାରେ ପଡ଼ିଅଛି ଏବଂ ତହିଁ ସମ୍ପର୍କରେ କେତେ ମାମଲା ମୋକଦ୍ଦମା ମଧ୍ୟ ହେଉଅଛି ଏଥିରୁ କି ଲୋକଙ୍କ ମାନସିକ ଭାବ କିଛିମାତ୍ର ପ୍ରକାଶ ପାଉ ନାହିଁ ? ସମ୍ବାଦପତ୍ରରେ ପୁନଃ ପୁନଃ ଏ ସମସ୍ତ କଥା ଆନ୍ଦୋଳିତ ହେଉଅଛି ତାହା କି ହାକିମମାନେ ଜାଣନ୍ତି ନାହାନ୍ତି । ତେବେ ହାକିମମାନେ ସୁବିଧା ସକାଶେ ହେଉ ଅଥବା ସରଳ ଭାବରେ ହେଉ ବିଶ୍ୱାସ କଲେ ଯେ ଓଡ଼ିଶାର ତିନଖଣ୍ଡି ଦେଶୀୟ ସମ୍ବାଦପତ୍ର ସାଧାରଣ ମତ ଉପରେ ଅତ୍ୟଳ୍ପ କର୍ତ୍ତୃତ୍ୱ କରନ୍ତି ଏବଂ ଏହିହେତୁ ତହିଁରେ ଲେଖାଥିବା ବିଷୟ-

Split by PDF Splitter

Digitized by srujanika@gmail.com

Split by PDF Splitter



ମାନଙ୍କ ପ୍ରତି ଅଦୌ ଆସ୍ଥା କଲେ ନାହିଁ ମାତ୍ର ସେମାନେ ଆସ୍ଥା କରନ୍ତୁ ବା ନ କରନ୍ତୁ ଆମ୍ଭେମାନେ ଆପଣା କର୍ତ୍ତବ୍ୟକୁ ଅନୁସରି ଲୋକଙ୍କ ମନୋଭାବ କର୍ତ୍ତୃପକ୍ଷଙ୍କୁ ଜଣାଇବା ବିଷୟରେ ତିଳମାତ୍ର ତ୍ରୁଟି କରି ନାହୁଁ । ଫଳତଃ ସେମାନ ଅକର୍ମଣ୍ୟ ହେଲେହେଁ କାଗଜପତ୍ର କଥାକୁ ହାକିମମାନେ କପରି ବିସ୍ମରଣ କଲେ? ଏଥିରୁ ଆମ୍ଭମାନଙ୍କର ଏହି ଅନୁମାନ ହୁଅଇ ଯେ ହାକିମମାନେ ଲୋକଙ୍କ ମାନସିକ ଭାବ ଜାଣିବାକୁ ଅଦୌ ଚେଷ୍ଟା କରି ନାହାନ୍ତି ନୋହିଲେ ଯାହା କହିଲେ ତାହାଙ୍କ ଶାସନକାର୍ଯ୍ୟର ସୌନ୍ଦର୍ଯ୍ୟହାନି ଜଣା ପଡ଼ିବ ତାହା ଗୁପ୍ତ ଦେଇଅଛନ୍ତି । ସୁତରାଂ ସ୍ଥାନୀୟ ହାକିମମାନେ ସର୍ବଦା ସ୍ୱତନ୍ତ୍ର ଗସ୍ତ କଲେ ପ୍ରଜାଙ୍କ ଭଲମନ୍ଦ ସକଳ କଥା ଗବର୍ଣ୍ଣମେଣ୍ଟ ଜାଣି ପାଇବାର ଯେଉଁ ଆଶା ରଖନ୍ତି ତାହା ପୂର୍ଣ୍ଣ ହେବା ବଡ଼ କଠିନ ବ୍ୟାପାର ।

ଖଣିଜ ଏବଂ ପ୍ରସୂତ ଦ୍ରବ୍ୟ ସମ୍ବନ୍ଧରେ ରିପୋର୍ଟରେ ଲେଖାଅଛି କି ତାଲଚେର ଏବଂ ଅନୁଗୁଳରେ କେବଳ ପଥର କୋଇଲା ଅଛି ମାତ୍ର ବାହାର ସଂଯୋଗ ନ ଥିବାରୁ ସ୍ଥାନାନ୍ତରେ ଏହାର ପ୍ରୟୋଜନ ହେଉ ନାହିଁ ଏବଂ ଜାଳିବା କାଠ ପ୍ରାୟ ମିଳୁଥିବାରୁ ସ୍ଥାନୀୟ ଅଭାବ ପୂର୍ଣ୍ଣ କରି ପାରୁ ନାହିଁ । ଅବଶ୍ୟ ରେଲୱେ ଦ୍ୱାରା ଓଡ଼ିଶା ଭାରତବର୍ଷର ଅନ୍ୟାନ୍ୟ ପ୍ରଦେଶ ସଙ୍ଗେ ଯୋଗ ନ ହେଲେ ଏଠାରେ କୌଣସି କାରଖାନା ଫିଟି ପାରିବ ନାହିଁ କିମ୍ବା ପଥର କୋଇଲାର ଆଦର ବଢ଼ିବ ନାହିଁ । ମାତ୍ର ଅନୁଗୁଳ ଏବଂ ଢେଙ୍କାନାଳରେ ଲୁହାର ଖଣି ଅଛି ଓ ସେଠା ବାସିମାନେ ଦେଶୀୟ ପ୍ରଥା ଅନୁସାରେ ଅଳ୍ପ ପରିମାଣରେ ଲୁହା ବାହାର କରି ସ୍ଥାନୀୟ ଅଭାବ ପୂର୍ଣ୍ଣ କରୁଅଛନ୍ତି ଏବଂ ଅଳ୍ପ ପରିମାଣରେ ମୋଗଲବନ୍ଦୀକୁ ଅମଦାନୀ ହେଉଅଛି । ଅନୁଗୁଳ ଗୋଟିଏ ଖାସମହାଲ ଅଟଇ ଏବଂ ଢେଙ୍କାନାଳ କେତେବର୍ଷ ହେଲା ସରକାରଙ୍କ ସାକ୍ଷାତ ତତ୍ତ୍ୱାବଧାରଣରେ ରହିଅଛି ଏସବୁ ଲୁହା ଖଣିର ତତ୍ତ୍ୱମାତ୍ର ସମ୍ବାଦ ରିପୋର୍ଟରେ ନ ଥିବା ବଡ଼ ଆଶ୍ଚର୍ଯ୍ୟର ବିଷୟ ଅଟଇ । ଦେଶର ଅବସ୍ଥା ହାକିମମାନେ ବିଶେଷରୂପେ ଅନୁସନ୍ଧାନ କରୁଥିଲେ ଏକଥା ଏତେଦିନ ଲୁଚି ରହିବା ତେଣିକି ଥାଉ ବରଂ ଯେମନ୍ତ ଅନୁଗୁଳରେ ଲୁହା ଓ ପଥର କୋଇଲା ଉଭୟ ପ୍ରକାର ଖଣି ବିଦ୍ୟମାନ ରହିଅଛି ଅନ୍ୟ ସ୍ଥଳ ସେ ସମସ୍ତ ଖଣିରୁ ଫଳଲାଭ କରିବାର କୌଣସି ବ୍ୟବସ୍ଥା ହୋଇଥାନ୍ତା । ଲୁଣର ବ୍ୟବସାୟ ଊଣା ପଡ଼ିବା ବିଷୟରେ ପୁରୀ କଲେକ୍ଟର କହିଅଛନ୍ତି ଲୁଣ ଓଜନ କରିବାର କଠିଣ ନିୟମ ପ୍ରଚଳିତ ହେବାରୁ ମହାଜନମାନେ ପୁରୀ ଲୁଣ ଛାଡ଼ି ଗଞ୍ଜାମ ଲୁଣ ଅମଦାନୀ କରୁଅଛନ୍ତି । ଏଥିରେ ମଧ୍ୟ ଆମ୍ଭେମାନେ ଅନୁସନ୍ଧାନର ତ୍ରୁଟି ଆଶଙ୍କା କରୁଁ । ଲୁଣ ମହାଜନଙ୍କଠାରୁ କଲେକ୍ଟର ସାହେବ ପ୍ରକୃତ କଥା ଜାଣିବାକୁ ଚେଷ୍ଟା କରିଥିଲେ ସମ୍ଭବତଃ ଆଉ କେତେ କାରଣ ପାଇଥାନ୍ତେ । ଗଞ୍ଜାମର କର୍ତ୍ତୃପକ୍ଷମାନେ ଯେ ଓଜନ ପ୍ରତି ଦୃଷ୍ଟି ରଖନ୍ତି ନାହିଁ ଏକଥା ମନକୁ ବଡ଼ ଯୋଗ ନାହିଁ ।

ହାକିମଙ୍କ ମଧ୍ୟରେ ଏଥର ପୁରୀ ଜିଲ୍ଲାର ଟେକ । ସେଠାର କଲେକ୍ଟର ଗ୍ରାଣ୍ଟ ସାହେବ ଏବଂ ଖୋରଧାର ସବ୍‌ଡିଭିଜନ ହାକିମ ଗଡ୍‌ଫ୍ରେ ସାହେବ ବନ୍ଦୋବସ୍ତ ହାକିମ ଟେଲର ସାହେବ ବଣରକ୍ଷକ ଓ୍ୱାଲି ସାହେବ ବଡ଼ ପ୍ରଶଂସା ପାଇଅଛନ୍ତି ଅଥଚ ଆମ୍ଭେମାନେ ଉପରେ ଲେଖିଅଛୁଁ କି ଏହାଙ୍କ ଶାସିତ ଭୂମିଖଣ୍ଡରେ ଲୋକମାନେ ଅଧିକ ମନ ଦୁଃଖରେ ଅଛନ୍ତି ଏବଂ ଏହିମାନେ ଆପଣା ଅଧୀନସ୍ଥ ପ୍ରଜାଙ୍କ ମନୋଭାବ ଜାଣିପାରି ନାହାନ୍ତି । ଅପର ଦୁଇଜଣ ଅର୍ଥାତ ବାବୁ ମଦନାନନ୍ଦ ଗୁପ୍ତ ଏବଂ ବାବୁ ବ୍ରଜବିହାରୀ ନାୟକ ସୁଖ୍ୟାତି ଲଭିଅଛନ୍ତି ମାତ୍ର ଏମାନଙ୍କ ବିଷୟରେ ଆମ୍ଭମାନଙ୍କର କିଛି ବକ୍ତବ୍ୟ ନାହିଁ ।

ଜମିଦାରଙ୍କ ମଧ୍ୟରେ ବାବୁ ବୈଦ୍ୟନାଥ ପଣ୍ଡିତ ରାୟ ବାହାଦୁର, ବର୍ଦ୍ଧମାନର ମହାରାଜା, ବାବୁ ଜଗନ୍ନାଥ ରାୟ ଚୌଧୁରୀ ଏବଂ ରାଜା ଶ୍ୟାମାନନ୍ଦ ଦେଙ୍କର ପ୍ରଶଂସା ହୋଇଅଛି । ଏମାନେ କେବଳ ବଦାନ୍ୟତା ଯୋଗୁଁ ପ୍ରଶଂସା ପାଇଥିବାର ରିପୋର୍ଟରୁ ପ୍ରକାଶ । ନୋହିଲେ ସେହି ରିପୋର୍ଟର ଆଉ ଏକ ସ୍ଥାନରେ ଲେଖାଅଛି କି ଦର୍ପଣରେ ଖଜଣା ବୃଦ୍ଧି ଏବଂ କୁଜଙ୍ଗରେ ଖଜଣା ବିବାଦ ହେତୁ ବାକି ଖଜଣାର ନାଲିଶ ଅନେକ ବୃଦ୍ଧି ହୋଇଅଛି । ଯେଉଁ ଜମିଦାରମାନେ ବାକି ଖଜଣା ମୋକଦ୍ଦମା ଦ୍ୱାରା ପ୍ରଜାଙ୍କୁ ହରବର କରି ପାରନ୍ତି ସେମାନେ କପରି ଅଧିକ ପ୍ରଶଂସନୀୟ ଆମ୍ଭେମାନେ ବୁଝି ପାରିଲୁ ନାହିଁ । ବାବୁ ଜଗନ୍ନାଥ ଚୌଧୁରୀ ସର୍ବଦା କଲିକତାରେ ଅଛନ୍ତି ପ୍ରଜାମାନେ ତାହାଙ୍କ ଦର୍ଶନ ପାଇବା କଠିନ । ଏ ମହାଶୟ କପରି ପ୍ରଶଂସନୀୟ ହେଲେ ଏହା ମଧ୍ୟ ବୁଝିବା କଠିନ । ଫଳତଃ ରିପୋର୍ଟର ଆଉ କେତେକ ସ୍ଥାନରେ ଏପରି ଅସଙ୍ଗତ କଥା ରହିଅଛି ବାହୁଲ୍ୟ ଭୟରେ ସେ ସମସ୍ତ ବର୍ଣ୍ଣନା କରିବାରୁ କ୍ଷାନ୍ତ ହେଲୁଁ । ଏତକରୁ ପାଠକମାନେ ସବୁ ବିଚାର କରି ପାରିବେ । ଆଉ ନାନାପ୍ରକାର ରାଜସ୍ୱ ଓ କର ଆଦାୟର ଊଣା ଅଧିକ ପକ୍ଷରେ ଆମ୍ଭମାନଙ୍କର କିଛି ବକ୍ତବ୍ୟ ନାହିଁ । ଏଥର ଖାଦ୍ୟ ସାମଗ୍ରୀ ସୁଲଭ ଥିବାରୁ ସବୁ ପ୍ରକାର ରାଜସ୍ୱ ବୃଦ୍ଧି ହୋଇଅଛି ଏବଂ ଅପରାଧ ମଧ୍ୟ ଊଣା ପଡ଼ିଅଛି ।

ମୋଟରେ ଆମ୍ଭମାନଙ୍କର ମନ୍ତବ୍ୟ ଏହି କି ରିପୋର୍ଟଠାରୁ ମାନ୍ୟବର ଷ୍ଟେଟଲାଟ ସାହେବଙ୍କ ନିର୍ଦ୍ଧାରଣ ଆମ୍ଭମାନଙ୍କ ମନକୁ ଅଧିକ ଯୋଗଅଛି । ରିପୋର୍ଟ ଯେତେ ସୁବର୍ଣ୍ଣରେ ଚିତ୍ରିତ ହୋଇ ଥିଲେହେଁ ମାନ୍ୟବର ଷ୍ଟେଟଲାଟ ସାହେବ ତହିଁରୁ ଖୋରଧା ଖାସମହାଲର ଅଯଥା କର ବୃଦ୍ଧି ଏବଂ ସରକାରୀ ପାଉଣା ଆଦାୟ ବିଷୟକ ଆଇନର ଅଯଥା ବ୍ୟବହାରିତ ତଥା ବାହାର କରି ଯଥାର୍ଥ ବିଚକ୍ଷଣତା ଏବଂ ଦୟାବାନ୍ ଶାସନକର୍ତ୍ତାର ପରିଚୟ ଦେଇଅଛନ୍ତି, ଏବଂ ଆମ୍ଭମାନଙ୍କର ଏକାନ୍ତ ଆଶା ହେଉଅଛି କି ଏହାଙ୍କ ରାଜତ୍ୱ କାଳରେ ଆମ୍ଭମାନଙ୍କର ଅନେକ ଦୁଃଖ ବିଦୂରିତ ଓ ସୁଖ ବର୍ଦ୍ଧିତ ହେବ । କେବଳ ଷ୍ଟେଟଲାଟ ସାହେବଙ୍କ ଗୋଟିଏ ଅଭିମତରେ ଆମ୍ଭେମାନେ ଐକ୍ୟ ହୋଇ ପାରିଲୁଁ ନାହିଁ । ସେ ଲେଖିଅଛନ୍ତି କି କଟକରେ ଜୁଡିସିଏଲ ଷ୍ଟାମ୍ପ ବିକ୍ରୟ ଅନେକ ବୃଦ୍ଧି ହୋଇଥିବାରୁ ଲାଇସେନ୍‌ସ ଟାକ୍‌ସ ବନ୍ଦୋବସ୍ତ ଊଣା ଦରରେ ହୋଇଥିବାର ଜଣାଯାଏ । ମାତ୍ର ଆମ୍ଭେମାନେ ଜାଣୁ ଯେ ଦାଖଲଖାରଜ ଓ ଉତ୍ସର୍ଗୀୟ ମୋକଦ୍ଦମା ଏବଂ ଖାସମହାଲ ସଂକ୍ରାନ୍ତ ମୋକଦ୍ଦମା ହେତୁରୁ ଷ୍ଟାମ୍ପ ଅଧିକ ବିକ୍ରୟ ହୋଇଅଛି । ସୁତରାଂ ଲାଇସେନସ ଟାକ୍‌ସ ସଙ୍ଗରେ ଏଥିର କୌଣସି ସମ୍ପର୍କ ନାହିଁ । ବରଂ ମୃତ୍ତ୍ୱଳ ବେପାରିମାନେ ବାଦନ ଟଙ୍କା ଆଦାୟ ସକାଶେ ଅନେକ ମୋକଦ୍ଦମା କରିଥିବାରୁ ଜଣାଯାଏ ଯେ ଲାଇସେନସ ଟାକ୍‌ସ ଊଣା ପଡ଼ିବାର ଯଥେଷ୍ଟ କାରଣ ରହିଅଛି ।

☞ ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଙ୍ଗ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

## ଉଦ୍ଧୃତ ।

( ସୁଲଭ ସମାଚାରରୁ )

ବ୍ରାହ୍ମଭକ୍ତ ।—ବିଗତ ସୋମବାର ଅସ୍ମାନଙ୍କର ଆଚାର୍ଯ୍ୟ ଶ୍ରୀଯୁକ୍ତ କେଶବଚନ୍ଦ୍ର ସେନ ମହାଶୟଙ୍କର ଜନ୍ମୋତ୍ସବ ହୋଇ ଯାଇଅଛି । ସେ ବର୍ତ୍ତମାନ ପଞ୍ଚଚତ୍ୱାଳିଶ ବର୍ଷ ବୟସରେ ପଦକ୍ଷେପ କଲେ । ସେ ଦିନ ବିଶେଷ ସଙ୍କୀର୍ତ୍ତନ ଓ ଉପାସନା ହୋଇଥିଲା । ଦୟାମୟ ଧନ୍ୟ, ଯେ ତାହାଙ୍କୁ ଏତେ ରୋଗରୁ ରକ୍ଷା କରିଅଛନ୍ତି । ସନ୍ଧ୍ୟା ସମୟରେ ଶ୍ରୀଯୁକ୍ତ ରାଜା ସୌରୀନ୍ଦ୍ରମୋହନ ଠାକୁର ମହାଶୟ ତାହାଙ୍କ ଗୃହରେ ଉପସ୍ଥିତ ଥିଲେ । ମହାରାଣୀଙ୍କ ମଙ୍ଗଳ ଗୀତ, "ନ୍ୟାଶନେଲ ଏନ୍ଥାମ" ଯାହା ସେ ତର୍ଜମା କରି ବାରପ୍ରକାର 'ବଙ୍ଗଳା ସ୍ୱରରେ ବସାଇଅଛନ୍ତି, ଅମ୍ଭେମାନେ ତାହା ଶ୍ରବଣ କରି ଯେ କିପର୍ଯ୍ୟନ୍ତ ଆହ୍ଲାଦିତ ହୋଇଅଛୁଁ ତାହା କହି ପାରୁ ନାହୁଁ, ତହିଁ ମଧ୍ୟରେ ଗୋଟିଏ କୀର୍ତ୍ତନର ସୁର ଅଛି, ତାହା ଅତ୍ୟନ୍ତ ମନୋହର ହୋଇଅଛି । ବାସ୍ତବିକ ଏହି କଠିନ କାର୍ଯ୍ୟ ସୁସମ୍ପନ୍ନ କରି ରାଜାବାହାଦୁର ଆପଣାର ଯେ କେତେଦୂର ନୈପୁଣ୍ୟର ପରିଚୟ ଦେଇଅଛନ୍ତି ତାହା ବୋଲିଯାଇ ନ ପାରେ । ସେ ପ୍ରକୃତ ଜଣେ ସଙ୍ଗୀତବିଦ୍ୟା ବିଶାରଦ ।

ଆଶ୍ଚର୍ଯ୍ୟ କର୍ତ୍ତବ୍ୟସାଧନ ।—ଆମେରିକାର ଗୋଟିଏ ରେଲଓ୍ୱେ ଟ୍ରେନ ଘଣ୍ଟାକେ ପଞ୍ଚଚତ୍ୱାଳିଶ ମାଇଲ ହିସାବ ଦ୍ରୁତବେଗରେ ଆସୁଥିଲା । ହଠାତ୍ ଏଞ୍ଜିନରେ ଅଗ୍ନି ଲାଗି ଏପରି ହେଲା ଯେ, ଅଳ୍ପକ୍ଷଣ ମଧ୍ୟରେ ପ୍ରାୟ ଛଅଶତ ଲୋକଙ୍କର ପ୍ରାଣ ନଷ୍ଟ ହୋଇ ଥାନ୍ତା । ଶକଟଚାଳକଗଣ ସମସ୍ତେ ପ୍ରଥମେ ଅନ୍ୟ ଗାଡିକି ପଳାୟନ କଲେ, କିନ୍ତୁ ପ୍ରଧାନ ଶକଟଚାଳକ ଆସନ୍ନ ବିପଦ ଦେଖି ସେହି ଅଗ୍ନିମୟ ଏଞ୍ଜିନ ମଧ୍ୟରେ ପଶିଲା ଏବଂ ଏକାବେଳକେ ତାହାର ଗତି ରୋଧ କରି ଦେଇ ଗାଡିଗୁଡିକୁ ଅଟକାଇ ଦେଲା । ତତ୍କ୍ଷଣାତ୍ ଅଗ୍ନି ଲିଭି ଗଲା ଓ ଏତେ ଲୋକ ବଞ୍ଚି ଗଲେ, କିନ୍ତୁ ଯେଉଁ ବ୍ୟକ୍ତି ଏତେ ଲୋକଙ୍କର ପ୍ରାଣ ରକ୍ଷିଲା ତାହାକୁ ଲୋକେ ଦେଖିବାକୁ ଆସି ଦେଖିଲେ ଯେ ତାହା ଦେହର ସମସ୍ତ ବସ୍ତ୍ର ଅଗ୍ନିରେ ଦଗ୍ଧ ହୋଇ ଯାଇଅଛି ଓ ମୁଖ, ହାତ, ଗୋଡ ପୋଡି ଯାଇ ବିକୃତ ଆକାର ଧାରଣ କରିଅଛି ଏବଂ ସେ ବ୍ୟକ୍ତି ଏଞ୍ଜିନର ଜଳାଧାରକୁ ଓହ୍ଲାଇ ଦେହକୁ ଜଳରେ ବୁଡାଇ ରଖିଅଛି । ସେତେବେଳେ ସମସ୍ତେ କୃତଜ୍ଞତା ସହିତ ସ୍ୱୀକାର କରିବାକୁ ଲାଗିଲେ ଯେ, ଏହି ଶକଟଚାଳକ ଏପରି ସାହସ ପ୍ରକାଶ କରି ନ ଥିଲେ ସେ ଦିନ ଅକାଳେ ଛଅଶତ ଲୋକ ଏକାବେଳକେ ମରି ଯାଇ ଥାନ୍ତେ ।

———

ଯାଜପୁରର ସମ୍ବାଦଦାତା ଲେଖିଅଛନ୍ତି ଯଥା;-

ଗତ କାର୍ତ୍ତିକ ସଂକ୍ରାନ୍ତି ଦିନଠାରୁ ଏ ନଗରରେ ଶ୍ରୀ କାର୍ତ୍ତିକେଶ୍ୱରଙ୍କ ପୂଜାର ବିଶେଷ ଧୂମ ଲାଗି ରହିଥିଲା । ସାତ ଆଠ ମୂର୍ତ୍ତି କାର୍ତ୍ତିକେଶ୍ୱର ଏ ନଗରରେ ପୂଜା ପ୍ରାପ୍ତ ହୁଅନ୍ତି ଗତ ରବିବାର ରାତ୍ରରେ ପ୍ରାୟ ସମସ୍ତ ମୂର୍ତ୍ତିମାନ ଜଳଶାୟୀ ହୋଇଅଛନ୍ତି ଏଥି ମଧ୍ୟରେ ମୁସଲମାନଙ୍କ ମୋହରମ ପର୍ବ ପଡିବାରୁ ତବାଜୀ ବାଦ୍ୟ ଶବ୍ଦରେ କାନଅତଡା ପଡୁଅଛି ଏ ନଗରରେ ମୋଟରେ ପାଞ୍ଚଛଅ ଗୋଟି ତାଜିଆ ହୋଇଥିଲା ମାତ୍ର ଏଠା ନିବାସୀ ମୁସଲମାନଙ୍କ ଅବସ୍ଥାନୁସାରେ ତାଜିଆମାନ ଉତ୍କୃଷ୍ଟପ୍ରକାର ହୋଇ ନାହିଁ କେବଳ ପୂର୍ବ ପ୍ରଚଳିତ ନିୟମାନୁସାରେ ବାଧ୍ୟ ହୋଇ ସେମାନେ ପ୍ରତିବର୍ଷ ସାମାନ୍ୟ ପ୍ରକାର ତାଜିଆମାନ ନିର୍ମାଣ କରନ୍ତି । ବର୍ତ୍ତମାନ ଏ ନଗରରେ ଜ୍ୱର ରୋଗର ବିଶେଷ ପ୍ରାଦୁର୍ଭାବ ହୋଇଅଛି । ଫସଲ ଅବସ୍ଥା ଉତ୍ତମ ଅଛି । ଏ ନଗରରେ ଏକ ଗୋଟା ଡିସ୍ପେନସରି ଏକଜଣ ନେଟିଭ୍ ଡାକ୍ତରଙ୍କ ତତ୍ତ୍ୱାବଧାରଣରେ ରହିଅଛି ମାତ୍ର ତହିଁରେ ସମସ୍ତ ପ୍ରକାର ଔଷଧାଦି ସର୍ବଦା ଅପ୍ରତୁଳ ଥିବାରୁ ତଦ୍ଦ୍ୱାରା ରୋଗିମାନଙ୍କର ବିଶେଷ ଉପକାର ହୁଏ ନାହିଁ । ରୋଗୀବ୍ୟକ୍ତି ନିତ୍ୟକାଳ ଡାକ୍ତରଖାନାକୁ ପ୍ରତିଦିନ ଯିବା ଆସିବା କରି କେବଳମାତ୍ର ତସଲତା ପାଣି ସେବନହାସ ଅପେକ୍ଷ୍ୟ ନ ହେଲେ ଆଉ ଡାକ୍ତରଖାନାକୁ ଯିବାକୁ ଇଚ୍ଛା କରେ ନାହିଁ ଏପରି ଅବସ୍ଥାରେ ସେ ଅପେକ୍ଷ୍ୟ ଲେଖାସର କରିଥିବାର ଡାକ୍ତରଙ୍କ ରେଜିଷ୍ଟର ବହିରେ ଲେଖାଯାଏ । ବର୍ତ୍ତମାନ ଏ ନଗରରେ ବାସ କରୁଥିବା ବଙ୍ଗଦେଶୀୟ ମହାଜନ ବାବୁ ରାମଲାଲ ଦତ୍ତ ନାନାବିଧ ପ୍ରକାର ଔଷଧମାନ କଲିକତାରୁ ଅଣାଇ ସେ ସବୁ ବିକ୍ରୟାର୍ଥେ ପ୍ରସ୍ତୁତ ଅଛନ୍ତି ଭରସା କରୁଁ ବାବୁ ମହାଶୟଙ୍କ ଚେଷ୍ଟା ଅବଶ୍ୟ ସୁଫଳ ହେବ ।

ଏ ସବ୍‌ଡିଭିଜନ ଅନ୍ତର୍ଗତ ହୋବଡ ପୋଷ୍ଟ ଅଫିସର ସବ୍ ପୋଷ୍ଟ ମାଷ୍ଟର ସରକାରୀ ଟଙ୍କା ଆତ୍ମସାତ କରିଥିବା ଅପରାଧରେ ମାସେ କାରାବାସ ଦଣ୍ଡାଜ୍ଞା ଲଭିଅଛି । ୨୭।୧୧।୮୨

# ସାପ୍ତାହିକ ସଂବାଦ ।

ଶ୍ରୀଯୁକ୍ତ କଲେକ୍ଟର ପଷ୍ଟି ସାହେବ ଗତ ବୁଧବାର କେନ୍ଦ୍ରାପଡା ଗସ୍ତରୁ ପ୍ରତ୍ୟାଗମନ କରିଅଛନ୍ତି ପୁଣି ଆସନ୍ତା ଶନିବାର ବାଙ୍କି ଅଞ୍ଚଳକୁ ଗସ୍ତ କରି ଯିବେ ।

ଗତ ସପ୍ତାହ ଋତୁର ଅବସ୍ଥା ବଡ ମନ୍ଦ ଥିଲା ; କ୍ରମାଗତ ମେଘାଚ୍ଛନ୍ନ ଶୀତ ସଙ୍ଗେ ଜ୍ୱରାଦିର ଦେଖା ଏବଂ କେବେ ହୁରି ବୃଷ୍ଟିଫୋଟା ବୃଷ୍ଟି ହୋଇଥିଲା । ଏପରି ଋତୁ ରବିଫସଲ ପ୍ରତି ଅତ୍ୟନ୍ତ ଅନିଷ୍ଟକର ହୋଇଅଛି ଏବଂ ବୃଷ୍ଟିକୃତ ଛଣ ବସ୍ତୁର କ୍ଷତି ହେବାର ଆଶଙ୍କା ହୋଇଅଛି ।

ଏଠା ମିଉନିସିପଲ କଚେରୀର ଜରମା ବାବୁ କାନ୍ହୁଚରଣ ଦାସ ଗତ ଗୁରୁବାର ଅଫିମ ଖାଇ ମୂର୍ଚ୍ଛାପ୍ରାପ୍ତ ହୋଇ ଥିବାରୁ ଡାକ୍ତରଖାନାକୁ ପ୍ରେରିତ ହୋଇଥିଲେ ତଜ୍ଜାହାର ଆରୋଗ୍ୟ ଲାଭ କରିଅଛନ୍ତି । ଶୁଣାଯାଏ ଯେ ମିଉନିସିପଲ ଟଙ୍କା କୌଣସିରେ କିଛି ଗୋଳମାଳ ଏଥିର କାରଣ ଘଟିଲା । ଏଥିର ତଦନ୍ତ ହେଉଅଛି ।

ଗୋଟିଏ ସ୍ତ୍ରୀଲୋକ କେତେଗୁଡିଏ କାଚର ପାତ୍ର ଆପଣା ଭଣ୍ଡାରଘରେ ରଖି ଥିଲେ । ଅନେକ ଦିନ ପର୍ଯ୍ୟନ୍ତ ସେ ସବୁ ଦ୍ରବ୍ୟର ତତ୍ତ୍ୱାବଧାରଣ ନ କରି ଅବଶେଷରେ ଦିନେ ଅନୁସନ୍ଧାନ କରି ଦେଖିଲେ ଯେ ସେ ସବୁଥିରେ ଉଇ ଲାଗି ଅଛନ୍ତି । ଉଇମାନଙ୍କ ଛଡାଇ ଦେଲାରୁ କାଚର ସ୍ୱଚ୍ଛତା ଅପଗତ ହୋଇ ତହିଁ ପରିବର୍ତ୍ତରେ ସେ ସ୍ଥାନମାନ ମଳିନ ହୋଇ ଯାଇଥିବାର ଦେଖା ଗଲା ଏବଂ ଅନେକ ମାର୍ଜନରେ ମଧ୍ୟ ତାହା ଦୂରୀଭୂତ ହେଲା ନାହିଁ । ବିଲାତର ଡାକ୍ତର ବର୍ଡ ସାହେବ ସ୍ୱୟଂ ଏହାକୁ ପରୀକ୍ଷା କରି ଦେଖି ତହିଁର ବିବରଣ ଲେଖିଥିବାର ମାନ୍ଦ୍ରାଜ ମେଲ କହନ୍ତି ।—କାଚର ଗୁଣ ସହଜରେ ନଷ୍ଟ ହୋଇ ନ ପାରେ ଏବଂ ତହିଁର ଶୁଣକାର ଯେତେଦ୍ରବ୍ୟ ରହିଥି ଆବିଷ୍କୃତ ହୋଇଅଛି ତହିଁର ସଂଖ୍ୟା ଉଇମାନେ ବୃଦ୍ଧି କରି ଲୋକରେ ଆପଣାର ମୂଷିକଗୁଣ ଦେଖାଇ ଗଲେଣି ସାମାନ୍ୟ ଉଇମାନେ ସମୟରେ ପର୍ବତ ଜୀର୍ଣ୍ଣ କରି ଦେବେ !

ଅସ୍ମମାନଙ୍କର ମହାମାନ୍ୟ ବଡ଼ ଲାଟ ସାହେବଙ୍କର ଶ୍ୟାଳକ ଲାଇନର ସାହେବଙ୍କର ମୃତ୍ୟୁ ସମ୍ବାଦ ପହୁଞ୍ଚିଲାରୁ ସାହେବ ପ୍ରଶଂସିତଙ୍କର ଭ୍ରମଣରେ ଅନେକ ପରିବର୍ତ୍ତନ ହୋଇଅଛି । ସରକାରୀ ଏବଂ ନିତାନ୍ତ ଆବଶ୍ୟକୀୟ କାର୍ଯ୍ୟ ଛଡା ଅନ୍ୟ କୌଣସି କାର୍ଯ୍ୟ ବା ଆମୋଦରେ ସେ ଯୋଗ ଦେବେ ନାହିଁ । ଲକ୍ଷ୍ନୌଠାରେ ତାଙ୍କର ଅଭିନନ୍ଦନୋପଲକ୍ଷରେ ଯେଉଁ ଧୂମଧାମର ଆୟୋଜନ ହୋଇ ଥିଲା ତାହା ବନ୍ଦ ହୋଇ ଯାଇ ଅଛି । ସାହେବ ମହୋଦୟ ଆଜ କଲିକତା ନଗରରେ ପହୁଞ୍ଚିଥିବେ !

ବମ୍ବାଇ ପ୍ରଦେଶରେ ବିଷାକ୍ତ ବା ଔଷଧୀୟ ଦ୍ରବ୍ୟମାନଙ୍କର ପ୍ରୟୋଗ ଏବଂ ବ୍ୟବହାର ନ ଜାଣିଥିବା ଲୋକ ତାହା ବିକ୍ରୟ କରିବାକୁ ଅକ୍ଷମ ହେବା ମର୍ମରେ ସେଠା ବ୍ୟବସ୍ଥାପକ ସଭାରେ ଗୋଟିଏ ଆଇନର ପାଣ୍ଡୁଲିପି ଆଗତ ହୋଇଅଛି । ସେଠାରେ ଯାହା ଏପର୍ଯ୍ୟନ୍ତ ଏପରି ଆଇନର ସୃଷ୍ଟି ହୋଇ ନ ଥିଲା !

ଝିଟିକା ପଡି ଶସ୍ୟ ନଷ୍ଟ ହୋଇ ଥିବାରୁ ସେତାରାଠାରେ ଶସ୍ୟ ଦୁର୍ମୂଲ୍ୟ ହୋଇଅଛି ।

ସ୍ତ୍ରୀ ଡାକ୍ତରୀର ପ୍ରକୃତରେ ଦିନଦିନ ଉନ୍ନତି ପରି ଲକ୍ଷିତ ହେଉଅଛି । ଏଥିକୁ ଡେଲିନିଉଜରୁ ଅବଗତ ହେଲୁଁ ଯେ କଲିକତା ମେଡିକାଲ କଲେଜ ସଙ୍ଗରେ ସ୍ତ୍ରୀମାନଙ୍କର ଶିକ୍ଷା ନିମନ୍ତେ ଗୋଟିଏ ଶ୍ରେଣୀ ଫିଟିବ । ବର୍ତ୍ତମାନ ନିମନ୍ତେ କଲେଜର ଶିକ୍ଷକମାନେ ପଢ଼ାଇବାର ଭାର ଗ୍ରହଣ କରିବେ ଏବଂ ବିଲାତରୁ ସ୍ତ୍ରୀ ଡାକ୍ତର ପଢ଼ାଇବା କାରଣ ଆଣାଇବାର ଉଦ୍ୟୋଗ ଲାଗି ଅଛି ।

ମୁସଲମାନମାନେ ଭାରତ ଅଧିକାର କରି ପୂର୍ବରୁ ଏଠାରେ କୃଷିର ଅବସ୍ଥା କି ପ୍ରକାର ଥିଲା ତହିଁ ସମ୍ବନ୍ଧରେ ସଂସ୍କୃତ କଲେଜର ଯେ କୌଣସି ଛାତ୍ର ଇଂରାଜୀ ଭାଷାରେ ଗୋଟିଏ ରଚନା ଲେଖି ଦେବ ତାହାକୁ ଟ ୨୫୦ ଙ୍କା ପୁରସ୍କାର ଦେବା କାରଣ ଦ୍ୱାରଭଙ୍ଗାର ମହାରାଜା ପ୍ରତିଶ୍ରୁତ ହୋଇ ଉକ୍ତ ଟଙ୍କା ଅସ୍ମମାନଙ୍କର ଛୋଟ ଲାଟ ସାହେବଙ୍କ ସମୀପରେ ଗଚ୍ଛିତ କରି ରଖିଛନ୍ତି ।

ଏଥର ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷାରେ

Split by PDF Splitter

Digitized by srujanika@gmail.com

Split by PDF Splitter



ଜ ୧୭୪୨ ଣ ପରୀକ୍ଷାର୍ଥୀ ହୋଇ ଥିଲେ । ଏହାଙ୍କ ମଧ୍ୟରେ ଜ ୧୦ ଣ ସ୍ତ୍ରୀଲୋକ ଯେ ତହିଁରୁ ବମ୍ବାଇରୁ ଜ ୩ ଣ ଏବଂ ପୁନାରୁ ଜ ୭ ଣ ଯାଇ ଥିଲେ ।—ପୁନା ଏକା ସ୍ତ୍ରୀ ଶିକ୍ଷାରେ ଅଗ୍ରଗଣ୍ୟ ।

ଟେଲିଗ୍ରାଫର କଲିକତାର ସମ୍ବାଦଦାତା ଲେଖିଅଛନ୍ତି ଯେ ଗତ ଅକ୍ଟୋବର ମାସ ତା ୨୪ ରାତ୍ରିରେ ସେଠାରେ ଏକ ଅଦ୍ଭୁତ ଭୟାନକ ତୋଫାନ ହୋଇଥିଲା । ଘରର ଛାତମାନ ଉଡ଼ି ଯାଇଥିଲା । ଜାହାଜର ତାରମାନ ସେତ ଭୋଗ ହୋଇ ଯାଇଥିଲା ଏବଂ ନଗର ଓ ଗ୍ରାମମାନ ଜଳପୂର୍ଣ୍ଣ ହୋଇ ଟେଲିଗ୍ରାଫ ତାରର କାରବାର ଏକାବେଳକେ ବନ୍ଦ ହୋଇ ଗଲା । ଏଥିରେ ଲଣ୍ଡନ ସହର ଓ ଅନ୍ୟ ଅନେକ ସ୍ଥାନର ବହୁତ କ୍ଷତି ହୋଇଅଛି ।

ରଣ୍ଡି ଗ୍ରାଣ୍ଡାଇମସରେ ନିମ୍ନଲିଖିତ କଥାଟି ଲେଖା ଅଛି;— ମିଉନିସିପଲ କମିଶନରମାନ ପ୍ରାୟ ଆମୋଦଜନକ ହୁଏ କାହିଁ ମାଦ୍ରାସ ବେଲଗାଁ ମିଉନିସିପାଲିଟିରେ ଯେ ନିମ୍ନଲିଖିତ ପ୍ରସ୍ତାବଟି ଧାର୍ଯ୍ୟ ହେଲା ତାହା ତହିଁର ଜଳନ୍ତ ଦୃଷ୍ଟାନ୍ତ ଅଟେ । ପ୍ରସ୍ତାବଟି ଏହି—ଲୁବାଘ ମର୍କଟମାନେ ଏ ନଗରରେ ସ୍ତ୍ରୀ ଏବଂ ବାଳକମାନଙ୍କୁ ଆକ୍ରମଣ କରିବା ଓ ଖାଦ୍ୟସାମଗ୍ରୀ ଘେନି ପଳାଇବା ଏବଂ ସହରର ଘର ଛାତର ଟାଇଲମାନ ଓଲଟାଇ ପକାଇବାହାର ନିତାନ୍ତ ଅନିଷ୍ଟକାରୀ ହୋଇ ପଡ଼ିଥିବାରୁ ସେମାନଙ୍କୁ ଧରି ବଣରେ ଛାଡ଼ି ଦିଆଯାଉ ଏବଂ ଏପରି ମର୍କଟମାନଙ୍କୁ ଧରିବାରେ ସେମାନଙ୍କର କୌଣସି କ୍ଷତି ନ ହେବାର ବନ୍ଦୋବସ୍ତ କରାଯାଉ । ଏହି ପ୍ରସ୍ତାବ କାର୍ଯ୍ୟରେ ପରିଣତ କରିବା କାରଣ ଯେଉଁ ଖର୍ଚ୍ଚ ହୋଇ ପାରେ ତହିଁକି କମିଶନରମାନେ ଟ ୨୦୦ ଙ୍କା ମଞ୍ଜୁର କରିଅଛନ୍ତି !—ଉତ୍ତମ ଏକା !

ଅସ୍ଟ୍ରେଲିଆର ନଗର ହତ୍ୟାକାଣ୍ଡ ସମ୍ପର୍କରେ ଅଠଜଣ ଲୋକ ଧରା ପଡ଼ି ଦୋଷୀ ବୋଲି ପ୍ରମାଣ ହେଲାରୁ ସେମାନଙ୍କୁ ପ୍ରାଣଦଣ୍ଡର ଆଜ୍ଞା ହୋଇଗଲା । ସମ୍ବାଦଦାତାଙ୍କ ପ୍ରମାଣ ଉପରେ ତଦନ୍ତ କରାଯାଇ ସେମାନଙ୍କୁ ଧୃତ ଓ ଦଣ୍ଡିତ କରା ଗଲା ।

ଟେଲିଗ୍ରାଫ ଲେଖି ଅଛନ୍ତି ଯେ ଅଦ୍ୱିତୀୟପାଶାଙ୍କ ବିଷୟ ସମ୍ପର୍କରେ ଘଟିଲା ଏକ ଉକ୍ତି, ମୃତେଇ ପକ୍ଷର ଓକିଲ ଅନ୍ୟ ଏକ ଭାଷା ଏବଂ ମୃତାସ ପକ୍ଷର ଓକିଲ ଅନ୍ୟ ଏକ ସ୍ଥଳକୁ ଭାଷା ଜାଣ ଥିବାର କଥିତ ହୁଏ ।—ଏପରି ହେଲେ ତ ଏହା ଜାଲିଙ୍କର କଥା । ତତ୍ପର ହୋଇ କାର୍ଯ୍ୟ କରୁଥିବ ପଛ !

ଆମେରିକାର ଏକ ସମ୍ବାଦପତ୍ର ବାଭେରିଆର ରାଜାଙ୍କ ସମ୍ବନ୍ଧରେ ଜଣେ ଏହିପରି ଲେଖିଅଛନ୍ତି;—ରାଜା ସନ୍ଧ୍ୟା ସମୟରେ ଶଯ୍ୟାରୁ ଉଠନ୍ତି । ଏକା ଭୋଜନ କରନ୍ତି । ରାତ୍ରେ ଯେତେବେଳେ ଇଚ୍ଛା ବନ୍ଧୁଙ୍କ ଖେଳିବା କାରଣ କର୍ମଚାରୀଙ୍କୁ ଡାକନ୍ତି । ଖେଳରେ ଭୁଲ ହେଲେ ସେମାନଙ୍କୁ କର୍ମଚ୍ୟୁତ କରନ୍ତି । ରାତ ଅଧରେ ନାଟକ ବା ଗୀତବାଦ୍ୟାଦି ନିମନ୍ତେ ଆଦେଶ କରି ଏକାକୀ ତହିଁର ଦର୍ଶକ ହୁଅନ୍ତି । କେତେବେଳେ ଶୋଇ ପଡ଼ିଲେ ଅଭିନେତାମାନେ ସେ ଉଠିଲା ପର୍ଯ୍ୟନ୍ତ ଅଭିନୟ ସ୍ଥଗିତ ରଖନ୍ତି । ଏ ନିଦ୍ରା ସମୟରେ ଦୁଇ ତିନିଘଣ୍ଟା କଟି ଯାଏ । କେତେବେଳେ ସେ କୌଣସି ଅଭିନେତା ବା ଅଭିନେତ୍ରୀର ଅନୁକୂଳ ହୋଇ ପଡ଼ନ୍ତି ମାତ୍ର ତହିଁରେ ଏହାଙ୍କର ତୃପ୍ତି ନ ହୁଏ । ଅନ୍ୟଦିନ ରାତ୍ରେ ଦିନେ ଶୋଇବା ସମୟରେ ଲୋଟଏ ଥିଏଟରର ପ୍ରଧାନ ଅଭିନେତ୍ରୀଙ୍କୁ ଡାକ ଦେଇ ସେ ଗୋଟଏ ନାଟକ ପଢ଼ିବାକୁ କହିଥିଲେ । ଏପରି ପଢ଼ିଲା ବେଳେ ପିଅ ହୋଇ ରହିବାକୁ ହୁଏ । ଦିନେ ଅତ୍ୟନ୍ତ କ୍ଳାନ୍ତ ହେଲୁ ପାଠିକା ଶଯ୍ୟାର ଏକ କୋଣରେ ବସିଗଲା । ତହିଁ ରାଜାଙ୍କ ଶଯ୍ୟା ସ୍ପର୍ଶ କରି ରାଜାଙ୍କୁ ଅପମାନ କରିବା ଅପରାଧରେ ତାକୁ ଏକାବେଳକେ ରାଜ୍ୟରୁ ବହିଷ୍କୃତ କରି ଦିଆ ଗଲା ।—ଏଭଳି ରାଜା ବି ଅଛନ୍ତି !

ନାସିକ ବନ୍ଦରରେ ଝିଙ୍କା ହେଲୁ ଫସଲ ଶୀଘ୍ର କଟା ହେଉଅଛି । ଝିଙ୍କାଦ୍ୱାରା ସେଠା ଶସ୍ୟର ଲୋକସାନ ଘଟିଥିବାର କଥିତ ହୁଏ ।

ସୁରଟରେ ବ୍ରାହ୍ମଣ ଜାତିଙ୍କ ମଧ୍ୟରେ ଏକ ବିଧବା ବିବାହ ସମ୍ପନ୍ନ ହୋଇଥିବାର ଟେଲିଗ୍ରାଫ ଲେଖିଅଛନ୍ତି ।—ଉତ୍ତମ ।

## ପ୍ରେରିତପତ୍ର ।

ଶ୍ରୀଲ ଶ୍ରୀଯୁକ୍ତ ମାନ୍ୟବର ପରମ ପୂଜନୀୟ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।—

ମହାଶୟ !

ଅମୃତ ଭ୍ରମରଞ୍ଜନ ବିଷୟକ ଏକ ପ୍ରଶ୍ନ ସର୍ବସାଧାରଣ ଜ୍ଞାତାର୍ଥ ଏକାନ୍ତ ହୃଦୟରେ ସମୁତ୍ସୁକ ହୋଇଅଛୁଁ ଏହି କେତେକ ପଂକ୍ତିକୁ ଆପଣଙ୍କ ଓଡ଼ିଆହିତୈଷୀ ଜଗଦ୍‌ବିଖ୍ୟାତ ପତ୍ରିକାରେ ସ୍ଥାନ ପ୍ରଦାନ କରି ଚିରବାଧିତ କରିବା ହେବେ ।

ଏହି ତ ହିନ୍ଦୁସମାଜାନ୍ତର୍ଗତ ସୁପ୍ରଚଳିତ କାର୍ତ୍ତିକାଦି କଥିତ ପୂଣ୍ୟମାସ ହେଲୁ ବିଶେଷତଃ ବୃଦ୍ଧ ଓ ବିଧବାସ୍ତ୍ରୀମାନେ ମାସୋପବାସ କରନ୍ତି ପ୍ରାତଃସ୍ନାନ କରି ଗୋଧୂଳି ପର୍ଯ୍ୟନ୍ତ ନିର୍ଜଳ ରହି ସେହି ସମୟରେ ଏକମାତ୍ର ଭୋଜନ ପ୍ରତିଦିନ କରନ୍ତି ମଧ୍ୟ କେତେକ ଶୁଦ୍ଧ କରନ୍ତି କିନ୍ତୁ ସମସ୍ତେ ପ୍ରାତଃସ୍ନାନ ଏଥିମଧ୍ୟରେ ଏମାନଙ୍କର ପ୍ରକାର ଭେଦରେ ଖାଦ୍ୟଭେଦ ଅଛି ହବିଷ୍ୟକାରିମାନେ ଉଆଅନ୍ନ ଗୋ ଘୃତ, ରମ୍ଭା, ମୁଗ, ସାରୁ, ଅଦା ଇତ୍ୟାଦି ଖୁଦ୍ରକାରିମାନେ ଦୁଇଓଳି ଭୋଜନ କରନ୍ତି କିନ୍ତୁ ବ୍ୟଞ୍ଜନ ମଧ୍ୟରେ ସେହି ସବୁ; କାର୍ତ୍ତିକ ଭକ୍ଷାରୁ ବ୍ରୀହି ଏ ନିଷେଧ ଆମିଷ ଏକାନ୍ତ ନିଷେଧ ଗୃହରେ ମଧ୍ୟ ପ୍ରବେଶ କରି ଦିଅନ୍ତି ନାହିଁ ଇତ୍ୟାଦି କାର୍ଯ୍ୟ ମଧ୍ୟ ଶାସ୍ତ୍ରୋକ୍ତ କିନ୍ତୁ ପୂର୍ବକାଳରେ ସେ ମହାତ୍ମାମାନେ କି ସ୍ୱାସ୍ଥ୍ୟରକ୍ଷା ଅଭିପ୍ରାୟ ଲକ୍ଷିତ କରିଥିଲେ କିନ୍ତୁ ଏଥିରେ ପଥ୍ୟ ହେଉ ନାହିଁ ସମସ୍ତେ କହନ୍ତି ଧର୍ମମାର୍ଗ କିନ୍ତୁ ତାହା ନୁହେ ବୋଧ ହୁଏ କୌଣସି ସ୍ୱାସ୍ଥ୍ୟରକ୍ଷା ପରିକଳ୍ପିତ କରିଅଛନ୍ତି କେହି ଲଙ୍ଘନ କରିବ ଏହି ଅଭିପ୍ରାୟରେ ଧର୍ମମାର୍ଗରେ ପ୍ରତିଷ୍ଠିତ କରିଅଛନ୍ତି ଏହାକୁ ହେୟଜ୍ଞାନ ନ କରି ସଦସ୍ୟପୂର୍ବକ ଜ୍ଞାନକାରମାନେ ଉତ୍ତର ଏହି ଦୀପିକାରେ ପ୍ରଦାନପୂର୍ବକ ଉପକୃତ କରିବେ ।

ବଶମ୍ବଦ

୨୪।୧୧।୮୨ କେହି ପଢ଼ିଆ ନିବାସୀ

ମହାଶୟ !

ମାଇନର ଓ ବର୍ଣ୍ଣାକ୍ୟୁଲର ବୃତ୍ତି ପରୀକ୍ଷାରେ ଏହିବର୍ଷ ନୂତନତର ଏତନ୍ନିମ୍ନଲିଖିତ କ୍ଷତ୍ରିୟମାନେ ଦ୍ୱିତୀୟଶ୍ରେଣୀରେ ପରୀକ୍ଷୋତ୍ତୀର୍ଣ୍ଣ ହେବାରୁ ଆମ୍ଭେ ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ସେମାନଙ୍କୁ ଧନ୍ୟବାଦ ଦେଉଅଛୁଁ ।

ପରୀକ୍ଷୋତ୍ତୀର୍ଣ୍ଣ ହେବା କ୍ଷତ୍ରିୟଙ୍କର

| ନାମ | ଗ୍ରାମ |
|---|---|
| ଜଗନ୍ନାଥ ମର୍ଦ୍ଦରାଜସିଂହ ସାମନ୍ତ | ତାଳଚେର |
| ଗୋପୀନାଥ ଶ୍ରୀଚନ୍ଦନ ସାମନ୍ତ | ଭଟ୍ଟୋ |
| ଦୁର୍ଗାଚରଣ ସାମନ୍ତ | ସାମନ୍ତରାପୁର |

ଭରସା କରୁଁ ଯେ ଶ୍ରୀ ଈଶ୍ୱରଙ୍କ କୃପାରୁ କ୍ଷତ୍ରିୟ ସାମନ୍ତମାନେ କୁସଂସ୍କାର ପରିତ୍ୟାଗ କରି ଆଙ୍ଗ୍ଲୋବର୍ଣ୍ଣାକ୍ୟୁଲର ସ୍କୁଲମାନଙ୍କରେ ଅଧ୍ୟୟନ କରି ଉଚ୍ଚୋଚ୍ଚ ପରୀକ୍ଷାମାନଙ୍କରେ ଉତ୍ତୀର୍ଣ୍ଣ ହୋଇ ସର୍ବୋତ୍କୃଷ୍ଟ ପଦବୀମାନଙ୍କୁ ପାଇବେ । ସ୍ୱଦେଶ ରାଜାମହୋଦୟମାନେ ଆପଣା ଆପଣା ସନ୍ତାନମାନଙ୍କୁ ଓ ଜ୍ଞାତିମାନଙ୍କୁ ସୁଶିକ୍ଷା ଦେଇ ବିଦ୍ୟାଭ୍ୟାସ କରାଇ ସେମାନଙ୍କର ଉନ୍ନତପଦକୁ ଦେଖିବେ ।

ନଚେତ୍ କାହାର ଘରକୁ ଯିବୁ କାହିଁ ଯାଇ ମେଲ ପାଠ ଲେଖୁଇ ପଢ଼ିବୁ ନାହିଁ ବୋଲି ଦୃଢ଼ ସଙ୍କଳ୍ପ କରି ସର୍ବସାଧାରଣରେ କ୍ଷତ୍ରିୟକୁଳୀନମାନେ ଯାହା ଯଥେଷ୍ଟରୂପେ କଷ୍ଟଭୋଗ କରୁଅଛନ୍ତି ତାହାର ସଦ୍‌ବିନିମୟ କେବଳ ଅସମ୍ଭାବିତ । ଇତି

ବଶମ୍ବଦ

୧୫।୧୧।୮୨ ଶ୍ରୀ ନାରାୟଣ ବଡ଼ଜେନା ସାମନ୍ତ
ମଞ୍ଜୁଷାର ହେଡ୍ ଦେୱାନ ।

ଚଳିତ ବର୍ଷର ଉଚ୍ଚ ପ୍ରାଇମେରୀ ପରୀକ୍ଷାର ଫଳ କ୍ରମେ ପ୍ରକାଶିତ ହେଲା । ଏଥିରୁ ଦେଖାଯାଏ ଯେ ଏ ବର୍ଷ ଜ ୧୭୯ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଗତ ବର୍ଷ ଜ ୩୦୩ ଣ ଉତ୍ତୀର୍ଣ୍ଣ ହୋଇଥିଲେ । ସୁତରାଂ ଫଳ ପ୍ରାୟ ଅର୍ଦ୍ଧାର୍ଦ୍ଧ ହୋଇଅଛି । ଯେମନ୍ତ ଛାତ୍ରବୃତ୍ତି ପରୀକ୍ଷାର ଫଳ ସେମନ୍ତ ଏ ପରୀକ୍ଷାର ଫଳ ମଧ୍ୟ ଅପ୍ରୀତିକର ହୋଇଅଛି ଏବଂ ହୋଇଥିବାର କାରଣ ଏକାବେଳକେ ଅନୁମିତ ହେଉଅଛି । ଯାହା ହେଉ ଗ୍ରାମ୍ୟ ଶିକ୍ଷାବିଭାଗ ଉତ୍ତରୋତ୍ତର ଭଲଫଳ ଦେଖାଇବାର ଚେଷ୍ଟା କରନ୍ତୁ ।

Digitized by srujanika@gmail.com

Split by PDF Splitter



ସନ ୧୮୮୨ ମସିହାର
ଉଚ୍ଚ ପ୍ରାଇମେରୀ ପରୀକ୍ଷାର ଫଳ
ପାରଦର୍ଶିତାନୁସାରେ ।

୧ ମ ଶ୍ରେଣୀ ।

| | |
|---|---|
| ୧ କୁଳମଣି ମିଶ୍ର | ଜାଲରୁଦ୍ରପୁର |
| ୨ ଆନନ୍ଦ କର | କାଶୀପୁର |
| ୩ ମୁରାରିମିଶ୍ର | ଢଣିବାଙ୍କ |
| ୪ କାହ୍ନୁଚରଣ ଜଗଡ଼ | ଫକୀରାବାଦ |
| ୫ ପଦ୍ମାକ୍ଷିତ ଦାସ | ଉଷ୍ଟଡିହ |
| ୬ ଚନ୍ଦ୍ରଶିଖର ହାମଲ | ବାଜପୁର |
| ୭ ମଧୁସୂଦନ ମହାପାତ୍ର | ବେଣ୍ଟପୁର |
| ୮ ଦାମୋଦର ସୁଆଇଁ | ଜଳାଗର |
| ୯ ରଘୁନାଥ ପଣ୍ଡ | ଉଷ୍ଟଡିହ |
| ୧୦ ଜଗୁଣାଜର ସୁଆଇଁ | ଜଳାଗର |
| ୧୧ ଜାଳନ୍ଧୀ ଷଡ଼ଙ୍ଗୀ | ବାଲେଶ୍ୱର ମଡେଲ |
| ୧୨ ବ୍ରହ୍ମାନନ୍ଦ ଦାସ | ଫକୀରାବାଦ |
| ୧୩ ରାଘବ ପ୍ରଧାନ | ବସ୍ତା |
| ୧୪ ମର୍ଦ୍ଦରାଜୀ ସାମନ୍ତସ | ଶ୍ରୀମପୁର |
| ୧୫ ବେଣୁଧର ତ୍ରିପାଠୀ, | ଗୋପାଳଜିଉପଟଣା |
| ୧୬ ଗୋବିନ୍ଦ ମହାପାତ୍ର | ଶ୍ରୀମପୁର |
| ୧୭ ମାନଗୋବିନ୍ଦ ଦାସ | ପାଲିଆ |
| ୧୮ ଭାଗୁ ମହମ୍ମଦ | ସୁମନା |
| ୧୯ ଭାଗୀରଥୀ ମହାନ୍ତି | ଛେଞ୍ଚପଦା |
| ୨୦ ସେଖ୍ ମଣିରୁଦ୍ଦୀନ୍ | ବଡନ୍ମଦ୍ରାସା |
| ୨୧ ନାରାୟଣ ସୁଆଇଁ | ଜଳାଗର |
| ୨୨ ନରସିଂହ ଦାସ | ସୁମନା |
| ୨୩ ମଧୁସୂଦନ ମିଶ୍ର | କଲ୍ୟାଣପୁର |
| ୨୪ ସପ୍ତେଶ୍ୱର ଦାସ | ସୁମନା |
| ୨୫ ଭଗବାନ୍ ଦାସ | କପିଳପ୍ରସାଦ |
| ୨୬ କୃଷ୍ଣଚନ୍ଦ୍ର ଦାସ | କଲ୍ୟାଣପୁର |
| ୨୭ ଧନେଶ୍ୱର ନନ୍ଦ | କପିଳପ୍ରସାଦ |
| ୨୮ ଚନ୍ଦ୍ରମଣି ପଟ୍ଟନାୟକ | ଢଗିରସ୍ତା |
| ୨୯ ବୃନ୍ଦାବନଚନ୍ଦ୍ର ଦାସ | ଗୁଧିଦରଡ଼ା |
| ୩୦ ପୁରୁଷୋତ୍ତମ ଦ୍ୱିବେଦୀ | ମାନସିଂହପାଟଣା |
| ୩୧ ଚନ୍ଦ୍ରପ୍ରସାଦ ମିଶ୍ର | ଭଦଳୋ |
| ୩୨ ବଳରାମ କର | କାଶୀପୁର |
| ୩୩ କଣ୍ଠୀଦାସ, | ବାଲେଶ୍ୱର ମିଶନବାଳକାସ୍କୁଲ |
| ୩୪ ମୋହନ ମୁଦଲୀ | ଚନ୍ଦ୍ରବ୍ରହ୍ମପୁର |
| ୩୫ ପ୍ରଭାକର ପାଣିଗ୍ରାହୀ | ପାଲିଆ |
| ୩୬ ଜନାର୍ଦ୍ଦନରଥ, | ଲକ୍ଷ୍ମୀନାରାୟଣପୁର |
| ୩୭ କ୍ଷେମୀଦାସୀ | ବାଲେଶ୍ୱରମିଶନବାଳକାସ୍କୁଲ |
| ୩୮ କ୍ଷେତ୍ରମୋହନ ଅଗ୍ରୁର୍ଯ୍ୟ | କସରଦା |
| ୩୯ ପଦ୍ମଲୋଚନ ଭଞ୍ଜ | ବହଳଦା |

| | |
|---|---|
| ୪୦ ସୁଦର୍ଶନ ନନ୍ଦ | କାଶୀପୁର |
| ୪୧ ମଧୁସୂଦନ ଦାସ | ଉଷ୍ଟଡିହ |
| ୪୨ ସୋମନାଥ ମିଶ୍ର | ହେଡ଼ା |
| ୪୩ ରାଧାଶ୍ୟାମ ଦାସ | ଗୋପାଳଜିଉପଟଣା |
| ୪୪ ଗଙ୍ଗାଧର ଧଳ | ଆନନ୍ଦପୁର |
| ୪୫ ଲକ୍ଷ୍ମୀଧର ମହାନ୍ତି | ଅନ୍ନପାଳ |
| ୪୬ ପୀତାମ୍ବର ପଟ୍ଟନାୟକ | ବହଳଦା |
| ୪୭ ରାଧାଶ୍ୟାମ ନାୟକ | ଆଳମି |
| ୪୮ ବାଲୁଙ୍କେଶ୍ୱର ସିଂହ | କଣ୍ଠିକଣ୍ଠା |
| ୪୯ ନିତ୍ୟାନନ୍ଦ ଦାସ | ଗୁଧିଦରଡ଼ା |
| ୫୦ କୃଷ୍ଣ ସିଂହ | କଣ୍ଠିକଣ୍ଠା |
| ୫୧ ଯୋଗେନ୍ଦ୍ର ଭୋକ୍ତା | ଗିରଙ୍ଗା |
| ୫୨ ପ୍ରାଣନାଥ ଦେ | ବାରଦା |
| ୫୩ ଉଦ୍ଧାର ଦାସ | ମଢୋ |
| ୫୪ ଗୋବିନ୍ଦ ତ୍ରିପାଠୀ | ଢେଙ୍କାନାଳ ଯୁବରାଜ ସ୍କୁଲ |
| ୫୫ ଗଙ୍ଗାପ୍ରସାଦ ସିଂହ | ବାଲେଶ୍ୱର ମଡେଲ |
| ୫୬ ଦୁର୍ଯ୍ୟୋଧନ ଦାସ | ପଲ୍ଲ |
| ୫୭ ହରେକୃଷ୍ଣପ୍ରସାଦ ଦାସ | ଗୁଧିଦରଡ଼ା |
| ୫୮ ଚୈତନ୍ୟଚରଣ ପଟ୍ଟନାୟକ | କୁରୁଡଲ |
| ୫୯ ଚିନ୍ତାମଣି ରାଯ଼ଗୁରୁ | ଭଦ୍ରପୁର |
| ୬୦ ରାମଚନ୍ଦ୍ର ସେନାପତି | ଧାନହସ୍ତ |
| ୬୧ ବାଲ୍ମିକି ମହାପାତ୍ର | ବାଲିଗୁଣ୍ଡି |
| ୬୨ ଗଙ୍ଗାଧର ମହାନ୍ତି | ଅଢୋଡ଼ା |
| ୬୩ ବିଦ୍ୟାଧର ଶତପଥୀ | ଧନପୁର |
| ୬୪ ଲକ୍ଷ୍ମୀଧର ଦଳାଇ | ରେଡ଼ଙ୍ଗ |
| ୬୫ ଗଦାଧର ମିଶ୍ର | ଦକ୍ଷିଣଖଡ଼ସ |
| ୬୬ ବୈଦ୍ୟନାଥ ପଣ୍ଡା | ବଉଦରଡ଼ା |
| ୬୭ ରାଜକିଶୋର ଦାସ | ବସ୍ତା |
| ୬୮ ଜୟକୃଷ୍ଣ ଦାସ | ଗୋପାଳଜିଉପଟଣା |
| ୬୯ ସନାତନ ମହାନ୍ତି | କୁରଡ଼ିଲ |
| ୭୦ ଲୋକନାଥ ପହରାଜ | ବନମାଳୀପୁର |
| ୭୧ ବିଷ୍ଣୁ ପ୍ରସାଦ ଦାସ | ଗୁଧିଦରଡ଼ା |
| ୭୨ ସଦାନନ୍ଦ ମହାନ୍ତି | ସିବପୁର |
| ୭୩ ବିଷ୍ଣୁଚରଣ ମହାନ୍ତି | ଢେଙ୍କାନାଳ ଯୁବରାଜ ସ୍କୁଲ |
| ୭୪ ରାମଚନ୍ଦ୍ର ଜଗଡ଼ | ଫକୀରାବାଦ |
| ୭୫ ପ୍ରାଣନାଥ ଦାସ | ହରିଳ |
| ୭୬ ନାଲୁ ମହାପାତ୍ର | କସରଦା |
| ୭୭ ବାଳକୃଷ୍ଣ ଦାସ | ଗୋପାଳପୁର |
| ୭୮ ଅନନ୍ତ ପଧାନ | ଯୋକଣ୍ଠିଙ୍ଗା |
| ୭୯ ଭାଗବତ ସାହୁ | ବାଜପୁର |
| ୮୦ ପଙ୍କଜ ମହାପାତ୍ର | କସରଦା |

| | |
|---|---|
| ୮୧ ହରେକୃଷ୍ଣ ମହାନ୍ତି | ବାଜପୁର |
| ୮୨ ଛଣାରାମ ବସୁ | ପୁରୁଷୋତ୍ତମପୁର |
| ୮୩ ସଦାଶିବ ରଣସିଂହ | ପଧାନସାହି |
| ୮୪ ଗୋବିନ୍ଦ ରଥ | କପିଳପ୍ରସାଦ |
| ୮୫ ବୃକୋଦର ମହାପାତ୍ର | କସରଦା |
| ୮୬ ସୁଦର୍ଶନ ମହାନ୍ତି | ଚୌଦୋମାଣ |
| ୮୭ କୁଳମଣି ତ୍ରିପାଠୀ | ଉତ୍ତରା |
| ୮୮ ମାନଗୋବିନ୍ଦ ଦାସ | ପଲ୍ଲ |
| ୮୯ ବାଳକୃଷ୍ଣ ବସୋଇ | ଉଷ୍ଟଡିହ |
| ୯୦ ଗଙ୍ଗାଧର ମହାପାତ୍ର | ବଣନାଥପୁର |
| ୯୧ ଅଚ୍ୟୁତାନନ୍ଦ ମହାନ୍ତି | ମଢୋ |
| ୯୨ ହରେକୃଷ୍ଣ ନାୟକ | ଢେଲଙ୍ଗାପେଣ୍ଠ |
| ୯୩ ମଧୁସୂଦନ ରାଉତ | ଢେଙ୍କାନାଳ ଯୁବରାଜ ସ୍କୁଲ |
| ୯୪ ବଟେଶ୍ୱର ଦ୍ୱିବେଦୀ | ମାନସିଂହପଟଣା |

୨ୟ ଶ୍ରେଣୀ ।

| | |
|---|---|
| ୯୫ ରାମଚନ୍ଦ୍ର ନାୟକ | ସୁକନ୍ଦା |
| ୯୬ ମଦନ ସେନାପତି | ଧାନହସ୍ତ |
| ୯୭ ଜନରେନ୍ଲ | କଟକ ମେଲ ଅଲଫ୍ରେଜ |
| ୯୮ ସର୍ବେଶ୍ୱର ପ୍ରଧାନ | ବସ୍ତା |
| ୯୯ ନାରାୟଣ ଦାସ | ପଲାସପୁର |
| ୧୦୦ ବ୍ରଜମୋହନ ପଣ୍ଡା | ବଉଦରଡ଼ା |
| ୧୦୧ ଜଗନ୍ନିବାସ ସିଂହ | ଗୋଢମସ୍ତ |
| ୧୦୨ ଉଦୟନାଥ ରାଉତ | କସରଦା |
| ୧୦୩ ଯଦୁମଣି ତ୍ରିପାଠୀ | ଉତ୍ତରଶାସନ |
| ୧୦୪ ଗୁରୁଚରଣ ବଳ | ନଳପୁର |
| ୧୦୫ ଆନନ୍ଦ ରଥ | ଲକ୍ଷ୍ମୀନାରାୟଣପୁର |
| ୧୦୬ ଚିନ୍ତାମଣି ମଙ୍ଗରାଜ | ଛେଞ୍ଚାପଡ଼ା |
| ୧୦୭ ନୀଳକଣ୍ଠ ଶତପଥୀ | ଧନପୁର |
| ୧୦୮ କୃପାସିନ୍ଧୁ ରଣା | ଆନନ୍ଦପୁର |
| ୧୦୯ ଉଦୟନାଥ ଦତ୍ତ | ବାରଦା |
| ୧୧୦ ଶ୍ରୀନିବାସ ନାୟକ | କାଙ୍କଟପୁର |
| ୧୧୧ ବନମାଳୀ ପଟ୍ଟନାୟକ | ଢେଙ୍କାନାଳ ଯୁବରାଜସ୍କୁଲ |
| ୧୧୨ କୃଷ୍ଣଚନ୍ଦ୍ର ରାଉତ | ମଙ୍ଗଳପୁର |
| ୧୧୩ ରାଧାମୋହନ ଦାସ | କଲ୍ୟାଣପୁର |
| ୧୧୪ ଶ୍ୟାମସୁନ୍ଦର ଯେନା | ଅନ୍ନପାଳ |
| ୧୧୫ ଗଦାଧର ଦାସ | ଭଦଳୋ |
| ୧୧୬ ବାଞ୍ଛାନିଧି ନାୟକ | ବେଣ୍ଟପୁର |
| ୧୧୭ ବିଶ୍ୱମ୍ଭର ମହାପାତ୍ର | ବାଲିଗୁଣ୍ଡି |
| ୧୧୮ ଜଗମୋହନ ଦାସ | ଗୁଧିଦରଡ଼ା |
| ୧୧୯ ବାଞ୍ଛାନିଧି ଦାସ | କୁଆପଟଣା |
| ୧୨୦ ବାମନ ଅଗ୍ରୁର୍ଯ୍ୟ | ଖଡ଼ଗପୁର |

Digitized by srujanika@gmail.com

Split by PDF Splitter



| | |
|---|---|
| ୧୨୧ ଅଦ୍ୱୈତ ଦାସ | ଏରସ୍ମା |
| ୧୨୨ ଦୁର୍ଯ୍ୟୋଧନ ଦାସ | ମାନସିଂହପାଟଣା |
| ୧୨୩ ସୋମନାଥ ରଥ | ଜଳାରିହାଙ୍ଗ |
| ୧୨୪ ନାରାୟଣ ରଥ | ବାଲିସାହି |
| ୧୨୫ ଭଗବାନ ବଳ | ଅନ୍ଧାରି |
| ୧୨୬ ଉମାକାନ୍ତ ମହାପାତ୍ର | କଣ୍ଟାଡିହା |
| ୧୨୭ ଲୋକନାଥ ସେନାପତି | ସାଲିଗାଁ |
| ୧୨୮ ହରପ୍ରସାଦ ଗୁରୁ | ବାଲେଶ୍ୱରମଡେଲ |
| ୧୨୯ ପାଣ୍ଡୁ ମହାନ୍ତି | ଯୋବ୍ରାପୁର |
| ୧୩୦ ରାମଚନ୍ଦ୍ର ପାତ୍ର | ସାଇଲୋଗୋବିନ୍ଦପୁର |
| ୧୩୧ ସପନା ପାଢ଼ୀ | ଛତ୍ରବଣ |
| ୧୩୨ ଗଣେଶ୍ୱର ମହାପାତ୍ର | ମାନସିଂହପାଟଣା |
| ୧୩୩ ବାସୁଦେବ ମହାପାତ୍ର | ଶ୍ରୀରାମପୁର |
| ୧୩୪ ଚିନ୍ତାମଣି ଦାସ | ଆନନ୍ଦପୁର |
| ୧୩୫ ନାରାୟଣ ପାଲ | ବାହାଲଗ୍ରାମଭୁସିଂହା |
| ୧୩୬ ଭଗବାନ୍ ପଟ୍ଟନାୟକ | ଢେଙ୍କାନାଳ ସ୍କୁଲ |
| ୧୩୭ ବାଞ୍ଛାମ୍ବର ମିଶ୍ର | ତେଲଙ୍ଗାପେଣ୍ଠ |
| ୧୩୮ ନରୋତ୍ତମ ଦଳାଇ | ବେଗୁଡ଼ିଆ |
| ୧୩୯ ରାମଚନ୍ଦ୍ର ମହାନ୍ତି | ବୋଲଗଡ଼ |
| ୧୪୦ କୃତ୍ତିବାସ ଗୁରୁ | ମଙ୍ଗଳପୁର |
| ୧୪୧ ମୃତ୍ୟୁଞ୍ଜୟ ପାଠଯୋଷୀ | ଲକ୍ଷ୍ମୀନାରାୟଣପୁର |
| ୧୪୨ ଭାଗବତ ସେନା | ଖାନ୍‌ନଗର |
| ୧୪୩ ମଥୁରାଚରଣ ଦାସ | ଗୋପାଳଛତ୍ରପାଟଣା |
| ୧୪୪ ଗୋବର୍ଦ୍ଧନ ପ୍ରଧାନ | ଅଙ୍କୋଲା |
| ୧୪୫ ନଟବର ପଟ୍ଟନାୟକ | ପଧାନସାହି |
| ୧୪୬ ରାମଚନ୍ଦ୍ର ମହାନ୍ତି | ହୁଗଳୀ |
| ୧୪୭ ରଙ୍ଗଲାଲ ସିଂହ | କୃଷ୍ଣେବୈଦ୍ୟସାହି |
| ୧୪୮ ଗୋପାଳ ମିଶ୍ର | ଶ୍ରୀରାମଚନ୍ଦ୍ରପୁର |
| ୧୪୯ ବଳରାମ ମହାନ୍ତି | ଗୋଇଙ୍ଗା |
| ୧୫୦ କହାଇ ସାହୁ | ଖାନ୍‌ନଗର |
| ୧୫୧ ମହେନ୍ଦ୍ର ଦାସ | ଢଣ୍ଡାପାଶି |
| ୧୫୨ ନରସିଂହ ନାୟକ | ଖାନ୍‌ନଗର |
| ୧୫୩ ଗୋପବନ୍ଧୁ ମହାପାତ୍ର | ଚଣାସ |
| ୧୫୪ ଦୈତାରି ସାହୁ | ଖାନ୍‌ନଗର |
| ୧୫୫ ଜଗନ୍ନାଥ ରଥ | ଦକ୍ଷିଣବାଡ଼ସ |
| ୧୫୬ ମହାଦେବ ଶତପଥୀ | ଅଙ୍କୋଲା |
| ୧୫୭ ନାରାୟଣ ପାଠଯୋଷୀ | ରାଉପୁର |
| ୧୫୮ ସୋମନାଥ ସିଂହ | ଗୋଛମର |
| ୧୫୯ ଗିରିଧାରୀ ନାୟକ | ହୁଗଳୀ |
| ୧୬୦ କୃପାସିନ୍ଧୁ ସାହୁ | ଫୁଲବାଣି |
| ୧୬୧ ଭାସ୍କର ମହାନ୍ତି | ପଞ୍ଚପଲ୍ଲୀ |
| ୧୬୨ ସ୍ୱରଥ ସାହୁ | ପରମହଂସ |

୫ମ ଶ୍ରେଣୀ ।

| | |
|---|---|
| ୧୬୩ ଲୋକନାଥ ମିଶ୍ର (ବଡ଼) | ରାଏଚକ୍ରଧରପୁର |
| ୧୬୪ ଗଣେଶ୍ୱର ସେନା | ମଙ୍ଗଳପୁର |
| ୧୬୫ ଗଦାଧର ମିଶ୍ର | ବାଣପୁର |
| ୧୬୬ ହରେକୃଷ୍ଣ ମିଶ୍ର | ତୃଡ଼ା |
| ୧୬୭ ଲୋକନାଥ ମିଶ୍ର (ସାନ) | ରାଏଚକ୍ରଧରପୁର |
| ୧୬୮ ଭୈରବ ସାହୁ | ମାନସିଂହପାଟଣା |
| ୧୬୯ ଜଗନ୍ନାଥ ମହାନ୍ତି | ଖାନ୍‌ନଗର |
| ୧୭୦ ରାଧାମୋହନ ନାୟକ | ବାରଦା |
| ୧୭୧ ରଘୁନାଥ ମିଶ୍ର | ଦକ୍ଷିଣବାଡ଼ସ |
| ୧୭୨ ଅଗଣି ସୁଆଇଁ | ଅଡୋଡ଼ା |
| ୧୭୩ ନାରାୟଣ ପଟ୍ଟନାୟକ | ପଧାନସାହି |
| ୧୭୪ ନଟବର ମହାନ୍ତି | ନୂଆପାଟଣା |
| ୧୭୫ ଗଙ୍ଗାଧର ସାହୁ | ଜଗତପୁର |
| ୧୭୬ ବଂଶୀନାଥ ନନ୍ଦ | ଧଳପୁର |
| ୧୭୭ ଦାଶରଥି ସରକାର | ମହାଗ୍ରାମ |
| ୧୭୮ ଜଳଧର ମିଶ୍ର | ଦକ୍ଷିଣବାଡ଼ସ |
| ୧୭୯ ଦୀନବନ୍ଧୁ ମିଶ୍ର | ବାଣପୁର |

By order
Bhuvaneswar Dutt Head Clerk,
*Jt. Inspector of schools Orissa.*
20—11—22.

---


ମୂଲ୍ୟପ୍ରାପ୍ତି ।

ବାବୁ ଗୋବିନ୍ଦଚନ୍ଦ୍ର ବର୍ମ୍ମା ମହାଶୟ କାଇସ୍ତ କଲିଯ଼ା ୫ ୪୧
„ ରଘୁନାଥ ଘୋଷ ସିଉଲେ ଅଗ୍ରିମ ୫ ୧୧

# ବିଜ୍ଞାପନ ।

ଉତ୍କଳ ନୂତନପଞ୍ଜିକା ।

ସନ ୧୨୯୦।୯୧ ସାଲର ଉତ୍କଳପଞ୍ଜିକା ମୁଦ୍ରିତ ହୋଇଅଛି ଆଗାମୀ ମଙ୍ଗଳବାର ତଳିତ ମାସ ତା ୫ ଘଣ୍ଟାରୁ ବିକ୍ରୟ ଆରମ୍ଭ ହେବ । ମୂଲ୍ୟ ପ୍ରତିଖଣ୍ଡ ୫ ୦ ୴ ମୋଫସଲ ଗ୍ରାହକଙ୍କ ନିମିତ୍ତ ଡାକମାସୁଲ ୫ ୦ ⁄ ଅଧିକା ପଡ଼ିବ ।

ଏଥର ପଞ୍ଜିକାରେ ଏହି ନଗର ନିବାସୀ ପାଣ୍ଡସାହୁର ଖୋଦିତ ଖଣ୍ଡିଏ ରଥଯାତ୍ରାର ଛବି ଦିଆଯାଇଅଛି ।

୧।୧୨।୮୨ } ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟେରୀ
କଟକ ପ୍ରିଣ୍ଟିଂକମ୍ପାନୀ

ଅଦ୍ୟଠାରୁ ଆମ୍ଭର ଉତ୍କଳଦର୍ପଣ ସମ୍ବାଦପତ୍ରିକାର ୧ମଭାଗ ୫ ୦ ୴ ଏବଂ ୨ୟଭାଗ ୫ ୦ ।୵ ଅର୍ଥାତ୍ ଉଭୟଭାଗ ସମ୍ମିଳିତ ହୋଇ ୫ ୧୧ ଙ୍କା ମୂଲ୍ୟରେ ବିକ୍ରୟ ହେବ ।

୧୦।୧୧।୮୨ ଶ୍ରୀ ରମାଦେବଶଙ୍କର ଲାହାଡ଼ି
ଦର୍ପଣସମ୍ପାଦକ ତଥା ଓ
ସଂଶୋଧନକାରୀ ।

ପଞ୍ଚାଙ୍ଗଚୂରଣ ରସ ।

ଏ ବଟିକାଦ୍ୱାରା ବାତଦୋଷ, ଉପଦଂଶ ଅର୍ଥାତ୍ ଗରମି ଓ ପାରଦଜନିତ ଅବଶେଷ ନଷ୍ଟହୁଏ । ମା ୬ ଖାକ ୫ ୧୧ ଙ୍କା

## କୃମୁଦାକର ବଟିକା ।

ଏଥିରେ ସ୍ତ୍ରୀମାନଙ୍କର ପ୍ରଦର ଓ ରକ୍ତମେହ ନଷ୍ଟ ହୁଏ । ମା ୬ ଖାକ ୫ ୧୧ ଙ୍କା ।

## ନୃପବଲ୍ଲଭ ବଟିକା ।

ଅନୁପାନ ବିଶେଷରେ ସେବନ କଲେ ଅଠ ପ୍ରକାର ଶୂଳ ଭଲ ହୁଏ । ୧୫ ମାତ୍ରାକୁ ୫ ୧୧ ଙ୍କା ।

## ମୀନକେତନ ବଟିକା ।

ଅତିଉତ୍କୃଷ୍ଟ ଧାତୁବୃଦ୍ଧିକର ପୁଷ୍ଟିକର ଔଷଧ । ଅନୁପାନ ବିଶେଷରେ ବାୟୁରୋଗ ଶାନ୍ତ ହୁଏ । ୫ ମାତ୍ରାକୁ ୫ ୧ ଙ୍କା

## କନ୍ଦର୍ପଚନ୍ଦ୍ରୋଦୟ ବଟିକା ।

ଏ ବଟିକାଦ୍ୱାରା ଯୁବକଙ୍କ ଅତି ଦୃଢ଼ ବର୍ଷରୁ ଚିର୍କାଳ ସ୍ୱପ୍ନଦୋଷ ରୋଗ ଭଲ ହୁଏ । ୪ ମାତ୍ରାକୁ ୫ ୧୧ ଙ୍କା ।

ଏ ସବୁ ଅଭିନବ ପ୍ରସ୍ତୁତ ଲୋକର ଉତ୍କୃଷ୍ଟ ଔଷଧମାନ ଆମ୍ଭ ନିକଟରେ ପ୍ରାପ୍ତବ୍ୟ । ଗ୍ରାହକମାନେ ଔଷଧ ଲଇବା ସମୟରେ ସେବନ ନିୟମ ଜାଣି ପାରିବେ ।

୧।୭।୮୨ }
ଚାନ୍ଦିନୀଚୌକ } ଶ୍ରୀ ରାମଚନ୍ଦ୍ର ବେବର୍ତ୍ତ ପୂଜାରୀ ।
କଟକ }

# ଓଡ଼ିଆ ନାଟକ ।

# କାଞ୍ଚିକାବେରୀ

ବା

ପଦ୍ମାବତୀ ।

☞ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ୫ ୦ ୴ ଅଠଅଣା ମାତ୍ର । ମଫସଲକୁ ଡାକମାସୁଲ ୫ ୦ ୵ ।

## ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବିବେଚିତ । ଭାରତବର୍ଷର ପ୍ରଧାନ ପ୍ରଧାନ ଇଉରୋପୀୟ ଓ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଏ । କଲିକତା ବୋଟାନିକାଲ୍ ଗାର୍ଡେନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ନିମ୍ନଲିଖିତ ଦରରେ ମିଳିପାରେ ଯଥା;—

ଡାକମାସୁଲ ସହିତ ୪ଆଉନ୍‌ସକୁ ୫୨ଙ୍କା । ୮ ଆଉନ୍‌ସକୁ ୫ ୧୧ ଙ୍କା । ୧୬ ଆଉନ୍‌ସକୁ ୫ ୬।୰ ମୂଲ୍ୟ ଲାଗିବ ।


☞ମୂଲପତ୍ର ଦେଖ ।

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଖ ୧୭ ଶ
ସଂ ୪୮ ସଂଖ୍ୟା

ତା ୧ ଦିନ ମାହେ ଡିସେମ୍ବର ସନ ୧୮୮୨ ମସିହା । ମୁ । ମାର୍ଗଶିର ତ ୨୨ ଦିନ ସନ ୧୨୯୦ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବକେୟା |
|---|---|---|
| ବାର୍ଷିକ | ଟ ୫ ୲ | ଟ ୬ ୲ |
| ଡାକମାସୁଲ | ଟ ୦ ୲୦ | ଟ ୧ ୲ |

ଭାରତବର୍ଷର ପ୍ରତିନିଧି ମହାମାନ୍ୟ ଲର୍ଡ ରିପନ ବାହାଦୁର ଗତଦ୍ୱାର ଓ ଲକ୍ଷ୍ନୌ ପ୍ରଦେଶମାନ ଭ୍ରମଣରୁ ଗତ ଶନିବାର ସନ୍ଧ୍ୟା ୫ଘଣ୍ଟା ସମୟରେ କଲିକତା ରାଜଧାନୀକୁ ଶୁଭାଗମନ କଲେ ଏହାଙ୍କ ଅଭ୍ୟର୍ଥନା ନିମିତ୍ତ ହାବଡ଼ା ରେଲ ଷ୍ଟେସନ ଏବଂ କଲିକତା ଗବର୍ଣ୍ଣମେଣ୍ଟ ଆଲୟରେ ଅନେକ ଇଂରାଜ ଓ ଦେଶୀୟ ସମ୍ଭ୍ରାନ୍ତ ବ୍ୟକ୍ତି ସମବେତ ହୋଇଥିଲେ । କେବଳ ଅନ୍ଧକାର ହୋଇଯିବାରୁ ଦାଣ୍ଡଲୋକେ ଭଲ କରି ମହାତ୍ମାଙ୍କ ଦର୍ଶନ ଲାଭ କରିବାକୁ ସମର୍ଥ ହେଲେ ନାହିଁ । ମହାତ୍ମା ରିପନ ବାହାଦୁର ନାନା ହିତାନୁଷ୍ଠାନଦ୍ୱାରା ଭାରତବାସିଙ୍କର ମନ ସମ୍ପୂର୍ଣ୍ଣରୂପେ କିଣି ନେଇ ସମସ୍ତଙ୍କର ବିଶେଷ ଭକ୍ତିଭାଜନ ହୋଇଅଛନ୍ତି । ଅତଏବ ରାଜଧାନୀରେ ତାହାଙ୍କର ଦର୍ଶନ ଅତ୍ୟନ୍ତ ଆନନ୍ଦର ବିଷୟ ହୋଇଅଛି ।

---

ତାରଡାକ ଯୋଗେ ସମ୍ବାଦ ଆସିଅଛି କି ଆରାବିପାସାଙ୍କର ବିଚାର ଶେଷ ହୋଇଅଛି । ବିଚାରକର୍ତ୍ତାମାନେ ଏହାଙ୍କର ପ୍ରାଣଦଣ୍ଡ ବିଧାନ କରିଅଛନ୍ତି ମାତ୍ର ମିସରର ଖେଦିବ ଦୟାପୂର୍ବକ ଉକ୍ତ ଦଣ୍ଡ ବଦଳରେ ଦେଶାନ୍ତର ଦଣ୍ଡ ଦେବାର ସ୍ଥିର କରିଅଛନ୍ତି । ଏହି ଦଣ୍ଡାଜ୍ଞାରେ ଇଂରାଜମାନଙ୍କ ମତ କିଛି ପ୍ରକାଶ ପାଇ ନାହିଁ । ଆମ୍ଭମାନଙ୍କ ବିବେଚନାରେ ପ୍ରାଣଦଣ୍ଡ ଆଜ୍ଞା ନିତାନ୍ତ ନିଷ୍ଠୁର ଏବଂ ଅନ୍ୟାୟ ହୋଇଥିଲା । ଆରାବିପାସା ଯେତେ ଅନ୍ୟାୟ କାର୍ଯ୍ୟ କଲେହେଁ ତାଙ୍କୁ ସାମାନ୍ୟ ଅପରାଧୀ ପରି ଦଣ୍ଡିବା ଉଚିତ ବୋଲି କେହି ସ୍ୱୀକାର କରିବେ ନାହିଁ । ଆରାବିପାସାଙ୍କ ସଙ୍ଗିମାନଙ୍କ ବିରୁଦ୍ଧରେ ମୋକଦ୍ଦମା ଦାଏର ଅଛି ମାତ୍ର କଥିତ ହୁଅଇ ଯେ ସମସ୍ତ ଆଉ ଚଳାଇବାର ଇଚ୍ଛା ନାହିଁ । ଏ କଥା ଭଲ ଅଟଇ ।

---

ଚଳିତ ମାସ ପ୍ରଥମ ତାରିଖରେ ବଙ୍ଗଳାର ଲେଫ୍ଟେନାଣ୍ଟ ସାହେବଙ୍କ ବେଲବେଡିଅର ଭବନରେ ଏକ ଭାରି ଦରବାର ହୋଇଥିଲା । ବହୁତ ଇଂରାଜ ଏବଂ ଦେଶୀୟ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ମଧ୍ୟରେ ଓଡ଼ିଶାର କୁମାର ବୈକୁଣ୍ଠନାଥ ଦେ, ବାବୁ ବୃନ୍ଦାବନ ଚନ୍ଦ୍ରଭଞ୍ଜ ଦେବ ଛୋଟରାୟ, ବାବୁ ଗୋକୁଳଚନ୍ଦ୍ର ଭଞ୍ଜ ଦେବ ରାଉତରାୟ, ଏବଂ ବାବୁ କାଳିପଦ ବନ୍ଦ୍ୟୋପାଧ୍ୟାୟ ଉପସ୍ଥିତ ଥିଲେ । ମହାରାଜା ଯତୀନ୍ଦ୍ରମୋହନ ଠାକୁରଙ୍କୁ ଭାରତନକ୍ଷତ୍ର ଶ୍ରେଣୀର ନାଇଟ କମାଣ୍ଡର, ପାଇକପଡ଼ାର ପୂର୍ଣ୍ଣଚନ୍ଦ୍ର ସିଂହଙ୍କୁ ରାଜା ଏବଂ ବାଉଦମାସ୍ତ୍ରର ମହକୁମାର ସବ ଇଞ୍ଜିନିୟର ବାବୁ ଯଦୁନାଥ ରାୟ ଏବଂ ବାବୁ ପ୍ରସନ୍ନକୁମାର ବାନାର୍ଜିଙ୍କୁ ରାୟ ବାହାଦୁର ପଦମାନ ଦେବା ଏସଭାର ଉଦ୍ଦେଶ୍ୟ ଥିଲା । ସକାଳ ୯ଘଣ୍ଟା ସମୟରେ ଦରବାର ଆରମ୍ଭ ହୋଇ ଏକଘଣ୍ଟା ମଧ୍ୟରେ ସୁନ୍ଦରରୂପେ ଶେଷ ହେଲା । ଏହିଟି ଆମ୍ଭମାନଙ୍କ ନୂତନ ଲେଫ୍ଟେନାଣ୍ଟ ଟାମସନ ସାହେବଙ୍କର ପ୍ରଥମ ଦରବାର ଅଟଇ ଏବଂ ଏହା ସେ ସୁନ୍ଦରରୂପେ ନିର୍ବାହ କରିଅଛନ୍ତି ।

---

ଗତମାସ ତା ୨୯ ରିଖରେ ବିଲାତରୁ ଆସିଥିବା ତାର ସମ୍ବାଦରୁ ଜଣାଯାଏ ଯେ ମିଶର ଯୁଦ୍ଧର ବ୍ୟୟର କଥା ପାର୍ଲିମେଣ୍ଟ ସଭାରେ ପଡ଼ିଥିଲା । ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ଗ୍ଲାଡଷ୍ଟୋନ ସାହେବ ଜଣାଇଲେ ଯେ ଏ ଯୁଦ୍ଧର ସମୁଦାୟ ବ୍ୟୟ ଯାହା ଇଂଲଣ୍ଡ ଏବଂ ଭାରତବର୍ଷକୁ ଦେଣ ପଡ଼ିବ ତାହା ସାଢ଼େ ଚାରିକୋଟି ଟଙ୍କା ଅଟଇ । ଏଥିମଧ୍ୟରେ ଭାରତବର୍ଷର ଖର୍ଚ୍ଚ କେବଳ ଏକକୋଟି ଚୌଦଲକ୍ଷ ଟଙ୍କା ଅର୍ଥାତ ଭାରତବର୍ଷକୁ ଯେତେ ଦେଣ ପଡ଼ିବ ବୋଲି ଅନୁମାନ ହୋଇଥିଲା ତହିଁରୁ ଊଣା ହୋଇଅଛି । ଗତ ଅକ୍ଟୋବର ମାସ ତା ୧ ରିଖଠାରୁ ଇଂରାଜ ସେନା ମିଶର ଦେଶକୁ ଅଧିକାର କରିବା ସମ୍ପର୍କୀୟ ସମସ୍ତ ଅଥବା ପ୍ରାୟ ସମସ୍ତ ବ୍ୟୟ ମିଶର ଦେଶ ଦେବ । ପାର୍ଲିମେଣ୍ଟ ସଭା ଚଳିତ ମାସ ଆରମ୍ଭଠାରୁ ଆଗତ ଫେବ୍ରୁଏରୀ ପର୍ଯ୍ୟନ୍ତ ବନ୍ଦ ରହିବ ।

ଏଥିରୁ ପାଠକମାନେ ଦେଖିବେ ଯେ ମିଶର ଯୁଦ୍ଧର ବ୍ୟୟ ଭାରତବର୍ଷର ମୁଣ୍ଡରେ ଲଦିବାକୁ ପ୍ରଧାନମନ୍ତ୍ରୀ ଏକାନ୍ତ ସଙ୍କଳ୍ପ କରିଅଛନ୍ତି ଏବଂ ଏ କାର୍ଯ୍ୟକୁ ଅନ୍ୟାୟ ବୋଲି ଆମ୍ଭେମାନେ ଯେତେ ପ୍ରତିବାଦ କଲେହେଁ ସେ ଶୁଣିବେ ନାହିଁ । ପାର୍ଲିମେଣ୍ଟ ସଭା ଯେବେ

Digitized by srujanika@gmail.com

ସ୍ୱୀକାର କରିବେ ତେବେ ଯାହା ହେବ କିନ୍ତୁ ସ୍ୱୀକାରର ଆଶା ବଡ଼ ଦେଖୁ ନାହୁଁ ।

---

ବାବୁ ଶ୍ୟାମସୁନ୍ଦର ଦତ୍ତ ପୁଲିସ ଇନ୍‌ସ୍ପେକ୍ଟର୍‌ଙ୍କ ନାମରେ ପୁଣି ଗୋଟିଏ ଅଭିଯୋଗ ଡାକହରକରାଙ୍କଦ୍ୱାରା ହୋଇଅଛି । ତହିଁର ବୃତ୍ତାନ୍ତ ସେମାନଙ୍କ କହିବାନୁସାରେ ଏହି କେତେକଦିନ ହେଲା ଏ ନଗରରେ ରାତ୍ର ଦୁଇ ପ୍ରହର ସମୟରେ କେତେକଜଣ ଡାକହରକରା ଡାକ ନେଇ ଗୀତ ଗାଇ ଯାଉଥିଲେ । ଶ୍ୟାମବାବୁଙ୍କ ହାବୁଡ଼େ ପଡ଼ିଯିବାରୁ ବାବୁ ସେମାନଙ୍କୁ ଗୀତ ଗାଇବା ଦୋଷରେ ଅଟକାଇଲେ । ସେମାନେ କହିଲେ ଅଶ୍ଳୀଳ ଗୀତ ଗାଉ ନାହୁଁ ଶ୍ରମ ଲାଘବ ପ୍ରକାଶେ ଯେପରି ସର୍ବଦା ଭଲ ଗୀତ ଗାଉଁ ସେପରି ଗାଉଥିଲୁଁ । ବାବୁ ଏଥିରେ ସନ୍ତୁଷ୍ଟ ନ ହୋଇ ଜଣକୁ ବାଡ଼ିରେ ଏକ ପ୍ରହାର ଦେଲେ ଓ ୧୫ ମିନିଟ ପର୍ଯ୍ୟନ୍ତ ଅଟକାଇ ରଖିଲେ । ସେମାନେ ଡାକ ସଡ଼କରେ ଫୋପାଡ଼ ଦେବାର ଧମକାଇବାରୁ ଛାଡ଼ ପାଇଲେ । ଡାକ ଇଲାକାର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଏ ବିଷୟର ରିପୋର୍ଟ ହେବାରୁ ସେ ମେଜିଷ୍ଟର ସାହେବଙ୍କଠାକୁ ଲେଖିଅଛନ୍ତି ଓ ଶ୍ୟାମବାବୁଙ୍କର ଏପରି ମନ୍ଦାଚରଣର କଇଫିୟତ ତଲବ ହୋଇଅଛି ।

କଇଲଦିନ ଯେଉଁ ପୁଲିସ ଅତ୍ୟାଚାରର କଥା ଅମ୍ଭେମାନେ ଏଥିପୂର୍ବେ ଲେଖିଥିଲୁଁ ତହିଁ ମଧ୍ୟରୁ ଏକ ନମ୍ବର ମାଡ଼ପିଟ ମୋକଦ୍ଦମା ବାବୁଙ୍କ ନାମରେ ଦାଏର ହୋଇଥିଲା ସେ କଲେକ୍ଟରେ ମୁଦେଇକୁ ଖଜ କରି ମାମଲା ଭାଙ୍ଗିଦେଲେ ।

ବକସି ବଜାରର ତାଜିଆବାଲାମାନେ ପଲଟନର କମାଣ୍ଡିଂ ସାହେବଙ୍କ ନିକଟରେ ଶ୍ୟାମବାବୁଙ୍କ ବିରୁଦ୍ଧରେ ଦରଖାସ୍ତ ଦେବାରୁ ସେ ପୁଲିସ ସାହେବଙ୍କ ନିକଟକୁ ପଠାଇଥିଲେ ଶେଷୋକ୍ତ ସାହେବ ଶ୍ୟାମବାବୁଙ୍କଠାରୁ କଇଫିୟତ ନେଇ ତାଙ୍କଠାକୁ ପଠାଇଅଛନ୍ତି । ଶୁଣିବାରେ କମାଣ୍ଡିଂ ସାହେବ କଇଫିୟତରେ ସନ୍ତୁଷ୍ଟ ହୋଇ ନାହାନ୍ତି ଓ ଏ ମାମଲା ଛିଡ଼ ନାହିଁ

---

ମୟୂରଭଞ୍ଜର ବିଷୟ ଗବର୍ଣ୍ଣମେଣ୍ଟରେ ନିଷ୍ପତ୍ତି ହେଲା ଏବଂ ତହିଁରେ ଶ୍ରୀଯୁକ୍ତ କମିଶ୍ନର ସାହେବଙ୍କର ଜିତ ହେଲା । ମୟୂରଭଞ୍ଜ କୋର୍ଟ ଅଫ୍ ୱାର୍ଡସର ଅଧୀନରେ ରହିବ ଏବଂ ସରକାରରୁ ଏକଜଣ ମାନେଜର ନିଯୁକ୍ତ ହେବେ । ଶ୍ରୀଯୁକ୍ତ କମିଶ୍ନର ସାହେବଙ୍କ ମନୋମତ ମତେ ବାଇଲସାହେବ ମାନେଜର ନିଯୁକ୍ତ ହୋଇଥାନ୍ତେ ମାତ୍ର ଅନୁମାନ ହୁଅଇ ଛୋଟଲାଟସାହେବ ଜଣେ ଦେଶୀୟ ବ୍ୟକ୍ତି ରଖିବାର ଅଧିକ ବାଞ୍ଛନୀୟ ଅଥବା ବାବୁ ନନ୍ଦକିଶୋର ଦାସଙ୍କୁ ଏ ପଦ ପ୍ରକାଶେ ସର୍ବାପେକ୍ଷା ଅଧିକ ଯୋଗ୍ୟ ଜ୍ଞାନ କରି ସେ ଉକ୍ତ ପଦ ଗ୍ରହଣ କରିବାକୁ ସମ୍ମତ ଅଛନ୍ତି କି ନା ପୁନର୍ବାର ପଚାରିବାରେ ବାବୁ ତହିଁରେ ସମ୍ମତ ହେବାର କଥିତ ହୁଅଇ ଅତଏବ ତାହାଙ୍କ ଏ ପଦ ପାଇବାର ସମ୍ପୂର୍ଣ୍ଣ ସମ୍ଭାବନା ଏବଂ ଏଥିର ନିଶ୍ଚୟ ଆଦେଶ ଶୀଘ୍ର ଆସିବ ବୋଲି ଆଶା ଅଛି । ଏ ପଦର ବେତନ ଟ ୭୦୦୲ କାରୁ ଆରମ୍ଭ ହୋଇ ବାର୍ଷିକ ଟ ୫୦୲ ଙ୍କା ବୃଦ୍ଧିଦ୍ୱାରା ଟ ୧୦୦୦୲ ଙ୍କା ପର୍ଯ୍ୟନ୍ତ ହେବାର ସ୍ଥିର ହୋଇଅଛି । ନନ୍ଦକିଶୋରବାବୁ ଏ ପଦର ଯୋଗ୍ୟ ବୋଲି ସର୍ବବାଦିସମ୍ମତ ଏବଂ କମିଶ୍ନର ସାହେବ ପ୍ରଥମେ ଏହାଙ୍କୁ ଲୋଡ଼ିଥିଲେ । ପରିଶେଷରେ ତାହାହିଁ ହେଲା । ମାନ୍ୟବର ଟାମସନ୍ ସାହେବଙ୍କ ଏହି ବିଚାରରେ ଓଡ଼ିଶାବାସୀ ସମସ୍ତେ ଆନନ୍ଦିତ ହୋଇଅଛନ୍ତି । ବାବୁ ବୃନ୍ଦାବନ ଭଞ୍ଜ ଷ୍ଟେଟଗାର୍ଡ ଏବଂ ତାହାଙ୍କ ଭାଇଙ୍କର ଏଥିରେ ଦୁଃଖ ହୋଇଥିବ ମାତ୍ର ମୟୂରଭଞ୍ଜର ଅବସ୍ଥା ଦୃଷ୍ଟିରେ ସେମାନଙ୍କର ଏଥିରେ କହିବାର ନ ଥିଲା । ଷ୍ଟେଟଗାର୍ଡ ବାବୁ ଅସିଷ୍ଟାଣ୍ଟ ମାନେଜର ପଦରେ ରହିଅଛନ୍ତି ଏବଂ ଏହି କାର୍ଯ୍ୟକୁ ସେ ଯୋଗ୍ୟତା ସହିତ କିଛିକାଳ ନିର୍ବାହ କଲେ ଭବିଷ୍ୟତରେ ମାନେଜର ମଧ୍ୟ ହୋଇ ପାରିବେ ଏବଂ ଏଥି ମଧ୍ୟରେ ସୁଶୃଙ୍ଖଳା ପୂର୍ବକ ଉକ୍ତ ରାଜ୍ୟର କାର୍ଯ୍ୟ ନିର୍ବାହ ହେବାର ବନ୍ଦୋବସ୍ତ ହୋଇଯାଇଥିବ ।

ଏଥର ବାବୁ ନନ୍ଦକିଶୋର ଦାସଙ୍କ ସ୍ଥାନରେ କିଏ ଗଡ଼ଜାତର ଅସିଷ୍ଟାଣ୍ଟ ହେବ ଏହି କଥା ବିଚାର କରିବା ଆବଶ୍ୟକ । ଏହା ଓଡ଼ିଶାବାସିଙ୍କର ଏ ପଦରେ ଅଧିକାର ଏବଂ ଅମ୍ଭେମାନେ ଆଶା କରୁଁ ଶ୍ରୀଯୁକ୍ତ କମିଶ୍ନରସାହେବ ଏଥିର ଅନ୍ୟଥା କରିବାକୁ ମନ ବଳାଇବେ ନାହିଁ ।

---

ଏହି କଟକ ନଗର ମିଉନିସିପାଲିଟିରେ ନିର୍ବାଚନପ୍ରଣାଳୀ ଜାରି କରିବା କାରଣ ପ୍ରଚଳିତ ମିଉନିସିପାଲିଟି ଆଇନର ଧା ୧୭ ର ଅନୁସାରେ ଗବର୍ଣ୍ଣମେଣ୍ଟକୁ ଦରଖାସ୍ତ ପଠାଇବାର ସ୍ଥିର କରି ଉତ୍କଳସଭା ଟାକ୍ସଦାତାଙ୍କ ସ୍ୱାକ୍ଷର ସଂଗ୍ରହ କରିବାକୁ ଗତମାସରୁ ଉଦ୍ୟମ କରୁଥିଲେ । ଏ ନଗରର ଟାକ୍ସଦାତା ସାଢ଼େ ଚାରିହଜାର ଲୋକଙ୍କ ମଧ୍ୟରୁ ଆଇନ ମତେ ନିକୁସିରେ ଦେଢ଼ହଜାର ସ୍ୱାକ୍ଷର ଆବଶ୍ୟକ ଥିଲା କିନ୍ତୁ ସଭାର ଯତ୍ନରେ ଅଢ଼େଇ ହଜାରର ଊର୍ଦ୍ଧ୍ୱ ସ୍ୱାକ୍ଷର ସଂଗୃହୀତ ହେଲା ଏବଂ ଗତମାସ ତା ୨୭ ରିଖରେ ଉକ୍ତ ଦରଖାସ୍ତ ଗବର୍ଣ୍ଣମେଣ୍ଟକୁ ପଠାଇବା ପ୍ରାର୍ଥନାରେ ମାଜିଷ୍ଟ୍ରେଟ ସାହେବଙ୍କଠାରେ ପ୍ରଦତ୍ତ ହେଲା । ଦରଖାସ୍ତ ଦାଖଲ ହେବା ସମୟରେ ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ପସି ସାହେବ ମୋଫସଲରେ ଥିବାରୁ ଇଞ୍ଚାର୍ଜ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ମାଟିଷ୍ଟୀ ସାହେବଙ୍କ ହାତରେ ତାହା ପଡ଼ିଲା ଏବଂ ନିର୍ବାଚନପ୍ରଣାଳୀର ଦରଖାସ୍ତ ପ୍ରତି ତାହାଙ୍କର ଯେପ୍ରକାର ସହାନୁଭୂତି ତାହା ଏଥିପୂର୍ବେ ପାଠକମାନଙ୍କୁ ଜଣାଇଅଛୁଁ । ସେ ଏକ ଦୀର୍ଘ ମନ୍ତବ୍ୟଦ୍ୱାରା ଏମନ୍ତ ପ୍ରସ୍ତାବ କରିଥିଲେ ଯେ ତଦ୍ୱାରା ଦରଖାସ୍ତକାରୀଙ୍କ ଉଦ୍ଦେଶ୍ୟ ସିଦ୍ଧ ହେବା କଠିନ ହୁଅନ୍ତା । ମାତ୍ର ସୁଖର ବିଷୟ ଯେ ଶ୍ରୀଯୁକ୍ତ ପସି ସାହେବ ତାହାଙ୍କ ପ୍ରସ୍ତାବରେ ସମ୍ମତ ନ ହୋଇ କାଗଜଦ୍ୱାରା ଏହିମାତ୍ର ଘୋଷଣା ଦେଇଅଛନ୍ତି ଯେ ଉକ୍ତ ଦରଖାସ୍ତ ମିଉନିସିପାଲ ଅଫିସରେ ରହିଅଛି ଟାକ୍ସଦାତାମାନଙ୍କ ମଧ୍ୟରୁ ଯେ କେହି ଇଚ୍ଛା କରିବେ ଚଳିତମାସ ତା ୧୦ ରିଖ ପର୍ଯ୍ୟନ୍ତ ତାହା ଦେଖି ପାରିବେ । ଏପରି କେତେ ସ୍ୱାକ୍ଷରକାରୀଙ୍କ ସନ୍ତକ ଲେଖା ନ ଥିବାରୁ ସନ୍ତକ କାଟି ଦେବା କାରଣ ସେମାନଙ୍କୁ ତଲବ ହୋଇଅଛି । ସନ୍ତକ କାଟିବା ସକାଶେ ତଲବ କରିବା ଅମ୍ଭମାନଙ୍କ ବିବେଚନାରେ ଅନାବଶ୍ୟକ ଅଟଇ କାରଣ ଯେବେ ତାହାଙ୍କର ନାମ ଅଛି ଓ ତାହା ଲେଖାଇ ଦେବାର ସ୍ୱୀକାର କରନ୍ତି ତେବେ ସନ୍ତକ ନ ହେଲେ କି କ୍ଷତି ହେଲା ଆଉ ସନ୍ତକ ବିନା ଗ୍ରାହ୍ୟ ନ ହେବାର ନିୟମ ଥିଲେ ତେତେ ଲୋକଙ୍କୁ କଷ୍ଟ ଦେଲେ ମଧ୍ୟ ହୁଅନ୍ତା । କଟେଶକୁ ଟଣାଟଣି କଲେ ବଜାର ଲୋକମାନେ ଭୀତ ହୁଅନ୍ତି ଏବଂ କୁପରାମର୍ଶ ଦେବା କି ଭୟ ଦେଖାଇବାର ମଧ୍ୟ ଲୋକ ଅଛନ୍ତି । ବାସ୍ତବରେ କେହି କେହି ଲୋକ ଭୟ ଦେଖାଇବାର ଆରମ୍ଭ କଲେଣି ଏବଂ ଏ ସମ୍ପର୍କରେ ଅମ୍ଭେମାନେ ଖଣ୍ଡିଏ ପତ୍ର ପ୍ରାପ୍ତ ହୋଇ ପ୍ରେରିତପତ୍ର ମଧ୍ୟରେ ପ୍ରକାଶ କଲୁଁ ତହିଁରୁ ପାଠକମାନେ ସବିଶେଷ ଜାଣି ପାରିବେ । ଯାହାହେଉ ଶ୍ରୀଯୁକ୍ତ ପସି ସାହେବ

Split by PDF Splitter



ସେ ସ୍ଥଳେ ପ୍ରଥମରୁ ଏ ନଗରରେ ନିର୍ବାଚନ-ପ୍ରଣାଳୀ ପ୍ରଚଳିତ କରିବାର ପ୍ରସ୍ତାବ କରିଅଛନ୍ତି ସେ ସ୍ଥଳେ ସେ ତାହା ଅଗ୍ରସର କରିବାକୁ ସ୍ୱୟଂ ଚେଷ୍ଟା କରିବେ ସୁତରାଂ ଆମ୍ଭମାନଙ୍କର ଚିନ୍ତିତ ହେବାର କାରଣ ନାହିଁ । କିନ୍ତୁ ଯେଉଁଠାରେ ଜିଲ୍ଲା ହାକିମଙ୍କର ମତ ନ ଥିବ ସେଠାରେ ଲୋକଙ୍କ ଦରଖାସ୍ତ କରିବା କେଡ଼େ ସହଜ ଏଥିରୁ ବୁଝା ଯାଉଅଛି ।

---

## ନାବାଳଗୀ ମହାଲର କାର୍ଯ୍ୟାବଳୀ ।

ନାବାଳଗୀ ମହାଲ ଅର୍ଥାତ୍ କୋର୍ଟଅବୱାର୍ଡସ ଏଲକାର ଗତ ବର୍ଷ ସଂକ୍ରାନ୍ତ କାର୍ଯ୍ୟ କଳାପ ସମ୍ବନ୍ଧରେ ରେଭିନ୍ୟୁ ବୋର୍ଡଙ୍କ ବିଜ୍ଞାପନୀ ଉପରେ ବଙ୍ଗଦେଶର ଲେଫ୍ଟେନାଣ୍ଟ ଗବର୍ଣ୍ଣର ଯେଉଁ ମନ୍ତବ୍ୟ ପ୍ରକାଶ କରିଅଛନ୍ତି ତହିଁରେ ଲେଖାଅଛି କି ସରକାର କେବଳ ରାଜସ୍ୱ ରକ୍ଷା ଉଦ୍ଦେଶରେ ଏ ସମସ୍ତ ମହାଲର ଭାର ଗ୍ରହଣ କରିଅଛନ୍ତି । ପୂର୍ବେ ଏହି ରାଜନୀତି ଯଥାର୍ଥରୂପେ ପ୍ରତିପାଳିତ ହେଉ ନ ଥିବାରୁ ଅନେକ ମହାଲ ସରକାରଙ୍କ ହାତରେ ଥିଲା । କୋର୍ଟଅବୱାର୍ଡସ ସମ୍ପର୍କୀୟ ନୂତନ ଆଇନରେ ରେଭିନ୍ୟୁ କର୍ମଚାରୀମାନଙ୍କୁ ଆବଶ୍ୟକ ମତେ କୌଣସି ମହାଲର ଭାର ଗ୍ରହଣ ନ କରିବା ଏବଂ କରିଥିଲେ ଛାଡି ଦେବାର ଅଧିକାର ଦିଆ ଯାଇଥିବାରୁ ସରକାରଙ୍କ ହାତରେ ଥିବା ଏ ପ୍ରକାର ମହାଲମାନଙ୍କର ସଂଖ୍ୟା କ୍ରମଶଃ ଊଣା ପଡୁଅଛି । ଯେ ସମସ୍ତ ମହାଲ କର୍ଜାରେ ନିର୍ଭରସାରୂପେ ବୁଡି ଯାଇଅଛି ସେ ସମସ୍ତ ମହାଲର ଭାର ଗବର୍ଣ୍ଣମେଣ୍ଟ ଗ୍ରହଣ କରୁ ନାହାନ୍ତି କାରଣ ତହିଁରେ ବାକି ପଡିବାଦ୍ୱାରା ରାଜସ୍ୱର କର୍ଜ ଆଦାୟ ନ ହେବାଦ୍ୱାରା ମହାଜନଙ୍କର ଏବଂ ସରକାରୀ ଖର୍ଚ୍ଚାଦ୍ୱାରା ସ୍ୱୟଂ ମହାଲର କ୍ଷତି ହୁଏ । ଅଳ୍ପ ଜମିଦାର ଅଯୋଗ୍ୟ ହେଲା ବୋଲି ଯେ ପ୍ରତ୍ୟେକ କ୍ଷୁଦ୍ର ମହାଲକୁ ସରକାରଙ୍କ ଖାସ ଶାସନରେ ଆଣିବାକୁ ହେବ ଏମନ୍ତ ସୁଦ୍ଧା ବାଞ୍ଛନୀୟ ବୋଲି ବର୍ତ୍ତମାନ ବିବେଚନା ହେଉ ନାହିଁ । ବର୍ତ୍ତମାନ ଏହିପରି ଧାର୍ଯ୍ୟ ହୋଇଅଛି କି ଯେଉଁଠାରେ ସରକାରଙ୍କ ପ୍ରାପ୍ୟ ରାଜସ୍ୱ ଆଦାୟର ଭୟ ନାହିଁ ଏବଂ ଅକ୍ଷମ ଜମିଦାରର ବନ୍ଧୁବର୍ଗ ତାଙ୍କତା ସହିତ ଏବଂ ପ୍ରଜାମାନଙ୍କ ପ୍ରତି ନ୍ୟାୟ ବିଚାର ସହିତ ତାହାର ବିଷୟ ବୁଝାସୁଝା କରିବାକୁ ଯୋଗ୍ୟ ଅଟନ୍ତି ସେଠାରେ ସରକାରଙ୍କର ହସ୍ତକ୍ଷେପ ନ କରିବା ଉକ୍ତ ମହାଲ ଏବଂ ପରିବାରସ୍ଥ ଲୋକଙ୍କ ପ୍ରତି ପ୍ରକୃତ ସୁବିଚାର ଅଟଇ । ଅତଏବ ବଙ୍ଗଦେଶର ସର୍ବତ୍ରରେ ସରକାରଙ୍କ ଖାସ ଶାସନଦ୍ୱାରା ଅନେକ ଉପକାର ସାଧିତ ହୋଇଥିବାର ସ୍ୱୀକାର କରିବା ପ୍ରତ୍ୟକ୍ଷେ ଏବଂ ଏ ପ୍ରକାର ଶାସନଦ୍ୱାରା ପ୍ରଜାଙ୍କର ଅବସ୍ଥା ଓ ଅଭାବମାନଙ୍କର ସମ୍ୟକ୍ ଜ୍ଞାନଲାଭ କରିବାର ସମ୍ପୂର୍ଣ୍ଣ ସୁଯୋଗ ଗବର୍ଣ୍ଣମେଣ୍ଟ ପାଉଥିବାରୁ ତହିଁ ପାଇଁ ସନ୍ତୋଷ ହେଉଥିବା ପ୍ରତ୍ୟକ୍ଷେ ଛୋଟଲାଟ ଏହି ଅଭିପ୍ରାୟ ବ୍ୟକ୍ତ କରୁଅଛନ୍ତି କି ଯେ ସ୍ଥଳେ ଜମିଦାରର ହଇରାଣି କିମ୍ବା ମହାଲର ମାତବରୀ ଦୃଷ୍ଟିରେ ହସ୍ତକ୍ଷେପଣ କରିବା ସ୍ପଷ୍ଟ ଆବଶ୍ୟକ ବୋଧ ହେବ ସେ ସ୍ଥଳେ ହସ୍ତକ୍ଷେପଣ କରିବା ରାଜନୀତିରେ ସେ ସମ୍ପୂର୍ଣ୍ଣରୂପେ ଐକ୍ୟ ଅଛନ୍ତି ।

ମାନ୍ୟବର ଲେଫ୍ଟେନାଣ୍ଟ ଗବର୍ଣ୍ଣରଙ୍କ ଉପର ଲିଖିତ ଅଭିପ୍ରାୟରୁ ସ୍ପଷ୍ଟ ଜଣାଯାଉଅଛି ଯେ କେବଳ ରାଜସ୍ୱ ରକ୍ଷା ଉପରେ ଗବର୍ଣ୍ଣମେଣ୍ଟଙ୍କର ଦୃଷ୍ଟି, ଅକ୍ଷମ ଜମିଦାରର ହିତ ପ୍ରତି ଆଦୌ ମନୋଯୋଗ ନାହିଁ ଅଥବା ସେ ବିଷୟର କିଛି ମାତ୍ର ଉଲ୍ଲେଖ ନାହିଁ । ବର୍ତ୍ତମାନ କାଳରେ ସମ୍ପତ୍ତିର ମୂଲ୍ୟ ଯେପ୍ରକାର ବଢିଅଛି ତହିଁରେ ରାଜସ୍ୱ ଆଦାୟ ପ୍ରତି କୌଣସି ସ୍ଥଳରେ ଆଦୌ ସନ୍ଦେହ ନାହିଁ । ସୁତରାଂ ରାଜସ୍ୱ ରକ୍ଷା ପ୍ରତି ଗବର୍ଣ୍ଣମେଣ୍ଟଙ୍କର ବ୍ୟସ୍ତ ହେବାର କିଛିମାତ୍ର କାରଣ ନାହିଁ । ଜମିଦାରୀ ଲାଟବନ୍ଦୀରେ ଆସିଲେ ଅନ୍ତତଃ ଦଶ ପନ୍ଦରଗୁଣରେ ବିକ୍ରୟ ହେଉଅଛି ସରକାରଙ୍କ ରାଜସ୍ୱ କିପରି କ୍ଷତି ହେବ ? ମାତ୍ର ଆମ୍ଭମାନଙ୍କ ବିବେଚନାରେ ଅପ୍ରାପ୍ତ ବୟସ୍କ ଉନ୍ମାଦ ଇତ୍ୟାଦି ଅରକ୍ଷ ଜମିଦାରଙ୍କ ରକ୍ଷା କରିବା ଗବର୍ଣ୍ଣମେଣ୍ଟଙ୍କର ପ୍ରଧାନ ରାଜଧର୍ମ ଅଟଇ । ଗବର୍ଣ୍ଣମେଣ୍ଟଙ୍କ ସେହି ରାଜଧର୍ମପ୍ରତି ଅଧିକ ଦୃଷ୍ଟି ରଖିବା କର୍ତ୍ତବ୍ୟ । ସରକାରଙ୍କଦ୍ୱାରା କୌଣସି ମହାଲର ବୁଝାସୁଝା କାର୍ଯ୍ୟ ହେଲେ ତହିଁରେ ଅଧିକ ଖର୍ଚ୍ଚା ପଡ଼ଇ ସତ୍ୟ ଏବଂ ଯେଉଁ ମହାଲ ଏମନ୍ତ କ୍ଷୁଦ୍ର ଯେ ସରକାରୀ ବ୍ୟୟ ନିର୍ବାହ କରିବାକୁ ଅକ୍ଷମ ସେସ୍ଥଳେ ଗବର୍ଣ୍ଣମେଣ୍ଟ ଉକ୍ତ ମହାଲର ଉପକାର ନିମିତ୍ତ ସାଧାରଣଙ୍କ ଧନ ବ୍ୟୟ କରିବେ ଏହା ଅବଶ୍ୟ ବାଞ୍ଛନୀୟ ଓ ନ୍ୟାୟ ନୁହଇ ମାତ୍ର ସରକାରଙ୍କ ପରି ସୁଯୋଗ୍ୟ ନିରପେକ୍ଷ ଏବଂ ହିତାକାଂକ୍ଷୀ ଅଭିଭାବକ ମିଳିବା ସୁକଠିନ । କ୍ୱଚିତ୍ କୌଣସି ଅକ୍ଷମ ଜମିଦାରର ଭାଗ୍ୟକୁ ଏପରି ବନ୍ଧୁବାନ୍ଧବ ମୂରବି ଥାଏ ଯେ ତାହାଦ୍ୱାରା ତାହାର ରକ୍ଷାର-କ୍ଷଣ ସୁଚାରୁରୂପେ ହୁଅଇ । ଏପରି ଘଟନା ଅତ୍ୟନ୍ତ ବିରଳ ଏବଂ ବାସ୍ତବରେ ଅନେକ ସ୍ଥଳେ ଦେଖା ଯାଉଅଛି ଯେ ସରକାର ଭାର ଗ୍ରହଣ କରିବାକୁ ଅସମ୍ମତ ହେବାରୁ ଅରକ୍ଷ ଜମିଦାରର ଚିରସ୍ଥାୟୀ କ୍ଷତି ହେଉଅଛି । ପୁରୀର ବର୍ତ୍ତମାନ ନାବାଲଗ ରାଜା ଏହାର ସର୍ବୋତ୍କୃଷ୍ଟ ଉଦାହରଣ ଅଟନ୍ତି । ଏଠାରେ ଯାହାଙ୍କୁ ମହାଲର ଭାର ଅର୍ପିତ ହୋଇଅଛି ତାହାଙ୍କଦ୍ୱାରା ସରକାରଙ୍କ ରାଜସ୍ୱର କୌଣସି ବିପଦ ନାହିଁ ମାତ୍ର ନାବାଲଗର ହିତ ପ୍ରତି ସମୁଚିତ ଦୃଷ୍ଟି ଅଛି କି ? ଅନ୍ୟ କଥା ତେଣିକି ଥାଉ ଆମ୍ଭେମାନେ ସର୍ବଦା ଶୁଣୁଅଛୁଁ ଯେ ତାହାଙ୍କ ଶିକ୍ଷା ପ୍ରତି ଉଚିତ ଯତ୍ନ ହେଉ ନାହିଁ । ଦ୍ୱୀପାନ୍ତରିତ ମହାରାଜାଙ୍କର ଦୁର୍ଦ୍ଦଶାର ଏକମାତ୍ର କାରଣ ଶିକ୍ଷାର ଅଭାବ । ଗବର୍ଣ୍ଣମେଣ୍ଟ ଯେବେ ତାହାଙ୍କ ଶିକ୍ଷାର ଭାର ଗ୍ରହଣ କରିଥାନ୍ତେ ତେବେ ତାହାଙ୍କର ଏ ଦଶା ଘଟି ନ ଥାନ୍ତା । ଅତଏବ ଆମ୍ଭେମାନେ ପ୍ରାର୍ଥନା କରୁଁ କି ମାନ୍ୟବର ଛୋଟ ଲାଟ ଟମ୍ସନ ସାହେବ ରାଜସ୍ୱ ଆଦାୟକୁ ଏକମାତ୍ର ଲକ୍ଷ ନ କରି ନାବାଲଗ ଜମିଦାରଙ୍କୁ ଉପଯୁକ୍ତ ଶିକ୍ଷା ଏବଂ ନାବାଲଗୀ ଅବସ୍ଥାରେ ପ୍ରଜାଙ୍କର ହିତ ସାଧନ ପକ୍ଷରେ ରେଭିନ୍ୟୁ କର୍ମଚାରୀମାନଙ୍କୁ ଉଚିତ ଉପଦେଶ ଦେବେ ।

---

## ମିଉନିସିପଲ ତହବିଲ ତୋଷରପ ମୋକଦ୍ଦମା ।

ମିଉନିସିପଲ କର୍ମୀ କାହ୍ନୁଚରଣ ଦାସ ମିଉନିସିପଲ ଟଙ୍କା କଉଡ଼ିରେ ଗୋଳମାଳ କରିଥିବାରୁ ତହିଁର ତଦନ୍ତ ହେଉଥିବା କଥା ଗତ ସପ୍ତାହରେ ଆମ୍ଭେମାନେ ଲେଖିଥିଲୁଁ । ଚାରି ପାଞ୍ଚଦିନ ମଧ୍ୟରେ ମୋକଦ୍ଦମାର ତଦନ୍ତ ଓ ବିଚାର ଶେଷ ହୋଇ କାହ୍ନୁଚରଣ ଦାସ ଉପରେ ଦୋଷ ପ୍ରମାଣ ହେବାରୁ ତାହାର ଚାରିବର୍ଷ କାରାବାସ ଏବଂ ତିରିଶ ଟଙ୍କା ଅର୍ଥ ଦଣ୍ଡର ଆଜ୍ଞା ଗତ ମଙ୍ଗଳବାର ବାବୁ ବରଦାକାନ୍ତ ମଜୁମଦାର ଡେପୁଟୀ ମାଜିଷ୍ଟ୍ରେଟଙ୍କଦ୍ୱାରା ହୋଇଗଲା । ମୋକଦ୍ଦମାର ବୃତ୍ତାନ୍ତ ସଂକ୍ଷେପରେ ଏହି କି ନଗର ଆଲୋକ ସମ୍ପର୍କୀୟ କାତ

Digitized by srujanika@gmail.com

Split by PDF Splitter



ପ୍ରକାଶ ହେଲା ଇତ୍ୟାଦି କଲିକତାର ଦୋକାନଦାରମାନଙ୍କଠାରୁ ଆସଇ । କେହି ଦୋକାନଦାରର ସେ ବାବତରେ ୧୬୭ ଟଙ୍କା ପାଉଣା ହୋଇଥିବାରୁ ଦଶହସ୍ତ କରେଣ୍ଟି କର ପୂର୍ବେ ବାଇସଚେଅରମାନଙ୍କ ଆଜ୍ଞାକ୍ରମେ ମ୍ୟୁନିସିପଲ କିରାଣି କାଳୁଚରଣ ଭୂୟାଁର ଷ୍ଟାଲ ଓ ଡେକହ୍ୱାସ ଖଜଣାଖାନାରୁ ଟଙ୍କା ଆଣାଇ ମନିଅର୍ଡରଦ୍ୱାରା ଦୋକାନଦାର ନିକଟକୁ ତାହା ପଠାଇଦେବାର ଆଦେଶ ପାଇଥିଲା । ମାତ୍ର ଆସାମୀ ଯେଉଁ ଟଙ୍କା ମନିଅର୍ଡର ନ କରି ଆପେ ଖର୍ଚ୍ଚ କଲା ଏବଂ ଏକମାସ ଉତ୍ତାରୁ ସେହି ଟଙ୍କା ଆଉ ଥରେ ଷ୍ଟାଲ ଓ ଡେକହ୍ୱାସ ପ୍ରାପ୍ତ ହୋଇ ତାହାକୁ ପୁଣି ଖର୍ଚ୍ଚ କଲା । କଲିକତାର ଦୋକାନଦାର ତାଗିଦ ପଠାଇବାରୁ ବାଇସଚେଅରମାନ ମାଜିଷ୍ଟ୍ରେଟ ସାହେବ କିରାଣିକୁ ଡକାଇ ମନିଅର୍ଡରଦ୍ୱାରା ଟଙ୍କା ଯାଇଅଛି କି ନା ପଚାରନ୍ତାରେ କିରାଣି ଟଙ୍କା ପଠାଇଥିବାର କହିଲା ମାତ୍ର ଡାକଘର ରସିଦ ଦେଖାଇ ପାରିଲା ନାହିଁ ତହୁଁ ସାହେବଙ୍କ ମନରେ ସନ୍ଦେହ ହେଲା ଏବଂ ଡାକଘର ତଦାରଖ କରି ବୁଝିଲେ ଯେ ସେ ଟଙ୍କା ମନିଅର୍ଡରଦ୍ୱାରା ଯାଇ ନାହିଁ । ତେଣେବେଳେ ପୁଲିସ ପ୍ରତି ତଦାରଖର ଆଦେଶ ହେଲା ଏବଂ ପୁଲିସ ତାହାକୁ ଗିରଫ୍ତାର କଲା ବେଳେ ସେ ଅପୁ ଖାଇ ଅଚେତନ ପ୍ରାୟ ଥିଲା ଅପୁର ନିଶା ଛଡିଲାରୁ ପୁଲିସ ତାହାଠାରୁ ସକଳ କଥା ବୁଝି ଚାଲାନ କଲା ଏବଂ ଅସାମୀ ମାଜିଷ୍ଟ୍ରେଟଙ୍କଠାରେ ଗତ ୬ ମାସ ମଧ୍ୟରେ ଚାରିଥର ଏହିପ୍ରକାର ଷ୍ଟାଲ ଓ ଡେକହ୍ୱାସ ସର୍ବସୁଦ୍ଧା ଟ ୮୪୧୯ ଙ୍କା ଖାଇ ଯାଇ ଥିବାର ମୁକଦ୍ଦମାରେ ସ୍ୱୀକାର କଲା । ଏସମସ୍ତ ଟଙ୍କା ମାଦକଦ୍ରବ୍ୟ ଦାସୀ ଓ ନାଗରପଣିଆରେ ଖର୍ଚ୍ଚ କରିଅଛି ଏବଂ ଏଥିରୁ କିଛି ଆପଣା ଘରଣୀ କିମ୍ବା ମୁରବିମାନଙ୍କୁ ଦେଇ ନାହିଁ ବୋଲି ମଧ୍ୟ କହିଲା । ଏହି ଟଙ୍କା ଆତ୍ମସାତ କରିବା ଅପରାଧରେ ତାହାର ଉପରଲିଖିତ ଦଣ୍ଡ ହୋଇଅଛି । ଏଥି ମଧ୍ୟରେ ସେ ଯେଉଁ ଦାସୀକୁ ରଖିଥିଲା ତାହାର ଘର ତଲାସୀ ହୋଇଥିଲା ମାତ୍ର କିଛି ମିଳିଲା ନାହିଁ । ଏପରି ମ୍ୟୁନିସିପଲ ମହକୁମାର ଜଣେ ମୋହରର ବା ଟାକ୍ସ ସରକାର ଓ ଜଣେ ପିଆଦା କର୍ତ୍ତୃତ୍ୱାଧୀନରେ ଆସିଅଛନ୍ତି କିଛି କ୍ଷତି ହୋଇ ନାହିଁ ।

କାଳୁଚରଣର ବୟସ ୨୫ ବର୍ଷ ମଧ୍ୟରେ ଅଟଇ, ତାହାର ଲେଖା ପଢା ଶିକ୍ଷା ନାହିଁ ଏବଂ ଏଥି ପୂର୍ବେ ସେ ଜଣେ ଟାକ୍ସ ସରକାର ଥିଲା । ସହଜ ଅବସ୍ଥାରେ ମ୍ୟୁନିସିପଲ ମହକୁମାର ହେଡ଼କିରାଣି ପଦରେ ତାହାକୁ କେହି ରଖନ୍ତା ଏପରି ସମ୍ଭାବନା ନ ଥିଲା ମାତ୍ର ମ୍ୟୁନିସିପଲ ମହକୁମାର ହେଡ଼କିରାଣି ବାବୁ ଦାଶରଥୀ ଦାସ ଜଣେ ସୁଯୋଗ୍ୟ ଓ ସଚ୍ଚରିତ୍ରବନ୍ତ ଥିଲେହେଁ ସେ ମାଜିଷ୍ଟ୍ରେଟ ସାହେବଙ୍କ ବିଷଦୃଷ୍ଟିରେ ପଡିଗଲେ ଓ ମାଜିଷ୍ଟ୍ରେଟ ସାହେବ ତାହାଙ୍କ ବିରୁଦ୍ଧରେ ଏକ ଦୀର୍ଘ ରିପୋର୍ଟ ଶ୍ରୀଯୁକ୍ତ ପିପି ସାହେବଙ୍କ ନିକଟକୁ ଲେଖି ତାହାଙ୍କୁ ପଦଚ୍ୟୁତ ଓ ସେ କର୍ମରେ ଆସାମିକୁ ନିଯୁକ୍ତ କରିବାର ଅନୁରୋଧ କଲେ ଏବଂ ତାହାଙ୍କ ଅନୁରୋଧ ରକ୍ଷା ନ ହେଲେ ସେ ବାଇସଚେଅରମାନୀ କାର୍ଯ୍ୟ ପରିତ୍ୟାଗ କରିବେ ବୋଲି ଲେଖିଲେ ପିପି ସାହେବ କିରାଣିର ଦୋଷ ନ ଦେଖିଲେହେଁ ତାହାଙ୍କୁ ଉକ୍ତ ପଦରୁ ବରଖାସ୍ତ କରି ସ୍କୁଲର ସବ୍ଇନ୍ସ୍ପେକ୍ଟରର ପଦରେ ନିଯୁକ୍ତ କଲେ ଏବଂ ଆସାମିକୁ ତାହାର ଗୃହସ୍ଥ ଦେଲେ । ସରକାରୀପଦ ଖାଲି ହେଲେ ତହିଁରେ ଉପଯୁକ୍ତ ବ୍ୟକ୍ତି ବାଛି ନିଯୋଗ କରିବା ବିଷୟରେ ଗବର୍ଣ୍ଣମେଣ୍ଟ ଯେଉଁ ନିୟମମାନ କରିଅଛନ୍ତି ସେମାନ କିଛି ପ୍ରତିପାଳିତ ହେଲା ନାହିଁ । ଚେୟାରମାନ ସାହେବ ଆପଣା ବାଇସଙ୍କ କାର୍ଯ୍ୟର ଭଲମନ୍ଦ କିଛି ନ ବିଚାରି ସମ୍ପୂର୍ଣ୍ଣରୂପେ ତାହାଙ୍କ ଉପରେ ନିର୍ଭର କଲେ ଏବଂ ବାଇସଚେୟାରମାନ ଅଯୋଗ୍ୟ ବ୍ୟକ୍ତିକି ଅଳ୍ପବେତନରେ ଗୁରୁଭାର ଅର୍ପଣ କରିବାରୁ ତହିଁରୁ ଯାହା ଘଟିବାର ସମ୍ଭାବନା ତାହା ପ୍ରତ୍ୟକ୍ଷ ହେଲା । ଏତେକରି ସୁଦ୍ଧା ଯେବେ ବାଇସଚେୟାରମାନ ସ୍ୱୟଂମତ ମାସକୁ ମାସ ହେସାବପତ୍ର ବୁଝିବା ପକ୍ଷରେ ସତର୍କ ହୋଇ ଥାନ୍ତେ ତାହା ହେଲେ କେହି ତାହାଙ୍କୁ ଏପରି ଠକାଇ ପାରନ୍ତା ନାହିଁ ମାତ୍ର ଏହି ଗୁରୁତର କାର୍ଯ୍ୟ ପ୍ରତି ତାହାଙ୍କର ଅଦୌ ଆସ୍ଥା ରହିଲା ନାହିଁ ସେ ସମ୍ପୂର୍ଣ୍ଣରୂପେ କିରାଣି ଉପରେ ନିର୍ଭର କରି ସ୍ୱକୃତ ମ୍ୟୁନିସିପଲ ବଗିଚାର ସାଗ ସବ୍ଜି ବାଡ଼ୀ ଏବଂ ନାନା ପ୍ରକାରେ ଲୋକଙ୍କୁ ହରବର କରିବାଦ୍ୱାରା ଆପଣାର ବହୁମୂଲ୍ୟ ସମୟକୁ ନଷ୍ଟ କଲେ । ବାସ୍ତବରେ ଆସାମୀ ଆପଣା ଜବାବରେ ଅଦାଲତଙ୍କ ସମ୍ମୁଖରେ ସ୍ପଷ୍ଟ କହି ଅଛି କି ବାଇସଚେୟାରମାନ ସାହେବ ତାହାପ୍ରତି ବିଶେଷ ଅନୁଗ୍ରହ ପ୍ରକାଶ କରି ତାହାର କାର୍ଯ୍ୟ ତଦାରଖ ନ କରିବା ଏବଂ ଅନାୟାସରେ ତାହାର ଲିଖିତ ବିଲମାନ ପାସ କରିବାରୁ ସେ ଏତେ ଟଙ୍କା ଆତ୍ମସାତ୍ କରିବାକୁ ପ୍ରବୃତ୍ତ ହେଲା । ପ୍ରଥମରୁ ତାହାର କାର୍ଯ୍ୟ ଦୃଢରୂପେ ଦେଖିଥିଲେ ଅଥବା ଏହି ଟଙ୍କା ଗଲା କି ନାହିଁ ଯଥା ସମୟରେ ବୁଝି ଥିଲେ ସେ ଏମନ୍ତ ଦୁର୍ଦ୍ଦଶାରେ ପଡନ୍ତା ନାହିଁ । ଆସାମୀର ଏପ୍ରକାର ଜବାବ ଶୁଣି ବାସ୍ତବରେ ତାହାକୁ ଦୟାର ପାତ୍ର ବୋଧ ହେଉଅଛି ଏବଂ ତଦ୍ଦୃଷ୍ଟିରେ ତାହା ପ୍ରତି ହୋଇଥିବା ଦଣ୍ଡାଜ୍ଞା କଠିଣ ଜଣା ଯାଉଅଛି ଫଳତଃ ବାଇସଚେୟାରମାନ ଆପଣ କର୍ତ୍ତବ୍ୟ ପାଳିବାରେ ନିତାନ୍ତ ତ୍ରୁଟି କରିଅଛନ୍ତି ତହିଁରେ କିଛିମାତ୍ର ସନ୍ଦେହ ନାହିଁ । ଆମ୍ଭେମାନେ ଏହାଙ୍କର ମ୍ୟୁନିସିପାଲିଟୀ ସମ୍ବନ୍ଧୀୟ ଅତ୍ୟାଚାର ଏବଂ ଅନ୍ୟାନ୍ୟ କାର୍ଯ୍ୟର ପୁନଃ ପୁନଃ ଉଲ୍ଲେଖ କରି ଏହାଙ୍କୁ ଏ ପଦର ଅଯୋଗ୍ୟ ବୋଲି କହି ଆସିଅଛୁଁ କିନ୍ତୁ ବର୍ତ୍ତମାନ ଘଟଣା ସମ୍ବନ୍ଧରେ ସେ ଯେତେ ଅଯୋଗ୍ୟତା ଦେଖାଇ ଅଛନ୍ତି ଏତେଦୂର ଆମ୍ଭେମାନେସୁଦ୍ଧା ଆଶା କରି ନଥିଲୁଁ । ସଦର ସିରସ୍ତାରେ ଏକଜଣ କିରାଣି ଯେବେ ଏତେ ସହଜରେ ତାହାଙ୍କୁ ଠକିବାକୁ ସମର୍ଥ ହେଲା ତେବେ ବହୁତର ଟଙ୍କାର ବ୍ୟୟସ୍ଥଳ ମୋଫସଲ କାର୍ଯ୍ୟରେ ସେ ଯେ ଅଦୌ ଠକୁ ନାହାନ୍ତି ଏହା କିପରି ବିଶ୍ୱାସ କରିବାକୁ ହେବ ? ଆମ୍ଭେମାନେ ଆଶା କରୁଁ କି ସେ ଏହି ଟ ୮୪୧୯ ଙ୍କାରୁ ଅଧିକ ଠକ ନାହାନ୍ତି ମାତ୍ର ମ୍ୟୁନିସିପାଲ ଟଙ୍କାର ଅପବ୍ୟୟ ଭାର ଯାହାଙ୍କ ଉପରେ ଅଛି ତାହାଙ୍କୁ ଏତିକରେ ତୃପ୍ତି ହେବାର ଉଚିତ ନୁହଇ ଏବଂ ଏହି ଟ ୮୪୧୯ ଙ୍କା ସାମାନ୍ୟ ନୁହେ । ଏପରି ଆହୁରି କେତେ ଟଙ୍କା ବାଇସଚେଅରମାନଙ୍କ ଅବିବେଚନା ବା ଅସାବଧାନତାରୁ ନଷ୍ଟ ହୋଇଥିବାର ଆମ୍ଭେମାନେ ଏଥି ପୂର୍ବେ ଲେଖିଅଛୁଁ । ଲୋକଙ୍କୁ ନାନାପ୍ରକାରେ କନ୍ଦାଇ କଷ୍ଟାଇ ଯେଉଁ ଟଙ୍କା ଅଦାୟ ହେଉଅଛି ତହିଁର ଏପରି ଅପବ୍ୟୟ କେମନ୍ତ ଶୋଚନୀୟ ବ୍ୟାପାର ଶ୍ରୀଯୁକ୍ତ ଚେଅରମାନ ସାହେବ ଓ କମିଶନରମାନେ ଥରେ ମନୋଯୋଗ ପୂର୍ବକ ହୃଦୟଙ୍ଗମ କରୁବେ ଏବଂ ପିଛିଲା ହେସାବମାନ ତନ୍ନ ତନ୍ନରୂପେ ତଦନ୍ତ କରିବା ଏବଂ ହେସାବ ବୁଝିବା ପଦ୍ଧତିରେ କୌଣସି ଦୋଷ ଥିଲେ ତାହା ସଂଶୋଧନ କରିବା ପକ୍ଷରେ ଯତ୍ନବାନ୍ ହେବେ ।

---

(ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା)

Digitized by srujanika@gmail.com

Split by PDF Splitter

ଅ ଭ ର ଲ



## ପ୍ରାପ୍ତିସ୍ୱୀକାର ।

ବାଲେଶ୍ୱର ଜିଲ୍ଲାର ପ୍ରାଇମେରୀ ଶିକ୍ଷାର ନିୟମାବଳୀ—ଏଥିରେ ସାହାଯ୍ୟକୃତ ଓ ବେତନଭୋଗୀ ପାଠଶାଳାର ଶିକ୍ଷାଦାନ ପରୀକ୍ଷା ଏବଂ ତତ୍ତ୍ୱାବଧାରଣ ସମ୍ପର୍କୀୟ ନିୟମମାନ ଇଂଜୀଭାଷାରେ ପ୍ରକାଶିତ ହୋଇଅଛି । ପୁସ୍ତକର ଆକାର ରୟଲ ଅଠପେଜୀ ୨୪ ପୃଷ୍ଠା ୭ ଅଧ୍ୟାୟରେ ବିଭକ୍ତ ହୋଇଅଛି । ନିୟମର ସଂଖ୍ୟା ୧୦୦ ଅଟଇ । ଏ ନିୟମାବଳୀ ଓଡ଼ିଆରେ ପ୍ରକାଶିତ ହେବାର ଉଚିତ କାରଣ ଯାହାଙ୍କ ସକାଶେ ଏହା ହୋଇଅଛି ସେମାନଙ୍କର ଅଧିକାଂଶ ଇଂରାଜୀ ଜାଣିଥିବାର ଆଶା କରାଯାଇ ନ ପାରେ । ପୁସ୍ତକ ଖଣ୍ଡି ବାଲେଶ୍ୱର ଉତ୍କଳ ପ୍ରିଣ୍ଟିଂକମ୍ପାନୀଙ୍କ ପ୍ରେସରେ ମୁଦ୍ରିତ ହୋଇଅଛି । ଏବଂ ଆମ୍ଭେମାନେ ଦୁଃଖର ସହିତ କହୁଅଛୁଁ ଯେ ଏଥିର ଛପାକାର୍ଯ୍ୟ ଭଲ ହୋଇ ନାହିଁ । ପାଞ୍ଚ ଓ ୭ ପୃଷ୍ଠା ଓଲଟପାଲଟ ହୋଇ ଯାଇ ଅଛି ଏବଂ ଅଷ୍ଟମ ପୃଷ୍ଠାର ଅକ୍ଷରରେ କାଳି ଲେସି ଯାଇଅଛି । ଛପାକାର୍ଯ୍ୟର ଉନ୍ନତି ପକ୍ଷରେ ଅଧିକ ମନୋଯୋଗ ଆବଶ୍ୟକ ବିଶେଷତଃ ସରକାରୀ ଛପା ଏପରି ମନ୍ଦ ହେବା ଉଚିତ ନୁହେ କାରଣ ସରକାରଙ୍କ ବଳଙ୍କର ଅଭ ଭଭିଷ୍ୟ ଗ୍ରାହକ ନାହିଁ ।

ସନ ୧୮୮୩ ଓ ସନ ୧୮୮୪ ସାଲର ବଙ୍ଗଳା ଏବଂ ଆସାମର ଓକାଲତି ଓ ମୁକ୍ତାରି ପରୀକ୍ଷାର ନିୟମାବଳୀ ଏବଂ ଓକାଲତି ପରୀକ୍ଷା ପ୍ରଶ୍ନ ସଂଗ୍ରହ—ଏହି ଦୁଇଖଣ୍ଡ ଇଂରାଜୀ ପୁସ୍ତକ କଲିକତା ନଂ ୨୬ ନମ୍ବର କର୍ଣ୍ଣୱାଲିସଷ୍ଟ୍ରିଟ ନିବାସୀ ବି, ବାନର୍ଯ୍ୟାକମ୍ପାନୀ ପ୍ରକାଶ କରି ଖଣ୍ଡ ପ୍ରତି ଟ ।୦ ଓ ଟ ୦।୶ ମୂଲ୍ୟରେ ବିକ୍ରୟ କରୁଅଛନ୍ତି । ଶ୍ରୀରାମପୁର ତମୋହର ଯନ୍ତ୍ରାଳୟରେ ଏମାନ ମୁଦ୍ରିତ ହୋଇଅଛି । ଯେଉଁମାନେ ଓକାଲତି ବା ମୁକ୍ତାରି ପରୀକ୍ଷା ଦେବାକୁ ଇଚ୍ଛା ରଖନ୍ତି ସେମାନଙ୍କ ପକ୍ଷରେ ଏ ପୁସ୍ତକଦ୍ୱୟ ଅତ୍ୟନ୍ତ ଉପକାରୀ ଅଟଇ । ବିଶେଷତଃ ପ୍ରଶ୍ନସଂଗ୍ରହ ସମସ୍ତ ପରୀକ୍ଷାର୍ଥିଙ୍କ ମନୋଯୋଗ ପୂର୍ବକ ଦେଖିବାର ଉଚିତ ଏଥିରେ ଉତ୍ତମ ୨ ପ୍ରଶ୍ନମାନ ବଛା ହୋଇ ଛପା ହୋଇଅଛି ଓ ଯାହା ଉତ୍ତର କରି ପାରିଲେ ପରୀକ୍ଷାରେ କୃତକାର୍ଯ୍ୟତା ଲାଭ କରିବାର ସମ୍ପୂର୍ଣ୍ଣ ଭରସା ହେବ ଏବଂ କିପ୍ରକାରେ ଆଇନମାନଙ୍କର ଆଲୋଚନା କରିବା ଉଚିତ ଛାତ୍ରମାନେ ତାହା ଜାଣିପାରି ସେ ପ୍ରକାର ଶିକ୍ଷା କରିବାକୁ ଯତ୍ନବାନ୍ ହେବେ । ପୁସ୍ତକଦ୍ୱୟର ଛପାକାର୍ଯ୍ୟ ଉତ୍ତମ ଏବଂ ମୂଲ୍ୟ ସୁଲଭ ହୋଇଅଛି ।

---

## ସାପ୍ତାହିକ ସଂବାଦ ।

ଏ ସପ୍ତାହରେ ମେଘ ଛାଡ଼ିଯାଇ ଉତ୍ତମରୂପ ଶୀତ ପ୍ରବେଶ ହୋଇଅଛି ଏବଂ ଋତୁ ମନୋହର ହୋଇଅଛି । କେବଳ ଜ୍ୱରରୋଗ ଅତି ପ୍ରବଳ ହେବାର ଦେଖା ଯାଏ ।

ଏଠା ଫଉଜଦାରି ହେଡ଼ କ୍ଲାର୍କ ବାବୁ ନିମାଇଚରଣ ନେଉଗି ଦୀର୍ଘକାଳ ଉତ୍ତମରୂପେ ସରକାରୀ କାର୍ଯ୍ୟ ନିର୍ବାହ କରି କର୍ମ ତ୍ୟାଗ କରିଅଛନ୍ତି ଏବଂ ଗବର୍ଣ୍ଣମେଣ୍ଟ ଏହାଙ୍କ ନିମିତ୍ତ ଟ ୮୦୲ ଙ୍କା ପେନସନ ମଞ୍ଜୁର କରିଅଛନ୍ତି ।

ଏହି କର୍ମର ବନ୍ଦୋବସ୍ତ ଯେଉଁ ଅନ୍ୟମାନଙ୍କ ମାଜିଷ୍ଟ୍ରେଟ ନ୍ୟସ୍ତ ଥିବାର ଜଣା ଯାଏ । ପ୍ରଥମେ ପୂର୍ବ ଡେପୁଟୀ ଇନ୍ସ୍ପେକ୍ଟର ବାବୁ ଉମାପ୍ରସାଦଦେଙ୍କୁ ଏ କର୍ମ ଦେବେ ବୋଲି ଶୁଣା ଯାଇଥିଲା । ପୁଣି ଶୁଣାଯାଏ ଯେ ତାହା ଅନ୍ୟାୟ ଥିବାର ବୁଝି ପାରି କଲେକ୍ଟରୀ ହେଡ଼ କ୍ଲାର୍କ ବୈକୁଣ୍ଠବାବୁଙ୍କୁ ଉକ୍ତ ପଦରେ ଏବଂ ସ୍ମଲ କଜକୋର୍ଟ ହେଡ଼ କ୍ଲାର୍କଙ୍କୁ କଲେକ୍ଟରୀ ହେଡ଼ କ୍ଲାର୍କ ପଦରେ ନିଯୁକ୍ତ କରିବାର ମାନସ କରିଅଛନ୍ତି । ଏ ବନ୍ଦୋବସ୍ତ ଉତ୍ତମ ହେବ ମାତ୍ର ଆଜ୍ଞା ନ ହେବା ପର୍ଯ୍ୟନ୍ତ କିଛି ନିଶ୍ଚୟ ବୋଲି ଯାଇ ନ ପାରେ ।

ବାବୁ ନନ୍ଦକିଶୋର ଦାସ ଅଚିରାତ୍ ଶୀଘ୍ର ବାଲେଶ୍ୱରଠାରେ ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟଙ୍କ ସଙ୍ଗେ ମିଶିବା କାରଣ ଆଜ୍ଞା ପାଇଅଛନ୍ତି । ବୋଧ ହୁଅଇ ସାହେବ ତାହାଙ୍କୁ ମଫସଲ ଇଣ୍ଡକୁ ଘେନିଯାଇ ସେଠାରେ ରଖି ଆସିବେ ।

ତଦଙ୍ଗେ ସ୍କୁଲର ଶିକ୍ଷକ ପୁରୁଷୋତ୍ତମ ପଣ୍ଡିତାରେ ଏହି ମର୍ମରେ ଏକ ପତ୍ର ପ୍ରକାଶ କରିଅଛନ୍ତି କି । ପ୍ର । ଦେଓଗାଁ । ମୌ । କନ୍ଦଡ଼ାଗ୍ରାମରେ ବ ୨୦।୨୨ ବର୍ଷ ବୟସ୍କା ଜଣେ ସଧବା ବ୍ରାହ୍ମଣୀ ଶ୍ରୀ ମହାଦେବ ପୁର୍ଣ୍ଣେଶ୍ୱରଙ୍କ ଆଜ୍ଞା ପ୍ରକାଶ କରି କୃଷ୍ଣାଦ କଠିଣ ରୋଗମାନ ଆରୋଗ୍ୟ କରୁଅଛି । ଏହାଙ୍କଦ୍ୱାରା କେତେ ରୋଗୀ ଭଲ ହୋଇଅଛନ୍ତି ତହିଁର ବିବରଣ କିଛି ପତ୍ରରେ ଲେଖା ନାହିଁ ମାତ୍ର ଜଣେ ଶିକ୍ଷକ ଏପରି ଲେଖିଥିବାରୁ ତଠାରେ ଅବିଶ୍ୱାସ କରିବା କଠିନ ବୋଧ ହେଉଅଛି । କେହି ୨ ରୋଗୀ ପରୀକ୍ଷା କରି ଅନ୍ୟମାନଙ୍କୁ ଫଳ ଜଣାଇଲେ ବାଧିତ ହେବୁଁ ।

ମଧ୍ୟପ୍ରଦେଶରେ କେବଳ ବିଲାସପୁର ଛଡ଼ା ଅନ୍ୟ ସକଳ ସ୍ଥାନରେ ଖରିଫ ଫସଲ ଉତ୍ତମ ହୋଇଅଛି ।

ଗତ କଲିକତା ଗେଜେଟରେ ଦେଖାଗଲା ଯେ ଉଲ୍ଲେଖିତ ମାଜିଷ୍ଟ୍ରେଟମାନେ ବାହାଲ ହୋଇଅଛନ୍ତି ଯଥା; ଏଚ୍, ଏସ୍ ବଭନ ସାହେବ ବାଲେଶ୍ୱରରେ, ଟି, ନଇମାନ ସାହେବ ରଙ୍ଗପୁରରେ, ଯେ, ଏସ୍ ଆର୍ମଷ୍ଟ୍ରଂ ସାହେବ ମାନଭୂମରେ ଏବଂ ଟି, ଯେ, ସି ଗ୍ରାଣ୍ଟ ସାହେବ ପୁରୀରେ । ଓଡ଼ିଶାର ସମସ୍ତ ମାଜିଷ୍ଟ୍ରେଟ ଏଥର ବାହାଲ ହୋଇଗଲେ ।

କୁବାର୍ଡ ନାମରେ ଜଣେ ଧନୀ ଫରାସୀ ଦୁଇଲକ୍ଷ ଟଙ୍କା ଘେନି କଲିକତାରେ ଆସି ପହୁଞ୍ଚିଅଛନ୍ତି । ପଛଅରେ ସର୍ବ ପ୍ରକାର ଦ୍ରବ୍ୟର ଗୋଟିଏ ପ୍ରଦର୍ଶନୀ ଖୋଲିବାର ତାଙ୍କର ଇଚ୍ଛା । ଏଥିପାଇଁ ସେ ଗବର୍ଣ୍ଣମେଣ୍ଟଙ୍କ ନିକଟରେ ଅନୁମତି ପ୍ରାର୍ଥନା କରିଅଛନ୍ତି । ତାଙ୍କର ଆଶା ଯେ, ସେ ଏହାଦ୍ୱାରା ଦୁଇଲକ୍ଷ ଟଙ୍କା ଲାଭ କରିପରିବେ ।

ଫ୍ରାଙ୍କଫୋର୍ଟରେ କୌସମାଜର କେତେଗୁଡ଼ାଏ ସଭ୍ୟ ମଦରେ ମତୁଆଳ ହୋଇ ନୌକାରେ ସ୍ଥାନାନ୍ତରକୁ ଯିବାର ଇଚ୍ଛା କରି ରାତି ଦୁଇ ପ୍ରହର ସମୟରେ ନୌକାର ଆହୁଲ ଟାଣିବାକୁ ଆରମ୍ଭ କଲେ । କିନ୍ତୁ ପ୍ରାତଃକାଳରେ ଦେଖିଲେ ଯେ ସେମାନେ ଯେଉଁଠାରୁ ଯାତ୍ରା କରିଥିଲେ ସେହିଠାରେ ଅଛନ୍ତି, ଏକପାଦ ମଧ୍ୟ ଯାଇ ନାହାନ୍ତି । କାରଣ ବୁଝିଲେ ଯେ ନୌକାର ନଙ୍ଗରଟି ଉଠା ହୋଇ ନାହିଁ । ମାତାଲସଂ ନାନ ଭଙ୍ଗି ।

ବଙ୍ଗପ୍ରଦେଶର ବ୍ୟବସ୍ଥାପକ ସଭା ଆଜଠାରୁ ପିଟବାର ସ୍ଥିର ହୋଇଗଲା । ନୂତନ ଘର ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ପୁରୁଣା ଘରେ ସଭା ବସିବ । ଶ୍ରୀଯୁକ୍ତ ମେକଲି ସାହେବ ଏ ସଭାର ଜଣେ ସଭ୍ୟ ହୋଇ ଅନୁଶାସନ ସମ୍ପର୍କୀୟ ପାଣ୍ଡୁଲିପି ପ୍ରସ୍ତୁତ କରିବାର ଭାର ପାଇ ଅଛନ୍ତି ।

କଲିକତାର ଜଣେ ଖ୍ୟାତ ବ୍ୟକ୍ତି ବାବୁ ରମାନାଥ ଘୋଷଙ୍କର ପରଲୋକ ଗମନ ସମ୍ବାଦ ଆମ୍ଭେମାନେ ଦୁଃଖର ସହିତ ପ୍ରକାଶ କରୁଅଛୁଁ । ଅଇନ ବ୍ୟବସାୟରେ ଏ ମହାଶୟ ଭଲ ଦକ୍ଷତା ଲାଭ କରିଥିଲେ ଏବଂ ତଦ୍ୱାରା ଧନ ଅର୍ଜନ କରି ଅନେକ ସଦାନୁଷ୍ଠାନରେ ବ୍ୟୟ କରିଅଛନ୍ତି ।

ଶ୍ରୀମତି ମହାରାଣୀଙ୍କର ଜ୍ୟେଷ୍ଠପୁତ୍ରଙ୍କୁ ହତ୍ୟାକାମକ ଏକ ବ୍ୟକ୍ତି ପ୍ରାଣବଧର ଧମକ ଦେଇ ପତ୍ର ଲେଖିବାରୁ ଗିରଫଗ୍ଧୀନରେ ଆସି ଅଛି । ବଲାତଲୋକେ ଲଡ଼ନାଗସ୍ୱାଙ୍କପର ତୃଷ୍ଣା ଅଟନ୍ତି କି ?

ବଙ୍ଗଦେଶରେ ବର୍ତ୍ତମାନ କୁମ୍ଭୀର ଚର୍ମର ଘଣ୍ଟ ଦରକାର ପଡ଼ିଅଛି । ଏଥିରୁ ଏକ ସମ୍ବାଦପତ୍ର ପ୍ରସ୍ତାବ କରିଅଛନ୍ତି କି, ସୁନ୍ଦରବନରେ କୁମ୍ଭୀର ପଲ ବଢ଼ାଇବାର ବ୍ୟବସାୟ କଲେ ବିଶେଷ ଲାଭକର ହୋଇ ପାରେ । ଏ ଜିଲ୍ଲାର ତାଳଦଣ୍ଡରେ ମଧ୍ୟ ସେହିପରି ଲାଭର ସମ୍ଭାବନା । କୁମ୍ଭୀରଚର୍ମର ବ୍ୟବସାୟ ବଢ଼ିଲେ ଦୋହରା ଲାଭର କଥା କାରଣ କୁମ୍ଭୀର ମରିବା ଏକ ଲାଭ ଏବଂ ଚର୍ମ ବିକ୍ରିବା ଅପର ଲାଭ ଅଟଇ ।

ରଙ୍ଗୁନରେ ବଧୁର ଡକାଇତି ହେଉଅଛି । ଡକାଇତମାନେ ବନ୍ଧୁକାଦି ହତିଆରମାନ ଘେନି ଡକାଇତି କରୁଅଛନ୍ତି ଏବଂ ପୁଲିସ ତାହାଙ୍କୁ ଧରି ପାରୁ ନାହାନ୍ତି ।

ଶିକ୍ଷାକମିଶନ ଏଥି ମଧ୍ୟରେ କଲିକତାରେ ଏକତ୍ରିତ ହୋଇ ଅଛନ୍ତି । କମିଶନରମାନେ ଏଠାରେ ତିନି ମାସ ବୈଠକ କରିବେ ତହୁଁ ଉତ୍ତାରୁ ସେମାନଙ୍କର ରିପୋର୍ଟ ଇଣ୍ଡ୍ୟାଗବର୍ଣ୍ଣମେଣ୍ଟଙ୍କୁ ପଠା ଯିବ ।

ସୁଏଜ କେନାଲ କମ୍ପାନୀ ଉକ୍ତ କେନାଲକୁ ଗଭୀର ଏବଂ ଓସାର କରିବା କାରଣ ଇଚ୍ଛା କରିଅଛନ୍ତି । ଏହାହେଲେ ଅଧିକ ସଂଖ୍ୟକ ଜାହାଜ ସେ କାଟରେ ଯାତାୟତ କରି ପାରିବ ।

ଜଣେ ପୁଲିସ ସରଜନର ସ୍ତ୍ରୀକୁ ଅତ୍ୟନ୍ତ ମଦ ପିଇବା ଦୋଷ ନିମନ୍ତେ ମାଜିଷ୍ଟ୍ରେଟ ସାହେବ ଟ ୧୦୦୲ ଜରିମାନା କରି କହିଲେ କି ଏ ସ୍ତ୍ରୀ ଏହି ଅପରାଧରେ ପଞ୍ଚାଶ ଥର ଦୋଷୀ ହୋଇ ଥିବାରୁ ସର୍ବୋଚ୍ଚ ଦଣ୍ଡ ଦିଆଗଲା । ଏପରି ଘରଣୀକୁ ଘେନି ନିର୍ବାହ ହେବା ବଡ଼ ଛଡ଼ ବୋଲିବାରୁ ହେବ ଏକ ମଦର କହିଲା ତହିଁ ଉପରେ ଥରକୁଥର ଜରିମାନା ।

Digitized by srujanika@gmail.com

ନଗରରେ ସ୍ଥାପିତ ନର୍ଥବ୍ରୁକ୍ ଭାରତବର୍ଷୀୟ ଗାର୍ଡେନର ସାହାଯ୍ୟ ନିମନ୍ତେ ହାବୁଗର ମହାରାଜା ଦୁଇହଜାର ଟଙ୍କା ଦାନ କରି ଅଛନ୍ତି ।

ଇଂଲଣ୍ଡରେ କେତେଶ ଶ୍ରେଣୀକାଳୀୟ ସ୍ତ୍ରୀଲୋକଙ୍କୁ ଇଂରାଜୀ ଶିକ୍ଷା ଦେବା କାର୍ଯ୍ୟ ଶିକ୍ଷା ଦେଇବାର ବନ୍ଦୋବସ୍ତ ହୋଇ ଅଛି । ଏହି ସ୍ତ୍ରୀ ଶିକ୍ଷିତା ହୋଇ ଉକ୍ତ ନଗରସ୍ଥ ଦେଶୀୟ ଭଦ୍ରଲୋକଙ୍କ ଘରେ ଶିକ୍ଷୟିତ୍ରୀ କାର୍ଯ୍ୟ କରିବ । ଏପରି ବନ୍ଦୋବସ୍ତ ସବୁଠାରେ ହେବାର ଉଚିତ ।

ମୁଲତାନର ପୁଲିସ ଗୋଦାବକ୍ସ ନାମରେ ଜଣେ ଶିକ୍ଷିତ ଡକାଇତକୁ ଧରି ଅଛନ୍ତି । ଏ ବ୍ୟକ୍ତି ପଚିଶ ଗୁଡ଼ାଏ ଡକାଇତ୍ୟା କରିଥିବାର ସ୍ୱୀକାର କରିଅଛି । ଯାହା ଘରକୁ ଚୋରି କରିବାକୁ ଯାଏ କେହି ଯାଞ୍ଚ କଲେ ତାହାକୁ ଛୁରୀରେ ମାରି ପକାଏ । ଧରିପଡ଼ିବା ବେଳେ ଏହାଠାରେ ବାରୁଦ ଓ ଛଅ ପିଟୁଥିବା ଦୁଇଟା ପିସ୍ତୋଲ ଏବଂ ଏକଖଣ୍ଡ ତରବାରି ଥିଲା ।

ଚୀନ ଗବର୍ଣ୍ଣମେଣ୍ଟ ଯୁଦ୍ଧକେବୁ ଦେଖି ବଡ଼ ବ୍ୟସ୍ତ ଅଛନ୍ତି । ସୈନ୍ୟରେ ଅନ୍ୟାୟ ହେବାରୁ ଏହା ଉଦୟ ହୋଇଅଛି ବୋଲି ସେଠା ଲୋକଙ୍କ ବିଶ୍ୱାସ ହୋଇଅଛି ଅତଏବ ଶାସନପ୍ରଣାଳୀର ଦୋଷ ସଂଶୋଧନ କରିବାର ବିଶେଷ ଉଦ୍ୟମ ଲାଗି ଅଛି । ଏ ଭଲ କଥା ଭଲ ।

ମିଶର ଯୁଦ୍ଧର ହେଙ୍ଗାମାରେ ଆଲେକଜେଣ୍ଡ୍ରିଆରେ ଅପ୍ରବୃତ୍ତିର ହତ୍ୟାକାଣ୍ଡ ଏକପ୍ରକାର ବନ୍ଦ ଥିଲା । ପୁଣି ସେହିପରି ଧରାଧରି ହଣାହଣି କାଣ୍ଡ ଦେଉଅଛି । ତା ୨୫ ରିଖ ନବମ୍ବରରେ ଅପ୍ରବୃତ୍ତିର ସ୍ୱକଧାନୀ ଡବଲିନ ନଗରରେ ପୁଲିସ ଲୋକଙ୍କୁ ଜଣେ ହତ୍ୟା କରିଅଛି । ହତ୍ୟାକାରୀ ଧୃତ ହୋଇଅଛି, ଏବଂ ଉଚିତ ଶାସ୍ତି ପାଉଅଛି । ଅଦ୍ଭୁତ ତାହାର ଅନେକ ସଙ୍ଗୀ ଧରା ପଡ଼ିଗଲେଣି, ଗୋଏନ୍ଦା ହତ ହେବାରୁ ଡବଲିନ ବାସିମାନେ ବଡ଼ ସ୍ଥିର ହୋଇ ଅଛନ୍ତି । ମାଇକେଲ ଓୱାଲସ ନାମକ ଜଣେ ଅଗଣସ କନଷ୍ଟବଲ ବାବାଜୀକୁ ହତ୍ୟା କରିଥିଲ ବୋଲି ତାହାର ଫାଶୀ ହୋଇଥିଲା । ସେହି ନକ-ବମ୍ବର ଜଣେ କୁମ୍ଭୁ ଗତ ନବମ୍ବର ମାସ ତା ୧୮ ରାତ୍ରରେ ହୁଇନଶ ଲେନ ଡବଲିନର ସ୍ୱଜପଥରେ ହତ୍ୟା କରିଅଛନ୍ତି ମାତ୍ରଯାକ ସେମାନେ ଗାଡ଼ିରେ ଚଢ଼ି ପଳାଇଲେ, ଏ ପର୍ଯ୍ୟନ୍ତ କେହି ତାଙ୍କୁ ଧରି ପାରି ନାହିଁ । ପୁଣି ତା ୨୦ ରାତ୍ରରେ ଡବଲିନର ଜଣେ କେଲଫ ସ୍ୱଜପଥରେ ହଠାତ ହତ ହୋଇଗଲେଣି । ଡବଲିନର ପୁଲିସ ସୈନ୍ୟ ସଂଖ୍ୟା ବୃଦ୍ଧି ହୋଇଅଛି ଏବଂ ସମସ୍ତଙ୍କ ହାତରେ ଗୋଟାଏ ଗୋଟାଏ ପିସ୍ତଲ ଦିଆ ଯାଇଅଛି ।

ସମ୍ପ୍ରତି ମହମ୍ମଦ ଭାରତବର୍ଷର ମଧ୍ୟପ୍ରଦେଶର ଦେଶୀୟ ସିବିଲସର୍ଭିସ ଶିକ୍ଷାନବିଶୀ ପଦରେ ନିଯୁକ୍ତ ହୋଇ ଅଛନ୍ତି । ସେ ଏଲ୍,ଏ ପାସ କରି ଅଛନ୍ତି, ବୟସ ୨୫ବର୍ଷ । ଏତେଦିନ ସେ ଏକଷ୍ଟ୍ରା ଏସିଷ୍ଟାଣ୍ଟ କାର୍ଯ୍ୟରେ ନିଯୁକ୍ତ ଥିଲେ ।

ପ୍ରଶାନ୍ତ ମହାସାଗରସ୍ଥ ନ୍ୟୁଗିନି ଦ୍ୱୀପରେ ଏକପ୍ରକାର କରସର ଅଛି । ତାହାର ଓହଳ ଓହଳ ନାହିଁ ଉଡ଼ିଲୁ ପାଏ ନାହିଁ । ମାଟି ନିକଟରେ ଥାଇ ଯାହା ପାଏ ଗୋଟାଳ ଧରି ପାତ୍ରେ ଗୁଡ଼ାଇ ହୋଇଯାଏ । ପ୍ରସ୍ତୁତ ଯାହା ବଳି ଏହାହାର ଅଙ୍କାନ୍ତ ତୁଏ ତାହା ଶୂନ୍ୟରେ ଝୁଲୁଥାଏ ।

ଫରାସୀମାନେ ସାତ ବେଙ୍ଗରେ ପରିତୃପ୍ତ ନ ହୋଇ ଏଣିକି ଉଅଶାଳ ଖାଇବାକୁ ଆରମ୍ଭ କଲେଣି । ଏଥର କୋବର ପାତ ।

ବୋହ୍ମିୟାରେ ୨୨୦୦ହାତ ଗଭୀରର ଗୋଟିଏ କୂପ ଉ ଖଣି ଅଛି । ଯେଉଁମାନେ ଏହି ଖଣିରେ କାର୍ଯ୍ୟ କରନ୍ତି ବୋଧହୁଏ ସମସ୍ତ ସମୟରେ ଜଗନ୍ନାଥଙ୍କ ସହିତ ସେମାନଙ୍କର ସାକ୍ଷାତ ହୁଏ ।

ଶ୍ରୀଯୁକ୍ତ ବାବୁ ହରବଂଶ ସହାୟ ବଙ୍ଗଳା ବ୍ୟବସ୍ଥାପକ ସଭ୍ୟପଦର ମନୋନୀତ ହୋଇ ଅଛନ୍ତି । ସେ ଗୟାରେ ଓକାଲତି କରନ୍ତି ଏବଂ ତାଙ୍କର ଜମିଦାରୀ ମଧ୍ୟ ଅଛି । ସେ ବେହାରର ଜମିଦାର ସଭାର ଜଣେ ସଭ୍ୟ । ତାଙ୍କର ତତ୍ତ୍ୱ ବୁଦ୍ଧି ପାଣ୍ଡିତ୍ୟ ମଧ୍ୟ ପ୍ରଶଂସନୀୟ । ଭରସା କରୁଁ ବ୍ୟବସ୍ଥାପକସଭାର ଆସନରେ ଆସୀନ ହୋଇ ସେ ଜମିଦାର ଓ ପ୍ରଜାଙ୍କୁ ସମାନ ଚକ୍ଷୁରେ ଦେଖିବେ ।

## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହୋଦୟ ସନ୍ନିଧାନେଷୁ ।

ମହାଶୟ !

ଏହି ଅସୁରେଶ୍ୱର ପରଗଣାର ଅନ୍ତର୍ଗତ ବୋଇଲୋ ମୌଜାମରେ ଆଜକୁ ପ୍ରାୟ ୧୨ ବର୍ଷ ହେଲା ଗୋଟିଏ ଭର୍ଣ୍ଣାକୁଲର ସ୍କୁଲ ଶ୍ରୀଯୁକ୍ତ ଗବର୍ଣ୍ଣମେଣ୍ଟ ମହୋଦୟଙ୍କଦ୍ୱାରା ସଂସ୍ଥାପିତ ହୋଇଅଛି, କିନ୍ତୁ ଅତ୍ୟନ୍ତ ଦୁଃଖର ବିଷୟ ଏହି ଯେ ସ୍ଥାନୀୟ ବ୍ୟକ୍ତିମାନଙ୍କର ନିରୁତ୍ସାହତାରୁ ଉକ୍ତ ସ୍କୁଲର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିଲା, ଏପରି କି ଛାତ୍ରସଂଖ୍ୟା ୨୪ ଟି ମାତ୍ର ଥିଲା ଏବଂ ସ୍କୁଲର ତତ୍ତ୍ୱାବଧାରକମାନେ ଏହାକୁ ସ୍ଥାନାନ୍ତରିତ କରିବାର ଚେଷ୍ଟା କରିଥିଲେ; ଯାହା ହେଉ ସ୍କୁଲର ହେଡ଼ପଣ୍ଡିତ ଓ ସ୍କୁଲ ସବ୍‌ଇନ୍‌ସ୍‌ପେକ୍ଟର ବାବୁ ଚନ୍ଦ୍ରନାଥ ପାଲିତ ମହାଶୟଙ୍କ ଯତ୍ନରୁ ଗତ ଜୁଲାଇ ମାସଠାରୁ ଗୋଟିଏ ଇଂରାଜୀ କ୍ଲାସ ସ୍ଥାପିତ ହେବାରେ ବର୍ତ୍ତମାନ ଛାତ୍ରସଂଖ୍ୟା ଜ ୭୪ ଜଣ ହୋଇଅଛି ଓ କ୍ରମେ କ୍ରମେ ଉନ୍ନତ ହେବାର ବିଶେଷ ଆଶା ଦେଖା ଯାଉଅଛି; ଏ ବଡ଼ ସୁଖର ବିଷୟ ଅଟେ ।

ପରନ୍ତୁ ସ୍ଥାନୀୟ ଭଦ୍ର ବ୍ୟକ୍ତିମାନେ ଉକ୍ତ ଇଂରାଜୀ କ୍ଲାସକୁ ଚିରସ୍ଥାୟୀ କରିବା ମାନସରେ ସଦୁପାୟମାନ ନିର୍ଦ୍ଧାରଣ କରିବା କାରଣ ନିମ୍ନଲିଖିତ ଅନୁସାରେ ଗୋଟିଏ କମିଟି ସ୍ଥାପନ କରିଅଛନ୍ତି । ଯଥା;—

ସଭାପତି ।

ଶ୍ରୀଯୁକ୍ତ ବାବୁ ପାର୍ବତୀଚରଣ ଚକ୍ରବର୍ତ୍ତୀ ବସ୍ତପୁର
କଚେରୀର ନାଏବ

ସେକ୍ରେଟେରୀ ।

ଶ୍ରୀଯୁକ୍ତ ବାବୁ କେଦାରନାଥ ଗଙ୍ଗୋପାଧ୍ୟାୟ
ବାମନପୁର କଚେରୀର ନାଏବ

ସଭ୍ୟ ଶ୍ରୀଯୁକ୍ତ ବାବୁ ପ୍ରାଣକୃଷ୍ଣ ମୁଖୋପାଧ୍ୟାୟ
” ” କାଶୀବଦନ ଘୋଷ
” ” ଗୌରୀଶଙ୍କର ରାୟ
” ” ଦିବାକର ଦାସ
” ” ଦ୍ୱାରକାନାଥ ରାୟ
” ” ଗୋବିନ୍ଦଚନ୍ଦ୍ର କାନୁନଗୋଇ
” ” ହୃଷିକେଶ ମହାନ୍ତି
” ” ବୈଦ୍ୟନାଥ ଦାସ
” ” ବିଦ୍ୟାଧର ପଟ୍ଟନାୟକ ।

ପରନ୍ତୁ ବଡ଼ ଆନନ୍ଦର ବିଷୟ ଯେ ନିମ୍ନଲିଖିତ ଭଦ୍ର ବ୍ୟକ୍ତିମାନେ ଉକ୍ତ ସ୍କୁଲ ନିମନ୍ତେ ମାସିକ କିଛି କିଛି ଚନ୍ଦାଦ୍ୱାରା ସାହାଯ୍ୟ ପ୍ରଦାନ କରୁଅଛନ୍ତି, ଅତଏବ ସେମାନଙ୍କୁ ଧନ୍ୟବାଦ ଦେଉଅଛୁଁ ଏବଂ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛୁଁ ଯେ ପରମେଶ୍ୱର ସେମାନଙ୍କ ସୁବୁଦ୍ଧି ଦେଇ ପରମ ମଙ୍ଗଳ ସାଧନ କରନ୍ତୁ ।

ତାଲିକା ।

| | |
|---|---|
| ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ | ଟ୧୮ |
| ” ଗୌରଚରଣ ଘୋଷ | ଟ୦୫ |
| ” ହରମୋହନ ରାୟ | ଟ୦୫ |
| ” ଗୌରମୋହନ ରାୟ | ଟ୦୫ |
| ” ଦିବାକର ଦାସ | ଟ୦୫ |
| ” ଭଗବାନ୍ ସିଂହ | ଟ୦୫ |
| ” ପାର୍ବତୀଚରଣ ଚକ୍ରବର୍ତ୍ତୀ | ଟ୦୫ |
| ” ବିଦ୍ୟାଧର ବେହେରା | ଟ୦୫ |
| ” ଜାନକୀରାମ ସିଂହ | ଟ୦। |
| ” ଲକ୍ଷ୍ମୀଧର ମହାନ୍ତି | ଟ୦। |
| ” ପଙ୍କଜଚରଣ ମହାନ୍ତି | ଟ୦। |
| ” ରାମଗୋବିନ୍ଦ ଘୋଷାଲ୍ | ଟ୦। |
| ” ଚକ୍ରଧର ରଥ | ଟ୦। |
| ” ରାଧାବଲ୍ଲଭ ବନ୍ଦ୍ୟୋପାଧ୍ୟାୟ | ଟ୦। |
| ” କେଦାରନାଥ ଗଙ୍ଗୋପାଧ୍ୟାୟ | ଟ୦। |
| ” ଗୋବିନ୍ଦଚନ୍ଦ୍ର କାନୁନଗୋଇ | ଟ୦। |
| ” ଶ୍ୟାମ ବେହେରା | ଟ୦। |
| ” ହୃଷିକେଶ ମହାନ୍ତି | ଟ୦୵ |
| ” ବ୍ରଜାନନ୍ଦ ମହାନ୍ତି | ଟ୦୵ |
| ” ବାଞ୍ଛାନିଧି ପଟ୍ଟନାୟକ | ଟ୦୵ |
| ” ବୈଦ୍ୟନାଥ ଦାସ | ଟ୦୵ |
| ” ସାଧୁଚରଣ ବନ୍ଦ୍ୟୋପାଧ୍ୟାୟ | ଟ୦୵ |
| ମୋଟ | ଟ୭।୵ |

ଦର୍ଶକ ଶ୍ରୀ ପାନନାଥ ଘୋଷ

Split by PDF Splitter

Digitized by srujanika@gmail.com

Split by PDF Splitter



ମହାଶୟ !

ଅସ୍ମମାନଙ୍କର କ୍ଷେତ ନୋକସାନ ହୋଇଥିବାରୁ ଆମ୍ଭେ ସମସ୍ତ ପ୍ରଜା ଓ ସରବରାକାର ଏଠା ଭାରପ୍ରାପ୍ତ ଶ୍ରୀଯୁକ୍ତ ଗଡ୍‌ଫ୍ରେ ମହୋଦୟଙ୍କ ନିକଟରେ ଦରଖାସ୍ତ କରିବାରୁ ଉକ୍ତ ମହୋଦୟ ନବମ୍ବର ମାସ ତା ୨୨ ରଖ ପ୍ରାତଃକାଳେ ଓରଡ଼ ମଉଜ ଓ ପାଇଓରଡ଼ ମଉଜ ଓ ଓ ସିଙ୍ଗରମା ଇତ୍ୟାଦି ମଉଜାମାନଙ୍କରୁ ବାର ପଣ ଓ ତଉଦ ପଣ ନୋକସାନୀ କଟୋଡ଼ି କରିଦେଇଗଲେ । ତାଙ୍କର ବର୍ତ୍ତର ଅତି ଉତ୍ତମ । କେଉଁଠାରେ ପୁଷ୍କରଣୀ ଖୋଳାଉଅଛନ୍ତି କେଉଁଠାରେ ବନ୍ଧ ପକାଉଅଛନ୍ତି । ଅମ୍ଭେ ସମସ୍ତ ପ୍ରଜା ଓ ସରବରାକାର ଆନ୍ତରିକ ଭକ୍ତି ସହିତ ଜଗଦୀଶ୍ୱରଙ୍କଠାରେ ଶତ୍ ୨ ଧନ୍ୟବାଦ କରୁଅଛୁଁ ଯେ ଉକ୍ତ ମହାଶୟ ଦୀର୍ଘଜୀବୀ ହୋଇ ଅମ୍ଭ ଏଠାର ଶାସନ ଓ ବର୍ତ୍ତର କାର୍ଯ୍ୟର ଭାର ଗ୍ରହଣ କରିଥାଉନ୍ତୁ ।

ଭବଦୀୟ ବଶମ୍ବଦ

ଶ୍ରୀ ଶ୍ୟାମସୁନ୍ଦର ମଙ୍ଗରାଜ
ଓରଡ଼ ବଳଦେବଦେଶ
ସରବରାକାର

---

ମହାଶୟ !

ଗତକାଲି ଜଣେ ପ୍ରତିବାସୀ ଆସି ଅମ୍ଭଙ୍କୁ କହିଲେ କି ମିଉନିସିପାଲ ଟାକ୍ସ ଆଦାୟକାରୀ ଜଣେ ପିଅଦା ତାହାଙ୍କୁ ଧମକ୍ ଦେଇ କହେ ଯେ "ତୁମ୍ଭେମାନେ ଯେଉଁ ଦରଖାସ୍ତ କରିଅଛ, ତାହା କାହା ହୁକୁମରେ କରିଥିଲ ? ସରକାରରୁ କି କୌଣସି ହୁକୁମ ପାଇଅଛ ? ତୁମ୍ଭେମାନେ ଜାଣନା ଯେ ତୁମ୍ଭମାନଙ୍କର ଟାକ୍ସ ବୃଦ୍ଧି ହୋଇପାରେ ? ଯାହାହେଉ ତୁମ୍ଭେମାନେ ମାଜିଷ୍ଟ୍ରେଟସାହେବଙ୍କ ନିକଟକୁ ଯାଅ ।" ଏଥିରେ ପ୍ରତିବାସୀ ପିଅଦାକୁ ପଚାରିଲେ "କି ଦରଖାସ୍ତ ?" ପିଅଦା କହିଲା "କି ଜାଣନା ? ଏଇ ଯେ ମାଜିଷ୍ଟ୍ରେଟ ସାହେବଙ୍କ ହସ୍ତରୁ ମିଉନିସିପାଲଟିର ଭାର ନେଇ ତୁମ୍ଭମାନଙ୍କ ନିଜ ହସ୍ତରେ ରଖିବା ବିଷୟକ ଦରଖାସ୍ତ ।"

ଏହା ନିତାନ୍ତ ରହସ୍ୟଜନକ ବ୍ୟାପାର । କିନ୍ତୁ ନଗରର ଅନ୍ୟତ୍ରରେ ଏହିପରି ରହସ୍ୟଲହରୀ ତରଙ୍ଗାୟିତ ହେଲେ ଅମୂର ଜଣ୍ଣାୟ ପ୍ରତୀତ ହୁଏ ଯେ ନିର୍ବାଚନପ୍ରଣାଳୀର ପ୍ରବର୍ତ୍ତନା ସମ୍ବନ୍ଧେ ଉତ୍କଳସଭାର ଯାବତୀୟ ଉଦ୍ୟୋଗ ଫଳୀଭୂତ ହେବ । ଏ ବିଷୟରେ ଉତ୍କଳ ସଭାର ସତର୍କ ହେବା ଉଚିତ । ଇତି ।

୭।୧୨।୮୨ } ବଶମ୍ବଦ
କଟକ } କସ୍ୟଚିତ୍‌ନଗରବାସିନଃ

# ବିଜ୍ଞାପନ ।

---

ଉତ୍କଳ ନୂତନପଞ୍ଜିକା ।

ସନ ୧୨୯୦।୯୧ ସାଲର ଉତ୍କଳପଞ୍ଜିକା ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି । ମୂଲ୍ୟ ପ୍ରତିଖଣ୍ଡ ଟ ୦ ୫ ମୋଫସଲ ଗ୍ରାହକଙ୍କ ନିମିତ୍ତ ଡାକ ମାସୁଲ ଟ ୦ / ଅଧିକା ପଡ଼ିବ ।

ଏଥର ପଞ୍ଜିକାରେ ଏହି ନଗର ନିବାସୀ ପାଣସାହୁର ଖୋଦିତ ଖଣ୍ଡିଏ ରଥଯାତ୍ରାର ଛବି ଦିଆ ଯାଇଅଛି ।

୧।୧୨।୮୨ } ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ
କଟକ ପ୍ରିଣ୍ଟିଂକମ୍ପାନୀ

---

## NOTICE.

For sale, the accomodation Boat "Empress of India"

Offers are invited to be addressed to the chairman, Road Cess Committee. Should no sufficient offer be made, the Boat with all stores &c. will be sold by auction to the highest bidder at the District Engineer's office at Noon on the 2nd January 1883.

Tracings of the Boat and list of stores will be circulated in Balasore and Cuttack or can be seen on applying to the District Engineer's Clerk at the Road Cess Office.

The Boat is moored in the Mahanaddy and can be inspected by intending purchasers.

Cuttack } *Sd.* R. H. PAWSEY
1—12—82. } *Collector and Chairman*
*Road Cess Committee*
CUTTACK.

---

## COURSE FOR MIDDLE ENGLISH SCHOOLS.

The Minor Scholarship Course includes all the subjects embraced by the middle Vernacular Scholarship Course, English being the only additional subject.

The undermentioned Books are prescribed for the 1st 5 classes.

English Literature.

1st Class—Royal Reader IV. (Omitting the poetical pieces) and selected letters from Beeton's Letter-writer.

2nd „ Royal Reader III. } Letters from 1 to 26
3rd „ „ „ II. } „ „ 88 to 97
„ „ 98 to 123
4th „ „ „ I. and Study of House-hold words by D. N. Dass.
5th „ Sircar's 1st Book of Reading and Study of House hold words by D. N. Dass.

English Grammar.

1st Class Lennie's Grammar (new edition) to the end of Syntax
2nd „ „ „ do of Etymology.
3rd „ Hariprasad's or Udoynath's grammar explained in Oriya.

Analysis.

1st Class Lennie's Grammar (new eddition) Appendix.

---

ସନ ୧୮୮୩ ମସୀହା ।

ମଧ୍ୟମଶ୍ରେଣୀ ସ୍କୁଲମାନଙ୍କ ନିମନ୍ତେ ନିର୍ଦ୍ଧାରିତ ପାଠ୍ୟ ପୁସ୍ତକ ।

ଗଦ୍ୟ

୧ମ ଶ୍ରେଣୀ—ପ୍ରବନ୍ଧମାଳା ।
୨ୟ ଶ୍ରେଣୀ— „ (ପ୍ରଥମାର୍ଦ୍ଧ) ବା ଚାରୁପାଠ ୨ୟ ଭାଗ ।
୩ୟ „ —ଚାରୁପାଠ ୧ମ ଭାଗ ବା ବସ୍ତୁବିଚାର
୪ର୍ଥ „ — ଆଖ୍ୟାନମଞ୍ଜରୀ ବା ନୀତିବୋଧ ।
୫ମ „ — ହିତବୋଧ, ବୋଧୋଦୟ, ବୋଧଦୟ, ନୀତିପାଠ, ନୀତିମଞ୍ଜରୀ ବା ଉପଦେଶକୌମୁଦୀ ଓ ସରଳପାଠ
୬ଷ୍ଠ „ — ବର୍ଣ୍ଣବୋଧକ, ବର୍ଣ୍ଣବିଜ୍ଞାନ, ବର୍ଣ୍ଣପରିଚୟ, ପ୍ରଥମଶିକ୍ଷା ବା ବାଲ୍ୟଶିକ୍ଷା

ପଦ୍ୟ ।

୧ମ ଶ୍ରେଣୀ—କବିତାବଳୀ
୨ୟ „ — „ (ପ୍ରଥମାର୍ଦ୍ଧ) ; ଭ୍ରମହଞ୍ଚନ ବା ଫକୀରମୋହନଙ୍କ ଅଯୋଧ୍ୟାକାଣ୍ଡ (ପ୍ରଥମାର୍ଦ୍ଧ)
୩ୟ „ —କବିତାକଲାପ, କାବ୍ୟକୁସୁମ ବା ପଦ୍ୟପାଠ ପ୍ରଥମଭାଗ ।
୪ର୍ଥ „ —ପଦ୍ୟମାଳୀ, ନୀତିପଦ୍ୟ, ସରଳକବିତା ବା ନୀତିରହାର ।

ବ୍ୟାକରଣ ।

୧ମ ଶ୍ରେଣୀ—ସର୍ବସାର ବ୍ୟାକରଣ ପ୍ରଥମ ଓ ଦ୍ୱିତୀୟ ଭାଗ ।
୨ୟ „ —ସର୍ବସାରବ୍ୟାକରଣ ।
୩ୟ „ — ଲେସି ବ୍ୟାକରଣ ।
୪ର୍ଥ „ — ଭାଷାବ୍ୟାକରଣ ବା ବ୍ୟାକରଣମଞ୍ଜରୀ ।

Digitized by srujanika@gmail.com

ସବୁ ଶ୍ରେଣୀରେ ସାହିତ୍ୟ ଆଦର୍ଶପ୍ରଶ୍ନାବଳୀ ଓ ଉକ୍ତିରଚନାରୁ ଅନୁଶୀଳନୀ ହେବ ।

ଇତିହାସ ।

୧ମ ଶ୍ରେଣୀ — ହରିଶ୍ଚନ୍ଦ୍ରଙ୍କ ଭାରତବର୍ଷ ଇତିହାସ ସମ୍ପୂର୍ଣ୍ଣ ।

୨ୟ „ — „ ମୋଗଲଶାସନ ଶେଷ

୩ୟ „ — „ ମୁସଲମାନ ଶାସନ ଶେଷ

ପ୍ରଥମ ୩ ଶ୍ରେଣୀରେ ଇତିହାସର ଆଦର୍ଶପ୍ରଶ୍ନାବଳୀ ମତେ ଅନୁଶୀଳନୀ ହେବ ।

ଭୂଗୋଳ ।

୧ମ ଶ୍ରେଣୀ—ବ୍ୟବହାରିକ ଭୂଗୋଳ ବା ଭୂଗୋଳତତ୍ତ୍ୱ (ମଧ୍ୟପ୍ରଦେଶର ବାହୁଲ୍ୟ ବିବରଣ ଛଡ଼ା)

୨ୟ — ଏଜନ

୩ୟ — ହ୍ୱାନବାବୁଙ୍କ ସରଳଭୂଗୋଳ, ଶ୍ରୀମ-ଚରଣଙ୍କ ଭୂଗୋଳ ସାରସଂଗ୍ରହ, କୁମାର ବୈକୁଣ୍ଠନାଥ ବା ଗୋବିନ୍ଦରଥଙ୍କ ଭୂଗୋଳସାର ଏବଂ ହ୍ୱାଇବରାଙ୍କ ନୂତନ ସଂସ୍କରଣ ଓଡ଼ିଶା ଭୂଗୋଳ ।

୪ର୍ଥ ଶ୍ରେଣୀ —କୁମାର ବୈକୁଣ୍ଠନାଥଙ୍କ ଭୂଗୋଳସାର ଏବଂ ହ୍ୱାଇବରୁଙ୍କ ଓଡ଼ିଶା ଭୂଗୋଳ (ନୂତନ ସଂସ୍କରଣ ।)

ପ୍ରାକୃତିକ ଭୂଗୋଳ ।

୧ମ ଶ୍ରେଣୀ — ଗୌରୀଶଙ୍କରଙ୍କ ପ୍ରାକୃତିକ ଭୂଗୋଳ ।

ସାଧାରଣ ଏବଂ ପ୍ରାକୃତିକ ଭୂଗୋଳ ଆଦର୍ଶପ୍ରଶ୍ନାବଳୀ ନିୟମାନୁଯାୟୀ ଅନୁଶୀଳନୀ ଓ ମାନଚିତ୍ରାଙ୍କନ ହେବ ।

ଗଣିତ ।

୧ମ ଶ୍ରେଣୀ —ଅମିଶ୍ର, ମିଶ୍ର ଯୋଗ, ବିୟୋଗ, ଗୁଣନ, ହରଣ, ସାଙ୍କେତିକ, ତ୍ରୈରାଶିକ, ବହୁରାଶିକ, ସାମାନ୍ୟ ଓ ଦଶମିକ ଭଗ୍ନାଂଶ, କୁସିଦ ବ୍ୟବହାର, ବର୍ଗମୂଳ, ଅବଧାନ ପତ୍ରିକାରେ ଥିବା ନିୟମାନୁଯାୟୀ ନଳ ଓ ଚଉଁଣ ।

୨ୟ ଶ୍ରେଣୀ—ଅମିଶ୍ର ମିଶ୍ର ଯୋଗ ବିୟୋଗ ଗୁଣନ, ହରଣ, ସାଙ୍କେତିକ, ତ୍ରୈରାଶିକ, ବହୁରାଶିକ, ସାମାନ୍ୟ ଓ ଦଶମିକ ଭଗ୍ନାଂଶ, ନଳ ଓ ଚଉଁଣ ।

୩ୟ „ —ଅମିଶ୍ର ମିଶ୍ର ଯୋଗ, ବିୟୋଗ, ଗୁଣନ ହରଣ, ସାଙ୍କେତିକ, ତ୍ରୈରାଶିକ ।

୪ର୍ଥ „ — ଅମିଶ୍ର ମିଶ୍ର ଯୋଗ, ବିୟୋଗ, ଗୁଣନ, ହରଣ ସାଙ୍କେତିକ ।

୫ମ „ — ଅମିଶ୍ର ମିଶ୍ର ଯୋଗ ବିୟୋଗ, ଗୁଣନ, ହରଣଶେଷ ।

୬ଷ୍ଠ „ —ଅମିଶ୍ର ଯୋଗ, ବିୟୋଗ, ଗୁଣନ, ହରଣ, ଶୋଧ ପଣିକିଆ, କଡ଼ା ପଣିକିଆ ।

ଆଦର୍ଶପ୍ରଶ୍ନାବଳୀ ନିୟମାନୁସାରେ ସବୁ ଶ୍ରେଣୀରେ ମୌଖିକ ଅଙ୍କଶିକ୍ଷାର ଅନୁଶୀଳନୀ ହେବ

କ୍ଷେତ୍ରତତ୍ତ୍ୱ ।

୧ମ ଶ୍ରେଣୀ—ପ୍ରଥମାଧ୍ୟାୟ ସରଳାଇଉକ୍ଲିଡ ସମ୍ପୂର୍ଣ୍ଣ ।

୨ୟ „ —ଏଜନ ପ୍ରଥମ ୨୬ ପ୍ରତିଜ୍ଞା ପର୍ଯ୍ୟନ୍ତ ଉଭୟ ଶ୍ରେଣୀରେ କୁମାର ବୈକୁଣ୍ଠନାଥ ଓ ଚତୁର୍ଭୁଜ ପଟ୍ଟନାୟକଙ୍କ ଆଦର୍ଶପ୍ରଶ୍ନାବଳୀ ଅନୁଶୀଳନୀ ହେବ

କ୍ଷେତ୍ରପରିମାଣ ।

୧ମ ଶ୍ରେଣୀ — ହ୍ୱାଇବାବୁଙ୍କ କ୍ଷେତ୍ରପରିମାଣ କ୍ଷେତ୍ରାଙ୍କନଠାରୁ ସ୍କେଲ ପର୍ଯ୍ୟନ୍ତ ଓ ଭୂମି ଜରିପ ସକାଶ ସରଳ କ୍ଷେତ୍ରଫଳ ନିରୂପଣ ।

ସ୍ୱାସ୍ଥ୍ୟରକ୍ଷା ।

୧ମ ଶ୍ରେଣୀ—ଉମାପ୍ରସାଦଙ୍କ ସ୍ୱାସ୍ଥ୍ୟରକ୍ଷା ।

୨ୟ — ଏଜନ

ବିଜ୍ଞାନ ।

ନିମ୍ନଲିଖିତ ବିଷୟରୁ ଯେ କୌଣସି ଗୋଟିକ ।

୧ମ ଶ୍ରେଣୀ—ହ୍ୱାଇବାବୁଙ୍କ ଜଡ଼ବିଜ୍ଞାନ ।

୨ୟ „ —ଷ୍ଟୁଆର୍ଟ ସାହେବଙ୍କ ପଦାର୍ଥବିଜ୍ଞାନ ରସାୟନ ।

୧ମ ଶ୍ରେଣୀ—ଭୁବନେଶ୍ୱରଙ୍କ ସରଳରସାୟନ ଉଦ୍ଭିଦବିଦ୍ୟା ।

ଓଡ଼ିଆ ଭାଷାରେ ଅଦ୍ୟାବଧି ଏବିଷୟର କୌଣସି ପୁସ୍ତକ ହୋଇ ନାହିଁ ।

CUTTACK, 21st November 82. } (Sd.) RADHANATH RAI, Jt. Inspector of Schools ORISSA.

ମାଇନର ଛାତ୍ରବୃତ୍ତି ଏବଂ ମଧ୍ୟମଶ୍ରେଣୀର ସ୍କୁଲମାନଙ୍କ ନିମନ୍ତେ ନିର୍ଦ୍ଧାରିତ ଉପରଲିଖିତ ପୁସ୍ତକ ଏବଂ ଅନ୍ୟାନ୍ୟ ପୁସ୍ତକମାନ କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଲୟସ୍ଥ ପୁସ୍ତକାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ମୂଲ୍ୟ ସହିତ ପୁସ୍ତକର ତାଲିକା ଏବଂ ନିୟମାବଳୀ ଗ୍ରାହକମାନଙ୍କୁ ବିନା ମୂଲ୍ୟରେ ବିତରିତ ହେଉଅଛି ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟେରୀ ।

ଅଦ୍ୟଠାରୁ ଅମର ଉତ୍କଳଦୀପିକା ସମ୍ବାଦପତ୍ରବାହିକାରଣ ୧ମଭାଗ ୪ ୦ ।୶ ଏବଂ ୨ୟଭାଗ ୪ ୦ ।୶ ଆଉ ଇତିହାସର ସମ୍ବଳିତ ବହି ୫ ୧୯ ଙ୍କା ମୂଲ୍ୟରେ ବିକ୍ରୟ ହେବ ।

୧୦।୧୧।୮୨ ଶ୍ରୀ ରମାବଲ୍ଲଭ ... ସମ୍ବାଦବାହିକାରଣ କର୍ତ୍ତା ଓ ସଂଶୋଧନକାରୀ ।

ପଶ୍ୱାଙ୍କୁଶରଣ ରସ ।

ଏ ବଟିକାଦ୍ୱାରା ବାତରୋଗ, ଉପଦଂଶ ଅର୍ଥାତ୍ ଗରମି ଓ ପାରଦଦୋଷଜନିତ ଅସ୍ୱସ୍ଥ ଦୂର ହୁଏ । ମା ୨ ଶାକୁ ୫ ୧୯ ଙ୍କା

କୁମୁଦାକର ବଟିକା ।

ଏଥିରେ ସ୍ତ୍ରୀମାନଙ୍କର ପ୍ରଦର ଓ ରକ୍ତମେହ ନଷ୍ଟ ହୋଇଥାଏ । ମା ୨ ଶାକୁ ୫ ୧୯ ଙ୍କା ।

ନୃପବଲ୍ଲଭ ବଟିକା ।

ଅନୁପାନ ବିଶେଷରେ ସେବନ କଲେ ଅଠ ପ୍ରକାର ଜ୍ୱର ଭଲ ହୁଏ । ୧୬ ମାତ୍ରାକୁ ୫ ୧୯ ଙ୍କା ।

ମୀନକେତନ ବଟିକା ।

ଅତ୍ୟୁତ୍କୃଷ୍ଟ ଧାତୁବୃଦ୍ଧିକର ପୁଂସତ୍ୱ ଔଷଧ । ଅନୁପାନବିଶେଷରେ ବାୟୁରୋଗ ଶାନ୍ତ ହୁଏ । ୪ ମାତ୍ରାକୁ ୫ ୧ ଙ୍କା

କନ୍ଦର୍ପଚନ୍ଦ୍ରୋଦୟ ବଟିକା ।

ଏ ବଟିକାଦ୍ୱାରା ଧ୍ୱଜଭଙ୍ଗ ଆଦି ଦଶ ବର୍ଷର ନ୍ୟୁନ ପୁଂସତ୍ୱହାନି ରୋଗ ଭଲ ହୁଏ । ୪ ମାତ୍ରାକୁ ୫ ୧୯ ଙ୍କା ।

ଏ ସବୁ ଅଳ ମେହ ପ୍ରସ୍ତୁତ ରୋଗର ଉତ୍କୃଷ୍ଟ ଔଷଧମାନ ଆମ୍ଭ ନିକଟରେ ପ୍ରାପ୍ତବ୍ୟ । ଗ୍ରାହକମାନେ ଔଷଧ ଗ୍ରହଣ ସମୟରେ ସେବନ ବିଧିମାନ ଜାଣିପାରିବେ ।

୧।୭।୮୨
କାଜିବଜାର
କଟକ } ଶ୍ରୀ ରମଚନ୍ଦ୍ର ବୈଦ୍ୟ ପ୍ରକାଶକ ।

# ଓଡ଼ିଆ ନାଟକ ।

## କାଞ୍ଚୀ କାବେରୀ

ବା

ପ ଦ୍ମା ବ ତୀ ।

☞ କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ୫ ୦ ୵ ଅଠଅଣା ମାତ୍ର । ମଫସଲକୁ ଡାକମାସୁଲ ୫ ୦ ୵ ।

ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ । ଭାରତର ପ୍ରଧାନ ପ୍ରଧାନ ଇଉରୋପୀୟ ଓ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଏ । କଲିକତା ବୋଟାନିକଲ ଗାର୍ଡ଼ନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ନିମ୍ନଲିଖିତ ଦରରେ ମିଳିପାରିବ ଯଥା;—

ଡାକମାସୁଲ ସହିତ ୪ଆଉନ୍‌ସକୁ ୫ ୨ ଙ୍କା । ୮ ଆଉନ୍‌ସକୁ ୫ ୧୯ ଙ୍କା । ୧୬ ଆଉନ୍‌ସକୁ ୫ ୨ ୦ ୵ ମୂଲ୍ୟ ଲାଗିବ ।

ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ଶ୍ରୀ ଶ୍ରୀ ରାଜା ବଳଭଦ୍ର ଦେଓ | ... | ରଙ୍ଗାସ୍ଥ | ୫ ୩ ୦ ୧ |
| ବାବୁ ରାଧାମାଧବ ମିଶ୍ର | ମୁକଦା | „ | ୫ ୭ |
| „ ହରେକୃଷ୍ଣ ମିଶ୍ର | କଟକ | „ | ୫ ୧ ୧ |
| „ ଗଣେଶପ୍ରସାଦ ସିଂହ | „ | „ | ୫ ୨ ୧ |
| „ କୃଷ୍ଣବଲ୍ଲଭ ଘୋଷ | „ | „ | ୫ ୨ ୧ |
| „ ପଞ୍ଚାନନ ମହାନ୍ତି | „ | ଅଙ୍ଗୁଳ | ୫ ୨ ୶ |
| „ ଭଗୀରଥୀ ଷଡ଼ଙ୍ଗୀ | କଟକ | ବଙ୍ଗସ୍ଥ | ୫ ୨ ୧ |
| ଶ୍ରୀ ଶ୍ରୀ ହେମନ୍ତଦେବାନ | ମନ୍ତ୍ରୀ | ଅଭୁ ମ | ୫ ୪ ୩ |
| ସେକ୍ରେଟେରୀ ସବ-ରୁଲ ପାଇସାସେମ୍ବ୍ଲି | „ | | ୫ ୪ ୩ |
| ମୌଲବି ମହମ୍ମଦ ହୋସେନ | କଟକ | ବଙ୍ଗସ୍ଥ | ୫ ୨ ୧ |

☞ ମୂଲ୍ୟପତ୍ର ଦେଖ ।

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED NO

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭ ୧୭ ଗ
ସଂ ୪୯ ଖ୍ୟା

ତା ୧୭ ରିଖ ମାହେ ଡିସେମ୍ବର ସନ ୧୮୮୨ ମସିହା । ମୁ । ପୌଷ ଦ ୩ ନ ସନ ୧୨୯୦ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବକେୟା |
|---|---|---|
| ବାର୍ଷିକ | ଟ ୫ ୧ | ଟ ୬ ୧ |
| ଡାକମାସୁଲ | ଟ ୦ ୬ | ଟ ୧ ୧ |

ବିଲାତକୁ ଯାଇ ସାଇରେନ୍‌ସେଷ୍ଟରର କୃଷି ବିଦ୍ୟାଳୟରେ ଅଧ୍ୟୟନ କରିବା କାରଣ ଚଳିତ ବର୍ଷ ପ୍ରାୟ ଜ ୬୦ ଣ ଛାତ୍ର ପ୍ରାର୍ଥୀ ହୋଇଥିଲେ । ତହିଁ ମଧ୍ୟରୁ ଆମ୍ଭମାନଙ୍କର ଏଠା ରେଭେନସାକଲେଜର ଅଧ୍ୟାପକ ବାବୁ ଅତୁଳକୃଷ୍ଣ ରାୟ ବି,ଏ, ଏବଂ ପ୍ରେସିଡ଼େନ୍‌ସି କଲେଜର ଜଣେ ଛାତ୍ର ବାବୁ ଭୂପାଳଚନ୍ଦ୍ର ବୋଷ ବି, ଏ, ଏହି ଦୁଇ ଜଣ ମନୋନୀତ ହୋଇଅଛନ୍ତି । ଅତୁଳ ବାବୁ ଗତ ମଙ୍ଗଳବାର ଏ ନଗର ପରିତ୍ୟାଗ କରି କଲିକତାକୁ ଗମନ କଲେ ଏବଂ ସେଠାରୁ ବିଲାତକୁ ଯିବେ । ଏ ସମ୍ବାଦରେ ଆମ୍ଭେମାନେ ସୁଖୀ ଅଟୁଁ । ଗତ ବର୍ଷ ଏହିଠାରୁ ଗିରିଶ ବାବୁ ମନୋନୀତ ହୋଇ ଯାଇଥିଲେ । ରେଭେନସାକଲେଜର ଭାଗ୍ୟ ଫିଟିଅଛି ।

---

ବାଲେଶ୍ୱର ସଂବାଦବାହିକାରୁ ଅବଗତ ହେଲୁଁ ଯେ ସେଠା ରେଲବେ କମେଟୀର ସମ୍ପାଦକ କୁମାର ବୈକୁଣ୍ଠନାଥ ଉଡ଼ିଶା ରେଲବାଟ ସମ୍ବନ୍ଧରେ ଆଉ ଖଣ୍ଡିଏ ଛପା ଦରଖାସ୍ତ ସେ ଜିଲା ମାଜିଷ୍ଟ୍ରେଟଙ୍କଦ୍ୱାରା ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କୁ ପଠାଇ ଅଛନ୍ତି ଏବଂ ଏହି ରେଲବାଟ ଫିଟିଲେ କେତେ ଯାତ୍ରୀ ଇତ୍ୟାଦି ଏଥିରେ ଗତାୟାତ କରିବେ ତହିଁର ଏକ ତାଲିକା ଦେଇ ଅଛନ୍ତି । କୁମାର ମହାଶୟ ଆପଣା ବ୍ୟୟରେ ଫୁଲଣ୍ଟ ପାଟରେ ଜଣେ ମୋହରର ରଖି ଏକ ତାଲିକା ସଂଗ୍ରହ କରିଅଛନ୍ତି । ଆମ୍ଭେମାନେ ଉକ୍ତ ଦରଖାସ୍ତ କିମ୍ବା ତାଲିକା ଦେଖି ନ ଥିବାରୁ ସେ ବିଷୟରେ କିଛି କହି ନ ପାରୁଁ ଏବଂ ଯଦ୍ୟପି କି ଆମ୍ଭମାନଙ୍କର ସ୍ଥିର ବିଶ୍ୱାସ ଏହି କି ଏହି ରେଲବାଟଠାରୁ ଗଡ଼ଜାତ ରେଲବାଟ ଉଡ଼ିଶା ପକ୍ଷରେ ଅଧିକ ହିତକର ଏବଂ ସର୍ବାଗ୍ରେ ହେବାର ଉଚିତ ତଥାଚ ବୈକୁଣ୍ଠ ବାବୁଙ୍କର ଅଧ୍ୟବସାୟକୁ ଆମ୍ଭେମାନେ ଯଥୋଚିତ ପ୍ରଶଂସା କରୁ ଅଛୁଁ ଏବଂ ଯେବେ ଏହାଙ୍କ ଚେଷ୍ଟାରୁ ଉଡ଼ିଶାର ପୂର୍ବ ଓ ପଶ୍ଚିମ ଦୁଇଦିଗରେ ବିସ୍ତୃତ ରେଲବାଟ ହେବ ତେବେ ଆହୁରି ସୁଖର ବିଷୟ ହେବ ।

---

ନିର୍ବାଚନପ୍ରଣାଳୀ ପ୍ରଚଳିତ କରିବା ସମ୍ବନ୍ଧରେ ଏ ନଗରବାସିଙ୍କ ସ୍ୱାକ୍ଷର ଯୁକ୍ତ ଯେଉଁ ଦରଖାସ୍ତ ଉତ୍କଳସଭାଦ୍ୱାରା ଅର୍ପିତ ହୋଇଅଛି ତହିଁ ସମ୍ପର୍କରେ ମାଜିଷ୍ଟ୍ରେଟ ସାହେବଙ୍କ ଆଜ୍ଞା ଗତ ସପ୍ତାହରେ ପାଠକମାନଙ୍କୁ ଜଣାଇ ଥିଲୁଁ । ସନ୍ତକ ଟାକ୍ସ ନ ଥିବା କେତେକ ବ୍ୟକ୍ତି କଚେରୀକୁ ତଲବ ହେବାରୁ ତଗରପଡ଼ାର ଜ ୨୦ ଣ ଉପସ୍ଥିତ ହୋଇ ଟାକ୍ସ ଦ ସ୍ଥାନକୁ କହିଲେ ସେମାନେ ଟାକ୍ସ ମାଫ ହେବାର ବୁଝି ଦସ୍ତଖତ କରିଅଛନ୍ତି । ଏଥିମଧ୍ୟରୁ ଜ ୧୬ ଣ କିଛିକ୍ଷଣ କଚେରୀରେ ବସି ଚାଲି ଗଲେ । ବାକି ଜ ୫ ଣଙ୍କୁ ଦସ୍ତଖତ ତସଦିକ କରିବା କାରଣ ଡେଭିଡସନସାହେବ ଡେପୁଟୀମାଜିଷ୍ଟ୍ରେଟଙ୍କ ନିକଟକୁ ନେଇ ଯିବାରେ ତହିଁମଧ୍ୟରୁ ତି- ୩ ଜଣ ଆପେ ଦସ୍ତଖତ କରିବା କିମ୍ବା ଅବଧି ଦରଖାସ୍ତ କଥା କିଛି ଜାଣିବାର ଅସ୍ୱୀକାର କଲେ ଏବଂ ପଞ୍ଚମବ୍ୟକ୍ତି କହିଲା କି ସେ ଟାକ୍ସ ମାଫ ପାଇବା ସକାଶେ ଦସ୍ତଖତ କରିଅଛି ଏବଂ ତାହାର ଦସ୍ତଖତ କାଟିଡ଼ାଇ ନେବାକୁ ଇଚ୍ଛା ରଖେ । ତହିଁ ଆରଦିନ ଅର୍ଥାତ ଗତ କାଲି ଆହୁରି ୮।୯ ଜଣ ଦସ୍ତଖତ ଅସ୍ୱୀକାର କଲେ ଏମାନେ ସାହେବଙ୍କ ସମ୍ମୁଖରେ ନାମ ଦସ୍ତଖତ କଲେ ଅଥଚ ସ୍ୱାକ୍ଷର କାଗଜରେ ଜଣେ ଦାମ ମହାନ୍ତି ତାହାଙ୍କ ନାମ ଦସ୍ତଖତ କରିଥିବାର ପ୍ରକାଶ ଏବଂ ସେ ପୁଣି ଅସ୍ୱୀକୃତ ଅଛି । ଏ ସମସ୍ତ ଲୋକଙ୍କ ଦସ୍ତଖତ ଏଠା ଫଉଜଦାରୀ ମହାଫିସ ବାବୁ ହରମୋହନ ଦତ୍ତ ସଂଗ୍ରହ କରିଥିବାର ଜଣାଯାଏ ।

---

ବ୍ରହ୍ମ ଦେଶର ରାଜା ଥିବଙ୍କର ଅଳ୍ପଦିନ ହେଲା ଗୋଟିଏ କନ୍ୟା ଜାତ ହୋଇଅଛି । ଏତଦୁପଲକ୍ଷରେ ମଣ୍ଡାଲୟର ସମସ୍ତ କଏଦିମାନେ ମୁକ୍ତି ପ୍ରାପ୍ତ ହେଲେ । ଥିବଙ୍କର ପୁତ୍ର ପ୍ରାପ୍ତିର ସମ୍ଭାବ୍ୟ ଲାଳସା ଥିଲେ ମଧ୍ୟ ଅଦ୍ୟାବଧି କେବଳ କନ୍ୟାଏ ଜାତ ହେଉଅଛନ୍ତି ଏବଂ ଜ୍ୟୋତିଷମାନେ ଯାହା ଏଥର ପୁତ୍ର ଜନ୍ମ ହେବାର ଭବିଷ୍ୟତ କହିଥିଲେ ତାହା ବୃଥା ହେଲା । ଏଣିକି ଥିବ ଆଉ ଗୋଟିଏ ବିବାହ ହୋଇ ପାରନ୍ତି । ପୋଷ୍ୟପୁତ୍ର ସେ କରି ପାରିବେ ନାହିଁ କାରଣ ତାଙ୍କ ଉତ୍ତାରୁ ଯେତେ ଲୋକ

Digitized by srujanika@gmail.com

Split by PDF Splitter



ସିଂହାସନର ଉତ୍ତରାଧିକାରୀ ହୋଇ ପାରନ୍ତେ ସେ ସମସ୍ତଙ୍କୁ ଯତ୍ନ ପୂର୍ବକ ନିପାତ କରି ଅଛନ୍ତି ଏବଂ ଯେଉଁ ଅଳ୍ପ କେତେଜଣ ଜୀବିତ ଅଛନ୍ତି ଶୃଙ୍ଖଳବରୁ ବର୍ତ୍ତମାନ ସେମାନଙ୍କୁ ପୋଷ୍ୟପୁତ୍ର କରିବେ ନାହିଁ । ବ୍ରହ୍ମ ଦେଶରେ ରାଜପରିବାରରେ କାହାରିକ ବିବାହ ହେବାର କୌଣସି ପ୍ରତିବନ୍ଧକ ନାହିଁ । ରାଜା ଅନେକ ସମୟରେ ଆପଣା ପାରିବାରିକ ଶୋଣିତର ନିର୍ମଳତା (ଜାତିପଣ) ରକ୍ଷା କରିବା କାରଣ ବିମାତା ଗର୍ଭଜାତ ଭଗିନୀଙ୍କ ବିବାହ ହୁଅନ୍ତି । ପୁନ ଏବଂ ବିମାତା ଉଭୟେ ମଧ୍ୟ ଆପଣାର ମାତା, ସ୍ତ୍ରୀ ଏବଂ ଭଗିନୀଙ୍କି ବିବାହ ହେବାର ଚଳନ ଅଛି । କେବଳ ଖୁଡ଼ୀ, ନାତୁଣୀ ଓ ଆଇମାନେ ଛାଡ଼ ହୁଅନ୍ତି ଏବଂ ବହୁବିବାହ ସମ୍ପୂର୍ଣ୍ଣରୂପେ ଚଳେ ।—ବୌଦ୍ଧଗୁଡ଼ିକ ମନ୍ଦ ନୁହେ ! ପୁଣି ଏ ବଧିକ ଥିବ ଉପଯୁକ୍ତ ରଜା !

---

ସିଭିଲ ସରଭିସ ପରୀକ୍ଷାର୍ଥୀଙ୍କ ବୟସ ବ ୨୧ ର୍ଷଠାରୁ ବ ୧୯ ର୍ଷକୁ ଊଣା କରି ଦେବାରେ ଅସ୍ମଦେଶୀୟଙ୍କର ଯେପରି କ୍ଷତି ହୋଇଅଛି ତାହା ପାଠକମାନଙ୍କୁ ଅବିଦିତ ନାହିଁ । ବ ୨୧ ର୍ଷ ବୟସର ନିୟମ ଥିବା ସମୟରେ ଏ ଦେଶୀୟ କେତେକ ଗୁଡ଼ଏ ଲୋକ ବିଲାତରେ ପରୀକ୍ଷା ଦେଇ ସିଭିଲ ସରଭିସରେ ଭରତି ହୋଇଥିଲେ । ବ ୧୯ ର୍ଷ ବୟସର ନିୟମ ହେବା ଦିନରୁ ଆଉ ଏ ଦେଶୀୟ କେହି ଭରତି ହୋଇ ପାରୁ ନାହାନ୍ତି । କାରଣ ବ ୧୬।୧୭ ର୍ଷ ବୟସର ଏ ଦେଶୀୟ ପିଲା କଅଁଳ ବିଲାତକୁ ଯିବାକୁ ସାହସ କରିବ । ନିୟମଟି ଦେଶୀୟ ଲୋକଙ୍କୁ ଛଡ଼ିଦେବା ସକାଶେ ହୋଇଥିଲା । ମାତ୍ର ଶ୍ରୀଯୁକ୍ତ ରେନ ସାହେବ ବିଶେଷ ଯୋଗ୍ୟତା ସହିତ ତଦନ୍ତ କରି ଏକ ପୁସ୍ତିକାଦ୍ୱାରା ସାଧାରଣଙ୍କୁ ଜଣାଇ ଅଛନ୍ତି କି ବୟସ ଊଣା କରିବାରେ ବିଲାତିଲୋକଙ୍କ ପ୍ରତି ମଧ୍ୟ ଅନିଷ୍ଟ ହୋଇଅଛି । ଅଳ୍ପ ବୟସରେ ବିଶେଷ ପରିଶ୍ରମ ହେତୁ ପରୀକ୍ଷାର୍ଥୀଙ୍କ ମୁଣ୍ଡ ଭ୍ରମି ଯାଉଅଛି ଏବଂ କେତେ ଲୋକ ଅକାଳରେ ମରୁଅଛନ୍ତି ଅଥବା ଚିରକାଳ ନିମିତ୍ତ ଅକର୍ମଣ୍ୟ ହେଉଅଛନ୍ତି । ତାହାଙ୍କର ଅକାଟ୍ୟ ଯୁକ୍ତି ଗବର୍ଣ୍ଣମେଣ୍ଟଙ୍କ ମନକୁ ଆକର୍ଷଣ କରୁଅଛି ଏବଂ ଭାରତବର୍ଷରେ ଇହିଁର ଅନୁସନ୍ଧାନ ଲାଗିଅଛି । ଏଥି ମଧ୍ୟରେ ସର୍ବୋଚ୍ଚ ବୟସ ବ ୧୯ ର୍ଷଠାରୁ ବ ୧୭।୭ ମାସ ବୃଦ୍ଧି ହୋଇଅଛି ଏବଂ ପୂର୍ବର ବ ୨୧ ର୍ଷର ନିୟମ ପୁନର୍ବାର ଧାର୍ଯ୍ୟ ହେବାର ସଙ୍କେତ ଦେଖା ଯାଉଅଛି । ବ ୨୧ ର୍ଷ ନିୟମ ହେଲେ ଭାରତବାସିଙ୍କର କୌଣସି ମନସ୍ତାପର କାରଣ ନାହିଁ । ଏହି ନିୟମକୁ ଜାରିତ କରିବା କାରଣ ଶ୍ରୀଯୁକ୍ତ ବାବୁ ଲାଲମୋହନ ଘୋଷ ବିଲାତକୁ ଯାଇ କେତେ ଚେଷ୍ଟା କରିଥିଲେ ତହିଁରେ କିଛି ଫଳ ହେଲା ନାହିଁ । ଏବେ ରେନ ସାହେବଙ୍କଦ୍ୱାରା ତାହା ହେଲେ ସେ ସର୍ବସାଧାରଣଙ୍କ ଆନ୍ତରିକ ଧନ୍ୟବାଦର ପାତ୍ର ହେବେ ।

---

ଏଠା ମିଉନିସିପଲ କମିଟି କାଳୁଚରଣ ଦାସ ଟ ୮୪୧୯ ଙ୍କା ତହବିଲ ତୋସରଫ କରି ଦଣ୍ଡ ପାଇଥିବା କଥା ଗତ ସପ୍ତାହରେ ଲେଖିଥିଲୁଁ । ବର୍ତ୍ତମାନ ଜଣାଗଲା ଯେ ଉକ୍ତ ସମସ୍ତ ଟଙ୍କା ସମ୍ପର୍କରେ ତାହାଙ୍କର ବିଚାର ଶେଷ ହୋଇ ନାହିଁ । କେବଳ ଗତ ଅଗସ୍ତ ମାସରେ ଟ ୧୨୫୯ ଙ୍କା ଏବଂ ସେପ୍ଟେମ୍ବର ମାସରେ ଟ ୨୭୭୫ ଆତ୍ମସାତ୍ କରିଥିବାରୁ ସେହି ଦୁଇ ନମ୍ବର ଅପରାଧ ହାକିମ ତାହା ଉପରେ ସାବ୍ୟସ୍ତ କରି ପ୍ରତ୍ୟେକରେ ଦୁଇବର୍ଷ କାରାବାସ ଏବଂ ଟ ୨୦୦ ୯ ଙ୍କା ଜରିମାନା କରିଅଛନ୍ତି । ତହିଁ ଉତ୍ତାରୁ ଅବଶିଷ୍ଟ ଟଙ୍କା ଅର୍ଥାତ୍ ଏକଥର ଟ ୧୨୫୯ ଙ୍କା ଏବଂ ଆଉ ଥରେ ଟ ୩୨୫୯ ଙ୍କା ଆତ୍ମସାତ୍ କରିଥିବା ଅଭିଯୋଗ ଅବଧି ପୁଲିସର ତଦନ୍ତରେ ରହିଅଛି ଏ ପରେ ମାଜିଷ୍ଟ୍ରେଟଙ୍କ ବିଚାରାଧୀନରେ ଆସିବ । ହାକିମ ଆପଣା ରାୟରେ ଲେଖି ଅଛନ୍ତି କି ଭାଇସଚେୟାରମାନ ନିୟମିତ ଅନୁସନ୍ଧାନଦ୍ୱାରା ଏ ସମସ୍ତ ଜାଣି ପାରି ଅଛନ୍ତି ମାତ୍ର ଆମ୍ଭମାନଙ୍କ ବିବେଚନାରେ ତାହାକୁ ନିୟମିତ ଅନୁସନ୍ଧାନ ବୋଲି ଯାଇ ନ ପାରେ କମିଟି ଥରକୁଥର ଟଙ୍କା ବାହାର କରିବାରେ ଯେମନ୍ତ ଚତୁରତା ଦେଖାଇ ଥିଲା ଯେବେ ଶେଷଥର ହୋକାନୀ ନିକଟକୁ ଟଙ୍କା ପଠାଇ ଦେଇ ଥାନ୍ତା ତେବେ ଆଦୌ ଭାଇସଚେୟାରମାନ କିଛି ଜାଣି ପାରନ୍ତେ ନାହିଁ । ତିନିମାସକୁ ତିନମାସ ମିଉନିସିପଲ ହିସାବ ତଦାରଖ ଓ ମଞ୍ଜୁର ହୁଅଇ । ନିୟମିତରୂପେ କାର୍ଯ୍ୟ ହେଉଥିଲେ ଅଗଷ୍ଟ ଓ ସେପ୍ଟେମ୍ବର ହିସାବ ମଞ୍ଜୁର ହୋଇଅଛି ମାତ୍ର ଏ ଟଙ୍କା ଧରାପଡ଼ି ନାହିଁ ଏବଂ ଯେବେ ଅବଧି ତଦାରଖ ହୋଇ ନାହିଁ ତେବେ ମଧ୍ୟ ବିଲକ୍ଷଣ ତ୍ରୁଟି ଦେଖା ଯାଉଅଛି । ଫଳତଃ କମିଟି ମନ୍ତ୍ରିକଣ୍ଠରେ ସବୁ କହିବାରୁ ଏ ସମସ୍ତ ପ୍ରକାଶ ପାଇଲା ନୋହିଲେ ତାହାକୁ ଏତେ ଶୀଘ୍ର କେହି ଧରି ପାରନ୍ତା ନାହିଁ ତଥାଚ ଏତିକରେ ଶେଷ ହେବାର ବୋଲାଯାଇ ନ ପାରେ କାରଣ ତଗ୍ଦୀ କହୁଅଛି ଯେ ଏଥି ଉତ୍ତାରୁ ଆଉ କିଛି ସେ ଖର୍ଚ୍ଚ କରିଅଛି କି ନାହିଁ ତାହାର ମନେ ପଡ଼ୁ ନାହିଁ ।

ଟାକୁମୋହରର ଏବଂ ପିଆଦାଙ୍କ ମାମଲା ମଧ୍ୟ ଅବଧି ପୁଲିସ ହାତରେ ଅଛି ଏମାନଙ୍କର ଦୋଷ ଏତିକି ଯେ କମିଟି ଆତ୍ମସାତ୍ କରିବା ଟଙ୍କା ମଧ୍ୟରେ କେତେଖଣ୍ଡ ନୋଟ ଖଜଣାଖାନାରୁ ଆଣି ଥିଲା ସେହି ନୋଟ ମୋହରରଠାରେ ଥିବା ତହବିଲରୁ ବଦଳାଇ ଅଛି ଏବଂ ମୋହରର ଖଜଣାଖାନାରେ ସେହି ନୋଟ ଆପଣା ତହବିଲ ସଙ୍ଗେ ଦାଖଲ କରିଅଛି । କି ତମାସାର ବିଚାର । ଖଜାଞ୍ଚି ଯେବା ଯାହା ପୁଲିସ ଜିମ୍ମା ହୋଇ ନାହାନ୍ତି ଏତିକି ବଡ଼ କଥା ଅଟଇ ।

---

ନିର୍ବାଚନ ପ୍ରଣାଳୀ ବିସ୍ତାରର ପ୍ରସ୍ତାବ ।

ଏହି ନଗରରେ ନିର୍ବାଚନ ପ୍ରଣାଳୀ ପ୍ରଚଳିତ କରିବା ପ୍ରାର୍ଥନାରେ ଟାକ୍ସଦାତାମାନେ ଯେଉଁ ଦରଖାସ୍ତ ଗବର୍ଣ୍ଣମେଣ୍ଟଙ୍କୁ ପଠାଇବା କାରଣ ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ସାହେବଙ୍କଠାରେ ଅର୍ପଣ କରିଅଛନ୍ତି ତହିଁର ତଦନ୍ତ ଅବଧି ଶେଷ ହୋଇ ନାହିଁ ଓ ସେ ଦରଖାସ୍ତ ଶୀଘ୍ର ପଠାଯିବାର ଆଶା ମଧ୍ୟ ଦିଶୁ ନାହିଁ । କିନ୍ତୁ ଏଥି ମଧ୍ୟରେ ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦ ସହିତ ଅବଗତ ହେଲୁଁ ଯେ ସେପରି ଦରଖାସ୍ତପ୍ରତି ଗବର୍ଣ୍ଣମେଣ୍ଟଙ୍କର ଆଉ ଅପେକ୍ଷା ନାହିଁ । ମାନ୍ୟବର ଛୋଟ ଲାଟ ସାହେବ ଆପଣା ବ୍ୟବସ୍ଥାପକ ସଭାର ପ୍ରଥମ ଅଧିବେଶନରେ ଗତ ସପ୍ତାହରେ ଏ ବର୍ଷର କାର୍ଯ୍ୟାନୁଷ୍ଠାନ ବିଷୟରେ କହିଅଛନ୍ତି କି ଆତ୍ମଶାସନପ୍ରଣାଳୀ ପ୍ରବର୍ତ୍ତିତ କରିବା ଉଦ୍ଦେଶରେ ବଙ୍ଗୋକ୍ତ ଆଇନର ପାଣ୍ଡୁଲିପି ଶୀଘ୍ର ସଭା ସମ୍ମୁଖରେ ଉପସ୍ଥିତ ହେବ ଅର୍ଥାତ୍ ଗୋଟିଏ ମିଉନିସିପାଲିଟୀ ବିଷୟକ ଏବଂ ଅନ୍ୟଟି ଲୋକାଲ୍ ବୋର୍ଡ ବିଷୟକ । ମିଉନିସିପାଲିଟୀ ଆ-

Digitized by srujanika@gmail.com

ଇନ ସମ୍ପର୍କରେ ସେ କହୁଅଛନ୍ତି କି ବଙ୍ଗଳାର ସମସ୍ତ ମିଉନିସିପାଲିଟୀ ଦୁଇଶ୍ରେଣୀରେ ବିଭକ୍ତ ହେବ । ଯେଉଁ ମିଉନିସିପାଲିଟିର କମିଶ୍ନରମାନେ ଓ ସେମାନଙ୍କ ସଭାପତି ଓ ସହକାରୀ ସଭାପତି ନିର୍ବାଚନ ପ୍ରଣାଳୀରେ ନିଯୁକ୍ତ ହୋଇ ସମ୍ପୂର୍ଣ୍ଣ ସ୍ୱାଧୀନତା ସହିତ ସମସ୍ତ କାର୍ଯ୍ୟ କରିବେ ସେ ମିଉନିସିପାଲିଟୀ ପ୍ରଥମଶ୍ରେଣୀ ଭୁକ୍ତ ହେବ ଏବଂ ଅପର ମିଉନିସିପାଲିଟିମାନ ଦ୍ୱିତୀୟଶ୍ରେଣୀ ଭୁକ୍ତ ହେବ । ମାତ୍ର ଦ୍ୱିତୀୟ ଶ୍ରେଣୀର ମିଉନିସିପାଲିଟୀକୁ ନିର୍ବାଚନ ପ୍ରଣାଳୀରେ କମିଶ୍ନର ନିଯୁକ୍ତ କରିବାର ଅଧିକାର ଦିଆ ଯିବ ଏବଂ ସେ ଅଧିକାର ଲାଭ ସକାଶେ କରଦାତାଙ୍କର ଏକ ତୃତୀୟାଂଶ ବ୍ୟକ୍ତିଙ୍କ ଦରଖାସ୍ତ କରିବାର ପ୍ରୟୋଜନ ହେବ ନାହିଁ । ଯେଉଁଠାରେ ଜଣା ଯିବ ଯେ କରଦାତାମାନେ ନିର୍ବାଚନପ୍ରଣାଳୀ ପାଇବାର ଇଚ୍ଛୁକ ଅଛନ୍ତି ଏବଂ ଜିଲା ହାକିମଙ୍କର କୌଣସି ଉପଯୁକ୍ତ ଆପତ୍ତି ଦେଖା ଯିବ ନାହିଁ ସେଠାରେ ଗବର୍ଣ୍ଣମେଣ୍ଟ ଉକ୍ତ ଅଧିକାର ପ୍ରଦାନ କରିବେ ଏବଂ ଏଥିପାଇଁ କେହି ଜଣେ ଆବେଦନ କଲେ ଯଥେଷ୍ଟ ହେବ । ଲେଫ୍ଟନାଣ୍ଟ ଗବର୍ଣ୍ଣର ଆହୁରି କହୁଅଛନ୍ତି କି ଶିକ୍ଷିତ ଲୋକଙ୍କୁ ନିର୍ବାଚନପ୍ରଣାଳୀମତେ କମିଶ୍ନର ମନୋନୀତ କରିବା ଏବଂ ଉକ୍ତ ପଦର ପ୍ରାର୍ଥୀ ହେବାର ଅଧିକାର ଦିଆ ଯିବ । ଆଇନର ପାଣ୍ଡୁଲିପି ବାହାରିଲେ ତହିଁର ସବିଶେଷ ପାଠକମାନଙ୍କୁ ଜଣାଇବୁଁ । ସମ୍ପ୍ରତି ଛୋଟ ଲାଟ ସାହେବଙ୍କ ସାଧୁ ଇଚ୍ଛା ସକାଶେ ତାହାଙ୍କୁ ଶତ ଶତ ଧନ୍ୟବାଦ ଦେଉଅଛୁଁ ଏବଂ ଏହା ଶୁଣି ଭରସା ହେଉଅଛି କି କେହି କେହି ସ୍ଥାନୀୟ ହାକିମ ଯେତେ ଚେଷ୍ଟା କରନ୍ତୁ ନିର୍ବାଚନ ପ୍ରଣାଳୀର ସୁଫଳରୁ ଲୋକଙ୍କୁ ବଞ୍ଚିତ କରିବାକୁ ସମର୍ଥ ହେବେ ନାହିଁ । ଏଥି ମଧ୍ୟରେ ଆମ୍ଭେମାନେ ଶୁଣୁ ଅଛୁଁ ଯେ ଶ୍ରୀଯୁକ୍ତ କମିଶ୍ନର ସାହେବ କଟକବାସିଙ୍କ ଦରଖାସ୍ତର ଅପେକ୍ଷା ନ କରି ଓଡିଶାର ସମସ୍ତ ମଉନିସିପାଲିଟୀରେ ନିର୍ବାଚନପ୍ରଣାଳୀ ପ୍ରଚଳିତ କରିବା କାରଣ ଗବର୍ଣ୍ଣମେଣ୍ଟଙ୍କଠାରେ ଅନୁରୋଧ କରିଅଛନ୍ତି ।

---

## ହିଂସ୍ରଜନ୍ତୁର ଉତ୍ପାତ ।

ଭାରତବର୍ଷ ମଧ୍ୟରେ ବନ୍ୟପଶୁ ଏବଂ ଅନ୍ୟାନ୍ୟ ହିଂସ୍ରଜନ୍ତୁଦ୍ୱାରା କେତେ ମନୁଷ୍ୟ ଓ ଗୃହପାଳିତ ପଶୁ ବର୍ଷକୁ ବର୍ଷ ନଷ୍ଟ ହୁଅନ୍ତି ତହିଁର ଏକ ତାଲିକା ଗବର୍ଣ୍ଣମେଣ୍ଟ ପ୍ରଚାର କରିଅଛନ୍ତି ତହିଁରୁ ଦେଖାଯାଏ ଯେ ଗତ ବର୍ଷ ସର୍ବସୁଦ୍ଧା ୨୧୪୨୭ ମନୁଷ୍ୟ ଏବଂ ୪୬୭୭୯ ଗୃହପାଳିତ ପଶୁ ହିଂସ୍ରଜନ୍ତୁଙ୍କଦ୍ୱାରା ବିନଷ୍ଟ ହୋଇଥିଲେ । ଏଥିରେ ବଙ୍ଗପ୍ରଦେଶର ଭାଗ ଅଧିକ ଅର୍ଥାତ ଏକା ଏଠାରେ ୧୦୬୩୫ ମନୁଷ୍ୟ ଏବଂ ୮୫୭୭ ଗୃହପାଳିତ ପଶୁ ମରି ପଡିଥିଲେ । ସୁତରାଂ ମୋଟ ଯେତେ ମନୁଷ୍ୟ ମରିପଡିଲେ ତହିଁର ଅର୍ଦ୍ଧେ ବଙ୍ଗଳାରେ । ଗୃହପାଳିତ ପଶୁର ମୃତ୍ୟୁ ମାନ୍ଦ୍ରାଜ ଓ ଉତ୍ତର ପଶ୍ଚିମରେ ପ୍ରାୟ ବଙ୍ଗଳା ତୁଲ୍ୟ ଅଟଇ ଓ ମନୁଷ୍ୟ ମୃତ୍ୟୁ ଉତ୍ତର ପଶ୍ଚିମ ପ୍ରଦେଶରେ ବଙ୍ଗଳାର ଅର୍ଦ୍ଧେ ଏବଂ ମାନ୍ଦ୍ରାଜ ବମ୍ବେଇ ମଧ୍ୟପ୍ରଦେଶ ଇତ୍ୟାଦିରେ ୧୩୦୦ ରୁ ଅଧିକ ନୁହଇ । ପୁଣି କେଉଁ ହିଂସ୍ରଜନ୍ତୁଦ୍ୱାରା କେତେ ଜୀବ ମରି ପଡି ଅଛନ୍ତି ଏହା ଦେଖିଲେ ଜଣା ଯାଏ ଯେ ଏକା ସର୍ପଦଂଶନରେ ୧୪୬୭୦ ମନୁଷ୍ୟ ଏବଂ ୨୦୨୯ ଗୃହପାଳିତ ପଶୁ ମରି ପଡି ଅଛନ୍ତି ପୁଣି ବାଘଦ୍ୱାରା ୮୮୯ ମନୁଷ୍ୟ ଓ ୧୪୪୯୬ ପଶୁ ଏବଂ ଲିଓପାର୍ଡ ନାମକ ବାଘ ପ୍ରାୟ ହିଂସ୍ର ଜନ୍ତୁଦ୍ୱାରା ୨୩୯ ମନୁଷ୍ୟ ଓ ୧୫୨୮୧ ଗୃହପାଳିତ ପଶୁ ମରି ପଡିଅଛନ୍ତି । ସୁତରାଂ ଏହି ତାଲିକା ମତେ ସର୍ପର ଉପଦ୍ରବ ମନୁଷ୍ୟ ଉପରେ ଏବଂ ବାଘର ଉତ୍ପାତ ଗୃହପାଳିତ ପଶୁ ଉପରେ ଅଧିକ । ମନୁଷ୍ୟ ନାନା ପ୍ରକାରେ ସାବଧାନ ହୋଇ ପାରନ୍ତି ବୋଲି ବାଘ ଭାଲୁ ଇତ୍ୟାଦି ହାତରୁ ରକ୍ଷା ପାଇ ପାରନ୍ତି ମାତ୍ର ସାପକୁ ବଳ କାହାର ? ସାପର ବାସ ଲୋକଙ୍କ ଘରବାଡରେ ପୁଣି ସାପ ଅଦୃଶ୍ୟ ଭାବରେ ଟିକିଏ ଦାନ୍ତ ଫୋଟି ଦେଲେ ତତକ୍ଷଣାତ ମୃତ୍ୟୁ ଅତଏବ ମନୁଷ୍ୟ ପକ୍ଷରେ ଏହାଠାରୁ ବିଷମ ବା ବଡ଼ ବିଷମ କଥା । ଗବର୍ଣ୍ଣମେଣ୍ଟ ପ୍ରଜାଙ୍କ ରକ୍ଷା ସକାଶେ ହିଂସ୍ର ଜନ୍ତୁ ବଧ ନିମନ୍ତେ ପୁରସ୍କାର ଦିଅନ୍ତି ଏବଂ ଏହି ପୁରସ୍କାର ଦାନଦ୍ୱାରା ଗତ ବର୍ଷରେ ୧୫୨୨୯ ହିଂସ୍ର ପଶୁ ଏବଂ ୨,୫୪,୯୬୮ ସାପ ମରାଇ ଅଛନ୍ତି । ପୁରସ୍କାରର ବ୍ୟୟ ସର୍ବସୁଦ୍ଧା ୧,୦୨,୮୧୦ ଟଙ୍କା ଅର୍ଥାତ ହିଂସ୍ର ଜନ୍ତୁ ନିଧନକାରୀଙ୍କୁ ଟ ୯୦୮୫୦ ଟଙ୍କା ଏବଂ ସାପ ମାରିବା ବ୍ୟକ୍ତିଙ୍କୁ ୧୧୯୬୩ ଟଙ୍କା ଦିଆ ଯାଇଅଛି । ଏଥିରୁ ସର୍ପଦ୍ୱାରା ଅଧିକ ମରି ପଡିଲେହେଁ ତହିଁ ସକାଶେ ଅଳ୍ପ ପୁରସ୍କାର ଦିଆ ଯାଇଅଛି ଏବଂ ଏହିପ୍ରକାର ପୁରସ୍କାର ଦାନରେ ବିଶେଷ ଫଳ ଲାଭ ନ ହେବାରୁ ଉତ୍ତରପଶ୍ଚିମର ଲେଫ୍ଟନାଣ୍ଟଗବର୍ଣ୍ଣର ନିୟମ କରିଅଛନ୍ତି କି ସର୍ପ ବିନାଶାର୍ଥେ ମାସକୁ ଟ ୨ ଙ୍କା ବେତନରେ କେତେଗୁଡିଏ ଲୋକ ନିଯୁକ୍ତ କରିବେ ଏବଂ ଏହି ଚାକରଙ୍କ ମଧ୍ୟରୁ ମାସକୁ ଗୋ ୨୦ ଟା ସାପରୁ ଅଧିକ ଯେ ଯେତେ ମାରି ପାରିବ ପ୍ରତ୍ୟେକ ସାପ ସକାଶେ ଟ ୦/ ଲେଖାଏ ପୁରସ୍କାର ପାଇବ । ଏହି ଉପାୟ ଯେବେ ଫଳପ୍ରଦ ହେବ ତେବେ ମହାମାନ୍ୟ ଗବର୍ଣ୍ଣର ଜେନରଲଙ୍କ ଇଚ୍ଛା ଯେ ସେ ଅନ୍ୟାନ୍ୟ ପ୍ରଦେଶରେ ଉକ୍ତ ନିୟମ ପ୍ରବର୍ତ୍ତିତ କରିବେ । ଏ କଥା ଉତ୍ତମ ମାତ୍ର ଅସ୍ତ୍ର ଶସ୍ତ୍ର ଓ ବାରୁଦ ସମ୍ପର୍କୀୟ ନିୟମ ଶିଥିଳ ନ କଲେ ଏଥିରେ କୃତକାର୍ଯ୍ୟତା ଲଭିବା କଠିନବ୍ୟାପାର । ଲୋକେ ଅସ୍ତ୍ର ଶସ୍ତ୍ରର ବ୍ୟବହାର ଯେତେ ଶିକ୍ଷା କରିବେ ହିଂସ୍ର ପଶୁ ନାଶ କରିବାକୁ ତେତେ ସମର୍ଥ ହେବେ କିନ୍ତୁ ଶସ୍ତ୍ର ବିଷୟକ ଆଇନ ସମସ୍ତଙ୍କୁ ଅସହାୟ କରି ଦେଇ ଅଛି ଗବର୍ଣ୍ଣମେଣ୍ଟ ଏ ବିଷୟ ପ୍ରତି ବିଶେଷ ମନୋଯୋଗୀ ନ ହେଲେ ବିଶେଷ ମଙ୍ଗଳର ଆଶା ନାହିଁ ।

---

## କୃଷି ସମ୍ପର୍କୀୟ ଋଣଦାନର ଆଇନ ।

ସନ ୧୮୭୧ ସାଲରେ ଗବର୍ଣ୍ଣମେଣ୍ଟ ଏହି ପ୍ରଦେଶରେ ଏ ଆଇନ ଜାରି କରିଥିଲେ କି ପ୍ରଜା ଓ ଜମିଦାରମାନେ ଆପଣା ଆପଣା ଦଖଲି ସମ୍ପତ୍ତିର କୌଣସି ଉନ୍ନତି କରିବାକୁ ଇଚ୍ଛା କଲେ ଗବର୍ଣ୍ଣମେଣ୍ଟରୁ ଋଣସ୍ୱରୂପ ଟଙ୍କା ନେଇ ତାହା କରି ପାରିବେ । ଗବର୍ଣ୍ଣମେଣ୍ଟ ବିଚାର କରିଥିଲେ ଯେ ଜମିଦାର ଓ ପ୍ରଜାମାନେ ଅନେକ ସମୟରେ ଅର୍ଥାଭାବରୁ ଆପଣା ଆପଣା ଜମି ଆବାଦ କରିବାକୁ ସମର୍ଥ ହୁଅନ୍ତି ନାହିଁ ଓ ମହାଜନଙ୍କଠାରୁ ଋଣ ସହଜରେ ଅଥବା ଅଳ୍ପ ସୁଧରେ ମିଳଇ ନାହିଁ ବୋଲି ବନ୍ଧ ପୁଷ୍କରିଣୀ କୂଅ ଇତ୍ୟାଦି ନିର୍ମାଣ କରି ଭୂମିର ଉନ୍ନତି କିମ୍ବା ଫସଲ ରକ୍ଷା କରିବାକୁ ସକ୍ଷମ ହୁଅନ୍ତି ନାହିଁ । ସରକାର ସେମାନଙ୍କୁ ଋଣ ଦେଲେ ଉକ୍ତ କାର୍ଯ୍ୟମାନ ସେମାନେ ଅନାୟାସରେ କରି ପାରିବେ ଏବଂ ତଦ୍ଦ୍ୱାରା ଦେଶର କୃଷିକାର୍ଯ୍ୟର ଅନେକ ଉନ୍ନତି ହେବ । ଦୁର୍ଭିକ୍ଷ କମିଶ୍ନରମାନେ ଉକ୍ତ ଆଇନର ଫଳାଫଳ ଅନୁସନ୍ଧାନ ପୂର୍ବକ ଲେଖି ଅଛନ୍ତି କି ଏହାଦ୍ୱାରା କିଛି ମାତ୍ର ଉପକାର ହୋଇ ନାହିଁ

Split by PDF Splitter

Digitized by srujanika@gmail.com

Split by PDF Splitter



ଏବଂ ଅତିଅଳ୍ପ ଲୋକ ଏଥିର ସାହାଯ୍ୟ ଗ୍ରହଣ କରିଅଛନ୍ତି । ବାସ୍ତବରେ ଦେଖାଯାଏ ଯେ ବଙ୍ଗଳାରେ ଆଦୌ ଏ ଆଇନାନୁସାରେ କେହି ଋଣ ନେଇ ନାହାନ୍ତି । ଉତ୍ତର ପଶ୍ଚିମ ଏବଂ ପଞ୍ଜାବରେ କେତେକ ପ୍ରଜା କେବଳ କୂଅ ଖୋଳିବା କାରଣ କିଛି୨ ଋଣ ନେଇ ଥିଲେ । ଅନ୍ୟାନ୍ୟ ପ୍ରଦେଶରେ ମଧ୍ୟ ଏହିରୂପ । ଏମନ୍ତ ହିତକର ଆଇନର ସାହାଯ୍ୟ ଲୋକେ କି ସକାଶେ ନ ନେଲେ ଏଥିର ଅନୁସନ୍ଧାନରେ ପ୍ରକାଶ ପାଇଅଛି କି ଋଣ ଦେବାର ଯେ ସମସ୍ତ ନିୟମ ଆଇନାନୁସାରେ ଧାର୍ଯ୍ୟ ହୋଇଅଛି ତାହା ପାଳିବାରେ ଏତେ ବିଲମ୍ବ ହୁଅଇ ଯେ ଯଥା ସମୟରେ ଋଣ ମିଳଇ ନାହିଁ ତହିଁରେ ପୁଣି ଷ୍ଟାମ୍ପ ରେଜିଷ୍ଟ୍ରି ଇତ୍ୟାଦି ଅନେକ ଖର୍ଚ୍ଚ ପଡ଼ଇ । ଏପରି ସୁଧର ଦର ଉଚ୍ଚ ଏବଂ ଋଣ ଆଦାୟ ଅତି ଚଞ୍ଚଳତା ସହିତ ହୁଅଇ । ଏହିପରି ନାନାକାରଣରୁ କେହି ଜମିଦାର ବା ପ୍ରଜା ଋଣ କରିବାକୁ ସୁଖ ପାଆନ୍ତି ନାହିଁ । ଏହି ସମସ୍ତ ଅସୁବିଧା ନିବାରଣ ଏବଂ ଋଣ ଗ୍ରହଣର ବାଟ ଯଥାସାଧ୍ୟ ସରଳ କରି ଦେବା କାରଣ ଭାରତବର୍ଷୀୟ ବ୍ୟବସ୍ଥାପକ ସଭା ଉପରଲିଖିତ ସନ ୧୮୭୧ ସାଲର ଆଇନକୁ ସଂଶୋଧନ କରିବାକୁ ପ୍ରବୃତ୍ତ ହୋଇଅଛନ୍ତି ଏବଂ ଉକ୍ତ ସଭାର ଜଣେ ସଭ୍ୟ ମାନ୍ୟବର କ୍ରସ୍ଥୱେଟ ସାହେବ ତହିଁର ପାଣ୍ଡୁଲିପି ଆଗତ କରିଅଛନ୍ତି ।

ଏହି ପାଣ୍ଡୁଲିପିର ବିଚାର ସମୟରେ ମାନ୍ୟବର ସର୍ ଷ୍ଟୁଆର୍ଟ ବେଲି ଏବଂ ମାନ୍ୟବର ମେଜର ବେରିଂ ସାହେବମାନେ ବ୍ୟବସ୍ଥାପକ ସଭାରେ ଯେଉଁ ବକ୍ତୃତାମାନ କରିଥିଲେ ସେମାନ ପୃଥକ୍‌ରୂପେ ଛପା ହୋଇ ସମସ୍ତ ସମ୍ପାଦକଙ୍କୁ ଏକ୨ ପ୍ରସ୍ଥ ଦିଆ ଯାଇଅଛି ଏବଂ ଆମ୍ଭେମାନେ ତହିଁର ଏକପ୍ରସ୍ଥ ପାଇ ଥିବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ମାନ୍ୟବର ବେଲି ସାହେବ କହିଅଛନ୍ତି କି ଆଇନରେ ଯେ କିଛି ଦୋଷ ଥିବାରୁ ତାହା କାର୍ଯ୍ୟକର ହୋଇ ପାରୁ ନାହିଁ ସେ ସମସ୍ତ ଅନାୟାସରେ ସଂଶୋଧିତ ହୋଇ ପାରେ ଏବଂ ନୂତନ ପାଣ୍ଡୁଲିପିରେ ତାହା ହୋଇଅଛି । ମାତ୍ର ଏ ସମସ୍ତ ଛଡ଼ା ଉକ୍ତ ଆଇନ କାର୍ଯ୍ୟକର ନ ହେବାର ଗୋଟିଏ ପ୍ରଧାନ କାରଣ କବରର କମିଶ୍ନର ଏହିପରି ଲେଖିଅଛନ୍ତି କି ପ୍ରଜାଙ୍କର ଯେମନ୍ତ ଭୂମିର ଉନ୍ନତି ସକାଶେ ତେମନ୍ତ ସାଂସାରିକ ନାନା କ୍ରିୟାକଳାପ ସକାଶେ ଋଣର ପ୍ରୟୋଜନ ହୁଅଇ । ଏଥିକୁ ଗବର୍ଣ୍ଣମେଣ୍ଟ କେବଳ ଭୂମିର ଉନ୍ନତି ସକାଶେ ଋଣ ଦେବେ ଏବଂ ସେହି ଋଣ ସକାଶେ ତାହାର ଭୂମି ଆବଦ୍ଧ ରହିବ । ଏଥି ମଧ୍ୟରେ ଯେବେ ସାଂସାରିକ କୌଣସି କାର୍ଯ୍ୟ ସକାଶେ ଟଙ୍କାର ପ୍ରୟୋଜନ ହେଲା ଏବଂ ତହିଁପାଇଁ ମହାଜନର ଦ୍ୱାରସ୍ଥ ହେଲେ ତେତେବେଳେ ମହାଜନ କହିଲା କି ତୁମ୍ଭେ ସରକାରଠାରୁ ଋଣ ନେଇ ଜମି ବନ୍ଧକ ଦେଇଅଛ ଏବଂ ସରକାର ସୁଧର ଦର ଊଣା କରି ଆମ୍ଭର ବ୍ୟବସାୟ ଭଣ୍ଡୁର କରିଅଛନ୍ତି ସୁତରାଂ ଆମ୍ଭେ ତୁମ୍ଭଙ୍କୁ କର୍ଜ ଦେବୁ ନାହିଁ । ଏପରି ଅବସ୍ଥାରେ ପ୍ରଜା କାହାର ଆଶ୍ରୟ ଗ୍ରହଣ କରିବ ତାହା ଅନାୟାସରେ ବୁଝା ଯାଉଅଛି । ଫଳତଃ ଏହିପରି ଅବସ୍ଥାରେ ପଡ଼ି ପ୍ରଜାମାନେ ମହାଜନଙ୍କୁ ଛାଡ଼ି ପାରୁ ନାହାନ୍ତି ଏବଂ ସରକାରୀ ଋଣ ନେବାକୁ କାହାର ସାହସ ହେଉ ନାହିଁ । ଏହି କାରଣଟି ଅବଶ୍ୟ ପ୍ରବଳ ଅଟଇ ଏବଂ ମହାମାନ୍ୟ ବେଲି ସାହେବ କହନ୍ତି ଏଥିର କୌଣସି ପ୍ରତୀକାର ନ ହେଲେ ଗବର୍ଣ୍ଣମେଣ୍ଟଙ୍କଠାରୁ କେହି ଋଣ ନେବାକୁ ସମର୍ଥ ହେବେ ନାହିଁ ଓ ମହାଜନଙ୍କ ହାତରେ ପଡ଼ି ପ୍ରଜାମାନେ ଯେପରି ଲଣ୍ଡଭଣ୍ଡ ହେଉଅଛନ୍ତି ସେହିପରି ହେଉଥିବେ । ଏଥିରୁ ଦେଖାଯାଏ ଯେ କେବଳ ଭୂମିର ଉନ୍ନତି ସକାଶେ ସରକାର ଟଙ୍କା ଋଣ ଦେଲେ ପ୍ରଜାଙ୍କୁ ମହାଜନ ହାତରୁ ରକ୍ଷା କରି ପାରିବେ ନାହିଁ ଏବଂ ସକଳ ପ୍ରୟୋଜନ ନିମିତ୍ତ ପ୍ରଜାଙ୍କୁ ଋଣଦେବା ଗବର୍ଣ୍ଣମେଣ୍ଟଙ୍କପକ୍ଷରେ ସୁବିଧାଜନକ ନୁହଇ ଓ ତାହା ରାଜନୀତିର ବିରୁଦ୍ଧ ଅତଏବ କୃଷି ସମ୍ପର୍କୀୟ ବାଙ୍କ ସ୍ଥାପନ ଏଥିର ଏକମାତ୍ର ଉପାୟ ଏବଂ ଏପରି ବାଙ୍କ ସ୍ଥାପନ ପକ୍ଷରେ ଗବର୍ଣ୍ଣମେଣ୍ଟଙ୍କୁ ସମ୍ପୂର୍ଣ୍ଣରୂପେ ସୁଯୋଗ ଦେବାର କର୍ତ୍ତବ୍ୟ ହେଉଅଛି । ସ୍ଥାନୀୟ ଲୋକମାନେ କମ୍ପାନୀ ଭୁକ୍ତ ହୋଇ ମୂଳଧନ ସଂଗ୍ରହ କରିବେ ଏବଂ ଅଳ୍ପ ସୁଧରେ ନାନା ପ୍ରୟୋଜନ ସକାଶେ ପ୍ରଜାଙ୍କୁ ଋଣଦାନ କରିବେ ଓ ଉକ୍ତ ଋଣ ସହଜରେ ଆଦାୟ ହେବାର ଉପାୟ ଗବର୍ଣ୍ଣମେଣ୍ଟ ଆଇନଦ୍ୱାରା କରି ଦେବେ । ଏପରି ବାଙ୍କ ଦ୍ୱାରା ଯେମନ୍ତ ପ୍ରଜାଙ୍କର ତେମନ୍ତ ବ୍ୟବସାୟୀଙ୍କର ଉପକାର ହେବ ଏବଂ ଦେଶରେ ଗୋଟିଏ ନୂତନ ବ୍ୟବସାୟ ବାହାରିବ । ବାଙ୍କ ସ୍ଥାପନର କଳ୍ପଣାଟି ସୁନ୍ଦର ଅଟଇ ମାତ୍ର ଏଥି ସଙ୍ଗେ ଗୋଟିଏ ପ୍ରତିବନ୍ଧକ ଯଡ଼ିତ ରହିଅଛି । ତାହା ଏହି କି ସକଳ ସ୍ଥାନରେ ପ୍ରଜାଙ୍କର ଭୂମି ଉପରେ ହସ୍ତାନ୍ତର ଯୋଗ୍ୟ ସ୍ୱତ୍ୱ ନାହିଁ ଏବଂ ଏକମାତ୍ର ଫସଲ ଉପରେ ତାହାଙ୍କର ଯେଉଁ ସ୍ୱତ୍ୱ ଅଛି ତାହା ସର୍ବାଗ୍ରେ ଖଜଣା ସକାଶେ ଜମିଦାରଠାରେ ଦାୟଗ୍ରସ୍ତ । ସୁତରାଂ କେଉଁ ମାତବରରେ ବାଙ୍କ୍ ଟଙ୍କା ଋଣ ଦେବେ ଏବଂ ପ୍ରଜା ସହଜରେ ପରିଶୋଧ ନ କଲେ କିପରି ଆଦାୟ ହେବ ? ଏ ପ୍ରତିବନ୍ଧକ ସାମାନ୍ୟ ନୁହଇ ଏବଂ ଏହା ଦୃଷ୍ଟିରେ ଗବର୍ଣ୍ଣମେଣ୍ଟ ସ୍ଥିର କରିଅଛନ୍ତି କି ଅନ୍ୟାନ୍ୟ ପ୍ରଦେଶ ପ୍ରତି ଏ ପ୍ରସ୍ତାବ ପ୍ରଚାର କରିବା ପୂର୍ବେ ପ୍ରଥମେ ବମ୍ବେଇ ଗବର୍ଣ୍ଣମେଣ୍ଟ ଅଧୀନ ଦକ୍ଷିଣ ପ୍ରଦେଶର ଏକ ତାଲୁକରେ ପରୀକ୍ଷା ସ୍ୱରୂପ ପ୍ରଚାର କରିବେ । ଦକ୍ଷିଣର ପ୍ରଜାଙ୍କର ଦଖଲୀ ଭୂମିରେ ହସ୍ତାନ୍ତର କରିବା ଯୋଗ୍ୟ ସ୍ୱତ୍ୱ ଅଛି ଏବଂ ସେମାନେ ଗବର୍ଣ୍ଣମେଣ୍ଟଙ୍କର ଖାସ ପ୍ରଜା ଅର୍ଥାତ୍ ଜମିଦାର ତୁଲ୍ୟ କେହି ମଧ୍ୟବର୍ତ୍ତୀ ହକୟତଦାର ନାହିଁ । ଏଠାରେ ପରୀକ୍ଷା ସଫଳ ହେଲେ ଅନ୍ୟାନ୍ୟ ସ୍ଥାନରେ ପ୍ରଚଳିତ ହେବ ଏବଂ ଅନ୍ୟାନ୍ୟ ପ୍ରଦେଶର ସ୍ୱତ୍ୱ ନୀତି ଦୃଷ୍ଟିରେ ନିୟମର ଯେତିକି ପରିବର୍ତ୍ତନ ଆବଶ୍ୟକ ହେବ ତାହା କରାଯିବ ।

ପ୍ରସ୍ତାବିତ କୃଷି ବାଙ୍କ୍‌ମାନ ବିଶେଷ ୨ ଅଧିକାର ବା ନିୟମରେ ପାଇବେ ଏବଂ ଗବର୍ଣ୍ଣମେଣ୍ଟ ସେମାନଙ୍କୁ କି ନିୟମ ପାଳିବାକୁ ବାଧ୍ୟ କରିବେ ମାନ୍ୟବର ମେଜର ବେରିଂ ଆପଣା ବକ୍ତୃତାରେ ସେ ସମସ୍ତ ବାହୁଲ୍ୟରୂପେ ବ୍ୟକ୍ତ କରିଅଛନ୍ତି । ଏ ପ୍ରଦେଶରେ ସେମାନ ବର୍ତ୍ତମାନ ପ୍ରଚଳିତ ହେଉ ନ ଥିବାରୁ ତହିଁର ବର୍ଣ୍ଣନାରୁ କ୍ଷାନ୍ତ ରହିଲୁଁ । ଗବର୍ଣ୍ଣମେଣ୍ଟ ସର୍ବ ପ୍ରଥମେ ଦକ୍ଷିଣାଞ୍ଚଳକୁ ଏ ପ୍ରସ୍ତାବର ପରୀକ୍ଷାଭୂମି ସ୍ଥିର କରି ଗୋଟିଏ ତାଲୁକରେ ତହିଁର ଫଳ ପ୍ରତ୍ୟକ୍ଷ କରିବାକୁ ବସିଅଛନ୍ତି ଏହା ସାବଧାନତାର କାର୍ଯ୍ୟ ହୋଇଅଛି । ପରୀକ୍ଷାଟି ସଫଳ ହେଲେ ବଡ଼ ସୁଖର ବିଷୟ ହେବ ।

---

☞ ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com